ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୧/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Friday, March 11/2022 | Page 16 | ₹ 7.00 | ★★

୧୮ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ମାସ୍କରେନହାସ ନୂଆ କୋଚ୍**

ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଏଫ୍‌ଆଇଏଚ୍ ଲେଭଲ-୨ କୋଚ୍ ମୁମ୍ବାଇର ଏଡ୍‌ଗାର ମାସ୍କରେନହାସ ଓଡ଼ିଶା ହକି ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି।

୦୮

୦୪

**‘ବବ୍‌ଲି ବାଉନ୍ସର’ରେ ତମନ୍ନାଙ୍କ କମ୍‌ବ୍ୟାକ୍**

ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ବବ୍‌ଲି ବାଉନ୍ସର’ ଜରିଆରେ ବଲିଉଡ୍‌ରେ ଆଉଥରେ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି ହ୍ୱାଇଟ୍ ବ୍ୟୁଟି ତମନ୍ନା।



# ପଞ୍ଜାବରୁ ନୂଆ ଧାରା



**ପଞ୍ଜାବ ୧୧୭**

| ଦଳ | ଆସନ | ଭୋଟ ହାର |
|---|---|---|
| ଏଏପି | ୯୨ | ୪୨.୦୧% |
| କଂଗ୍ରେସ | ୧୮ | ୨୨.୯୮% |
| ଏସ୍‌ଏଡି | ୩ | ୧୮.୪% |
| ଭାଜପା | ୨ | ୬.୬୬% |
| ବିଏସ୍‌ପି | ୧ | ୧.୭୭% |
| ନୋଟା | – | ୦.୭୧% |
| ଅନ୍ୟାନ୍ୟ | ୧ | ୭.୫୩% |

**ଉତ୍ତରପ୍ରଦେଶ ୪୦୩**

| ଦଳ | ଆସନ | ଭୋଟ ହାର |
|---|---|---|
| ଭାଜପା+ | ୨୭୪ | ୪୧.୪୪% |
| ଏସ୍‌ପି+ | ୧୨୪ | ୩୨% |
| ବିଏସ୍‌ପି | ୧ | ୧୨.୮% |
| ଆର୍‌ଏଲ୍‌ଡି | – | ୨.୯୧% |
| କଂଗ୍ରେସ | ୨ | ୨.୩୬% |
| ନୋଟା | – | ୦.୬୯% |
| ଅନ୍ୟାନ୍ୟ | ୨ | ୭.୮% |

**ଉତ୍ତରାଖଣ୍ଡ ୭୦**

| ଦଳ | ଆସନ | ଭୋଟ ହାର |
|---|---|---|
| ଭାଜପା | ୪୭ | ୪୪.୩% |
| କଂଗ୍ରେସ | ୧୯ | ୩୭.୯% |
| ବିଏସ୍‌ପି | ୨ | ୪.୮୩% |
| ଏଏପି | ୦ | ୩.୩୧% |
| ଏସ୍‌ପି | ୦ | ୦.୨୯% |
| ନୋଟା | – | ୦.୮୭% |
| ଅନ୍ୟାନ୍ୟ | ୨ | ୮.୫% |

**ମଣିପୁର ୬୦**

| ଦଳ | ଆସନ | ଭୋଟ ହାର |
|---|---|---|
| ଭାଜପା | ୩୨ | ୩୭.୮% |
| କଂଗ୍ରେସ | ୫ | ୧୬.୮% |
| ଜେଡିୟୁ | ୬ | ୧୦.୭୮% |
| ଏନ୍‌ପିପି | ୭ | ୧୭.୨୭% |
| ଏନ୍‌ପିଏଫ୍ | ୫ | ୮.୧% |
| ନୋଟା | – | ୦.୫୬% |
| ଅନ୍ୟାନ୍ୟ | ୫ | ୮.୬୯% |

**ଗୋଆ ୪୦**

| ଦଳ | ଆସନ | ଭୋଟ ହାର |
|---|---|---|
| ଭାଜପା | ୨୦ | ୩୩.୩୩% |
| କଂଗ୍ରେସ | ୧୧ | ୨୩.୫% |
| ଏଏପି | ୨ | ୬.୭୭% |
| ଟିଏମ୍‌ସି | ୦ | ୫.୨୧% |
| ଏମ୍‌ଏଜି | ୨ | ୭.୬% |
| ନୋଟା | – | ୧.୧୨% |
| ଅନ୍ୟାନ୍ୟ | ୫ | ୨୨.୪୭% |



ଭଗୱନ୍ତ ମାନ୍ | ଅରବିନ୍ଦ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୦ା୩**

ଜାତୀୟ ରାଜନୀତି ପାଇଁ ନୂଆ ଧାରା ଆରମ୍ଭ କରିଛି ପଞ୍ଜାବ। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବେ ପଞ୍ଜାବ ବିଧାନସଭା ଦଖଲ କରିଛି। ଭାଜପା ଅନ୍ୟ ୪ ରାଜ୍ୟ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ କ୍ଷମତା ବଜାୟ ରଖିବାରେ ସଫଳ ହୋଇଥିବାବେଳେ ପଞ୍ଜାବରେ ମାତ୍ର ୨ଟି ଆସନରେ ସୀମିତ ରହିଛି। ଏଠାରେ କ୍ଷମତାସୀନ କଂଗ୍ରେସକୁ ମଧ୍ୟ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ପଞ୍ଜାବ ଭୋଟର ଶିରୋମଣି ଅକାଳୀ ଦଳକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରି ବାଦଲ ଗୋଷ୍ଠୀକୁ ହରାଇଦେଇଛନ୍ତି। ଏହି ଜନାଦେଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଙ୍କୁ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜର ଭାବେ ଛିଡ଼ା ହେବା ପାଇଁ ବଳ ଦେଇଛି। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଲଢ଼ିଥିବା ୨ଟି ଯାକ ଆସନରେ ☞ପୃଷ୍ଠା-୪

# ୟୁପିରେ ପୁଣି ଯୋଗୀ

## ଉତ୍ତରାଖଣ୍ଡ, ମଣିପୁର, ଗୋଆରେ କ୍ଷମତା ବଜାୟ୍ ରଖିଲା ଭାଜପା

**ନୂଆଦିଲ୍ଲୀ,୧୦ା୩**

ଏଏପି ପଞ୍ଜାବ ଦଖଲ କରିଥିବାବେଳେ ଉତ୍ତର ପ୍ରଦେଶରେ ପୁଣି ଚମକିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ୟୁପି ସମେତ ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ଭାଜପା ପୁନର୍ବାର କ୍ଷମତାକୁ ଫେରିଛି। ଏହି ଜନାଦେଶ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପାଇଁ ଅନୁକୂଳ ହେବ ବୋଲି ମନେକରାଯାଉଛି। ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି)ର ପ୍ରଦର୍ଶନ ଗତ ନିର୍ବାଚନ ତୁଳନାରେ ଉନ୍ନତ ହୋଇଥିବାବେଳେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପାଇଁ ଅସ୍ତିତ୍ୱ ସଙ୍କଟ ଦେଖାଦେଇଛି। ରାଜ୍ୟରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଯାଦୁ ଆଦୌ କାମ କରିନାହିଁ।

କୁହାଯାଏ, ଦିଲ୍ଲୀ କ୍ଷମତାର ରାସ୍ତା ୟୁପି ଦେଇ ଗତିଶୀଳ ହୋଇଥାଏ। ଲୋକ ସଭାକୁ ୮୦ ପ୍ରତିନିଧିଙ୍କୁ ପଠାଉଥିବାରୁ ଏହା ହେଉଛି ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ତେଣୁ ୭ ପର୍ଯ୍ୟାୟରେ ଅନୁଷ୍ଠିତ ୟୁପି ବିଧାନସଭା ନିର୍ବାଚନ ଫଳ ଉପରେ ସମସ୍ତଙ୍କ ନଜର ରହିଥିଲା। ନିର୍ବାଚନ କମିଶନଙ୍କ ତଥ୍ୟାନୁସାରେ ୟୁପିରେ ଭାଜପା ୨୫୬ ଆସନ ଦଖଲ କରିଛି। ଭାଜପା ଓ ସହଯୋଗୀ ଦଳଗୁଡ଼ିକୁ ୨୭୪ ଆସନରେ ସଫଳତା ମିଳିଛି, ଯାହାକି ୨୦୧୭ ତୁଳନାରେ ୪୮ କମ୍। ତେବେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ପୁନର୍ବାର ଉଭା ହୋଇ ଭାଜପା ୩ ଦଶନ୍ଧି ମଧ୍ୟରେ ଲଗାତର ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ସ୍ୱତଃ ଏକ ରେକର୍ଡ। ସମାଜବାଦୀ ପାର୍ଟି ଓ ସହଯୋଗୀଙ୍କୁ ଏଥର ପୂର୍ବାପେକ୍ଷା ୭୩ଟି ଅଧିକ ଆସନରେ ସଫଳତା ମିଳିଛି। ସରକାର ଗଠନ ପାଇଁ ଜୁହୁକ ସଂଖ୍ୟା ୨୦୨ ହୋଇଥିବାବେଳେ ଅଖିଳେଶଙ୍କ ମେଣ୍ଟକୁ ୧୨୪ ଆସନ ମିଳିଛି। ସେଥିରୁ କେବଳ ଏସ୍‌ପିର ଆସନ ସଂଖ୍ୟା ହେଉଛି ୧୧୦। ଅଖିଳେଶ ଯାଦବ ଏଥର ଜୟନ୍ତ ଚୌଧୁରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ସହ ମିଶି କ୍ଷମତା ଦଖଲ ପାଇଁ ଅଣ୍ଟା ଭିଡ଼ିଥିଲେ। ମାୟାବତୀଙ୍କ ବିଏସ୍‌ପି ୧ ଆସନରେ ସନ୍ତୁଷ୍ଟ ରହିଛି। ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍‌କୁ ରାଜ୍ୟର ମୁସ୍‌ଲିମ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ଏଆଇଏମ୍‌ଆଇଏମ୍‌କୁ ମାତ୍ର ୦.୪% ଭୋଟ ମିଳିଛି। ସେହିପରି କଂଗ୍ରେସ ସାଧାରଣ ☞ପୃଷ୍ଠା-୪



ଯୋଗୀ ଆଦିତ୍ୟନାଥ

**ଆଜିର ସମ୍ପାଦକୀୟ** | ପାଶ୍ଚାତ୍ୟ ପାଇଁ ଅସଲି ପରୀକ୍ଷା



# ସକ୍ରିୟ ଶାସନ ମଡେଲକୁ ସ୍ୱୀକୃତି



**ନୂଆଦିଲ୍ଲୀ,୧୦।୩**

ଉତ୍ତରପ୍ରଦେଶ ସମେତ ୪ ରାଜ୍ୟରେ ଭାଜପାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ କର୍ମୀମାନଙ୍କୁ ପ୍ରଶଂସା କରିଛନ୍ତି। ସେମାନେ ୪ ରାଜ୍ୟରେ ଦଳ ପାଇଁ ଆଗୁଆ ହୋଲି ଆଣିଛନ୍ତି। ଭାଜପାର ଗରିବ କଲ୍ୟାଣ ଯୋଜନା ଏବଂ ସକ୍ରିୟ ଶାସନ ମଡେଲକୁ ଲୋକେ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେମାନେ ଜାତି, ଧର୍ମ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ଭୋଟ ଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତୀୟ ଗଣତନ୍ତ୍ର ପାଇଁ ଆଜି ଉତ୍ସବ ଓ ଉତ୍ସାହର ଦିନ। ୪ ରାଜ୍ୟରେ ଫଳାଫଳ ଭାଜପା ସପକ୍ଷରେ ଯିବା ପରେ ଦଳର ମୁଖ୍ୟ କାର୍ଯ୍ୟାଳୟରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଏହା 'ଜିତ୍ କା ଚୌକା' ବୋଲି ମୋଦି କହିଛନ୍ତି। ଉତ୍ତରପ୍ରଦେଶ ବହୁ ପ୍ରଧାନମନ୍ତ୍ରୀ ଦେଇଛି। ତେବେ ପ୍ରଥମ ଥର ପାଇଁ ୫ ବର୍ଷ ସମ୍ପୂର୍ଣ୍ଣ କରିଥିବା ଜଣେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ କ୍ରମାଗତ ଦ୍ୱିତୀୟ ଥର କ୍ଷମତାକୁ ଆଣିଛି। ଗତ କିଛି ବର୍ଷ ମଧ୍ୟରେ ଶାସନ ବ୍ୟବସ୍ଥା ଉତ୍ତମ ଓ ସ୍ୱଚ୍ଛ ହୋଇଛି। ଚଳିତ ବର୍ଷ ମାର୍ଚ୍ଚ ୧୦ରେ ହୋଲି ପାଳନ କରାଯିବ ବୋଲି ଭାଜପା କାର୍ଯ୍ୟକର୍ତ୍ତାମାନେ ଦେଇଥିବା ପ୍ରତିଶ୍ରୁତି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଲୋକମାନଙ୍କ ଆସ୍ଥା ଜିତିବା ଲାଗି ଦଳୀୟ କର୍ମୀମାନେ ୨୪ ଘଣ୍ଟା ପରିଶ୍ରମ କରିଥିଲେ। ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ଏକ୍‌ଜିଟ୍ ପୋଲ୍ ଆକଳନ ଭୁଲ୍ ପ୍ରମାଣିତ ହୋଇଛି। ଏହି ୩ ରାଜ୍ୟରେ ଭାଜପା ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି। ଗୋଆରେ କ୍ରମାଗତ ତୃତୀୟ ଥର ଲାଗି ଭାଜପା ସରକାର ଗଢ଼ିବାକୁ ଯାଉଛି। ଉତ୍ତରାଖଣ୍ଡରେ ମଧ୍ୟ ଗୈରିକ ଦଳ ନୂଆ ଇତିହାସ ରଚିଛି। ସେଠାରେ ଭାଜପା କ୍ରମାଗତ ଦ୍ୱିତୀୟ ଥର ଲାଗି ବିଜୟୀ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ପଞ୍ଜାବ ଭୋଟ ଜଣାଇଦେଲା କେଜ୍‌ରିୱାଲ ଆତଙ୍କବାଦୀ ନୁହନ୍ତି

'କେଜ୍‌ରିୱାଲ୍ ଆତଙ୍କବାଦୀ ନୁହନ୍ତି'। ପଞ୍ଜାବ ଜନସାଧାରଣ ଭୋଟ ମାଧ୍ୟମରେ ଏହି ରାୟ ଦେଇଥିବା ଏଏପିର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ୍ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ବିରୋଧରେ ସବୁ ରାଜନୈତିକ



ଦଳ ଏକାଠି ହୋଇଥିଲେ। ଏଏପିକୁ ହରାଇବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ଏଥିପାଇଁ ବଡ଼ ଷଡ଼ଯନ୍ତ୍ର ହୋଇଥିଲା। ଶେଷରେ ଜନାଦେଶ ଜଣାଇଦେଲା କେଜ୍‌ରିୱାଲ ଆତଙ୍କବାଦୀ ନୁହନ୍ତି, ପ୍ରକୃତ ଭୂମିପୁତ୍ର, ଜଣେ ସଚ୍ଚା ଜାତୀୟତାବାଦୀ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଜାବରେ ଦଳର ବିଶାଳ ବିଜୟ ପରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରି କେଜ୍‌ରିୱାଲ କହିଥିଲେ, ନିର୍ବାଚନ ପ୍ରଚାର ବେଳେ ତାଙ୍କୁ ବିଚ୍ଛିନ୍ନତାବାଦୀଙ୍କ ସମର୍ଥକ ବୋଲି ପୂର୍ବତନ ଏଏପି ନେତା କୁମାର ବିଶ୍ୱାସ ଅଭିଯୋଗ ଆଣିଥିଲେ। କେଜ୍‌ରିୱାଲ ପଞ୍ଜାବ ମୁଖ୍ୟମନ୍ତ୍ରୀ କିମ୍ବା ଖଲିସ୍ତାନ ପ୍ରଧାନମନ୍ତ୍ରୀ ହେବାକୁ ଚାହାନ୍ତି ବୋଲି କୁମାର ଅଭିଯୋଗ କରିବା ପରେ ଏହାକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ଯଦି ସେ ବିଚ୍ଛିନ୍ନତାବାଦୀ ସମର୍ଥକ ତେବେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବିରୋଧରେ ତଦନ୍ତ କରୁନାହାନ୍ତି କାହିଁକି ବୋଲି କେଜ୍‌ରିୱାଲ ସେତେବେଳେ କହିଥିଲେ।



ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟିର ବିଜୟ ପରେ ମୁମ୍ବାଇରେ ସମର୍ଥକମାନେ ଖୁସି ମନାଉଛନ୍ତି।

## ଯୋଗୀ ଆଦିତ୍ୟନାଥଙ୍କ ରେକର୍ଡ

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ଦ୍ୱିତୀୟ ଥର ସରକାର ଗଢ଼ିବାକୁ ଯାଉଥିବାବେଳେ ଗୋରଖପୁର ସହରାଞ୍ଚଳ ଆସନରୁ ବିଜୟୀ ହୋଇଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ତାଙ୍କ ଦଳ ଅନେକ ରେକର୍ଡ ସୃଷ୍ଟି କରିଛନ୍ତି।

ଉତ୍ତରପ୍ରଦେଶରେ ୫ ବର୍ଷ କାର୍ଯ୍ୟକାଳ ପୂରଣ କରି କ୍ରମାଗତ ଦ୍ୱିତୀୟ ଥର କ୍ଷମତାକୁ ଆସିବାରେ ଯୋଗୀ ଆଦିତ୍ୟନାଥ ରେକର୍ଡ କରିଛନ୍ତି। ୧୯୫୨ ମେ' ୨୦ରେ ଉତ୍ତରପ୍ରଦେଶ ବିଧାନସଭା ଗଠନ ହୋଇଥିଲା। ୭୦ ବର୍ଷ ମଧ୍ୟରେ ରାଜ୍ୟ ୨୧ ମୁଖ୍ୟମନ୍ତ୍ରୀ ଦେଖିଛି। ତେବେ ଯୋଗୀ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ କ୍ଷମତାରେ ୫ ବର୍ଷ ସମ୍ପୂର୍ଣ୍ଣ କରିବା ପରେ କ୍ରମାଗତ ଦ୍ୱିତୀୟ ଥର କ୍ଷମତାକୁ ଆସି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି କ୍ରମାଗତ ବିଜୟୀ ହେବାରେ ଯୋଗୀ ପଞ୍ଚମ ମୁଖ୍ୟମନ୍ତ୍ରୀ। ପୂର୍ବରୁ ୧୯୫୭ରେ ସମ୍ପୂର୍ଣ୍ଣାନନ୍ଦ, ୧୯୬୨ରେ ଚନ୍ଦ୍ରଭାନୁ ଗୁପ୍ତା,



୧୯୭୪ରେ ହେମଵତି ନନ୍ଦନ ବହୁଗୁଣା ଏବଂ ୧୯୮୫ରେ ନାରାୟଣ ଦତ୍ତ ତିୱାରୀ କ୍ରମାଗତ ଦ୍ୱିତୀୟ ଥର ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାର ୩୭ ବର୍ଷ ପରେ ଯୋଗୀ କ୍ରମାଗତ ଦ୍ୱିତୀୟ ଥର କ୍ଷମତା ହାସଲ କରିବାକୁ ଯାଉଛନ୍ତି।

ୟୁପିରେ ଭାଜପାର ୪ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଯୋଗୀଙ୍କ ପୂର୍ବରୁ କଲ୍ୟାଣ ସିଂ, ରାମପ୍ରକାଶ ଗୁପ୍ତା ଏବଂ ରାଜନାଥ ସିଂ ମୁଖ୍ୟମନ୍ତ୍ରୀ ଥିଲେ। ତେବେ ସେମାନଙ୍କ ମଧ୍ୟରୁ କେହି ଦ୍ୱିତୀୟ ଥର କ୍ଷମତାକୁ ଆସି ନ ଥିଲେ। ଯୋଗୀ ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ଯିଏ ଦ୍ୱିତୀୟ ଥର କ୍ଷମତାକୁ ଆସିଛନ୍ତି। ଦ୍ୱିତୀୟ ଥର ଯୋଗୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାବେଳେ ସେ ୧୫ ବର୍ଷରେ ପ୍ରଥମ ବିଧାୟକ ମୁଖ୍ୟମନ୍ତ୍ରୀ ହେବେ। ମାୟାବତୀ ୨୦୦୭ରୁ ୨୦୧୨ ମୁଖ୍ୟମନ୍ତ୍ରୀ ଥିବାବେଳେ ବିଧାନ ପରିଷଦ ସଦସ୍ୟ ଥିଲେ। ଅଖିଳେଶ ଯାଦବ ୨୦୧୨ରେ ମୁଖ୍ୟମନ୍ତ୍ରୀ ହେଲାବେଳେ ବିଧାନ ପରିଷଦ ସଦସ୍ୟ ରହିଥିଲେ। ତେବେ ଯୋଗୀ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ହେବା ବେଳେ ସେ ଲୋକ ସଭା ସଦସ୍ୟ ଥିଲେ ଓ ପରେ ବିଧାନ ପରିଷଦ ସଦସ୍ୟ ହୋଇଥିଲେ। ଉତ୍ତରପ୍ରଦେଶର ୨୧ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ୩ ଜଣ ପୂରା ୫ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଯୋଗୀ ଅନ୍ୟତମ। ପୂର୍ବରୁ ବିଏସ୍‌ପି ନେତ୍ରୀ ମାୟାବତୀ ଏବଂ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଭାବେ ୫ ବର୍ଷ ସମ୍ପୂର୍ଣ୍ଣ କରିଥିଲେ।

## ଚନ୍ନିଙ୍କୁ ହରାଇଲେ ଫୋନ୍ ମରାମତି ମିସ୍ତ୍ରି



ଲାଭ ସିଂ ଉଗୋକେ

ଆମ୍ ଆଦ୍‌ମୀ ପାର୍ଟିର ଦୁଇଜଣ ଅନାମଧେୟ ପ୍ରାର୍ଥୀ ପଞ୍ଜାବର ହେଭିୱେଟ୍ ନେତାମାନଙ୍କୁ ପରାଜିତ କରିଛନ୍ତି। ସେଥିରୁ ଜଣେ ହେଲେ ମୋବାଇଲ୍ ଫୋନ୍ ମରାମତି ଦୋକାନ କର୍ମଚାରୀ ଲାଭ ସିଂ ଉଗୋକେ ଏବଂ ଅନ୍ୟ ଜଣେ ମହିଳା ସ୍ୱେଚ୍ଛାସେବୀ ଜୀବନ ଜ୍ୟୋତ୍ କୌର। ଏଏପିର ଜୀବନଜ୍ୟୋତ ପଞ୍ଜାବ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ଏବଂ ଶିରୋମଣି ଅକାଳୀ ଦଳର ଟାଣୁଆ ନେତା ବିକ୍ରମ ସିଂ ମାଜିଥିଆଙ୍କୁ ଅମୃତସର ପୂର୍ବ ଆସନରେ ପରାଜିତ କରିଛନ୍ତି। ସେହିପରି ଭଦୌର ଆସନରେ ଏଏପି ପ୍ରାର୍ଥୀ ଉଗୋକେ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ୪୦,୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ୍ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚନ୍ନିଙ୍କୁ ହରାଇଥିବା ବ୍ୟକ୍ତିଙ୍କୁ ଜାଣନ୍ତି କି ବୋଲି ସେ ଜନସାଧାରଣଙ୍କୁ ପ୍ରଶ୍ନ କରିବା ସହ କହିଥିଲେ, ଉଗୋକେ ଏକ ମୋବାଇଲ୍ ଫୋନ୍ ରିପେୟାରିଂ ଦୋକାନ କର୍ମଚାରୀ। ତାଙ୍କ ମାଆ ସଫେଇ କର୍ମଚାରୀ ହୋଇଥିବାବେଳେ ବାପା କୃଷି ଶ୍ରମିକ। ସେହିପରି ସିଦ୍ଧୁ ଓ ମାଜିଥିଆଙ୍କୁ ହରାଇଥିବା ଜୀବନଜ୍ୟୋତ ଜଣେ ସାଧାରଣ ସ୍ୱେଚ୍ଛାସେବୀ। ସାଧାରଣ ଲୋକ ବେଶ୍ ପ୍ରଭାବଶାଳୀ। ଦିନ ଆସିବ ସେମାନଙ୍କ ପାଇଁ ବଡ଼ ବିପ୍ଳବ ମୁଣ୍ଡ ଟେକିବ ଓ ବଡ଼ ଆସନ ଦୋହଲିଯିବ ବୋଲି କେଜ୍‌ରିୱାଲ କହିଛନ୍ତି।

## ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରୁଛୁ

ପାଞ୍ଚ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଜନାଦେଶକୁ ଆମେ ବିନମ୍ରତାର ସହ ଗ୍ରହଣ କରୁଛୁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି। ଏଥିସହ ସେ ବିଜୟୀ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତ କଂଗ୍ରେସ କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ତଥା କଠିନ ପରିଶ୍ରମ ଲାଗି ରାହୁଲ ଟୁଇଟର ଯୋଗେ କୃତଜ୍ଞତା ଜଣାଇଛନ୍ତି। ଏଥିରୁ ଆମେ ଶିକ୍ଷାଲାଭ କରିବା ସହ ଦେଶବାସୀଙ୍କ ସ୍ୱାର୍ଥ ଲାଗି କାମ



ଜାରି ରଖିବେ ବୋଲି ରାହୁଲ କହିଛନ୍ତି।

ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରାହୁଲଙ୍କ ସର୍ବଶ୍ରେଷ୍ଠ ଉଦ୍ୟମ ସତ୍ତ୍ୱେ ପଞ୍ଜାବ ଓ ଉତ୍ତରପ୍ରଦେଶରେ ଦଳ ପୋଛିହୋଇ ଯାଇଥିବାବେଳେ ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ କ୍ଷମତାକୁ ଫେରିବାରେ ବିଫଳ ହୋଇଛି। ଏହି ରାଜ୍ୟଗୁଡ଼ିକରେ ସରକାର ବିରୋଧୀ ହାୱା ସତ୍ତ୍ୱେ କଂଗ୍ରେସ ଭଲ ପ୍ରଦର୍ଶନ କରିପାରିନାହିଁ।



ଉତ୍ତରାଖଣ୍ଡରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ଭାଜପା ନେତାମାନେ ଉତ୍ସବ ମନାଉଛନ୍ତି।

## ଗୋଟିଏ ବି ଆସନ ଜିତିଲାନି ଏସ୍‌ଏସ୍‌ଏମ୍

କେନ୍ଦ୍ର କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇ ଉକ୍ତ ଆଇନକୁ ପ୍ରତ୍ୟାହାର କରିନେବାକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ବାଧ୍ୟ କରିଥିବା ୪୦ରୁ ଊର୍ଦ୍ଧ୍ୱ କୃଷକ ସଂଗଠନ ମଧ୍ୟରୁ ୨୨ଟି ୟୁନିୟନ ଏକାଠି ହୋଇ ସଂଯୁକ୍ତ ସମାଜ ମୋର୍ଚ୍ଚା (ଏସ୍‌ଏସ୍‌ଏମ୍) ନାମରେ ଏକ ରାଜନୈତିକ ସାମ୍ମୁଖ୍ୟ ଗଠନ କରିଥିଲେ। ପଞ୍ଜାବ ବିଧାନସଭା ନିର୍ବାଚନରେ ଏହି ଦଳ ସମସ୍ତ ୧୧୭ ଆସନରେ ପ୍ରାର୍ଥୀ ଦେଇଥିଲେ ମଧ୍ୟ ଗୋଟିଏ ହେଲେ ଆସନ ଜିତିପାରି ନାହିଁ। ଏହାର ମୁଖ୍ୟ ବଲବୀର ସିଂ ରାଜେୱାଲ୍ ସମରଲା ଆସନରୁ ଲଢୁଥିବାବେଳେ ମାତ୍ର ୪ ପ୍ରତିଶତ ଭୋଟ ପାଇଛନ୍ତି। ଏବେ ଉକ୍ତ ସାମ୍ମୁଖ୍ୟର ନେତାମାନଙ୍କ ରାଜନୈତିକ ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ସେମାନଙ୍କ ନିର୍ବାଚନୀ ଅଭିଯାନ ଶେଷ ହେଲା ବୋଲି କେତେଜଣ କହିଛନ୍ତି। ଆନ୍ଦୋଳନରେ ଭାଗ ନେଇଥିବା ଅନ୍ୟ କୃଷକ ସଂଗଠନଗୁଡ଼ିକ ଏସ୍‌ଏସ୍‌ଏମ୍‌ଠାରୁ ନିଜକୁ ଦୂରେଇ ରଖିଥିଲେ।

## ମ୍ୟାଜିକ କରିପାରିଲେନି ସୋନୁ

ବଲିଉଡ୍ ଷ୍ଟାର ସୋନୁ ସୁଦ୍ ଭଉଣୀ ମାଳଭିକାଙ୍କ ପାଇଁ ମ୍ୟାଜିକ୍ କରିବାରେ ବିଫଳ ହୋଇଛନ୍ତି। ମାଳଭିକା କଂଗ୍ରେସ ଟିକେଟରୁ ପଞ୍ଜାବର ମୋଗା ବିଧାନସଭା ଆସନରୁ ଆମ୍ ଆଦମୀ ପାର୍ଟି (ଏଏପି) ପ୍ରାର୍ଥୀ ଅମନଦୀପ କୌର ଅରୋରାଙ୍କ ବିପକ୍ଷରେ ଛିଡ଼ା ହୋଇଥିବାବେଳେ ହାରିଯାଇଛନ୍ତି। ଅମନଦୀପ ୨୦ ହଜାର ଭୋଟ୍‌ରେ ମାଳଭିକାଙ୍କୁ ହରାଇଛନ୍ତି। ଏହି ଆସନରେ କଂଗ୍ରେସ ବିଧାୟକ ହର୍‌ଜୋତ କମଲ



ସିଂଙ୍କ ସ୍ଥାନରେ ମାଳଭିକାଙ୍କୁ ଟିକେଟ ଦେଇଥିଲା। ଭାଜପାରେ ଯୋଗ ଦେଇଥିବା ହର୍‌ଜୋତଙ୍କୁ ମାତ୍ର ୧୦,୬୦୬୦ ଭୋଟ୍ ମିଳିଛି। ଜଣେ ସାମାଜିକକର୍ମୀ ଭାବେ ମାଳଭିକା ପରିଚିତ। କରୋନାବେଳେ ପ୍ରବାସୀ ଓ ଅନ୍ୟ ଅସହାୟଙ୍କୁ ସହାୟତା କରି ସୋନୁ ସୁଦ୍ ବେଶ୍ ଚର୍ଚ୍ଚାକୁ ଆସିଥିବାବେଳେ ଏହା ତାଙ୍କ ଭଉଣୀଙ୍କ ବିଜୟ ପାଇଁ ସହାୟକ ହେବ ବୋଲି କୁହାଯାଉଥିଲା।

## ପ୍ରମୁଖ ବିଜୟୀ ପ୍ରାର୍ଥୀ



ଯୋଗୀ ଆଦିତ୍ୟନାଥ
ଭାଜପା ଗୋରଖପୁର ଅର୍ବାନ (ଉତ୍ତରପ୍ରଦେଶ)



ଅଖିଳେଶ ଯାଦବ
ଏସ୍‌ପି କର୍‌ହାଲ (ଉତ୍ତରପ୍ରଦେଶ)



ମହମ୍ମଦ ଆଜମ ଖାନ
ଏସ୍‌ପି
ରାମପୁର (ଉତ୍ତରପ୍ରଦେଶ)



ଶିବପାଲ ସିଂ ଯାଦବ
ଏସ୍‌ପି ଯଶୱନ୍ତପୁର (ଉତ୍ତରପ୍ରଦେଶ)



ଅଦିତି ସିଂ
ଭାଜପା ରାଏବରେଲି (ଉତ୍ତରପ୍ରଦେଶ)



ଦାରା ସିଂ ଚୌହାନ୍
ଏସ୍‌ପି ଘୋସି (ଉତ୍ତରପ୍ରଦେଶ)



ଭଗୱନ୍ତ ସିଂ ମାନ୍
ଏଏପି
ଧୁରି (ପଞ୍ଜାବ)



ଅଶ୍ୱିନୀ କୁମାର ଶର୍ମା
ଭାଜପା ପଠାନ୍‌କୋଟ (ପଞ୍ଜାବ)



ପ୍ରମୋଦ ସାୱନ୍ତ
ଭାଜପା ସାନ୍‌କ୍ୱେଲିମ୍ (ଗୋଆ)



ଦିଗମ୍ବର କାମତ୍
କଂଗ୍ରେସ ମାର୍‌ଗାଓ (ଗୋଆ)



ଦେଲିହା ମାଇକେଲ ଲୋବୋ
କଂଗ୍ରେସ ସାଇଓଲିମ୍ (ଗୋଆ)



ମଦନ କୌଶିକ
ଭାଜପା ହରିଦ୍ୱାର (ଉତ୍ତରାଖଣ୍ଡ)



ସତ୍‌ପାଲ ମହାରାଜ
ଭାଜପା
ଚୌବତ୍‌ଖାଲ(ଉତ୍ତରାଖଣ୍ଡ)



ଏନ୍. ବୀରେନ୍ ସିଂ
ଭାଜପା
ହେଇଙ୍ଗ୍ୟାଙ୍ଗ୍(ମଣିପୁର)



ୟମନମ୍ ଖେମ୍‌ଚାନ୍ଦ ସିଂ
ଭାଜପା
ସିଙ୍ଗଜାମେଇ(ମଣିପୁର)

## ପ୍ରମୁଖ ପରାଜିତ ପ୍ରାର୍ଥୀ



ପ୍ରକାଶ ସିଂ ବାଦଲ
ଶିରୋମଣି ଅକାଳୀ ଦଳ
ଲାମ୍ବି(ପଞ୍ଜାବ)



ସୁଖବୀର ସିଂ ବାଦଲ
ଶିରୋମଣି ଅକାଳୀ ଦଳ
ଜଲାଲାବାଦ (ପଞ୍ଜାବ)



ବିକ୍ରମ ସିଂ ମାଜିଥିଆ
ଶିରୋମଣି ଅକାଳୀ ଦଳ
ପୂର୍ବ ଅମୃତସର(ପଞ୍ଜାବ)



ମନପ୍ରୀତ ସିଂ ବାଦଲ
ଶିରୋମଣି ଅକାଳୀ ଦଳ
ବଠିଣ୍ଡା ଅର୍ବାନ (ପଞ୍ଜାବ)



ନବଜୋତ ସିଂ ସିଦ୍ଧୁ
କଂଗ୍ରେସ
ପୂର୍ବ ଅମୃତସର (ପଞ୍ଜାବ)



ଚରଣଜିତ୍ ସିଂ ଚନ୍ନି
କଂଗ୍ରେସ, ଚମକୌର ସାହିବ, ଭଦୌର(ପଞ୍ଜାବ)



ଅମରିନ୍ଦର ସିଂ
ପଞ୍ଜାବ ଲୋକ କଂଗ୍ରେସ
ପଟିୱାଲା (ପଞ୍ଜାବ)



ପୁଷ୍କର ସିଂ ଧାମି
ଭାଜପା
ଖଟିମା(ଉତ୍ତରାଖଣ୍ଡ)



ହରିଶ ରାୱତ୍
କଂଗ୍ରେସ
ଲାଲ୍ କୌନ୍(ଉତ୍ତରାଖଣ୍ଡ)



ଅନୁକୃତି ଗୁସେନ
କଂଗ୍ରେସ
ଲେନ୍ସଡୌନ(ଉତ୍ତରାଖଣ୍ଡ)



କେଶବ ପ୍ରସାଦ ମୌର୍ଯ୍ୟ
ଭାଜପା
ସରାଥୁ (ଉତ୍ତରପ୍ରଦେଶ)



ସଙ୍ଗୀତ ସିଂ ସୋମ
ଭାଜପା
ସାର୍ଦ୍ଧନା (ଉତ୍ତରପ୍ରଦେଶ)



ମନୋହର ଅଜଗାଓଁକର
ଭାଜପା
ମାର୍‌ଗାଓ (ଗୋଆ)



ଚନ୍ଦ୍ରକାନ୍ତ କାଭ୍‌ଲେକର
ଭାଜପା
କ୍ୟୁପେମ୍ (ଗୋଆ)



ଚର୍ଚ୍ଚିଲ ଆଲେମାଓ
ଟିଏମ୍‌ସି
ବେନାଉଲିମ୍ (ଗୋଆ)



ଭାଜପା ବିଜୟରେ ଉତ୍ତରପ୍ରଦେଶର ଆଗ୍ରାଠାରେ ମହିଳା ସମର୍ଥକମାନେ ଉତ୍ସବ ପାଳନ କରୁଛନ୍ତି।

# ୪ ରାଜ୍ୟର ଫଳାଫଳ ନେଇ କୃତଜ୍ଞତା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଦେଶର ୪ ରାଜ୍ୟ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆରେ ଭାଜପା ପ୍ରତି ଅଭୂତପୂର୍ବ ଜନାଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଥିବା ପ୍ରଗାଢ଼ ବିଶ୍ୱାସର ପ୍ରମାଣ ବୋଲି ଟୁଇଟ୍ କରି ଉତ୍ତରପ୍ରଦେଶ ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଶେଷ ଭାବେ ମାତୃଶକ୍ତି ଓ କାର୍ଯ୍ୟକର୍ତ୍ତାଙ୍କୁ ଏହି ବିପୁଳ ବିଜୟ ପାଇଁ କୃତଜ୍ଞତା ଜଣାଇଛନ୍ତି।



ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ମାଆ, ଭଉଣୀମାନେ ସ୍ପଷ୍ଟ ମତ ଦେଇ ନୂଆ ଭାରତ ଜନକଲ୍ୟାଣ, ଜନଭାଗୀଦାରି, ସ୍ୱଚ୍ଛ ଶାସନ ଏବଂ ପ୍ରଗତିଶୀଳ ରାଜନୀତିକୁ ସମର୍ଥନ କରିଛନ୍ତି । ୪ ରାଜ୍ୟରେ ବିପୁଳ ଜନସମର୍ଥନ ସ୍ପଷ୍ଟ କରୁଛି ଭାରତରେ ଜନକଲ୍ୟାଣ ବିକାଶ ଏବଂ ସୁଶାସନର ରାଜନୀତିର କୌଣସି ବିକଳ୍ପ ନାହିଁ। ଏହି ଅଭୂତପୂର୍ବ ବିଜୟ ଦେଶରେ ଭାଜପା ସମର୍ଥନରେ ଥିବା ଜନାଦେଶ ଏବଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଥିବା ବିଶ୍ୱାସକୁ ପ୍ରମାଣିତ କରୁଛି । ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ଭାଜପାକୁ ଯେଉଁ ଆଶୀର୍ବାଦ କରିଛନ୍ତି ଏହା ସ୍ପଷ୍ଟ କରୁଛି ଭୋଟରମାନେ ସେମାନଙ୍କୁ ସମର୍ଥନ କରନ୍ତି, ଯେଉଁମାନେ ପ୍ରତିଶ୍ରୁତିକୁ ପାଳନ କରନ୍ତି। ଏହି ଜନାଦେଶରୁ ଯେଉଁ ପାର୍ଟି ବଂଶବାଦ, ତୁଷ୍ଟୀକରଣ ଓ ଜାତିବାଦକୁ ନେଇ ରାଜନୀତି କରନ୍ତି ସେମାନଙ୍କ ପାଇଁ ସ୍ଥାନ ନାହିଁ ବୋଲି ଜନାଦେଶରୁ ସ୍ପଷ୍ଟ ହୋଇଛି । ୨୦୧୪, ୨୦୧୭, ୨୦୧୯ ପରେ ଏବେ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ, ସର୍ବସ୍ପର୍ଶୀ ନେତୃତ୍ୱ, ସୁଶାସନ ଏବଂ 'ସବ୍‌କା ସାଥ୍, ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସ'ର ମନ୍ତ୍ରରେ ମୋହର ଲଗାଇ ଭାଜପାକୁ ଆଶୀର୍ବାଦ କରିଥିବାରୁ ଉତ୍ତରପ୍ରଦେଶବାସୀଙ୍କୁ ଧର୍ମେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।




# ହାସ୍ୟାଭିନେତାରୁ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ଼,୧୦।୩

ପଞ୍ଜାବ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ ସହ ସରକାର ଗଢ଼ିବାକୁ ଯାଉଛି। ଏହାର ପ୍ରାର୍ଥୀ ଭଗୱନ୍ତ ସିଂ ମାନ୍ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଧୁରି ଆସନରେ ସେ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ଦଲବୀର ସିଂ ଗୋଲ୍ଡିଙ୍କୁ ୫୮,୨୦୬ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି।

ସାଙ୍ଗୁର୍ ଲୋକ ସଭା ଆସନରୁ ଏମ୍‌ପି ଥିବା ମାନ୍‌ଙ୍କୁ ଏଏପି ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲା। ଏଥିପାଇଁ ଏଏପି ଜନସାଧାରଣଙ୍କଠାରୁ ଟେଲିଫୋନ୍ ଯୋଗେ ମତାମତ ସଂଗ୍ରହ କରିଥିଲା। ୯୩.୩ ପ୍ରତିଶତ ଲୋକ ମାନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ସପକ୍ଷରେ ମତ ଦେଇଥିଲେ।

୧୯୭୩ ଅକ୍ଟୋବର ୧୭ରେ ସାଙ୍ଗୁର୍‌ର ସତୋଜ ଗ୍ରାମରେ ଜାଠ୍ ଶିଖ୍ ପରିବାରରେ ଜନ୍ମିତ ମାନ୍ ଜଣେ ହାସ୍ୟାଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୮ରେ ଷ୍ଟାର ପ୍ଲସ୍‌ରେ ପ୍ରସାରିତ 'ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ୍'ରେ ଭାଗନେଇ ସେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ। ଜାତୀୟ ପୁରସ୍କାର ବିଜୟୀ ଚଳଚ୍ଚିତ୍ର ' ମୈ ମା ପଞ୍ଜାବ ଦୀ'ରେ ମାନ୍ ଅଭିନୟ କରିଥିଲେ। ଟିଭି ଶୋ' 'ଜଗ୍‌ନୁ ମସ୍ତ ମସ୍ତ'ରେ ହାସ୍ୟାଭିନୟ ତାଙ୍କୁ ଲୋକପ୍ରିୟ କରାଇଥିଲା। ଅନ୍ୟ କେତେକ କମେଡି ଶୋ'ରେ ମଧ୍ୟ ସେ ଭାଗ ନେଇଥିଲେ। ୨୦୧୧ରେ ସେ ମନପ୍ରୀତ୍ ସିଂ ବାଦଲଙ୍କ ପଞ୍ଜାବ ପିପୁଲ୍ସ ପାର୍ଟିରୁ ରାଜନୀତିରେ ପାଦ ଥାପିଥିଲେ। ୨୦୧୨ରେ ସେ ଲେହରାଗଗା ଆସନରୁ ନିର୍ବାଚନ ଲଢ଼ି ହାରିଯାଇଥିଲେ। ୨୦୧୪ରେ ସେ ଏଏପିରେ ଯୋଗଦେଇ ସାଙ୍ଗୁର୍ ଆସନରୁ ଲୋକ ସଭା ନିର୍ବାଚନ ଲଢ଼ିଥିଲେ। ରାଜ୍ୟର ବର୍ଷୀୟାନ ନେତା ସୁଖଦେବ ସିଂ ଧିଣ୍ଡସାଙ୍କୁ ପରାଜିତ କରିବା ପରେ ପଞ୍ଜାବ ରାଜନୀତିରେ ମାନ୍‌ଙ୍କ ଗୁରୁତ୍ୱ ବଢ଼ିଯାଇଥିଲା। ୨୦୧୪ରୁ ମାନ୍ ଦୁଇଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ମାନ୍ ନିଜ ପୈତୃକ ଗ୍ରାମ ତଥା କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ଜନ୍ମସ୍ଥାନ ନୱାନସହର ଜିଲାର ଖଟକରକଲଣରେ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, କୌଣସି ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲାଗିବ ନାହିଁ। ଏହା ବଦଳରେ ସରକାରୀ ଅଫିସ କାନ୍ଥରେ ଭଗତ ସିଂ ଏବଂ ବି.ଆର୍. ଆମ୍ବେଡ୍‌କରଙ୍କ ଫଟୋ ଲଗାଯିବ।



ଭଗୱନ୍ତ ସିଂ ମାନ୍

## ଭଗତ ସିଂଙ୍କ ଜନ୍ମସ୍ଥାନରେ ଶପଥ

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ଏଏପି ନେତା ଭଗୱନ୍ତ ସିଂ ମାନ୍‌ଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କ ଶପଥ ଗ୍ରହଣ ଉତ୍ସବ ରାଜଭବନରେ ହେବ ନାହିଁ। ଏହା ବଦଳରେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ଜନ୍ମସ୍ଥାନ ନୱାନଶହର ଜିଲାର ଖଟକରକଲଣଠାରେ ଶପଥ ନେବା ପାଇଁ ମାନ୍ ଗୁରୁବାର ଘୋଷଣା କରିଛନ୍ତି। ପୂର୍ବ ପ୍ରଚଳିତ ପ୍ରଥା ଅନୁଯାୟୀ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିବ ନାହିଁ। ଏହା ବଦଳରେ ସେଠାରେ ଭଗତ ସିଂ ଏବଂ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡ୍‌କରଙ୍କ ଫଟୋ ଲଗାଇବାକୁ ମାନ୍ କହିଛନ୍ତି। ଧୁରିଠାରେ ବିଜୟୀ ଭାଷଣରେ ଏଏପି ନେତା କହିଛନ୍ତି, ଶପଥ ଗ୍ରହଣ ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ପଞ୍ଜାବରେ ବହୁ ହେଭିୱେଟ୍ ନେତାଙ୍କୁ ଏଏପି ପରାଜିତ କରିଛି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଉପରେ ଗୁରୁତ୍ୱ ଦେବା ସହ କୃଷିକୁ ଲାଭଜନକ କରାଇବା ଏବଂ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସେହିପରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକୁ ପ୍ରାଧାନ୍ୟ ଦେବେ। ଗୋଟିଏ ମାସରେ ପଞ୍ଜାବରେ ପରିବର୍ତ୍ତନ ଆରମ୍ଭ ହୋଇଯିବ ବୋଲି ମାନ୍ ପ୍ରତିଶ୍ରୁତି ଦେଇଛନ୍ତି।

## ମାନ୍‌ଙ୍କ ଶୋ'ରେ ଜଜ୍ ଥିଲେ ସିଦ୍ଧୁ

ଭଗୱନ୍ତ ସିଂ ମାନ୍ ୨୦୦୬ରେ ଦି ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ କମେଡି ଶୋ'ରେ ଭାଗନେଇ ଲୋକଙ୍କୁ ହସାଉଥିବାବେଳେ ନବଜ୍ୟୋତ ସିଂ ସିଦ୍ଧୁ ଜଜ୍ ଆସନରେ ବସି ତାଙ୍କ ଅଭିନୟର ମୂଲ୍ୟାୟନ କରୁଥିଲେ। ଉକ୍ତ ଶୋ'ରେ ମାନ୍ କହିଥିଲେ, ରାଜନୀତିର ମାନେ କ'ଣ ବୋଲି ସେ ଏକଦା ଜଣେ ରାଜନେତାଙ୍କୁ ପଚାରିଥିଲେ। କିପରି ଶାସନ କରାଯିବ ଏହା ନିଷ୍ପତ୍ତି ନେବାର କଳା ହିଁ ରାଜନୀତି ବୋଲି ଉକ୍ତ ରାଜନେତା ତାଙ୍କୁ କହିବାରୁ ସେ ସରକାରର ଅର୍ଥ କ'ଣ ବୋଲି ପ୍ରଶ୍ନ କରିଥିଲେ। ସରକାରର ଅର୍ଥ ଯିଏ ପ୍ରତ୍ୟେକ ପ୍ରସଙ୍ଗକୁ ଅତି ନିକଟରୁ ଦେଖେ ଓ ମୁହୂର୍ତ୍ତକ ମଧ୍ୟରେ ଭୁଲିଯାଏ ବୋଲି ମାନ୍ କହି ସମସ୍ତଙ୍କୁ ହସାଇଥିଲେ। ତେବେ ଏହି କମେଡି ଦିନେ ତାଙ୍କୁ ଏକ ନୂଆ ସୋପାନକୁ ନେଇଯିବ ଏହା ସେ ଜାଣି ନ ଥିଲେ। ଅଭିନୟର ମୂଲ୍ୟାୟନ କରୁଥିବା ସିଦ୍ଧୁ ମାନ୍‌ଙ୍କ ଏହି କମେଡିରେ ଖୁବ୍ ଜୋର୍‌ରେ ହସିଥିଲେ। ତେବେ ଉକ୍ତ ଶୋ'ରେ ମାନ୍ ବିଜୟୀ ହୋଇ ନ ଥିଲେ। ଏବେ ସମୟ ବଦଳିବା ସହ ମାନ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାବେଳେ ସିଦ୍ଧୁ ନିର୍ବାଚନ ହାରିଯାଇଛନ୍ତି।

## ଏଏପିର ବିଜୟ ଅସାଧାରଣ



" ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପ୍ରଦର୍ଶନ ଦର୍ଶନୀୟ ଓ ଅସାଧାରଣ। ନିର୍ବାଚନୀ ଲଢ଼େଇରେ ଏହା ଗୋଟିଏ ଦଳର ସଫଳତା ଅପେକ୍ଷା ବରଂ ସମ୍ପୂର୍ଣ୍ଣ ରାଜନୈତିକ ପ୍ରତିଷ୍ଠାନକୁ ଆରୋପିତ କରିଛି। ଆମ୍ ଆଦ୍‌ମୀ ପାର୍ଟି ଏକମାତ୍ର ରାଜନୈତିକ ବିକଳ୍ପ ଭାବେ ନିଜକୁ ପ୍ରତିପାଦିତ କରିବାରେ ସଫଳ ହୋଇ ଜନାଦେଶ ହାସଲ କରିପାରିଛି।

**-ଯୋଗେନ୍ଦ୍ର ଯାଦବ, ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ**



" ଉତ୍ତରପ୍ରଦେଶ ଏବଂ ଅନ୍ୟ ୩ ରାଜ୍ୟରେ ଭାଜପାର ବିଜୟରୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ସୁଶାସନ ମଡେଲକୁ ଲୋକେ ଗ୍ରହଣ କରିଥିବା ପ୍ରମାଣିତ ହୋଇଛି। ୟୁପି, ଉତ୍ତରାଖଣ୍ଡ, ଗୋଆ, ମଣିପୁରରେ ଭାଜପା ପୁଣିଥରେ ସରକାର ଗଢ଼ିବାକୁ ଯାଉଛି। ପ୍ରଧାନମନ୍ତ୍ରୀଙ୍କ ସମସ୍ତଙ୍କୁ ସଶକ୍ତୀକରଣ ପ୍ରତିଶ୍ରୁତିକୁ ଏହା ଲୋକଙ୍କ ସ୍ୱୀକୃତି।

**-ମୁଖ୍‌ତାର ଆବ୍ବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ**



" ପାଞ୍ଚ ରାଜ୍ୟ ବିଧାନସଭା ନିର୍ବାଚନରୁ ଭଲ ଫଳ ଆଶା କରିଥିଲୁ। ତେବେ ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରିନେଉଛୁ।

**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



" ପଞ୍ଜାବ ଫଳାଫଳ କଂଗ୍ରେସ ପାଇଁ ଶକ୍ତ ଧକ୍କା। ଦିଲ୍ଲୀ ସରକାରଙ୍କ ପ୍ରଦର୍ଶନ ପାଇଁ ସେଠାରେ ଆମ୍ ଆଦ୍‌ମୀ ପାର୍ଟି ଲାଭବାନ ହେଲା। ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ ଫଳାଫଳକୁ ନେଇ ନିରୁତ୍ସାହିତ ହେବା ଉଚିତ ନୁହେଁ।

**-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**



" କଂଗ୍ରେସ ସାଂଗଠନିକ ନେତୃତ୍ୱରେ ପରିବର୍ତ୍ତନର ସମୟ ଆସିଛି। ସାଂଗଠନିକ ସ୍ତରରେ ଏଭଳି ସଂସ୍କାର ଅଣାଯିବା ଆବଶ୍ୟକ, ଯେପରି କଂଗ୍ରେସ ପ୍ରତି ଦେଶରେ ପୂର୍ବରୁ ରହିଥିବା ଚିନ୍ତାଧାରା ପୁଣିଥରେ ଉଦ୍ରେକ ହେବ ଏବଂ ଜନସାଧାରଣଙ୍କୁ ଅନୁପ୍ରାଣିତ କରିବ।

**-ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା**



" କାମ କରୁଥିବା ଲୋକ ଏବଂ ଦୁର୍ନୀତିରେ ଜଡିତ ଲୋକଙ୍କ ମଧ୍ୟରେ ଏଥର ଲଢ଼େଇ ହୋଇଥିଲା। କାମ କରୁଥିବା ଲୋକଙ୍କୁ ଜନସାଧାରଣ ବାଛିଛନ୍ତି। ସରକାରଙ୍କ ଭଲ କାର୍ଯ୍ୟକୁ ଜନାଦେଶ ସ୍ୱୀକୃତି ଦେଇଛି।

**-ପୁଷ୍କର ସିଂ ଧାମି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ**



" ଭାଜପାକୁ ବହୁ ଭୋଟରେ ବିଜୟୀ କରି ଉତ୍ତରପ୍ରଦେଶ ଜନସାଧାରଣ ଜାତି ଓ ଧର୍ମର ରାଜନୀତିକୁ କବର ଦେଇଛନ୍ତି। ଭାଜପାର ସୁଶାସନ ଉପରେ ରାଜ୍ୟବାସୀ ଆସ୍ଥା ପ୍ରକଟ କରିଛନ୍ତି।

**-ଯୋଗୀ ଆଦିତ୍ୟନାଥ, ୟୁପି ମୁଖ୍ୟମନ୍ତ୍ରୀ**



**ଆଜିର ମନ୍ତବ୍ୟ**

ଭାରତର ବିଭିନ୍ନ ଆବଶ୍ୟକତା ଯୁଦ୍ଧରେ ସାମିଲ ଥିବା ଦେଶଗୁଡ଼ିକ ସହ ସମ୍ପର୍କିତ। କିନ୍ତୁ ଆମେ ସର୍ବଦା ଶାନ୍ତି ସପକ୍ଷରେ ରହି ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛରେ ଆମ୍ବ ନାହିଁ
ଫୋପଡ଼ କାହିଁକି ମାରୁ,
ଅଣ୍ଟା ଚାରିପାଖେ ପଇସା ନାହିଁ
ଆଖି କାହିଁ ପାଇଁ ଠାରୁ।**

ଆମ୍ବ ଫଳି ନ ଥିବା ବେଳେ ଆମ୍ବ ଗଛକୁ ଟେକା ଫୋପାଡ଼ିବା ମନା ହେବା ଭଳି ପାଖରେ ପଇସା ନ ଥିଲେ ପ୍ରେମ କରିବାରେ ମଧ୍ୟ ବାରଣ ରହିଥାଏ। ପାଖରେ ଧନ ନ ଥିବା ବ୍ୟକ୍ତିଙ୍କୁ ସାଧାରଣତଃ କେହି ପଚାରି ନ ଥାନ୍ତି କି ତାଙ୍କ ସହ ସମ୍ପର୍କ ରଖିବାକୁ କେହି ଚାହିଁ ନ ଥାନ୍ତି। ପ୍ରେମ ସହ ଅର୍ଥର ସମ୍ପର୍କ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମୁତୁରୀ ଶୋଇବା,
ତୁ ତ ମୁତୁରୀ, ମୁଁ ତ ମୁତୁରୀ,
ହେଁସ କାହିଁ ପାଇଁ ଧୋଇବା।**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇ ନ ଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# 'ବବ୍‌ଲି ବାଉନ୍ସର'ରେ ତମନ୍ନାଙ୍କ କମ୍‌ବ୍ୟାକ୍



ମୁମ୍ବାଇ: ମଧୁର ଭଣ୍ଡାରକରଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ବବ୍‌ଲି ବାଉନ୍ସର' ଜରିଆରେ ତମନ୍ନା ଭାଟିଆ ପୁଣିଥରେ ବଲିଉଡ୍‌ରେ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଥିବାବେଳେ ହ୍ୱାଇଟ୍ ବ୍ୟୁଟି ତମନ୍ନା ଭାଟିଆ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପାଖାପାଖି ୨ ବର୍ଷ ପରେ ତମନ୍ନା ପୁଣି ବଲିଉଡ୍ ମୁଭିରେ ଦେଖାଦେବେ। ସିନେମାର ଶୁଟିଂ ପାଇଁ ପ୍ରଡକ୍ସନ ହାଉସ୍ ପକ୍ଷରୁ ଲୋକେସଶନ୍ ବଛା ସରିଛି। ମୋହାଲି ଓ ପଞ୍ଜାବରେ ଏହାର ପ୍ରଥମ ସୋପାନ ଶୁଟିଂ ଆରମ୍ଭ ହୋଇଯାଇଛି। ସିନେମାଟି ଜଣେ ମହିଳା ବାଉନ୍ସରଙ୍କ ଉପରେ ଆଧାରିତ। ଫିଲ୍ମର ସ୍କ୍ରିପ୍ଟ ତମନ୍ନାଙ୍କୁ ପସନ୍ଦ ଆସିବା ସହ ସେ ନିଜକୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ଚାହୁଁଥିଲେ ; ଯାହା ପାଇଁ ଫିଲ୍ମ ସାଇନ୍ କରିଥିବା ତମନ୍ନା କହିଛନ୍ତି। ତାଙ୍କ ବ୍ୟତୀତ ଫିଲ୍ମରେ ଅଭିଷେକ ବଜାଜ, ସାହିଲ ବୈଦ୍ୟ ଏବଂ ସୌରଭ ଶୁକ୍ଳା ପ୍ରମୁଖ ଅଭିନୟ କରିବେ। ଫିଲ୍ମଟି ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ମୁକ୍ତିଲାଭ କରିବ। ତେବେ ଚଳିତ ବର୍ଷ ଶେଷ ଆଡ଼କୁ ଫିଲ୍ମ ରିଲିଜ୍ ହେବା ନେଇ ନିର୍ଦ୍ଦେଶକ ମଧୁର ଭଣ୍ଡାରକର ଆଶା ରଖିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପଞ୍ଜାବରୁ ନୂଆ...

ହାରିଯାଇଛନ୍ତି। ଭାଜପା ସହ ମେଣ୍ଟ କରିଥିବା ପଞ୍ଜାବ ଲୋକ କଂଗ୍ରେସ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ମଧ୍ୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ପଞ୍ଜାବୀ ଭୋଟର ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)କୁ ବିରୋଧୀ ଆସନରେ ବସିବା ପାଇଁ ବି ସୁଯୋଗ ଦେଇନାହାନ୍ତି।

ପଞ୍ଜାବ ବିଧାନସଭାର ୧୧୭ ଆସନ ଲାଗି ଫେବୃୟାରୀ ୨୦ରେ ଅନୁଷ୍ଠିତ ନିର୍ବାଚନର ଭୋଟ ଗଣତି ଗୁରୁବାର କରାଯାଇଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୫୯ ହୋଇଥିବାବେଳେ ଏଏପି ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ଏଏପିକୁ ୯୨ ଆସନରେ ସଫଳତା ମିଳିଛି, ଯାହାକି ୨୦୧୭ ବିଧାନସଭା ନିର୍ବାଚନ ତୁଳନାରେ ୭୨ ଅଧିକ। ଏହି ଅଭୂତପୂର୍ବ ସଫଳତା ପରେ ଧୁରି ଆସନରୁ ଜିତିଥିବା ଏଏପିର ଭଗୱନ୍ତ ମାନ୍ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ପଞ୍ଜାବରେ ଏଏପିର ଅଭ୍ୟୁଦୟ ଆଗକୁ ଭାଜପାର ମୁଣ୍ଡବ୍ୟଥା ବଢ଼ାଇପାରେ। କାରଣ କେଜ୍‌ରିୱାଲଙ୍କ ହାତରେ ପୂର୍ବରୁ କେବଳ ଦିଲ୍ଲୀ ଥିବା ସତ୍ତ୍ୱେ ସେ ବିଭିନ୍ନ ପ୍ରସଙ୍ଗରେ ମୋଦିଙ୍କୁ ଚ୍ୟାଲେଞ୍ଜ ଦେଉଥିଲେ। ଦିଲ୍ଲୀର ୱେଲଫେୟାରରିଜମ୍ ମଡେଲ (ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରୟୋଗ ନମୁନା) ପଞ୍ଜାବରେ କାମ କରିଛି। ଏବେ ତାଙ୍କ ଦଳ ପଞ୍ଜାବ ଦଖଲ କରିଥିବାରୁ ଜାତୀୟ ରାଜନୀତିରେ ଭାଜପାର ଏକ ବିକଳ୍ପ ଭୂମିକା ନେବାକୁ ଯାଉଛି। ତେଣୁ ଆଗକୁ ମୋଦିଙ୍କ ସାମ୍ନାରେ କେଜ୍‌ରିୱାଲ ଜଣେ ଉଦୀୟମାନ ପ୍ରତିଦ୍ୱନ୍ଦ୍ୱୀ ରୂପେ ଅବତୀର୍ଣ୍ଣ ହୋଇପାରନ୍ତି। ସେହିପରି କଂଗ୍ରେସର ଅନ୍ତର୍ଦ୍ୱନ୍ଦ୍ୱ ସର୍ବପୁରାତନ ଦଳ ପାଇଁ କାଳ ହୋଇଛି। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଉଭୟ ଚମକୌର ସାହିବ ଓ ଭଦୌର ଆସନରେ ଏବଂ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ନବଜୋତ୍ ସିଂ ସିଦ୍ଧୁ ପୂର୍ବ ଅମୃତସରରେ ପରାଜିତ ହୋଇଛନ୍ତି। ଜାତୀୟ ରାଜନୀତିରେ ମୁଖ୍ୟ ବିରୋଧୀ ଦଳ ଭୂମିକା ନେଉଥିବା କଂଗ୍ରେସ ପଞ୍ଜାବ ହରାଇବା ପରେ ବର୍ତ୍ତମାନ କେବଳ ରାଜସ୍ଥାନ ଓ ଛତିଶଗଡ଼ରେ ସୀମିତ ହୋଇଯାଇଛି। ତେଣୁ ଆଗକୁ ଏଏପି କଂଗ୍ରେସର ସ୍ଥାନ ନେଇପାରେ ବୋଲି କୁହାଯାଉଛି।

ପଞ୍ଜାବରେ ଭାଜପାର ସାଙ୍ଗଠନିକ ସ୍ଥିତି ପୂର୍ବରୁ ସୁଦୃଢ଼ ନ ଥିଲେ ହେଁ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ପଞ୍ଜାବ ଲୋକ କଂଗ୍ରେସ ସହ ମେଣ୍ଟ କରିଥିଲା। କିନ୍ତୁ ଏହି ମେଣ୍ଟକୁ ୨ ଆସନରେ ସୀମିତ ରହିବାକୁ ପଡ଼ିଛି। କେବଳ ଏତିକି ନୁହେଁ, ଅକାଳୀ ଦଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଲାମ୍ବି, ତାଙ୍କ ପୁଅ ତଥା ଏସ୍‌ଏଡି ଅଧ୍ୟକ୍ଷ ସୁଖବୀର ସିଂ ବାଦଲ ଜଲାଲାବାଦ ଓ ଶ୍ୱାଳି ବିକ୍ରମ ସିଂ ମାଜିଥିଆ ପୂର୍ବ ଅମୃତସର ଆସନରୁ ହାରିଯାଇଛନ୍ତି। ୫ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ୯୪ ବର୍ଷୀୟ ପ୍ରକାଶ ସିଂ ବାଦଲ ଏହି ନିର୍ବାଚନରେ ବରିଷ୍ଠତମ ପ୍ରାର୍ଥୀ ଥିଲେ। ୧୯୯୭ରୁ ସେ ଲାମ୍ବି ଆସନରୁ ୫ ଥର ପ୍ରତିନିଧିତ୍ୱ କରିଆସୁଥିଲେ। ଏଥର କଂଗ୍ରେସ ପ୍ରାର୍ଥୀ ଗୁରମିତ୍ ସିଂ ଖୁଡିଆନ୍‌ଙ୍କଠାରୁ ୧୧,୩୫୭ ଭୋଟ ବ୍ୟବଧାନରେ ପ୍ରକାଶ ହାରିଯାଇଛନ୍ତି। ଜୁନିୟର ବାଦଲଙ୍କୁ ଏଏପିର ଜଗଦୀପ କାମ୍ବୋଜ ୨୩,୩୧୦ ଭୋଟରେ ହରାଇଛନ୍ତି। ମାଜିଥିଆ ତୃତୀୟ ସ୍ଥାନ(୨୫,୧୧୨)ରେ ଥିବାବେଳେ କଂଗ୍ରେସର ନବଜୋତ ସିଂ ସିଦ୍ଧୁ ୩୨,୮୦୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହି ଦୁଇ ବରିଷ୍ଠ ନେତାଙ୍କୁ ଏଏପିର ଜୀବନଜ୍ୟୋତ କୌର ପରାସ୍ତ କରିଛନ୍ତି। ପ୍ୟାଡ୍ ଓମେନ୍ ଅଫ୍ ଅମୃତସର ଭାବେ ପରାଜିତ ଜୀବନଜ୍ୟୋତଙ୍କୁ ୩୯,୫୨୦ ଖଣ୍ଡ ଭୋଟ ମିଳିଛି। ପଞ୍ଜାବରେ କଂଗ୍ରେସ ୧୮, ଏସ୍‌ଏଡି ୩ ଏବଂ ବିଏସ୍‌ପି ୧ ଆସନ ପାଇଛି।

### ୟୁପିରେ ପୁଣି...

ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ନେତା ରାହୁଲ ଗାନ୍ଧୀଙ୍କ ପାଇଁ ୟୁପି ଜନାଦେଶ ଏକ ସ୍ୱପ୍ନଭଙ୍ଗ ସାବ୍ୟସ୍ତ ହୋଇଛି। ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ୨୦୩ ସଭାକୁ ସମ୍ବୋଧିତ କରିଥିବାବେଳେ ପ୍ରିୟଙ୍କା ୨୦୯ଟି ରାଲି କରିଥିଲେ। କଂଗ୍ରେସ ଗତଥର ୭ ଆସନରେ ଜିତିଥିବାବେଳେ ଏଥର ମାତ୍ର ୨ ଆସନରେ ସୀମିତ ହୋଇଯାଇଥିବାରୁ ଭଉଣୀଭାଇଙ୍କ ବ୍ରାଣ୍ଡ୍ ଭାଲ୍ୟୁ ତଳକୁ ଖସିଛି। ଏହି ଫଳାଫଳ ପରେ ଜାତୀୟ ରାଜନୀତିରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଛବି ମଜଭୁତ ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ସିରାଥୁ ଆସନରେ ଏସ୍‌ପିର ପଲ୍ଲବୀ ପଟେଲ(କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ଭଉଣୀ)ଙ୍କଠାରୁ ୭,୩୩୭ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି।

ଉତ୍ତରାଖଣ୍ଡରେ ପ୍ରତିଥର ସରକାର ବଦଳିଥାଏ। ଭାଜପା ଓ କଂଗ୍ରେସ ପାଳି କରି ରାଜ୍ୟ ଶାସନ କରିଥାଆନ୍ତି। କିନ୍ତୁ ତିନି ତିନି ଥର ମୁଖ୍ୟମନ୍ତ୍ରୀ ବଦଳାଇବା ସତ୍ତ୍ୱେ ଭାଜପା ପୁନର୍ବାର କ୍ଷମତା ଦଖଲ କରିଛି। ୭୦ ଆସନ ମଧ୍ୟରୁ ଭାଜପାକୁ ୪୭ ଆସନରେ ସଫଳତା ମିଳିଛି। ତେବେ ଏହି ଆସନ ସଂଖ୍ୟା ପୂର୍ବାପେକ୍ଷା ୧୦ କମ୍। କଂଗ୍ରେସ ଅଧିକ ୬ଟି ଆସନରେ ବିଜୟୀ ହୋଇଥିଲେ ହେଁ ୧୯ରେ ସୀମିତ ରହିଛି। ଏଠାରେ ବିଏସ୍‌ପି ୨ଟି ଆସନ ପାଇଛି। ନୂଆକରି ଭାଗ୍ୟ ପରୀକ୍ଷା ଲାଗି ମଇଦାନକୁ ଓହ୍ଲାଇଥିବା ଏଏପି ଖାତା ଖୋଲିପାରି ନାହିଁ। ଉତ୍ତରାଖଣ୍ଡରେ ଭାଜପାକୁ ସ୍ପଷ୍ଟ ବହୁମତ ମିଳିଥିଲେ ହେଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ପରାଜିତ ହୋଇଛନ୍ତି। ସେହିପରି କଂଗ୍ରେସର (ପୂର୍ବତନ ମୁଖ୍ୟମନ୍ତ୍ରୀ) ହରିଶ ରାୱତ୍ ଏବଂ ଏଏପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଜୟ କୋଠିୟାଲ ମଧ୍ୟ ହାରିଯାଇଛନ୍ତି।

ମଣିପୁର ଭୋଟର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଛନ୍ତି। ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ବିଧାନସଭାର ୩୨ ଆସନ ଦଖଲ କରିବାରେ ଭାଜପା ସକ୍ଷମ ହୋଇଛି। କନରାଡ୍ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)କୁ ୭, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ(ଜେଡିୟୁ)କୁ ୬ ଆସନରେ ସଫଳତା ମିଳିଛି। କଂଗ୍ରେସ ୨୩ ଆସନ ହାତଛଡ଼ା କରି ୫ରେ ସୀମିତ ରହିଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୧୦ ଆସନରେ ବିଜୟୀ ହୋଇଛନ୍ତି। ସେହିପରି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉପକୂଳ ରାଜ୍ୟରେ ନିଜ ସ୍ଥିତି ବଜାୟ ରଖିଛନ୍ତି। ଏଠାରେ ଭାଜପାକୁ ପୂର୍ବାପେକ୍ଷା ୭ ଆସନ ଅଧିକ ମିଳିଛି। ସରକାର ଗଠନ ପାଇଁ ୨୧ ମ୍ୟାଜିକ୍ ନମ୍ବର ହୋଇଥିବାବେଳେ ଗୈରିକ ଦଳ ୨୦ ଆସନରେ ଜିତିଛି। କଂଗ୍ରେସ ୧୧ ଆସନରେ ବିଜୟୀ ହୋଇଛି, ଯାହାକି ଗତ ନିର୍ବାଚନ ତୁଳନାରେ ୯ କମ୍। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ମଧ୍ୟ ଗୋଆ ମଇଦାନକୁ ଓହ୍ଲାଇଥିଲେ। ଏଏପିକୁ ୨ ଆସନ ମିଳିଛି ଏବଂ ଟିଏମ୍‌ସି ଖାତା ଖୋଲିପାରି ନାହିଁ। ମହାରାଷ୍ଟ୍ରବାଦୀ ଗୋମନ୍ତକ (ଏମ୍‌ଏଜି) ପାର୍ଟିକୁ ୨ ଏବଂ ରିଭୋଲ୍ୟୁଶନାରି ଗୋଆନ୍ ପାର୍ଟିକୁ ଗୋଟିଏ ଆସନରେ ଜିତାଇଛନ୍ତି ଭୋଟର। ଗାଆର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକରଙ୍କୁ ଭାଜପା ଟିକେଟ ନ ମିଳିବାରୁ ସେ ବାପାଙ୍କ ପଣଜୀ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ଉତ୍ପଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଆଟାନାସିଓ ମୋନ୍‌ସେରେଟ୍(ବାବୁଶ୍)ଙ୍କଠାରୁ ମାତ୍ର ୭୧୬ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି।

ପ୍ରକାଶ ଯେ, ୟୁପି ବିଧାନସଭାର ୪୦୩ ଆସନ ପାଇଁ ଫେବୃୟାରୀ ୧୦, ୧୪, ୨୦, ୨୩, ୨୭ ଓ ମାର୍ଚ୍ଚ ୩, ୭ରେ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉତ୍ତରାଖଣ୍ଡର ୭୦ ଓ ଗୋଆର ୪୦ ଆସନ ପାଇଁ ଫେବୃୟାରୀ ୧୪ରେ ଭୋଟ ଗ୍ରହଣ କରାଯାଇଥିଲା। ମଣିପୁରର ୬୦ ଆସନ ପାଇଁ ଫେବୃୟାରୀ ୨୮ ଓ ମାର୍ଚ୍ଚ ୫ରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା। ୫ ରାଜ୍ୟର ବହୁପ୍ରତୀକ୍ଷିତ ନିର୍ବାଚନ ଫଳାଫଳ ଗୁରୁବାର ଆସିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସାଙ୍ଗକୁ କାମରେ ଅବହେଳା କରନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ସାଧାରଣତଃ ବାଧାପ୍ରାପ୍ତ ହୋଇପାରେ। ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ**

କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳତା ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ଉଠାଇବେ। ମାଙ୍ଗଳିକ କାମ ସକାଶେ କୌଣସି ବିଳାସ ଉପକରଣ କ୍ରୟ କରିପାରନ୍ତି। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ**

ପ୍ରତିବନ୍ଧକ କାରଣରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆକସ୍ମିକ ଭାବରେ ଆଗନ୍ତୁକ ଅତିଥିଙ୍କ ଚର୍ଚ୍ଚାକୁ ନେଇ ମନ ଖୁସି ରହିବ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**କର୍କଟ**

ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍‌କାମ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ । ଜଣେ ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ**

ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସାବଧାନ ରହିବା ଭଲ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଜମିଜମା କିଣା ବିକା ବାବଦରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା**

ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରି ପରେ ଚିନ୍ତିତ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା**

ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। ବିଶେଷ ଭ୍ରମଣ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କୌଣସି କାମ ହାସଲ ପାଇଁ ଗୁଡାଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବିବାଦୀୟ ଘଟଣାରେ ସଫଳତା ବିଳମ୍ବରେ ପାଇବେ।

**ବିଛା**

କାମ ହାସଲ ସକାଶେ ଭାବପ୍ରବଣତାରେ ଏଣୁ ତେଣୁ କହିବା ସମସ୍ୟାର କାରଣ ହେବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଅନ୍ୟଥା ସମାଲୋଚିତ ହେବାକୁ ପଡ଼ିବ।

**ଧନୁ**

ଆଜି କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଲୋଚନା ସମୟରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାଂଗଠନିକ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାର ସମ୍ଭାବନା ରହିଛି।

**ମକର**

ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ସମ୍ମୁଖରେ ମନକଥା ପ୍ରକାଶ ନ କରିପାରି ଅନୁତାପ କରିପାରନ୍ତି।

**କୁମ୍ଭ**

ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମୀନ**

ଆଜି ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ନିଜଲୋକଙ୍କ ଅବଦାନ ସ୍ମରଣୀୟ ରହିବ। ବୁଝାମଣା ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ବଡ଼ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ମିଳିବ।


# classifieds Everyday
0674-2580101, 2549302



**SALE**

Plot for sale at Chhatabar per sqft. @99/-. 7381268181, 9583295832. D-23294

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

Well developed yellowzone plots are available near AMRI Hospital, Khandagiri. 8249057398, 8456920764. D-71621

**Ready to move 2BHK flat sale in Kalinga Vihar near DN Regallia, Price-45lakhs, Owner-7992736330, 9438331183.** D-73210

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ ସ୍ଥିତିବାନ୍ ଘରବାରି ପ୍ଲଟ୍ ବିକ୍ରିହେବ। 20'X71' ମୂଲ୍ୟ-16.50ଲକ୍ଷ। 9437177131. D-69057

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71871

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

**GENERAL**

**SALE**

Shop interiors with products is on sale at Ravi Talkies, Bhubaneswar. 7008847854. D-70601



To-let One room with attached Bath & Kitchen at Rasulgarh, Bhubaneswar. Mob: 8763157287. D-23322

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Shop room one 250sqft., one 500sqft. and one 750sqft. at Master Canteen, Bhubaneswar available for rent. 9437160289. D-70265



Ashirvaad Saloon and SPA get good massage for your health tha best therapy. 7077181074. D-71874

Newly open SPA positively health benefit with expert. Contact: 7749976301. D-71951

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Monalisa massage Club: All types Body massage with hiprofile smart lady rooms service available. 9708545108. D-23347

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71875

Day or Night home service body massage available. 9583808247, 9439140029. D-23290

Newly opening SPA positively health benefits with expert therapist. 8917332216. D-71953

All types body massage with hiprofile smart lady room service available. 8917243035. D-71341



ଅଗରବତି ମେସିନ୍ ବସାଇ ଆମ ମାଧ୍ୟମରେ ଦିନକୁ ୧୦୦୦-୧୫୦୦ ରୋଜଗାର କରନ୍ତୁ। 8114845472. D-71479

**AFFIDAVIT**

By virtue of an affidavit in the Court of Executive Magistrate, Khaira, I, Raghunath Sanatan Das, S/o- Sanatan Jena of Parbatipur, PO.- Gandibed, PS.- Khaira, Dist.- Balasore previously known as Raghunath Jena (School records) & Indramani Jena (Land records) have changed my name to Raghunath Sanatan Das. Henceforth I shall be known as Raghunath Sanatan Das for all purposes. D-23370

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEGAL NOTICE**

In the Court of the Hon'ble Judge, Family Court, Bhubaneswar, C.P. No.- 912/2021
Pradip Kumar Swain .....Petitioner
VRS
Smt. Sanjukta Swain and others .....Opp. Party.
Notice Under Order-5 Rule 20 of C.P.C
To,
1. Smt. Sanjukta Swain, aged about 37years, W/o- Pradip Kumar Swain, 2. Subham Swain, aged about 13 years, S/o- Pradip Kumar Swain, 3. Omm Swain, aged about 11 years, S/o- Pradip Kumar Swain resident of Barakoli, PS.- Khandapada, Dist-. Nayagarh, at present Vill- Kudiari, PO/PS.- Jatni, Dist- Khordha.

Take notice that the petitioner has filed an application U/s 6 (a) of under Hindu Minority and Guardianship act, 1956 against you and despite issuance of summon through the Court and by Regd. post you are trying to avoid to receive the summons intentionally and deliberately.

You are hereby directed to appear before this Court in person to answer the claim on 11.04.2022 at 10:30 AM. On default of your appearance the proceeding will be heard and determined in your absence.

Given under my hand and the seal of the Court this 05th day of March 2022.
Sd/.- Judge Family Court, Bhubaneswar.
D-23362

# ଚାହିଦା ଅନୁସାରେ ପ୍ରଡକ୍ଟ ଚୟନ

ଦୁର୍ଗେଶ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଦେବେଶ ପ୍ରସାଦ ନନ୍ଦ ଭୁବନେଶ୍ୱରସ୍ଥିତ ବିଜେବି କଲେଜରୁ ଅର୍ଥନୀତିରେ ସ୍ନାତକ ଶିକ୍ଷା ଶେଷ କରିଥିଲେ। ସେ ଆମେରିକାର କଲମ୍ବିଆ ୟୁନିଭର୍ସିଟିରେ ବଜେଟ୍ ଫାଇନାନ୍ସ ପାଠ ପଢ଼ି କର୍ପୋରେଟ୍ ସେକ୍ଟରରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସିଙ୍ଗାପୁର ଓ ବ୍ରିଟେନର କେତେକ କମ୍ପାନୀରେ ନିବେଶ କରି ଇନ୍‌ଭେଷ୍ଟମେଣ୍ଟ ଅନୁଭୂତି ପାଇଥିଲେ। ନିଜ କ୍ୟାରିୟର ଓ ପ୍ରଫେସନ ସମ୍ପର୍କରେ ଧରିତ୍ରୀକୁ ସାକ୍ଷାତ୍କାର ଦେବାବେଳେ ଏସବୁ ମନଖୋଲି କହିଛନ୍ତି ଦେବେଶ।



ଦେବେଶ ପ୍ରସାଦ ନନ୍ଦ
ଏମ୍‌ଡି, ଦୁର୍ଗେଶ ମୋଟର୍ସ ପ୍ରା.ଲିଃ.

**▸▸ ଦୁର୍ଗେଶ ମୋଟର୍ସର ଯାତ୍ରା କିପରି ଆରମ୍ଭ ହୋଇଥିଲା?**
୨୦୧୮ରେ ଦୁର୍ଗେଶ ମୋଟର୍ସ ଆରମ୍ଭ ହୋଇଥିଲା। କଟକ ଏବଂ ଭୁବନେଶ୍ୱରରେ ଆମର ଦୁଇଟି ସ୍କୋଡା ଶୋ'ରୁମ୍ ଥିବାବେଳେ ଚଳିତ ବର୍ଷ ସମ୍ବଲପୁର ଓ ରାଉରକେଲାରେ ଗୋଟିଏ ଲେଖାଏ ଶୋ'ରୁମ୍ ଓପନ୍ କରିଛୁ। ସେତେବେଳେ ସ୍କୋଡାର କୁସାକ୍ ଏବଂ ସ୍ଲାଭିଆ ମଡେଲ୍ ବଜାରରେ ଚାଲିଥିଲା। ଓଡ଼ିଶା ଏକ ପ୍ରାଇସ୍ ସେନ୍ସିଟିଭ ବଜାର। ଆମେ ସେ ସମୟରେ ମାସିକ ୧୦-୧୨ଟି କାର୍ ବିକ୍ରି କରିବାକୁ ସକ୍ଷମ ହେଉଥିଲୁ। ପରେ ଦେଶର ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ସ୍କୋଡା ଲୋକଙ୍କୁ ସୁହାଇବା ଭଳି କମ୍ ଦାମ୍‌ର କାର୍ ତିଆରି କରିଥିଲା। କୁସାକ୍ ମଡେଲ୍‌ର ଭଲ ବଜାର ଚାହିଦା ରହିଛି। ଏହାକୁ ଲୋକମାନେ ସ୍ପୋର୍ଟ୍ସ, ଫର୍ମାଲ୍ ଭାବରେ ବ୍ୟବହାର କରିପାରୁଛନ୍ତି। ବର୍ତ୍ତମାନ ମାସିକ ୧୦୦ରୁ ୧୨୦ କାର୍ ବିକ୍ରି ଲକ୍ଷ୍ୟ ରଖିଛୁ। ୩ ବର୍ଷ ମଧ୍ୟରେ ମାସିକ ୧୦-୧୨ଟିରୁ ୧୦୦-୧୨୦ କାର୍ ବିକ୍ରିର ଯାତ୍ରା କଠିନ ଥିଲା, କିନ୍ତୁ ବର୍ତ୍ତମାନ ଆମେ ନିଜ ବ୍ୟବସାୟକୁ ନେଇ ସନ୍ତୁଷ୍ଟ।

**▸▸ ଭାରତୀୟ ବଜାରରେ ଉପଲବ୍ଧ ସ୍କୋଡାର ପୋର୍ଟଫୋଲିଓ?**
ବର୍ତ୍ତମାନ ସ୍କୋଡାର ପୋର୍ଟଫୋଲିଓରେ ୫ଟି କାର୍ ରହିଛି। ଏହାର ସୁପର୍ବ ମଡେଲ୍ ବିଳାସପୂର୍ଣ୍ଣ ଏବଂ କୋଡିଆକ୍ ମଡେଲ୍ ହେଉଛି ଏକ ଭଲ ଏସ୍‌ୟୁଭି। ଏହାଛଡ଼ା କୁସାକ୍ ମଧ୍ୟ ଏକ ଭଲ ମଡେଲ୍। ତେଣୁ ସ୍କୋଡା ନିକଟରେ ସବୁ ପ୍ରକାର ଏବଂ ସମସ୍ତ ପ୍ରକାର ଲୋକଙ୍କ ଚାହିଦା ପୂରଣ ହୋଇପାରୁଥିବା ଭଳି କାର୍ ରହିଛି।

**▸▸ ମହାମାରୀ ସମୟରେ ଆପଣ ଲୋକଙ୍କ ଚାହିଦା କିପରି ପୂରଣ କରୁଥିଲେ?**
ସବୁ ବ୍ୟବସାୟ ଭଳି ଆମେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲୁ। ସେମିକଣ୍ଡକ୍ଟର ଆଣ୍ଡ୍ ଚିପ୍ସ ସମ୍ପର୍କିତ ଅସୁବିଧାକୁ ସାମ୍ନା କରିଥିଲୁ। ସେ ସମୟରେ ୬-୮ ମାସ ପର୍ଯ୍ୟନ୍ତ ଆମକୁ କାର୍ ଡେଲିଭରି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଥିଲା। ସ୍କୋଡାର ୫ଟି ମଡେଲ୍‌ର ଭିନ୍ନ ଭିନ୍ନ ପ୍ରକାର ରହିଛି। କମ୍ପାନୀ ଲୋକଙ୍କ ଚାହିଦାକୁ ନଜରରେ ରଖି କାର୍ ନିର୍ମାଣ କରିଥାଏ। ତେଣୁ ସେତେବେଳେ ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ଆମେ ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲୁ।

**▸▸ କୋଭିଡ୍ ମହାମାରୀ ସମୟରେ ବ୍ୟବସାୟର ସ୍ଥିତି କିଭଳି ରହିଥିଲା?**
କୋଭିଡ୍ ମହାମାରୀ ସମସ୍ତଙ୍କୁ ଭୟଭୀତ କରି ଦେଇଥିଲା। ସାଧାରଣତଃ ସଚେତନ ଲୋକେ ଭିଡ଼ ଭିତରକୁ ଯିବାକୁ କିମ୍ବା ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ଚାହୁଁନ ଥିଲେ। ତେଣୁ ଏହାର ଉତ୍ତମ ପ୍ରଭାବ ଅଟୋ ସେକ୍ଟର ଉପରେ ପଡ଼ିଥିଲା। ବହୁ ଲୋକ ନିଜ ପରିବାର ଏବଂ ପିଲାଙ୍କ ସୁରକ୍ଷିତ ଗମନାଗମନ ପାଇଁ କାର୍ କ୍ରୟ କରିଥିଲେ। ଜଣେ ସାମାଜିକ ବ୍ୟକ୍ତି ଭାବେ ଏଭଳି ଘଟଣାକୁ ନେଇ ମୁଁ ସନ୍ତୁଷ୍ଟ ନୁହେଁ, କିନ୍ତୁ ଜଣେ ବ୍ୟବସାୟୀ ହିସାବରେ ଏହା ଆମ ପାଇଁ ଉତ୍ତମ ସୁଯୋଗ ଆଣିଦେଇଥିଲା।

**▸▸ ଅଟୋ ସେକ୍ଟର ଉଦ୍ୟୋକ୍ତାମାନଙ୍କୁ କି ପରାମର୍ଶ ଦେବେ?**
ଅଟୋ ଇଣ୍ଡଷ୍ଟ୍ରି କୌଣସି ମ୍ୟୁଚୁଆଲ୍ ଫଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ କିମ୍ବା ଷ୍ଟକ୍ ମାର୍କେଟ୍ ଇନ୍‌ଭେଷ୍ଟମେଣ୍ଟ ନୁହେଁ ଯେ ଆଜି ଆମେ ଅର୍ଥ ନିବେଶ କରିବା ଏବଂ କିଛିଦିନ ପରେ ଲାଭ ପାଇଯିବା। ଏହା ଏକ ପୁଞ୍ଜି ପ୍ରଧାନ ଏବଂ ଭିତ୍ତିଭୂମି ପ୍ରଧାନ ଉଦ୍ୟୋଗ। ତେଣୁ ଆପଣ ଅଟୋ ସେକ୍ଟର ପାଇଁ ନିବେଶ କରିବା ପରେ ସେ ଦିଗରେ ଆପଣଙ୍କୁ ପରିଶ୍ରମ କରିବାକୁ ପଡ଼ିବ। ଲାଭ ପାଇବା ପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିବ। ନିଜ ବଜାର ଆଖପାଖ ଲୋକଙ୍କ ଚାହିଦାକୁ ନଜରରେ ରଖି ଆପଣଙ୍କୁ ପ୍ରଡକ୍ଟ ଚୟନ କରିବାକୁ ପଡ଼ିବ। ୩-୪ ବର୍ଷ ପରେ ଆପଣ ତା'ର ସୁଫଳ ପାଇପାରିବେ।

**▸▸ ଭବିଷ୍ୟତ ପାଇଁ କ'ଣ ଯୋଜନା ରହିଛି?**
ଦକ୍ଷିଣ ଓଡ଼ିଶାରେ ଶୋ'ରୁମ୍ ଖୋଲିବାକୁ ଲକ୍ଷ୍ୟ ରଖିଛୁ। ବ୍ରହ୍ମପୁର ଓ ଜୟପୁରରେ ଶୋ'ରୁମ୍ ଖୋଲିବା ଯୋଜନା ରହିଛି।

**▸▸ ଆପଣଙ୍କର ପାଠପଢ଼ା ଏବଂ ଅଭିଜ୍ଞତା ସମ୍ପର୍କରେ କିଛି କହିବେ?**
ଭୁବନେଶ୍ୱରସ୍ଥିତ ବିଜେବି କଲେଜରୁ ଅର୍ଥନୀତିରେ ସ୍ନାତକ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀରେ ସ୍ନାତକୋତ୍ତର ଶେଷ କରିଥିଲି। ପରେ ୟୁଏସ୍‌ଏସ୍ଥିତ କଲମ୍ବିଆ ୟୁନିଭର୍ସିଟିରୁ ବଜେଟ୍ ଫାଇନାନ୍ସରେ ଡିପ୍ଲୋମା ଶିକ୍ଷା ଶେଷ କରି କର୍ପୋରେଟ୍ ସେକ୍ଟରରେ ନିଜ କ୍ୟାରିୟର ଆରମ୍ଭ କରିଥିଲି। କୋକାକୋଲାର ଓଡ଼ିଶା ବ୍ରାଞ୍ଚ୍ ପାଇଁ ମଧ୍ୟ କାର୍ଯ୍ୟ କରିଛି। ସିଙ୍ଗାପୁରର କିଛି ଇନ୍‌ଫ୍ରାଷ୍ଟ୍ରକ୍ଚରଭିତ୍ତିକ କମ୍ପାନୀରେ ନିବେଶ ଆରମ୍ଭ କରିଥିଲି ଏବଂ ପରେ ୟୁକେର ସଫ୍ଟୱେର କମ୍ପାନୀରେ ମଧ୍ୟ ନିବେଶ କରିଥିଲି। ୨୦୧୮ରୁ ଦୁର୍ଗେଶ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଭାବେ ଦାୟିତ୍ୱ ତୁଲାଉଛି।

# ୧୨ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ୧୩ରେ ଜିଲା ପରିଷଦ ସଭାପତି ନିର୍ବାଚନ

## ଆଜି ନାଏବ ସରପଞ୍ଚ ନିର୍ବାଚନ

- ୩୦ ପରିଷଦ ହାତେଇବାକୁ ବିଜେଡିର ପ୍ରସ୍ତୁତି
- ଆଇନଶୃଙ୍ଖଳା ବଜାୟ ରଖିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ
- ନିର୍ବାଚନ ବେଳେ ଗୃହ ବାହାରକୁ ଆସିପାରିବେନି ଅଧିକାରୀ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ନାଏବ ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ନିର୍ବାଚନ ଅଧିକାରୀମାନେ ପ୍ରାର୍ଥୀମାନଙ୍କୁ ପୂର୍ବାହ୍ନ ୧୦ରୁ ୧୧ଟା ମଧ୍ୟରେ ନାମାଙ୍କନପତ୍ର ପ୍ରଦାନ କରିବେ। ୧୧ଟାରୁ ୧୧ଟା ୩୦ ମିନିଟ ମଧ୍ୟରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ମଧ୍ୟାହ୍ନ ୧୨ଟା ପୂର୍ବରୁ ପ୍ରାର୍ଥୀମାନେ ଚାହିଁଲେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ନାଏବ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଭୋଟ ଗ୍ରହଣ ପରେ ସେହିଦିନ ଗଣନା କରାଯାଇ ଫଳାଫଳ ପ୍ରକାଶ କରିବାକୁ ରାଜ୍ୟ ନିର୍ବାଚନ କମିଶନ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲା ପରିଷଦ ସଭାପତି ପଦବୀଗୁଡ଼ିକ ପାଇଁ ନିର୍ବାଚନ କମିଶନଙ୍କ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ୧୨ ତାରିଖରେ ବ୍ଲକ ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଜିଲା ପରିଷଦ ସଭାପତି ନିର୍ବାଚନ ମାର୍ଚ୍ଚ ୧୩ ଏବଂ ଉପସଭାପତି ନିମନ୍ତେ ମାର୍ଚ୍ଚ ୨୫ ତାରିଖରେ ପରୋକ୍ଷ ମତଦାନ ଅନୁଷ୍ଠିତ ହେବ। ଅପରାହ୍ନ ୧ଟା ୩୦ ମିନିଟରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟଗ୍ରହଣ କରାଯିବ ଓ ସେହିଦିନ ଫଳ ପ୍ରକାଶ କରାଯିବ। ତେବେ ପରୋକ୍ଷ ନିର୍ବାଚନରେ ନିୟୋଜିତ ଅଧିକାରୀମାନେ ଗୃହ ବାହାରକୁ ଯାଇ ପାରିବେ ନାହିଁ ବୋଲି କମିଶନ କଟକଣା ଜାରି କରିଛନ୍ତି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାକୁ କମିଶନ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୩୦ଟି ଯାକ ଜିଲା ପରିଷଦ ସଭାପତି ପଦବୀ ବିଜେଡି ନିଜ କବ୍‌ଜାକୁ ନେବା ଏକପ୍ରକାର ନିଶ୍ଚିତ ହୋଇଛି। ଭାଜପା ଓ କଂଗ୍ରେସ ଏହି ନିର୍ବାଚନ ପ୍ରତି ସେତେଟା ଧ୍ୟାନ ଦେଉ ନ ଥିବା ଭଳି ମନେହେଉଛି। ଯଦି ବିଜେଡିର କେହି ବିଦ୍ରୋହୀ ପ୍ରାର୍ଥୀ ଉଭା ହୁଅନ୍ତି, ତେବେ ବିରୋଧୀ ଦଳଗୁଡ଼ିକ ସେମାନଙ୍କୁ ସମର୍ଥନ ଦେବା ଲାଗି ପ୍ରସ୍ତୁତ ହେଉଛନ୍ତି। ତେବେ ଜିଲା ପରିଷଦ କ୍ଷେତ୍ରରେ ଦଳ ବଦଳ ନିରୋଧ ଆଇନ ଲାଗୁ ହୋଇଥିବାରୁ ଦଳୀୟ ନିଷ୍ପତ୍ତି ବିରୋଧରେ ବିଜେଡିର କୌଣସି ଜିଲା ପରିଷଦ ସଦସ୍ୟ ସଭାପତି ପଦ ଲାଗି ଗଣ୍ଡଗୋଳ ସୃଷ୍ଟି କରିବା ସମ୍ଭାବନା କମ୍।

ମାର୍ଚ୍ଚ ୫ ତାରିଖରୁ ଜିଲା ପରିଷଦ ସଭାପତି ପଦବୀ ଲାଗି ମନୋନୟନ ପତ୍ର ଲାଗି ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଯେଉଁ ପ୍ରାର୍ଥୀମାନେ ଏଥିଲାଗି ପ୍ରାର୍ଥିପତ୍ର ଦାଖଲ କରିଥିବେ ତାହାକୁ ବିଚାରକୁ ନେଇ ଆସନ୍ତା ୧୩ ତାରିଖରେ ନବନିର୍ବାଚିତ ଜିଲା ପରିଷଦ ସଦସ୍ୟମାନଙ୍କର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ କରାଯିବ। ୧୫ ତାରିଖରେ କେଉଁ ଜିଲା ପରିଷଦର କିଏ ସଭାପତି ନିର୍ବାଚିତ ହେଲେ ସେ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ। ମାର୍ଚ୍ଚ ୧୭ ତାରିଖରେ ଜିଲା ପରିଷଦ ଉପସଭାପତି ପଦବୀ ଲାଗି ମନୋନୟନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଆବଶ୍ୟକ ହେଲେ ଏଥିଲାଗି ୨୫ ତାରିଖରେ ନିର୍ବାଚନ କରାଯାଇ ମାର୍ଚ୍ଚ ୨୮ ତାରିଖରେ ନିର୍ବାଚିତ ଉପସଭାପତିମାନଙ୍କ ନାମ ଘୋଷଣା କରାଯିବ।

ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ମନୋନୟନ ପତ୍ର ଆହ୍ୱାନ କରି ଗତ ୪ ତାରିଖରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୨ ତାରିଖରେ ୩୧୪ ବ୍ଲକର ପଞ୍ଚାୟତ ସମିତିର ପ୍ରଥମ ବୈଠକ ଡକାଯାଇଛି। ଆବଶ୍ୟକ ସ୍ଥଳେ ଅଧ୍ୟକ୍ଷ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଏହାପରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦବୀ ପାଇଁ ୧୫ ତାରିଖରେ ବିଜ୍ଞପ୍ତି ପ୍ରକାଶ କରାଯାଇ ୨୩ ତାରିଖରେ ନିର୍ବାଚନ ହେବ।

ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନରେ ସମିତି ସଦସ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ୩୧୪ଟି ବ୍ଲକ ମଧ୍ୟରୁ ବିଜେଡି ପାଖାପାଖି ୩୦୦ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ହାସଲ କରିବ ବୋଲି ଦଳର ନେତାମାନେ ଆଶା ବାନ୍ଧିଛନ୍ତି। କଂଗ୍ରେସ ଓ ଭାଜପା ସମର୍ଥିତ ସମିତି ସଦସ୍ୟମାନେ ବିଜେଡି ବିଦ୍ରୋହୀଙ୍କ ଉପରେ ଭରସା କରି କିଛି ସଂଖ୍ୟକ ସମିତି ଅଧ୍ୟକ୍ଷ ପଦବୀ ହାତେଇବା ନେଇ ଯୋଜନା କରୁଥିବା ଜଣାପଡ଼ିଛି।

# ରାସ୍ତା କାମରେ ନିୟୋଜିତ ଗାଡ଼ି ପୋଡ଼ିଲେ

## ସୀମାନ୍ତରେ ମାଓବାଦୀଙ୍କ ବର୍ବରତା

ମାଲକାନଗିରି,୧୦।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ମାଓବାଦୀମାନେ ରାସ୍ତା କାମରେ ନିୟୋଜିତ ଗାଡ଼ି ପୋଡିଦେଇଛନ୍ତି। ଛତିଶଗଡର ସୁକ୍‌ମା ଜିଲା କିସ୍ତାରାମ ଗ୍ରାମ ନିକଟସ୍ଥ ଧର୍ମାପେଟା ଠାରେ ଏପରି ଘଟଣା ଘଟିଛି। ରାସ୍ତା ନିର୍ମାଣ ପାଇଁ ସାମଗ୍ରୀ ଧରି ଯାଉଥିବା ମାଲ ବୋଝେଇ ଗାଡିକୁ ମାଓବାଦୀମାନେ ଅଟକାଇ ନିଆଁ ଲଗାଇ ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି। ସୂଚନାଯୋଗ୍ୟ, ରାସ୍ତାକାମ କରୁଥିବା ଠିକାଦାରଙ୍କ ଉପରେ ମାଓବାଦୀମାନେ ଆକ୍ରମଣ କରିବା ବେଳେ ସେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।



ମାଓବାଦୀମାନେ ପୋଡ଼ିଦେଇଥିବା ଗାଡ଼ି।

# ନାବାଳକଙ୍କ ଜୀବନ ବଞ୍ଚାଇଲେ ଦିନମଜୁରିଆ

ରଘୁନାଥପୁର,୧୦।୩(ଡି.ଏନ୍.ଏ.)

- ସଡ଼କ ଦୁର୍ଘଟଣା ପରେ ବ୍ରିଜରୁ ନଦୀକୁ ଖସିପଡ଼ିଥିଲେ
- ଗାଡ଼ି ଧକ୍କାରେ ଅଜା ଗୁରୁତର

ସଡ଼କ ଦୁର୍ଘଟଣାରେ ଅଜା ଗୁରୁତର ହୋଇଥିବା ବେଳେ ୬ ବର୍ଷୀୟ ନାତି ନଦୀକୁ ଖସିପଡ଼ିଥିଲେ। ସେ ପାଣିରେ ବୁଡ଼ିଯାଉଥିବାବେଳେ ଦେବଦୂତ ପାଲଟିଛନ୍ତି ଜଣେ ଦିନମଜୁରିଆ। ଏଭଳି ଘଟଣା ଘଟିଛି କଟକ ସଦର କିଶନ୍‌ନଗର ଥାନା ଅନ୍ତର୍ଗତ ତାରପୁରସ୍ଥିତ ମହାନଦୀ ବ୍ରିଜ୍‌ରେ। ମଙ୍ଗଳବାର ଅପରାହ୍ନରେ ଦୁଲୁପୁର ଗ୍ରାମର ରତ୍ନାକର ସାହୁ ଏକ ସ୍କୁଟିରେ ନାତି ସ୍ୱପ୍ନଜିତକୁ ନେଇ ତାରପୁର ବାଇପାସରୁ ଘରକୁ ଫେରୁଥିଲେ। ଏହି ସମୟରେ ଏକ ୪ ଚକିଆ ଗାଡ଼ି ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରିବାକୁ ଯାଇ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ରତ୍ନାକର ତଳେ ପଡ଼ିଯାଇଥିବାବେଳେ ନାତି ସ୍ୱପ୍ନଜିତ ବ୍ରିଜ ତଳେ ପ୍ରବାହିତ ମହାନଦୀକୁ ଛିଟିକି ପଡ଼ିଥିଲେ। ପହଁରା ଜାଣି ନ ଥିବାରୁ ସ୍ୱପ୍ନଜିତ୍ ପାଣିରେ ବୁଡ଼ିବାକୁ ଲାଗିଥିଲେ। ଦିନମଜୁରିଆ ଭାବେ କାମ କରୁଥିବା ରଘୁନାଥପୁର ଥାନା ଅନ୍ତର୍ଗତ ଅଚ୍ଛୁତପୁର ଗ୍ରାମର ପ୍ରଶାନ୍ତ କୁମାର ସାହୁ ନିକଟରେ ମାଛ ଧରୁଥିଲେ। ନଦୀରେ ନାବାଳକଙ୍କୁ ବୁଡ଼ିଯାଉଥିବା ଦେଖି ସେ ତୁରନ୍ତ ପହଁରି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ପ୍ରାୟ ୫ ମିନିଟ ଡେରି ହୋଇଯାଇଥିଲା। ସ୍ୱପ୍ନଜିତ ପାଣିପିଇ ନିସ୍ତେଜ ହୋଇଯାଇଥିଲେ। ପ୍ରଶାନ୍ତ ତାଙ୍କ ପେଟ ଓ ପଛପଟକୁ ଚିପି କିଛି ପାଣି ବାହାର କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ଅଜା ଓ ନାତିଙ୍କୁ ପ୍ରଥମେ ରଘୁନାଥପୁର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସ୍ୱପ୍ନଜିତ ଏବେ ବିପଦମୁକ୍ତ ଥିବାବେଳେ ଅଜା ରତ୍ନାକରଙ୍କ ଡାହାଣ ପାର୍ଶ୍ୱ ହାତ ଓ ଗୋଡ଼ ଭାଙ୍ଗିଯାଇଛି। ଏଥିସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ପରିବାର ସଦସ୍ୟ ବିଶ୍ୱଜିତ ସାହୁ କହିଛନ୍ତି। ତେବେ ପ୍ରଶାନ୍ତଙ୍କ ଏଭଳି କାର୍ଯ୍ୟକୁ ଚାରିଆଡ଼େ ପ୍ରଶଂସା କରାଯାଉଛି।

# ମହିଳା ମାଓବାଦୀ କୁଞ୍ଜାମ ଗିରଫ

ମାଲକାନଗିରି,୧୦।୩ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରୁ ଗୁରୁବାର ଜଣେ ମହିଳା ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାମ କୁଞ୍ଜାମ ଭୀମା (୨୨)। ଉସୁର ପୋଲିସ ପକ୍ଷରୁ ଉଭୟ ମହିଳା ଏବଂ ପୁରୁଷ ପୋଲିସ ଫୋର୍ସ ମିଳିତ ଭାବେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ରେଙ୍ଗାଲପାରା ଗୁଜପାର୍ଟି ଅଞ୍ଚଳରୁ କୁଞ୍ଜାମଙ୍କୁ ଗିରଫ କରିଥିଲେ। ସେ ମାଓବାଦୀଙ୍କ ମିଲିସିଆ ବାହିନୀ ସଦସ୍ୟ ରୂପେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରୁଥିଲେ। କୁଞ୍ଜାମ ୨୦୧୮ରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା, ଆଭାପାଲ୍ଲିରୁ ଉସୁର ରାସ୍ତାରେ ବସ୍ ଲୁଟ୍ କରି ନିଆଁ ଲଗାଇବା ଭଳି ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଯାଇଥିବା ଜଣାପଡିଛି।

# ରାଞ୍ଜିରୋଡରୁ ତାଲାଭାଙ୍ଗି ସୁନା ଚୋରି

କୁତ୍ରା, ୧୦।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ରାଞ୍ଜିରୋଡ ଠାରେ ଘରୁ ସୁନା ଚୋରି ହୋଇଥିବା ନେଇ କୁତ୍ରା ଥାନାରେ ଅଭିଯୋଗ ହୋଇଛି। ରାଞ୍ଜିରୋଡ଼ ପାଖରେ ରହୁଥିବା ରବି ଜେନାଙ୍କ ଘରୁ ତାଲାଭାଙ୍ଗି ସୁନା ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। କିଛିଦିନ ହେବ ରବି ନିଜ ଗାଁକୁ ଯାଇଥିଲେ। ସେ ଘରକୁ ଆସିଲା ପରେ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆସି ତାଙ୍କ ଘରେ ପଶି ଆଲମାରୀର ଲକ୍ ଭାଙ୍ଗି ଭିତରେ ଥିବା ସୁନା ଚେନ ଓ ଗୋଟିଏ ସୁନା ମୁଦି ନେଇ ଚମ୍ପଟ ମାରିଥିବା ଜଣାପଡିଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ଜଣେ ଗିରଫ

କୋରାପୁଟ,୧୦।୩(ସ୍ୱ.ପ୍ର.)

କୋରାପୁଟ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ କର୍ମଚାରୀ ଗୁରୁବାର ପାଡୁଆ ଥାନା ଅନ୍ତର୍ଗତ ସିନ୍ଧିପୁଟ ଗ୍ରାମ ନିକଟସ୍ଥ ନୀଳଗିରି ଜଙ୍ଗଲରେ ଚଢାଉ କରି ଚୋରା ଚାଲାଣ ପାଇଁ ୨୧ଟି ବସ୍ତାରେ ଲୁଚାଇ ରଖାଯାଇଥିବା ୫ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ପ୍ରଧାନିପୁଟ ଗ୍ରାମର ଗୋବର୍ଦ୍ଧନ ଗୋଲରିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ଗୁରୁବାର ଭୋର ସାଢେ ୪ଟାରେ ନନ୍ଦପୁର ଭାରପ୍ରାପ୍ତ ଅବକାରୀ ଥାନା ଅଧିକାରୀ ଖଗେଶ୍ୱର କଟାଙ୍କ ନେତୃତ୍ୱରେ ଅବକାରୀ ଟିମ୍ ନୀଳଗିରି ଜଙ୍ଗଲରେ ଚଢାଉ କରିଥିଲା। ଜବତ ଗଞ୍ଜେଇକୁ କୋରାପୁଟ ଅବକାରୀ ଥାନାକୁ ଅଣାଯାଇ ଥାନା ଅଧିକାରୀ ଦିଲୀପ କୁମାର ରଥଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଚଢାଉରେ ନନ୍ଦପୁର ଅବକାରୀ ଥାନା ଅଧିକାରୀ ଖଗେଶ୍ୱର, ଏଏସଆଇ ଅରୋପଲକ ଦାସ, ଆର. ଭେଙ୍କେଟେଶ କୁମାର, କନଷ୍ଟେବଲ ତ୍ରିଲୋଚନ ରାଇଚେଞ୍ଚି, କପିଳ ସାହୁ, ଆଲୋକ ଦାସ, ଉମର ଫାରୁକ ପ୍ରମୁଖ ସାମିଲ ହୋଇଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 45/ET/SBP/ENGG/2021-22, ତା:09.03.2022

1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 39-eT-DENS-SBP-21

କାର୍ଯ୍ୟର ନାମ : ରେଳବାଇ ଜମି/ଖଦାନ (Land/Quarry) ବାହାରୁ ସିକିର ଡିପୋ ଠାରେ ରେଳବାଇ ସ୍ପେସିଫିକେସନ ଅନୁଯାୟୀ ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 50,000 ଘନ ମିଟର ବିଶିଷ୍ଟ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹6,21,49,000/-, EMD (ଟଙ୍କାରେ): ₹4,60,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.03.2022 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-884/M/21-22

**ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**

**ବିଜ୍ଞାପନ**

ପତ୍ର ସଂଖ୍ୟା-୨୮୬୦ ତାରିଖ.୧୦.୦୩.୨୦୨୨

ଏତଦ୍ୱାରା ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗିରର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି କି ବ୍ୟାଙ୍କର ୬୦ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୩୦.୦୩.୨୦୨୨ ରିଖ ଦିବା ଘ.୧୧.୦୦ ସମୟରେ ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହଠାରେ ନିମ୍ନଲିଖିତ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି। ଉକ୍ତ ସଭାରେ ଯୋଗଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**
୧.ପ୍ରଶାସକଙ୍କ ଦ୍ୱାରା ସ୍ୱାଗତ ଭାଷଣ।
୨. ଗତ ୫୯ତମ ସାଧାରଣ ସଭାରେ ଗୃହୀତ ନିର୍ଦ୍ଧାରଣଗୁଡିକ ପଠନ ଓ ଦୃଢୀକରଣ।
୩. ବ୍ୟାଙ୍କର ୨୦୨୦-୨୧ ଆର୍ଥିକ ବର୍ଷର ସମୀକ୍ଷା ପତ୍ର ପଠନ ଓ ଦୃଢୀକରଣ।
୪. ବ୍ୟାଙ୍କର ୨୦୨୨-୨୩ ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ଓ ବଜେଟ ଅନୁମୋଦନ।
୫. ଅନ୍ୟାନ୍ୟ (ପ୍ରଶାସକଙ୍କ ଅନୁମତିକ୍ରମେ)।
ବି.ଦ୍ର.- ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ।

**ବ୍ୟାଙ୍କର ପ୍ରଶାସକଙ୍କ ଆଦେଶକ୍ରମେ**
**ସ୍ୱା./- (ଶଶିଭୂଷଣ ମହାନ୍ତ)**
**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗିର**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.2536/PSC Dt.10.03.2022**
**(1R-67-21/22) (DR-V)**

No. D-356: It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Associate Professor "Geography"**, pursuant to the advertisement No. 06 of 2021-2022

| Date | Time of Interview | PPSAN |
|---|---|---|
| 23.03.2022 | 12.00 Noon | 00109690, 00094584 & 00086286 **= 03 Candidates** |

**The candidates are advised to produce following documents at the time of interview:**
1. All Original Research Publications/Books.
2. Photocopy of front and back cover pages of published books - 04 sets.
3. Photocopies of 10 best original publications - 04 sets.

In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are further advised to report in the Office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**OIPR-12002/11/0287/2122** **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.2530/PSC Dt.10.03.2022**
**(1R-70-21/22) (DR-V)**

No. D-357: It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Professor "Geography"**, pursuant to the advertisement No. 10 of 2021-2022

| Date | Time of Interview | PPSAN |
|---|---|---|
| 23.03.2022 | 10.30 A.M. | 00112054 & 00110828 **= 02 Candidates** |

**The candidates are advised to produce following documents at the time of interview:**
1. All Original Research Publications/Books.
2. Photocopy of front and back cover pages of published books - 04 sets.
3. Photocopies of 10 best original publications - 04 sets.

In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are further advised to report in the Office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**OIPR-12002/11/0288/2122** **Sd./- Secretary**

# ପାଶ୍ଚାତ୍ୟ ପାଇଁ ଅସଲ ପରୀକ୍ଷା



ଡାରୋନ୍ ଆକ୍‌ମୋଗ୍ଲୁ

ରୁଷିଆର ୟୁକ୍ରେନ୍ ଆକ୍ରମଣ ସମ୍ଭବତଃ ଯୋଜନା ଅନୁସାରେ ଯାଇପାରୁନାହିଁ ଓ ଉକ୍ତ ଯୁଦ୍ଧର ସବୁଠୁ ଖରାପ ପରିଣାମ ଆସିବାକୁ ବାକି ରହିଛି। ରୁଷିଆର ବିଭିନ୍ନ ସଂସ୍ଥା ଏବଂ ଗୋଷ୍ଠୀତନ୍ତ୍ର ସରକାରର ମୁଷ୍ଟିମେୟ ବ୍ୟକ୍ତିମାନଙ୍କ ବିରୋଧରେ ପାଶ୍ଚାତ୍ୟ ବ୍ୟାପକ ଆର୍ଥିକ କଟକଣା ଲଗାଇଛି ବୋଲି ଅନେକେ ଭାବୁଥିଲେ ବି ବାସ୍ତବରେ ସେମାନେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଶାସନର ପାଶ୍ଚାତ୍ୟରେ ଥିବା ମୂଳ ଆଧାରକୁ ଟାର୍ଗେଟ କରିନାହାନ୍ତି। ପୁଟିନଙ୍କ କ୍ଷମତାର ଆଧାର ହେଉଛି ସ୍ୱେଚ୍ଛାଚାର ଏବଂ ସରକାରରେ ଥିବା ମୁଷ୍ଟିମେୟ ରାଜନୈତିକ ପ୍ରଭାବଶାଳୀ ଧନୀ ବର୍ଗର ବ୍ୟକ୍ତିମାନେ। ପ୍ରକୃତରେ ଜଣେ ସ୍ୱେଚ୍ଛାଚାରୀ ଯେମିତି ଚାହେଁ ଦେଶକୁ ସେମିତି ଶାସନ କରେ ଏବଂ ତାଙ୍କ ମେଣ୍ଟକୁ ସମୃଦ୍ଧ କରେ। ସେ ଦେଶର ପ୍ରାକୃତିକ ସଂସାଧନଗୁଡ଼ିକରୁ କିମ୍ବା ଏକଚାଟିଆ କ୍ଷମତା ବଳରେ ବିପୁଳ ଧନ ସମ୍ପତ୍ତି ଠୁଳ କରିଥାଏ। ମୁଷ୍ଟିମେୟ ଧନୀମାନଙ୍କର ଧନ ସମ୍ପତ୍ତି ବୃଦ୍ଧି ପାଇଲେ ବି ସ୍ୱେଚ୍ଛାଚାରୀ କ୍ଷମତା କିପରି ସେମାନଙ୍କ ସମ୍ପତ୍ତି ଜବତ କରେ ଓ ସେମାନଙ୍କ ପରିବାରର କ୍ଷତି କରିଥାଏ , ସେ ସମ୍ପର୍କରେ ସେମାନେ ଅବଗତ ଥାଆନ୍ତି। ସେମାନଙ୍କ ସମ୍ମୁଖରେ ଦୁଇଟି ବିକଳ୍ପ ରହିଥାଏ। ପ୍ରଥମଟି ହେଲା, ସ୍ୱେଚ୍ଛାଚାରକୁ ରୋକିବା ଲାଗି ମୌଳିକ ଓ ବୈଧାନିକ ସଂସ୍ଥାଗୁଡ଼ିକର ବିକାଶ କରିବା। ଏପରି କି ଢାଞ୍ଚାଗତ ସଂସ୍କାର ସକାଶେ ପଥ ସହଜ କରିବା। ଦ୍ୱିତୀୟ ବିକଳ୍ପ ହେଉଛି, ସେମାନଙ୍କ ସମ୍ପତ୍ତି ଓ ପରିବାରକୁ ବିଦେଶକୁ ପଠାଇବା। ରୁଷିଆର ଧନୀ ବ୍ୟବସାୟୀ ମିଖାଇଲ ଖୋଡୋରକୋଭସ୍କିଙ୍କୁ ଯେଭଳି ପୁଟିନ ୨୦୦୦ ଦଶନ୍ଧିର ପ୍ରାରମ୍ଭରେ ବନ୍ଦୀ କରି ତାଙ୍କ ସମ୍ପତ୍ତି ଜବତ କରିବା ସହ ଦେଶାନ୍ତର କରିଥିଲେ ସେଭଳି ସ୍ଥିତିର ସମ୍ମୁଖୀନ ନ ହେବା ଲାଗି ସେମାନେ ଏଭଳି ପଥ ଆପଣାଇଥାଆନ୍ତି।

ରୁଷିଆର ବହୁ ରାଜନୈତିକ ପ୍ରଭାବଶାଳୀ ଧନୀ ବ୍ୟବସାୟୀମାନେ ଦ୍ୱିତୀୟ ବିକଳ୍ପକୁ ଗ୍ରହଣ କରି ଲାଭ ଉଠାଇଛନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକର ଦୁଇ ପ୍ରକାର ସହାୟତା ଦ୍ୱାରା ଏହା ସମ୍ଭବ ହୋଇଛି। ପ୍ରଥମତଃ ପାଶ୍ଚାତ୍ୟ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ସେମାନଙ୍କ କଳାଧନକୁ ବିଦେଶରେ ଜମା କରିବା ପାଇଁ ସୁଯୋଗ ଦେଉଛି। ଲଣ୍ଡନ, ସୁଇଜରଲାଣ୍ଡ, ଲକ୍ସେମ୍‌ବର୍ଗ, ସାଇପ୍ରସ୍, ଜର୍ସି, ବହାମାସ୍ ଏବଂ କେମ୍ୟାନ ଦ୍ୱୀପ ଭଳି ଅନେକ ଛୋଟ ଛୋଟ ଦେଶ ବହୁ ବର୍ଷ ଧରି ମୁଷ୍ଟିମେୟ ଧନୀ ତଥା ରାଜନୈତିକ ବ୍ୟକ୍ତିମାନଙ୍କ ଇଚ୍ଛାପୂରଣ କରୁଛନ୍ତି। ୟୁରୋପିଆନ୍ ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ଭାଗ ନେଇ ଆସୁଛନ୍ତି। କେବଳ ଏତିକି ନୁହେଁ, ଆମେରିକାର ଆର୍ଥିକ ବ୍ୟବସ୍ଥା ସେଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଯୋଗାଇଦେଇଛି। ଦ୍ୱିତୀୟରେ ପାଶ୍ଚାତ୍ୟ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏହିସବୁ ଧନୀ ପରିବାରକୁ ସେମାନଙ୍କ ପୁଞ୍ଜି ବ୍ୟବସ୍ଥାରେ ଅଂଶୀଦାର ହେବା ଲାଗି ଅମନ୍ତ୍ରଣ କରେ। ସେମାନଙ୍କୁ ସମ୍ପତ୍ତି କିଣିବା (ବହୁ ସମୟରେ ଟ୍ରଷ୍ଟ ଏବଂ କାଗଜକଲମରେ ସୀମିତ ଥିବା କମ୍ପାନୀ ମାଧ୍ୟମରେ) ଏବଂ ସେମାନଙ୍କ ପିଲାମାନଙ୍କୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଅନୁମତି ଦେଇଥାଏ।

ଏହା ଗ୍ରହଣ କରିବା ଯୁକ୍ତିଯୁକ୍ତ ଯେ, ଯଦି ରୁଷିଆର ରାଜନୈତିକ ପ୍ରଭାବସମ୍ପନ୍ନ ଧନୀମାନଙ୍କ ପାଇଁ ପାଶ୍ଚାତ୍ୟର ଆର୍ଥିକ ସୁନା ଯନ୍ତାର ଦ୍ୱାର ଖୋଲା ରହି ନ ଥାଆନ୍ତା ତେବେ ଏକ ସ୍ୱେଚ୍ଛାଚାରୀ ବା ଏକଚ୍ଛତ୍ରବାଦୀ ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବାରେ ପୁଟିନଙ୍କ ଶକ୍ତିକୁ ସଙ୍କୁଚିତ କରାଯାଇପାରିଥାଆନ୍ତା। ରୁଷିଆ ବ୍ୟତୀତ ଗଲ୍‌ଫଦେଶସମୂହ, ଚାଇନା, ଭାରତ, ତୁର୍କୀ, କେତେକ ଲାଟିନ ଆମେରିକୀୟ ଦେଶ ଏବଂ ୟୁକ୍ରେନ ଭଳି ଦେଶର ଅତି ଧନୀ ବ୍ୟକ୍ତିବିଶେଷମାନେ ସେମାନଙ୍କ କଳାଧନ ଓ ସମ୍ପତ୍ତିକୁ ସୁରକ୍ଷିତ ରଖିବା ସକାଶେ ପାଶ୍ଚାତ୍ୟ ଆର୍ଥିକ ସଂସ୍ଥା ଏବଂ ସରକାରଗୁଡ଼ିକର ଆପରାଧିକ ପ୍ରକ୍ରିୟାରେ ଭାଗୀଦାରି ହୋଇଛନ୍ତି। ଏହି ସବୁ ବ୍ୟବସ୍ଥା କେବଳ ରୁଷିଆ ଏବଂ ଅନ୍ୟ ଦେଶରେ ସ୍ୱେଚ୍ଛାଚାରୀ ସରକାରଗୁଡ଼ିକୁ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିନାହିଁ, ବରଂ ସେମାନେ ପାଶ୍ଚାତ୍ୟ ଆର୍ଥିକ ସଂସ୍ଥା ଓ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିଛନ୍ତି। ଅତି ଧନୀ ବ୍ୟକ୍ତିବିଶେଷଙ୍କ ଅର୍ଥର ନଗଦ କାରବାର ଆର୍ଥିକ ବଜାରକୁ ପରିବର୍ତ୍ତନ କରିଦେଇଛି। ଆର୍ଥିକ ମଧ୍ୟସ୍ଥତାର ସ୍ୱରୂପକୁ ବଦଳାଇବା ସହ ବୈଶ୍ୱିକ ଅସନ୍ତୁଳନତା ବୃଦ୍ଧି କରିଛି। ବିଶ୍ୱର ବିଭିନ୍ନ ଦେଶରୁ ପ୍ରଚୁର ଅର୍ଥ ପ୍ରବାହ ଯୋଗୁ ୧୯୯୦ ପରଠାରୁ ଆମେରିକା, ଇଂଲଣ୍ଡ ଏବଂ ଅନ୍ୟ ପାଶ୍ଚାତ୍ୟଦେଶଗୁଡ଼ିକରେ କରେଣ୍ଟ ଆକାଉଣ୍ଟ ଡେଫିସିଟି ଲାଗିରହିଛି । ଏହାର ତିନି ଦଶନ୍ଧି ପରେ ଅନ୍ତର୍ଜାତୀୟ ଅର୍ଥ ବ୍ୟବସ୍ଥାରେ କଳା ଟଙ୍କା ଢେର ବଢିଯାଇଛି। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ଗାବ୍ରିଏଲ୍ ଜୁକ୍‌ମ୍ୟାନ ଆକଳନ କରିଛନ୍ତି ଯେ, ବୈଶ୍ୱିକ ଆର୍ଥିକ ସମ୍ପତ୍ତିର ଅନ୍ୟୂନ ୮% ( ୭.୫ ଟ୍ରିଲିୟନରୁ ଅଧିକ ଡଲାର) ଏବେ ଟ୍ୟାକ୍ସ ହେଭେନ (ଯେଉଁ ଅର୍ଥ ବ୍ୟବସ୍ଥାରେ ବିଦେଶୀ ନିବେଶକଙ୍କ ପାଇଁ କମ୍ ଟ୍ୟାକ୍ସ ବ୍ୟବସ୍ଥା ରହିବା ସହ ଆର୍ଥିକ ଗୋପନୀୟତା ରକ୍ଷା କରାଯାଇଥାଏ)ରେ ରହିଛି। ଏହି ପରିମାଣରେ ପାଶ୍ଚାତ୍ୟ ଅର୍ଥ ବ୍ୟବସ୍ଥାରେ ରହିଥିବା କଳାଟଙ୍କା ଏଥିରେ ସାମିଲ ନୁହେଁ। ଯଦି ଏସବୁ ହିସାବ କରାଯାଏ ତେବେ କଳାଟଙ୍କାର ଏକ ବଡ଼ ଅଂଶ ହିଁ ସ୍ୱେଚ୍ଛାଚାରୀ ବା ଏକଚ୍ଛତ୍ରବାଦୀ ବ୍ୟକ୍ତି ବା ସରକାରଗୁଡ଼ିକର ରହିଛି। ଜୁକ୍‌ମ୍ୟାନ ଜାଣିବାକୁ ପାଇଛନ୍ତି ଯେ, ରୁଷିଆରେ ସମସ୍ତ ହାଉସ ହୋଲ୍ଡ ୱେଲ୍‌ଥର ପ୍ରାୟ ୫୨% ଏବଂ ଏପରିକି ଗଲ୍ଫ ଦେଶଗୁଡ଼ିକର ଏହାଠାରୁ ଅଧିକ ପ୍ରତିଶତ ଅନ୍ୟ ଦେଶର ଆର୍ଥିକ ସଂସ୍ଥାଗୁଡ଼ିକରେ ରହିଛି।

ଅର୍ଥ ବ୍ୟବସ୍ଥାରେ ଏଭଳି ବେଆଇନ ପୁଞ୍ଜି ପ୍ରବାହ ବିଶ୍ୱରେ ସାମାଜିକ ଓ ରାଜନୈତିକ ସମସ୍ୟା ବଢାଇଦେଇଛି। ସମ୍ଭବତଃ ବେଆଇନ ଆର୍ଥିକ ପ୍ରବାହ ଯୋଗୁ ବର୍ଷେ କି ଦୁଇ ବର୍ଷ ହେବ ପାଶ୍ଚାତ୍ୟ ଶେୟାର ବଜାର ଉଚ୍ଚ ରହିଛି ଓ ଧନୀମାନଙ୍କୁ ଆହୁରି ଲାଭ ଦେଇଛି। ପାଶ୍ଚାତ୍ୟ ଗ୍ରହଣ କରୁଥିବା କଳାଟଙ୍କା ବ୍ୟବସାୟିକ ସଂସ୍ଥାର ମାଲିକମାନଙ୍କୁ ଓ ଟ୍ରଷ୍ଟଗୁଡ଼ିକର ଟ୍ୟାକ୍ସ ଫାଙ୍କିବା ଧାରାକୁ ଗତିଶୀଳ କରିଛି। ଏହା ପଛରେ ବ୍ୟାଙ୍କର, ଆକାଉଣ୍ଟାଣ୍ଟ ଏବଂ ଲୟରମାନଙ୍କ ସହଯୋଗ ବି ରହୁଛି। ସେହିପରି ପାନାମା ପେପର୍ସ ଏବଂ ପରେ ପାଣ୍ଡୋରା ପେପର୍ସ ଦର୍ଶାଇଛି ଯେ,ବାହାର ଦେଶରେ କଳା ଟଙ୍କା ଠୁଳ କରି ଟ୍ୟାକ୍ସ ଫାଙ୍କିବା ଏଭଳି ହେଉଛି ଯାହା କି ବିଶ୍ୱାସ ବାହାରେ। ବିଶ୍ୱର ହଜାର ହଜାର ବ୍ୟବସାୟୀ, ରାଜନେତା ଏବଂ ସେଲିବ୍ରିଟି ବାହାର ଦେଶରେ କଳାଟଙ୍କା ଠୁଳ କରିବାରେ ଲିପ୍ତ ରହିଛନ୍ତି। ଏହି ସବୁ ବ୍ୟବସ୍ଥା ପାଶ୍ଚାତ୍ୟ ଗଣତନ୍ତ୍ର ଓ ଆର୍ଥିକ ସଂସ୍ଥାଗୁଡ଼ିକ ଉପରେ ଏକ କଳଙ୍କ ଲଗାଇଛି। ବିଶ୍ୱର ଏକଚ୍ଛତ୍ରବାଦୀ ତଥା ଲୋକଙ୍କ ଟଙ୍କାରେ ଧନୀ ତଥା ସ୍ୱେଚ୍ଛାଚାରୀ ପାଲଟିଥିବା ବ୍ୟକ୍ତି ବା ସରକାର ପାଶ୍ଚାତ୍ୟ ଅର୍ଥ ବ୍ୟବସ୍ଥାରେ ପ୍ରଚୁର କଳାଟଙ୍କା ଠୁଳ କରୁଥିବା ଏବଂ ଏଥିରେ ପାଶ୍ଚାତ୍ୟ ଆଭିଜାତ୍ୟବର୍ଗ ସାମିଲ ରହିବା ଯୋଗୁ ପାଶ୍ଚାତ୍ୟ ସରକାରଗୁଡ଼ିକ ଧନୀମାନଙ୍କଠାରୁ ଟ୍ୟାକ୍ସ ସଂଗ୍ରହ କରିବାକୁ ଅକ୍ଷମ ହେଉଛନ୍ତି। ଫଳରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ସେବା କ୍ଷେତ୍ରଗୁଡ଼ିକ ପଛେଇ ଯିବା ସହ ଅସମାନତା ତୀବ୍ର ହୋଇଛି।

ୟୁକ୍ରେନ ବିରୋଧରେ ପୁଟିନଙ୍କ ଯୁଦ୍ଧ ପାଶ୍ଚାତ୍ୟ ରାଜନେତାମାନଙ୍କୁ ଏକ ଝଟକା ଦେଇଛି। ସେମାନେ କଠୋର ବାଣିଜ୍ୟିକ କଟକଣା ସମର୍ଥନରେ ବାହାରିଛନ୍ତି। ଅଧିକାଂଶ ରୁଷିଆନ ବ୍ୟାଙ୍କକୁ ଏସ୍‌ଡବ୍ଲୁଆଇଏଫ୍‌ଟି ଫାଇନାନ୍ସିଆଲ ମେସେଜିଂ ସିଷ୍ଟମ୍‌ରୁ ବାହାର କରିବା ସହ ରୁଷିଆନ ସେଣ୍ଟ୍ରାଲ୍ ବ୍ୟାଙ୍କର ଫରେନ୍ ଏକ୍ସଚେଞ୍ଜ ହୋଲ୍‌ଡିଂର ସିଂହଭାଗ ଅଚଳ କରିଦେଇଛନ୍ତି। କିନ୍ତୁ ଏବେ ପ୍ରଚଳିତ ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ ବିଷୟ ଭାବେ ଉଭା ହୋଇଛି ଟିକସ ଫାଙ୍କି । ଏହାକୁ ରୋକିବା ଏବଂ କଳାଟଙ୍କାକୁ ନିୟନ୍ତ୍ରଣ ଲାଗି ଆହୁରି ଅଧିକ ସାହସ ଦରକାର। ତେବେ ଏହି ଧାରାକୁ ପରିବର୍ତ୍ତନ କରିବାକୁ ହେବ। ସେମାନଙ୍କ ଲାଗି ଏହା ଏକ ଅସଲି ପରୀକ୍ଷା। ପାଶ୍ଚାତ୍ୟ ନୀତିନିର୍ଦ୍ଧାରକମାନେ ଟ୍ୟାକ୍ସ ଫାଙ୍କିବା ଉପରେ ଲଗାମ ଲଗାଇ ପାରିବେ। ଏହା ହେଲେ ସେମାନେ ଦେଶରେ ନୂଆ ଭିତ୍ତିଭୂମି ଓ ସାମାଜିକ ଯୋଜନା ପାଇଁ ଅଧିକ ଟିକସ ସଂଗ୍ରହ କରି ପାରିବେ। ଯଦି ଭଲ କାମ ମାଧ୍ୟମରେ ପାଶ୍ଚତ୍ୟ ଇତିହାସରେ ନିଜକୁ ଦେଖିବାକୁ ଚାହୁଁଛି ତେବେ କେବଳ ରୁଷିଆକୁ ଟାର୍ଗେଟ କରିବା ଯଥେଷ୍ଟ ହେବ ନାହିଁ, ବରଂ ନିଜ ଭ୍ରଷ୍ଟାଚାର ଦୂର କରିବାକୁ ପଡ଼ିବ।

ପ୍ରାଧ୍ୟାପକ( ଅର୍ଥନୀତି), ମାସାଚ୍ୟୁସେଟ୍‌ସ
ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି

## ଏଇ ଭାରତରେ

ଅସହାୟ ବୟସ୍କଙ୍କ ସାହାରା ପାଲଟିଛନ୍ତି ତାମିଲନାଡୁର ଏକ ଦମ୍ପତି ରାଜେଶ୍ୱରୀ ଏବଂ ଏନ. ରାମମୂର୍ତ୍ତି। ଗହଣା ବିକି ସେହି ଅର୍ଥରେ ଆଶ୍ରୟଗୃହ ଖୋଲି ମାଗଣାରେ ବୟସ୍କମାନଙ୍କ ସେବା କରୁଛନ୍ତି। ସେମାନେ କୁଷ୍ଠରୋଗୀଙ୍କ ପାଇଁ ମଧ୍ୟ ରହିବାର ବ୍ୟବସ୍ଥା କରିଛନ୍ତି। ତାମିଲନାଡୁ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ୨୦ ବର୍ଷ ପୂର୍ବେ ଏନ୍. ରାମମୂର୍ତ୍ତି ଡେନାଲାଇ ଗ୍ରାମରେ ତାଙ୍କ ଘରେ ଜଣେ କୁଷ୍ଠ ରୋଗ ପୀଡ଼ିତାଙ୍କ ଯତ୍ନ ନେବା ଆରମ୍ଭ କରିଥିଲେ। ପୀଡ଼ିତାଙ୍କୁ ଔଷଧ ଏବଂ ଖାଦ୍ୟ ଦେଉଥିଲେ ତାଙ୍କ ସ୍ତ୍ରୀ ରାଜେଶ୍ୱରୀ। ଏହିଠାରୁ ସେମାନଙ୍କ ସେବା ଆରମ୍ଭ ହୋଇଥିଲା। ଏହି ଖବର ପ୍ରଚାର ହେବା ପରେ କିଛିଦିନ ମଧ୍ୟରେ ଆଉ ଜଣେ ବୟସ୍କା ମହିଳା ତାଙ୍କ ଘରେ ପହଞ୍ଚିଲେ ଓ ଧୀରେ ଧୀରେ ଅସହାୟଙ୍କ ସଂଖ୍ୟା ୫ରେ ପହଞ୍ଚିଥିଲା। ଏହାକୁ ଲକ୍ଷ୍ୟକରି ସେମାନେ ୨୦୦୫ରେ ଏମ୍‌ଏନ୍ ଟ୍ରଷ୍ଟ ଗଠନ କରିଥିଲେ ଓ ଗହଣା ବିକି ଏକ ଆଶ୍ରୟଗୃହ ନିର୍ମାଣ କରିଥିଲେ। ଏଭଳି କାର୍ଯ୍ୟ ଲାଗି ଗାଁରେ ଲୋକେ ତାଙ୍କଠାରୁ ଦୂରେଇ ରହୁଥିଲେ। ହେଲେ ଏହାକୁ ଖାତିର ନ କରି ଏହି ଦମ୍ପତି ସେମାନଙ୍କ ସେବା ଜାରି ରଖିଲେ । ଆଜି ୫୧ ଜଣ ଅସହାୟଙ୍କ ଆଶ୍ରୟ ପାଲଟି ଯାଇଛି ତାଙ୍କ ଘର। ଡାକ୍ତରଙ୍କ ଦ୍ୱାରା ବୟସ୍କମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସେମାନଙ୍କ ପାଇଁ ଖାଦ୍ୟ, ଔଷଧ, ପୋଷାକ ଓ ଅନ୍ୟାନ୍ୟ ବାବଦ ଖର୍ଚ୍ଚ ଏହି ଦମ୍ପତି ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ମାର୍ଚ୍ଚ ୧୯୯୭**

- ଲୋକେନ୍ଦ୍ର ବାହାଦୁର ଚାନ୍ଦଙ୍କୁ ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି।
- ପୁରୁଖା ୱେଷ୍ଟଇଣ୍ଡିଜ୍ କ୍ରିକେଟର ଦେସମଣ୍ଡ ହେନ୍ସଙ୍କ ଅବସର ଘୋଷଣା।
- ଉତ୍ତରପ୍ରଦେଶ ରାଜ୍ୟପାଳ ରମେଶ ଭଣ୍ଡାରୀଙ୍କୁ ପ୍ରତ୍ୟାହାର କରିନେବା ପାଇଁ ଭାଜପାର ଦାବିକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଇନ୍ଦ୍ରଜିତ୍ ଗୁପ୍ତାଙ୍କ ପ୍ରତ୍ୟାଖ୍ୟାନ।
- ପୂର୍ବତନ ଆଡଭୋକେଟ ଜେନେରାଲ ବୀରେନ୍ଦ୍ର ପଟ୍ଟନାୟକଙ୍କ ୮୦ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 5 | | | | |
| | 8 | | 1 | 3 | | | 7 | 5 |
| | 3 | | | 7 | 4 | 8 | | |
| | | 5 | 9 | 4 | | | 2 | |
| | 4 | | | | | | | 7 |
| | | | | 8 | | | | 9 |
| | 1 | | | | 8 | 7 | 4 | |
| | | | | | | | 3 | |
| | | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 1 | 3 | 5 | 2 | 9 | 7 | 6 |
| 5 | 9 | 3 | 8 | 6 | 7 | 1 | 4 | 2 |
| 7 | 6 | 2 | 4 | 1 | 9 | 8 | 3 | 5 |
| 8 | 5 | 7 | 9 | 2 | 3 | 4 | 6 | 1 |
| 3 | 4 | 6 | 5 | 8 | 1 | 2 | 9 | 7 |
| 2 | 1 | 9 | 6 | 7 | 4 | 5 | 8 | 3 |
| 1 | 2 | 8 | 7 | 4 | 6 | 3 | 5 | 9 |
| 6 | 3 | 4 | 1 | 9 | 5 | 7 | 2 | 8 |
| 9 | 7 | 5 | 2 | 3 | 8 | 6 | 1 | 4 |

ଗତକାଲିର ଉତ୍ତର

# ନିକଟରେ, ତଥାପି ଦୂର



ପ୍ରକାଶ ତ୍ରିପାଠୀ

ନିଃସନ୍ଦେହରେ କୁହାଯାଇ ପାରେ ଯେ ବିଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱ ବ୍ୟାପୀ ଅନେକ ସାମାଜିକ ପରିବର୍ତ୍ତନ ଘଟି ସାରିଛି। ବିଜ୍ଞାନ ଓ ଉନ୍ନତ କାରିଗରି କୌଶଳ ସାମାଜିକ ଜୀବନକୁ ବଦଳାଇ ଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଯୋଗାଯୋଗ ଆଦି ପ୍ରତିଟି କ୍ଷେତ୍ରରେ ଅନେକ ପ୍ରଗତି ହେବା ସହ ଜନସାଧାରଣଙ୍କ ଆର୍ଥିକ ସ୍ଥିତିରେ ବହୁସୁଧାର ଆସିଛି। ଗ୍ରାମାଞ୍ଚଳ କୁହ କି ସହରାଞ୍ଚଳ, ସଭିଙ୍କ ହାତରେ ଏବେ ସ୍ମାର୍ଟ ଫୋନ। ସର୍ବତ୍ର ଇଣ୍ଟରନେଟର ପ୍ରାଲବ୍ଧ। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ବି କଚ୍ଚା ଘର କୋଟିତ୍ ଦେଖିବାକୁ ମିଳୁଛି। ଆବଶ୍ୟକତାରେ ନୁହେଁ, ମନ ଖୁସି ପାଇଁ ଏବେ ଲୋକେ ମାର୍କେଟିଂ କରୁଛନ୍ତି। ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି ଓ ବିଳାସ ବ୍ୟାସନର ଜୀବନକୁ ଆଦରୁଛନ୍ତି। ମୋଟ ଉପରେ କହିବାକୁ ଗଲେ ଏବେ ମଣିଷର କୌଣସି ପାର୍ଥିବ ବସ୍ତୁରେ ଅଭାବ ନାହିଁ, ମାତ୍ର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ଭାବଗତ ସମ୍ପର୍କରେ ଓ ନିବିଡତାରେ।

ଜଣେ ବ୍ୟକ୍ତିଙ୍କ ନିକଟରୁ ଫେସବୁକରେ ବନ୍ଧୁତା ପାଇଁ ଆମନ୍ତ୍ରଣ ପାଇଲି। ଆମନ୍ତ୍ରଣକୁ ସ୍ୱୀକାର କରିବା ପୂର୍ବରୁ ବନ୍ଧୁତା ପାଇଁ ଅନୁରୋଧ କରିଥିବା ବ୍ୟକ୍ତିଙ୍କ ବିଷୟରେ ଜାଣିବା ପାଇଁ ଚେଷ୍ଟାକରି ଦେଖେ ତ ତାଙ୍କର ପ୍ରୋଫାଇଲରେ ତାଲା ପଡିଛି। ବନ୍ଧୁ ହେବା ପାଇଁ ଆଗ୍ରହ ଅଛି, ମାତ୍ର ନିଜ ବିଷୟରେ କିଛି ଜଣାଇବା ପାଇଁ ଆଗ୍ରହ ନାହିଁ। ଏପରି ବନ୍ଧୁତାର ଅର୍ଥ କ'ଣ ? ମୋର ଫେସବୁକରେ ଅନେକ ବନ୍ଧୁ ଅଛନ୍ତି ; ଯେଉଁମାନେ ପ୍ରତିଦିନ ସକାଳୁ ସକାଳୁ ହାଟ୍ସଆପରେ ଶୁଭ ସକାଳ ବାର୍ତ୍ତା ପଠାନ୍ତି, ଶୁଭେଚ୍ଛା ଜଣାନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିନରେ ଅଭିନନ୍ଦନ ଜଣାନ୍ତି, କିନ୍ତୁ ଦେଖାହେଲେ ଚିହ୍ନି ପାରନ୍ତିନି। ଏହିଭଳି ଜଣେ ବନ୍ଧୁଙ୍କୁ ମୁଁ ନିକଟରେ ମାର୍କେଟରେ ଦେଖିଲି। ନମସ୍କାର ହେଲି। କେମିତି ଅଛନ୍ତି ବୋଲି ପଚାରିଲି। ସେ ମୋତେ ପ୍ରତି ନମସ୍କାର କଲେ। ଭଲ ଅଛନ୍ତି ବୋଲି ଉତ୍ତର ଦେଲେ। ତାଙ୍କ ହାବଭାବରୁ ଜାଣିପାରିଲି ସେ ବୋଧେ ମୋତେ ଚିହ୍ନି ପାରୁନାହାନ୍ତି। ବିନା ସଙ୍କୋଚରେ ପଚାରିଲି– ଆଜ୍ଞା, ମୋତେ ଚିହ୍ନି ପାରୁଛନ୍ତି ତ ? ମୋ ଫେସବୁକ ବନ୍ଧୁ ଅପ୍ରସ୍ତୁତ ହୋଇ କହିଲେ– ନା ଆଜ୍ଞା, ଚିହ୍ନି ପାରୁନାହିଁ। ଟିକେ ପରିଚୟ ଦିଅନ୍ତୁ। ଗୋଟିଏ ସହର ଓ ଗୋଟିଏ କଲୋନୀରେ ଆମେ ଦୁଇ ଫେସବୁକ ବନ୍ଧୁଙ୍କ ସମ୍ପର୍କ ଏହିଭଳି। ବିଜ୍ଞାନ ଓ ଆଧୁନିକ କାରିଗରି କୌଶଳ ବନ୍ଧୁତାର ପରିଭାଷା ବଦଳାଇ ଦେଲାଣି। ଅତି ନିକଟରେ ରହୁଥିଲେ ବି ସମ୍ପର୍କର ଦୂରତାକୁ ବଢ଼ାଇ ସାରିଲାଣି। ଅଭାବ ଅସୁବିଧାରେ ସହଯୋଗର ହାତ ବଢ଼ାଇବା ତ ଦୂରର କଥା, ଦେଖି ଟିକେ ହସି ଦେବାର ସାଧାରଣ ସୌଜନ୍ୟତା ବି ପ୍ରଦର୍ଶନ କରନ୍ତି ନାହିଁ। ମୋର ସମ୍ପର୍କରେ ଥିବା ଅନେକ ବନ୍ଧୁ ଅଛନ୍ତି ; ଯେଉଁମାନେ କି ସେମାନଙ୍କ ଘରେ କେବଳ ନିଜର ପତ୍ନୀଙ୍କ ସହ ରହୁଛନ୍ତି। ପରିବାର କହିଲେ କେବଳ ସେହି ଦୁହିଁଙ୍କୁ ହିଁ ବୁଝାଏ। ଅଧିକାଂଶଙ୍କର ଗୋଟିଏ ପୁଅ ବା ଗୋଟିଏ ଝିଅ। ଝିଅ ବାହା ହୋଇ ତା' ସ୍ୱାମୀଙ୍କ ଘରେ ରହୁଥିବା ବେଳେ ପୁଅ ତା' ନିଜ ପରିବାର ସହ ଦୂର ସ୍ଥାନରେ ଚାକିରି କରି ରୁହନ୍ତି। ମଣିଷ ରହିବାକୁ ଘର ଅନେକ ଅଛି ହେଲେ ରହିବାକୁ ମଣିଷ ନାହାନ୍ତି। ବନ୍ଧୁ ମିଶ୍ରବାବୁଙ୍କଠାରୁ ଶୁଣିଲି ବିଦେଶରେ ରହୁଥିବା ତାଙ୍କର ଏକମାତ୍ର ପୁଅ ତା'ର ପରିବାର ସହ କିଛିଦିନ ପାଇଁ ଘରକୁ ଆସିଛି। ସୌଜନ୍ୟତା ଦୃଷ୍ଟିରୁ ତାଙ୍କ ଘରକୁ ତା' ପରଦିନ ଗଲି। ଦୁଇ ବର୍ଷ ପରେ ବୋହୂ–ପୁଅ ଓ ଏକ ମାତ୍ର ନାତୁଣୀ ଘରକୁ ଆସିଛନ୍ତି। ମିଶ୍ରବାବୁଙ୍କ ଘର ହସ ଖୁସିରେ ଭରି ଯାଉଥିବ। ନାତୁଣୀ ସହ ମିଶ୍ରବାବୁଙ୍କର ସମୟ କଟିଯାଉଥିବ । ଏହିଭଳି ଭାବି ଭାବି ମିଶ୍ରବାବୁଙ୍କ ଘରେ ପହଞ୍ଚିଲି। ସେଠି ଯାହା ଦେଖିଲି ତାହା ମୋ କଳ୍ପନା ବାହାରେ ଥିଲା। ଡ୍ରଇଂ ରୁମ୍‌ରେ ମିଶ୍ରବାବୁ ଟିଭି ଦେଖୁଥାନ୍ତି। ତାଙ୍କ ପତ୍ନୀ ଡାଇନିଂ ହଲରେ କିଛି ଗୋଟାଏ ସିଲାଇ କରୁଥାନ୍ତି। ମିଶ୍ରବାବୁଙ୍କ ପୁଅ ଗୋଟିଏ ଘରେ ଲାପଟପ ଧରି ବସି କିଛି କାର୍ଯ୍ୟ କରୁଥିଲେ। ବୋହୂ ଅନୁରୂପ ଭାବେ ଅନ୍ୟ ଏକ ଘରେ ଲାପଟପରେ କାର୍ଯ୍ୟବ୍ୟସ୍ତ। ନାତୁଣୀ ମୋବାଇଲ ଗେମ୍‌ରେ ନିମଗ୍ନ। ସମସ୍ତେ ସମସ୍ତଙ୍କର ଦୁନିଆରେ ବ୍ୟସ୍ତ। ସଭିଏଁ ଏକାଠି ଥିଲେ ବି ଲାଗୁଥିଲା ସତେ ଯେମିତି ପରସ୍ପରଠାରୁ ଯୋଜନ ଯୋଜନ ଦୂରରେ। ଏତେବଡ଼ ଘରଟାରେ ସମ୍ପୂର୍ଣ୍ଣ ନୀରବତା ରାଜୁତି କରୁଥାଏ। ସମୟ ମଧ୍ୟାହ୍ନ ବାରଟା ହେବ। ପଚାରିଲି, କ'ଣ ଖାଇବା ପିଇବା ସରିଲାଣି। ମିଶ୍ରବାବୁ ଉତ୍ତର ଦେଲେ, ନା ନା ଖାଇନୁ। ଏବେ ଆଉ ଘରେ ରୋଷେଇ ହେଉନାହିଁ। ପିଲାମାନେ ଆସିବା ପରଠାରୁ ଅନ୍‌ଲାଇନରେ ଜମାଟୋ ନତୁବା ସୁଇଗି ମାଧ୍ୟମରେ ଖାଇବା ଘରକୁ ଆସୁଛି। ଅର୍ଡର ଦିଆ ଯାଇଛି। ମା' ହାତ ପ୍ରସ୍ତୁତ ଭାତ ତରକାରି, ନାନାଦି ପିଠାପଣା ଆଉ ପିଲାମାନଙ୍କୁ ଆକର୍ଷିତ କରୁନାହିଁ। ସେ ସ୍ଥାନ ନେଇଛି ପିଜା, ବର୍ଗର ଓ ମୋମୋ ଭଳି ବିଦେଶୀ ଖାଦ୍ୟ। କଥାରେ ଅଛି– ଯେଭଳି ଅନ୍ନ, ସେଭଳି ମନ। ଏଭଳି ସ୍ଥଳେ ପାରିବାରିକ ସ୍ନେହ ଶ୍ରଦ୍ଧା ମନରେ ସୃଷ୍ଟିହେବ କେମିତି ?

ପିଲାବେଳ କଥା ମନେପଡ଼େ। ଯୌଥ ପରିବାର ଥିଲା। ବୋଉ–ବାପା, ଖୁଡ଼ୀ–ଦାଦା, ଜେଜେମା'–ଜେଜେବାପା ଓ ଅନେକ ଭଉଣୀ ଭାଇ ଏକାଠି ରହୁଥିଲୁ । ଛୋଟ ଘରେ ଅନେକ ଲୋକ। ଯେଉଁଠି ପଢୁଥିଲୁ, ସେଇଠି ଖାଉଥିଲୁ ଓ ସେଇଠି ଶୋଉଥିଲୁ। ଭୋକ ହେବା ପୂର୍ବରୁ ମନ ଜାଣି ବୋଉ ଖାଇବାକୁ ବାଢ଼ି ଦେଉଥିଲା, ତା' ହାତ ତିଆରି ପ୍ରତ୍ୟେକଟି ଖାଦ୍ୟ ଅମୃତ ଭଳି ଲାଗୁଥିଲା। ସମସ୍ତେ ଏକ ସଙ୍ଗେ ବସି ଖାଉଥିଲୁ। ସେଇଥିପାଇଁ ବୋଧେ ଆମମାନଙ୍କ ମଧ୍ୟରେ ଆତ୍ମୀୟତା ଅଧିକ ଥିଲା । କମ୍ ଘରେ ଅଧିକ ଲୋକ ରହୁଥିଲୁ, କିନ୍ତୁ ଆମ ମଧ୍ୟରେ ସମ୍ପର୍କ ଦୃଢ଼ ଥିଲା। ହେଲେ ଆଜି ଘର ଅଧିକ, କିନ୍ତୁ ଲୋକ କମ୍। ଯେତିକି ବା ଲୋକ ଅଛନ୍ତି, ସେମାନଙ୍କ ମଧ୍ୟରେ ସମ୍ପର୍କ ବି ଦୁର୍ବଳ।

ଆଧୁନିକ ଜ୍ଞାନକୌଶଳ ଯୋଗୁ ଏବେ ସମଗ୍ର ବିଶ୍ୱ ଏକ ଛୋଟିଆ ଅଞ୍ଚଳ ଭାବେ ପରିଗଣିତ ହେଉଛି। ନିମିଷକ ମଧ୍ୟରେ ବାର୍ତ୍ତାଟିଏ କୋଟି କୋଟି ଲୋକଙ୍କ ପାଖେ ପହଞ୍ଚିଯାଉଛି। ପୃଥିବୀ ବାହାରେ ଆଧୁନିକ ମଣିଷ ଜୀବସତ୍ତା ଖୋଜୁଛି, ହେଲେ ନିଜ ପଡ଼ୋଶୀ ଘରେ କିଏ ରହୁଛି ତାହା ଜାଣିବା କଷ୍ଟକର ହୋଇପଡୁଛି। ରାଜରାସ୍ତାରେ ନିମିଷକ ମଧ୍ୟରେ ଅନେକ ଗାଡ଼ି ମୋଟରରେ ଶହ ଶହ ଲୋକ ଯା' ଆସ କରୁଛନ୍ତି, ହେଲେ କାହାର ଦୁର୍ଘଟଣାଟିଏ ଘଟିଲେ ମୁହୂର୍ତ୍ତଟିଏ ରହି ସହାୟତାର ହାତ ବଢ଼ାଇବାକୁ ମଣିଷ ପଛଘୁଞ୍ଚା ଦେଉଛି। ମଣିଷ ଜୀବନ ଏବେ ଯନ୍ତ୍ର ଜୀବନ ହୋଇଗଲାଣି। ନା ସେଥିରେ ରହିଛି ସମ୍ବେଦନଶୀଳତା ନା ରହିଛି ମଣିଷ ପଣିଆ। ଦୁଇଜଣ ମଣିଷଙ୍କ ମଧ୍ୟରେ ଭାବଗତ ସମ୍ପର୍କ ଗଢିଉଠେ ଯେତେବେଳେ ଉଭୟ ଉଭୟଙ୍କୁ ସଶରୀରେ ଦେଖନ୍ତି ଓ ପରେ ତାହା ଦୃଢ଼ ଓ ମଜଭୁତ ହୁଏ ଉଭୟଙ୍କ ମଧ୍ୟରେ ବାରମ୍ବାର ମିଳାମିଶାରେ। ଏବେ କିନ୍ତୁ ସମ୍ପର୍କ ସୃଷ୍ଟି ଓ ଆଗକୁ ବଢୁଛି ଇଣ୍ଟରନେଟରେ। ନା ଏଥିରେ ଅଛି ଆବେଗ ନା ସମ୍ବେଦନ। ମୋବାଇଲ ଫୋନ୍‌ର ସ୍କ୍ରିନ ଅବା କମ୍ପ୍ୟୁଟର ମନିଟର, ଏହା ହିଁ ମାଧ୍ୟମ ପାଲଟିଛି ସମ୍ପର୍କ ଗଢ଼ିବାରେ।

ମଣିଷ ମଣିଷ ସହ ସମ୍ପର୍କ ଯୋଡ଼ିବା ପୂର୍ବରୁ ପରଖୁଛି ନିଜର ପଦ ପଦବୀ, ପ୍ରତିପତ୍ତି ଓ ସାମାଜିକ ସ୍ଥିତି। ନିଜର ଅହଂଭାବ ପାଇଁ ଦୂରେଇଯାଉଛି ମଣିଷଠାରୁ। ମଣିଷ ଅପେକ୍ଷା ଯନ୍ତ୍ର ସହ ଅଧିକ ସମ୍ପର୍କ ଯୋଡୁଛି ମଣିଷ। ଅନ୍‌ଲାଇନରେ ଜୀବନକୁ ଗତିଶୀଳ କରୁଛି। ଜନ୍ମଦିନ, ବିବାହ–ବ୍ରତ ଉତ୍ସବରେ ଆଶୀର୍ବାଦ ଓ କଲ୍ୟାଣ ବି ଆଦାନ ପ୍ରଦାନ ହେଉଛି ଅନ୍‌ଲାଇନରେ। ମଣିଷଠାରୁ ମଣିଷକୁ ଦୂରେଇଦେବାରେ ଏବେ ମୁଖ୍ୟ ଭୂମିକା ନିର୍ବାହ କରୁଛି ଏହି ଅନ୍‌ଲାଇନ। ଥରେ ଜଣେ ଶ୍ରଦ୍ଧାଳୁ ଗୁରୁଙ୍କ ନିକଟରେ ନିଜର ଦୁଃଖ ବଖାଣୁ ଥିଲେ– ଗୁରୁଜୀ, ମୁଁ ଜଣେ ଗରିବ ଲୋକ। ଅର୍ଥାଭାବରୁ କୌଣସି ତୀର୍ଥସ୍ଥାନ ଯାଇପାରୁନି। ଈଶ୍ୱରଙ୍କ ଦର୍ଶନ ପ୍ରାପ୍ତିରୁ ବଞ୍ଚିତ ହୋଇଯାଉଛି। ଗୁରୁ ସ୍ମିତ ହସି ସେହି ଶ୍ରଦ୍ଧାଳୁଙ୍କୁ କହିଲେ– ଈଶ୍ୱର ତ ତୁମ ପାଖେ ପାଖେ ଅଛନ୍ତି। କେବଳ ଯାହା ତୁମେ ତାଙ୍କୁ ଚିହ୍ନିପାରୁନ। ନିକଟରେ ଥିଲେ ବି ଦୂରରେ ଥିବା ଭଳି ଅନୁଭବ ହେଉଛି।

ମୋ–୯୪୩୭୨୩୨୪୬୩
prakas.tripathy09@gmail.com

# ବିଲୁପ୍ତାଭିମୁଖୀ ଭାଷା ଓ ଓଡ଼ିଆ



ବାଦଲ ଭୂୟାଁ

ପୃଥିବୀରୁ ବହୁ ଭାଷା ଲୋପ ପାଇଯାଉଛି। ଏହାକୁ ନେଇ ଭାଷାତତ୍ତ୍ୱବିତ୍‌ମାନେ ବାରମ୍ବାର ଚିନ୍ତାପ୍ରକଟ କରିଆସିଛନ୍ତି। ୟୁନେସ୍କୋ ଅନୁସାରେ ପୃଥିବୀର ପ୍ରାୟ ୬,୫୦୦ ଭାଷା ମଧ୍ୟରୁ ଅଧା ଲୁପ୍ତ ହେବା ଅବସ୍ଥାରେ। ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଅନେକଙ୍କର ଚିହ୍ନବର୍ଣ୍ଣ ଲୋପ ପାଇବାର ଆଶଙ୍କା ଦେଖାଦେଇଛି। ନିକଟରେ କେତେକ ଭାଷା ସମ୍ପୂର୍ଣ୍ଣ ଲୋପ ପାଇଯାଉଛି, କାରଣ ଏହାକୁ କହୁଥିବା ଲୋକ ଆଉ କେହି ବଞ୍ଚିନାହାନ୍ତି। ଏଭଳି ଏକ ଭାଷା ହେଲା 'ଉଭି'। ୧୯୯୨ରେ ତୁର୍କିର ଏହି ଭାଷା କହୁଥିବା ଶେଷବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଆଉ ଏକ ମୃତଭାଷା ହେଲା 'ଅକ୍କାଲା ସାମି'। ରୁଷିଆର ଏହି ଭାଷାକୁ କହୁଥିବା ଏକମାତ୍ର ଲୋକଟିର ୨୦୦୩ରେ ମୃତ୍ୟୁ ଘଟିଥିଲା। ସେହିପରି ଆଉ ଏକ ଲୁପ୍ତ ଭାଷା ହେଲା 'ଇୟାକ'। ଆମେରିକାର ଆଲାସ୍କା ଅଞ୍ଚଳରେ ଏହି ଭାଷା ବଞ୍ଚିରହିଥିଲା। ୨୦୦୮ରେ ଏହି ଭାଷା କହୁଥିବା ଶେଷବ୍ୟକ୍ତି ମେରୀ ସ୍ମିଥ୍ ଜୋନ୍ସଙ୍କ ମୃତ୍ୟୁ ହେବା ସହ 'ଇୟାକ୍' ଭାଷାର ମଧ୍ୟ ଅନ୍ତ ଘଟିଲା। ତେବେ ଭାଷାବିତ୍ ଡ.ମାର୍କ ଟୁରିନ୍‌ଙ୍କ ମତରେ ନ୍ୟୁୟର୍କ ଭଳି ମହାନଗରୀରେ ପ୍ରାୟ ୮୦୦ ପ୍ରକାରର ଭାଷା କହୁଥିବା ଲୋକ ରହନ୍ତି। ପୃଥିବୀର କୋଣ ଅନୁକୋଣରୁ ଯାଇ ବିଭିନ୍ନ ଭାଷାଭାଷୀ ଲୋକେ ସେଠାରେ ବସବାସ କରୁଛନ୍ତି। ତେଣୁ ଏହି ନଗରୀଟି ଭାଷାବିତ୍‌ଙ୍କ ଗବେଷଣା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହୋଇଛି। ନ୍ୟୁୟର୍କରେ ବିଭିନ୍ନ ଭାଷା ଶୁଣିବା ପାଇଁ ଆପଣଙ୍କୁ ବିଶେଷ କିଛି କରିବା ଦରକାର ହେବନାହିଁ। କେବଳ ସବ୍‌ୱେରେ ଆପଣ ଯାଆନ୍ତୁ। ରାସ୍ତାରେ ଆପଣଙ୍କୁ କୋରିଆ, ଚାଇନା, ବଙ୍ଗଳା, ଗୁଜରାଟୀ, ନେପାଳୀ ସମେତ ବିଭିନ୍ନ ଭାଷା ଶୁଣିବାକୁ ମିଳିବ। ରାସ୍ତାରେ ମଧ୍ୟ ଆପଣ ବିଭିନ୍ନ ଭାଷାର ଚିହ୍ନ ଓ ସଂକେତ ଲଟକା ଯାଇଥିବା ଦେଖିବେ। ତେବେ ନ୍ୟୁୟର୍କ ଏଭଳି ଏକ ଜାଗା, ଯେଉଁଠି ଅନେକ ଭାଷାର ମୃତ୍ୟୁ ମଧ୍ୟ ଘଟୁଛି। ଭାଷାବିତ୍ ଡାନିଏଲ କଫମ୍ୟାନ୍ କହନ୍ତି, ସ୍ଲୋଭାନିଆର ଗଟ୍‌ସିୟର୍ସ ଲୋକେ ସ୍ଲାଭିକ୍ ଭଳି ଏକ ଭାଷା କୁହନ୍ତି,

## ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ଉପଲକ୍ଷେ

ଯାହାକୁ ଜର୍ମାନୀ ଲୋକେ ବୁଝିପାରନ୍ତି ନାହିଁ। ଏହି ଭାଷା କହୁଥିବା ଲୋକଙ୍କ ମଧ୍ୟରୁ କେତେଜଣ କୁଇନ୍ସରେ ରହୁଛନ୍ତି। ସେହିପରି ହୋଣ୍ଡୁରାସ ଓ ବେଲିଜ୍‌ର ଗରିଫୁନା ଭାଷା କହୁଥିବା କେତେଜଣ ପ୍ରବାସୀ ମଧ୍ୟ ଆମେରିକାରେ ରହୁଛନ୍ତି। ଆମେରିକାର କେତେଜଣ ଭାଷାବିତ୍ ଏକାଠି ହୋଇ ଏବେ 'ଏନ୍‌ଡେଞ୍ଜର୍ଡ ଲାଙ୍ଗୁଏଜ୍ ଆଲାଏନ୍ସ' ବା ଲୁପ୍ତପ୍ରାୟ ଭାଷା ମେଣ୍ଟ ନାମକ ଏକ ସଂଗଠନ ଗଢ଼ିଛନ୍ତି। ସେମାନେ ଲୁପ୍ତପ୍ରାୟ ଭାଷାଗୁଡ଼ିକୁ ସଂରକ୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଏବେ ଇଣ୍ଡୋନେସିଆର ସୁଲାଭେସିର 'ମମୁଜୁ' ଭାଷା କହୁଥିବା ହୁସ୍ନି ହୁସେନଙ୍କ ଭିଡିଓ ମଧ୍ୟ ତିଆରି କରିଛନ୍ତି। ନ୍ୟୁୟର୍କରେ ଏହି ଭାଷା କହୁଥିବା ସେ ଏକମାତ୍ର ବ୍ୟକ୍ତି।

ଭାରତୀୟ ଭାଷାଗୁଡ଼ିକର ଶାସ୍ତ୍ରୀୟ ମାନ୍ୟତା ପାଇବା ଭାରତୀୟଙ୍କ କ୍ଷେତ୍ରରେ ଏକ ସ୍ୱର୍ଣକାତର ପ୍ରସଙ୍ଗ ରୂପେ ଉଭା ହୋଇଥିଲା। ଏହି ପ୍ରେକ୍ଷାପଟରେ ଆମେ ଏକ ପ୍ରକାର ଉଦାସୀନ ଥିଲୁ। ୨୦୧୦ ବେଳକୁ ବିଭିନ୍ନ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେବା ପରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ନେଇ ବିଚାରବିମର୍ଶ ଆରମ୍ଭ ହୋଇଥିଲା। ଶାସ୍ତ୍ରୀୟତା ଲାଭ ପାଇଁ ମୁଖ୍ୟତଃ ଚାରିଟି ଯୋଗ୍ୟତାର ଆବଶ୍ୟକତା ରହିଛି। ପ୍ରଥମତଃ ଶାସ୍ତ୍ରୀୟତା ଦାବି କରୁଥିବା ଭାଷାଭାଷୀ ଜାତିର ଅନ୍ୟୂନ ୧୫୦୦ରୁ ୨୦୦୦ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତିର ପ୍ରାଚୀନ ଐତିହ୍ୟ ଥିବ। ଦ୍ୱିତୀୟତଃ ଯୁଗ ଯୁଗ ଧରି ମହତ୍ତ୍ୱପୂର୍ଣ୍ଣ ବୋଲି ମନେକରାଯାଉଥିବା ପ୍ରାଚୀନ ଐତିହ୍ୟ ଓ ଗ୍ରନ୍ଥ ରଚନାର ପରମ୍ପରା ଥିବ। ତୃତୀୟତଃ ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ। ଚତୁର୍ଥତଃ ଆଧୁନିକ ଭାଷାଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥିବ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଦ୍ୱାରା ଏହି ଭାଷା ସାହିତ୍ୟର ଗବେଷକଙ୍କ ପାଇଁ ବର୍ଷକୁ ଦୁଇଟି ମୂଲ୍ୟବାନ ଆନ୍ତର୍ଜାତିକ ପୁରସ୍କାର ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଏହି ଭାଷାର ଅଧ୍ୟୟନ ଓ ଗବେଷଣା ପାଇଁ ଗବେଷଣା ପରିଷଦ ସ୍ଥାପନ କରାଯିବ ଏବଂ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କୁ ନିର୍ଦ୍ଦେଶ ଦିଆଯିବ। ଏହି ଭାଷାର ଉନ୍ନତି, ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାର ଏକ ଶହ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିବେ। ପ୍ରତିବର୍ଷ ବଜେଟରୁ ଭାଷା ପ୍ରସାର ପାଇଁ ଅନ୍ୟୂନ ୫କୋଟି ଟଙ୍କା ରାଜ୍ୟ ପାଇବ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ସହିତ ଜାତୀୟ ଗୌରବ ଓ ସ୍ୱାଭିମାନ ସଂଶ୍ଳିଷ୍ଟ।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନ୍‌ଶନ ରୋଡ, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା–
ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ।

–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଇଚାରା ରକ୍ଷା କରାଯାଉ

ମହାଶୟ,

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଯାଇଛି। ଏହା ପରେ କେତେକ ଗାଁରେ ଉତ୍ତେଜନା ଦେଖାଦେଇଛି। ନିର୍ବାଚନରେ ହାରିବା, ଜିତିବା ପ୍ରାର୍ଥିନୀ ପ୍ରାର୍ଥୀଙ୍କ ପରିଶ୍ରମ ଓ ସେବା ଉପରେ ନିର୍ଭରକରେ। ବିଜୟୀ ପ୍ରାର୍ଥୀ ଅଧିକ ଆନନ୍ଦିତ ହେବା ଓ ପରାଜିତ ପ୍ରାର୍ଥୀ ଦୁଃଖରେ ଭାଙ୍ଗି ପଡ଼ିବା ଉଚିତ ନୁହେଁ। କେତେକ ପଞ୍ଚାୟତରେ ଆକ୍ରମଣ ପ୍ରତି ଆକ୍ରମଣ ଓ ଗୋଷ୍ଠୀ ସଂଘର୍ଷ ହେଉଛି। ଏହା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ନିର୍ବାଚନ ଆସିବ ଓ ଯିବ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ବିରୋଧୀଙ୍କୁ ଆକ୍ରମଣ, ଟାହିଟାପରା କରିବା ଆଦୌ ଗ୍ରହଣୀୟ ନୁହେଁ। କେତେକ କ୍ଷେତ୍ରରେ ବିଜୟୀଙ୍କୁ ମଧ୍ୟ ହଇରାଣ ହରକତ କରାଯାଉଛି। ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଗାଁ ଗାଁରେ ବୁଲି ଶାନ୍ତି, ସଂହତି ଓ ଭାଇଚାରା ସୃଷ୍ଟି କରିବାକୁ ଆଗେଇ ଆସିବା ଉଚିତ। ଦୀର୍ଘଦିନ ଧରି ଗୋଟିଏ ଗାଁରେ ଭାଇ ଭାଇ ଭାବରେ ଚଳି ଆସୁଥିବା ଲୋକେ ଭୋଟ ରାଜନୀତିରେ ପରସ୍ପର ଶତ୍ରୁ ପାଲଟିଯାଉଥିବା ଅତ୍ୟନ୍ତ ଦୁଃଖର ବିଷୟ। ନିର୍ବାଚନ ପରେ ସମସ୍ତେ ତିକ୍ତତାକୁ ଭୁଲି ପୂର୍ବ ଅବସ୍ଥା ଫେରାଇ ଆଣିବାକୁ ଚେଷ୍ଟା କରନ୍ତୁ। ଫଳରେ ଶାନ୍ତି, ସଂହତି ପ୍ରତିଷ୍ଠା ହୋଇପାରିବ। ଗାନ୍ଧିଜୀଙ୍କ ରାମରାଜ୍ୟ ପରିକଳ୍ପନା ସାକାର ହୋଇପାରିବ।

–ନିର୍ମଳ ଚନ୍ଦ୍ର ସାମଲ, କୋକିଳା ଏନ୍‌କ୍ଲେଭ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚାଲାଣ ବେଳେ ୨୫ କଇଁଛ ଜବତ, ୨ ଗିରଫ


ଜବତ କରାଯାଇଥିବା କଇଁଛ।

**ଏମ୍‌ଭି ୭୯,୧୦।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ପିଭି-୮୧ ଗ୍ରାମଠାରେ ବନ ବିଭାଗ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱ ପାଟ୍ରୋଲିଂ ବେଳେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କଠାରୁ ୨୫ଟି କଇଁଛ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଅଭିଜିତ ବାଲା ଓ ପ୍ରକାଶ ତରଫଦାରଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ବିଭିନ୍ନ ସ୍ଥାନରେ କଇଁଛ ଚୋରାଚାଲାଣ ହେଉଥିବା ନେଇ ସୂଚନା ମିଳିବା ପରେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନ ଉପରେ ନଜର ରଖାଯାଇଥିଲା। ଗୁରୁବାର ଏମ୍‌ପିଭି-୮୧ଠାରେ ଏମ୍‌ଭି-୭୯ସ୍ଥିତ ରେଞ୍ଜର ସ୍ୱାଇଁଙ୍କ ନେତୃତ୍ୱରେ ଫରେଷ୍ଟର ଦୀପଙ୍କର ଶିବଲି, ଏସିଏଫ୍ ଲିଲି ଆମାତ୍ୟାଙ୍କ ସମେତ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍ (ଓଡି ୩୦-୩୯୨୧)କୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କଠାରୁ ୨୫ଟି କଇଁଛ ଜବତ କରାଯାଇଥିଲା। ଏନେଇ ବନ ବିଭାଗ ୯୦/୨୨ରେ ଏକ ମାମଲା ରୁଜୁକରି ୨ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏହି କଇଁଛ ଆନ୍ଧ୍ରପ୍ରଦେଶର କାକିନାଡା ଅଞ୍ଚଳରୁ ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରାଯାଉଥିବା ଜଣାପଡ଼ିଛି।

### ଗାତରେ ପଡ଼ି ଦିବ୍ୟାଙ୍ଗ ଯୁବକଙ୍କ ଜୀବନ ଗଲା

**କାଳ ହେଲା ବାଲିଘାଟ**

**ଆନନ୍ଦପୁର,୧୦।୩(ସ୍ୱ.ପ୍ର.):** ବାଲିଘାଟ ପାଇଁ ନଦୀଗର୍ଭରେ ସୃଷ୍ଟି ହୋଇଥିବା ବଡ଼ ଗାତ ଯୁବକଙ୍କ ପାଇଁ କାଳ ପାଲଟିଛି। ଗାତରେ ଭର୍ତ୍ତି ନଦୀ ଜଳରେ ଯୁବକ ବୁଡ଼ି ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲା ଘସିପୁରା ଥାନା ଦେଓଗାଁ ସ୍ଥିତ କୁଶେଇ ନଦୀରେ ଏଭଳି ଅଘଟଣ ଘଟିଛି। ମୃତକ ହେଲେ ଦେଓଗାଁ ସୀମାନ୍ତ ଯାଜପୁର ଜିଲା ଟମକା ଥାନା ବାଙ୍ଗୋରକୋଟା ଗ୍ରାମର ଦିବ୍ୟାଙ୍ଗ ପ୍ରଶାନ୍ତ କୁମାର ବଳ(୪୨)। ଅଭିଯୋଗ ଅନୁଯାୟୀ, ପ୍ରଶାନ୍ତ ବୁଧବାର ଦେଓଗାଁ ଜାଗର ମେଳା ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସନ୍ଧାନ ନ ପାଇବାରୁ ଟମକା ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ନଦୀ ଜଳରେ ମୃତଦେହ ଭାସୁଥିବା ସୂଚନା ପାଇ ଟମକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଦେଓଗାଁଠାରେ ଚାଲୁଥିବା ବାଲିଘାଟ ଯୋଗୁ ନଦୀରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ନଦୀ ମଧ୍ୟ ଦେଇ ପାଦଚଲା ରାସ୍ତାରେ ପ୍ରଶାନ୍ତ ଆସୁଥିବା ସମୟରେ ଗୋଡ ଖସି ମୃତ୍ୟୁମୁଖରେ ପଡ଼ିଥିବା ତାଙ୍କ ବଡବାପା ଦୁର୍ଯ୍ୟୋଧନ ବଳ ପୋଲିସ ନିକଟରେ କହିଛନ୍ତି। ପ୍ରଶାନ୍ତ ପୋଲିଓରେ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ଥିବାରୁ ନଦୀ ଜଳରୁ ପହଁରି ନିଜକୁ ଉଦ୍ଧାର କରିପାରି ନ ଥିବା ପରିବାର ଲୋକେ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ହତ୍ୟା ଅଭିଯୋଗ, ମୃତଦେହ ରଖି ରାସ୍ତାରୋକୋ

**ପିପିଲି,୧୦।୩(ସ୍ୱ.ପ୍ର./ଡି.ଏନ୍.ଏ.)**

ପୁରୀ ଜିଲାର ପିପିଲି ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତର ମାଟିଆପଡ଼ା ଗ୍ରାମରୁ ନିଖୋଜ ଥିବା ସ୍କୁଲ ଛାତ୍ର ସୌମ୍ୟରଞ୍ଜନ ଜେନା (ସୋନୁ) ଙ୍କ ମୃତଦେହ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରୁ ଜବତ ହେବା ଘଟଣା ନୂଆମୋଡ଼ ନେଇଛି। ସୌମ୍ୟରଞ୍ଜନଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ହତ୍ୟାକାରୀଙ୍କୁ ଗିରଫ କରିବା ସହ ପୁଅକୁ ନ୍ୟାୟ ଦେବା ଦାବିରେ ଗୁରୁବାର ପୂର୍ବାହ୍ନ ୯ଟାରୁ ମୃତକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ପିପିଲି ଟୋଲଗେଟ ନିକଟ ରାଜରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ। ଖବରପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ସରପଞ୍ଚ ଓ ବଜାର କମିଟିର ବରିଷ୍ଠ ସଦସ୍ୟମାନଙ୍କ ସହଯୋଗରେ ପୋଲିସ ପୁଣି ଆଲୋଚନା କରି ନିରପେକ୍ଷ ତଦନ୍ତ ଓ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରାୟ ୨ଘଣ୍ଟା ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଯାତାୟାତ ଠପ୍ ହୋଇପଡ଼ିଥିଲା।


ସୌମ୍ୟରଞ୍ଜନଙ୍କୁ ନ୍ୟାୟ ଦାବିରେ ପରିବାର ପକ୍ଷରୁ ପିପିଲି ଟୋଲ୍ ଗେଟ୍ ନିକଟରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ସୂଚନା ମୁତାବକ, ସୌମ୍ୟରଞ୍ଜନ ମାଟିଆପଡ଼ାସ୍ଥିତ ତାଙ୍କ ଅଜାଙ୍କ ଘରେ ରହି ଦଶମ ଶ୍ରେଣୀରେ ପଢୁଥିବାବେଳେ ଗତ ୭ତାରିଖ ରାତିରୁ ନିଖୋଜ ଥିଲେ। ଏନେଇ ତାଙ୍କ ଅଜା ବେଣୁଧର ପ୍ରଧାନ କୌଶଲ୍ୟାଗଙ୍ଗ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ୮ତାରିଖ ଦିନ ବଲାଙ୍ଗୀରସ୍ଥିତ କଣ୍ଟାବାଞ୍ଜି ଗ୍ରାମ ନିକଟ ରେଳଧାରଣାରେ ସୌମ୍ୟରଞ୍ଜନଙ୍କ ମୃତଦେହ ପଡ଼ିଥିବା ବେଳେ ପାଖରେ ପଡ଼ିଥିବା ସ୍କୁଲ ବ୍ୟାଗରୁ ପରିଚୟପତ୍ର ପାଇ ସ୍ଥାନୀୟ ଲୋକେ ସେହି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବରପାଇ ପରିବାର ଲୋକେ ସେଠାରୁ ପୁଅର ମୃତଦେହକୁ ଆଣି ବୁଧବାର ରାତିରେ କୌଶଲ୍ୟାଗଙ୍ଗ ଫାଣ୍ଡିରେ ପହଞ୍ଚି ପୁଅକୁ ଷଡ଼ଯନ୍ତ୍ର କରି ହତ୍ୟାକରି ଫିଙ୍ଗିଦେଇଥିବା ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ପିପିଲି ଥାନା ଆଇଆଇସିଙ୍କୁ ଜଣାଇବା ପରେ ପରିବାର ଲୋକେ ସୌମ୍ୟରଞ୍ଜନଙ୍କ ମୃତଦେହକୁ ଥାନାକୁ ଆଣି ନ୍ୟାୟ ପାଇଁ ଅଡି ବସିଥିଲେ। ଆଇଆଇସି ସେମାନଙ୍କୁ ବୁଝାଶୁଝା କରି ମୃତଦେହ ସତ୍କାର ପାଇଁ କହିଥିଲେ। କିନ୍ତୁ ପରିବାର ଲୋକେ ରାତିରେ ମୃତଦେହକୁ ମାଟିଆପଡ଼ା ଗ୍ରାମକୁ ଆଣିଥିବାବେଳେ ଗୁରୁବାର ତାହାକୁ ନେଇ ପିପିଲି ଟୋଲଗେଟ ପାଖରେ ରଖି ରାସ୍ତାରୋକୋ କରିଥିଲେ।

**ନିଖୋଜ ସ୍କୁଲ ଛାତ୍ରଙ୍କ ମୃତଦେହ ରେଳଧାରଣାରୁ ମିଳିବା ଘଟଣା**


ସୌମ୍ୟରଞ୍ଜନ ଜେନା (ଫାଇଲ ଫଟୋ)।

ସୌମ୍ୟରଞ୍ଜନଙ୍କର ସ୍ଥାନୀୟ ଜଣେ ଝିଅ ସହ ପ୍ରେମ ସମ୍ପର୍କ ଥିଲା। ହେଲେ ଝିଅଘର ଏହାକୁ ବିରୋଧ କରୁଥିଲେ। ଏପରିକି ସୌମ୍ୟରଞ୍ଜନ ସେ ଝିଅକୁ ୭ତାରିଖ ରାତିରେ ଦେଖାକରିବାକୁ ଯାଇ ଆଉ ଫେରି ନ ଥିଲେ। ତେଣୁ ପୁଅକୁ ଡାକି ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ କଣ୍ଟାବାଞ୍ଜି ରେଳଧାରଣାରେ ଫିଙ୍ଗି ଦିଆଯାଇଥିବା ସୌମ୍ୟରଞ୍ଜନଙ୍କ ମା ସୁମିତ୍ରା ଜେନା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ କରିବ ବୋଲି ପିପିଲି ଏସ୍‌ଡିପିଓ ବରାଳ କହିଛନ୍ତି।

**ବିବାହ ଅଭିନନ୍ଦନ**



ପପୁ (ଭେଙ୍କଟରମଣ), ଆଜି ତୁମେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛ। ଏହି ଅବସରରେ ତୁମକୁ ଆଶୀର୍ବାଦ ଏବଂ ଅଭିନନ୍ଦନ। ମାମୁଲ (ଜ୍ୟୋତିର୍ମୟୀ)ଙ୍କ ସହ ତୁମର ବୈବାହିକ ଜୀବନ ସୁଖମୟ ହେଉ ଏବଂ ତୁମ ଦୁହିଁଙ୍କ ଚଲାପଥକୁ ପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ କୁସୁମିତ କରନ୍ତୁ, ଏତିକି ପ୍ରାର୍ଥନା।
ତୁମର ବାପା, ମାଆ, ଝିଅ, ଜ୍ୱାଇଁ, ଜୁଜୁ, ରାଜ୍, ପରୀ ଓ ସାହୁ ପରିବାରବର୍ଗ।
D-23354

### ଦୀପ ନିଆଁରୁ ଜଳିଗଲା ଘର

**ଯୋଡ଼ା,୧୦।୩ (ଡି.ଏନ୍.ଏ.)**

କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ା ଭିଟି ସେଣ୍ଟର ଲୋୟର କ୍ୟାମ୍ପ୍ ଘର ନଂ.୨ ଆର-୩୨୩ରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ଜଳିଯାଇଛି। ଖବରପାଇ ଟାଟା କମ୍ପାନୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟାଟା କମ୍ପାନୀର ଏହି ଘରଟି ତୋଫାନ ସେନ କାରୁଆଙ୍କ ନାମରେ ଥିବା ବେଳେ ସେ ନୂଆମୁଣ୍ଡିରେ ଚାକିରି କରନ୍ତି। ସେହି ଘରେ ତାଙ୍କ ମା' ଏବଂ ଭଉଣୀ ରହୁଥିଲେ। ସନ୍ଧ୍ୟା ସମୟରେ ଘରେ ଦୀପ ଲଗାଇ ସେମାନେ ସାମ୍ନାରେ ଥିବା ପଡ଼ିଆକୁ ଯାଇଥିଲେ। ଏହି ସମୟରେ ଦୀପରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଘଟଣାସ୍ଥଳରେ ପୋଲିସ ତଦନ୍ତ ଆରମ୍ଭ କରିଛି।


ପରିବେଶ ଓ ମଣିଷ ସମାଜ ପାଇଁ ବିପଦ ସାଜିଥିବା ପ୍ଲାଷ୍ଟିକ୍ ବ୍ୟବହାରକୁ ବର୍ଜନ କରିବା ପାଇଁ ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟର ଛାତ୍ରୀଛାତ୍ରମାନେ ଗୁରୁବାର ଭୁବନେଶ୍ୱର ରସୁଲଗଡ଼ଠାରେ ନାଟକ ପରିବେଷଣ ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି।

### ବାଇକ୍ ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧୦।୩ (ଡି.ଏନ୍.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲ-ଦୁବୁରୀ ୫୩ ନଂ. ଜାତୀୟ ରାଜପଥର ସୁଭଦ୍ରାପୁର ନିକଟରେ ଗୁରୁବାର ବାଇକ୍ ଧକ୍କାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧର୍ମଶାଳା ଥାନା ଅକରାବାଦ ଗ୍ରାମର ପ୍ରମୋଦ ସାହୁଙ୍କ ପୁଅ ପ୍ରାର୍ଥସାରଥି। ସେ ଚାଲିଚାଲି ଆସୁଥିବାବେଳେ ପଛ ପଟରୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ଥିଲେ। ବଡ଼ଚଣା ପୋଲିସ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି। ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ. ୮୭/୨୨ ରୁଜୁ ହୋଇଛି।

# ୧୫ରେ ମୂଳ ପିଟିଶନର ଶୁଣାଣି

**ବ୍ରହ୍ମପୁର ଅଫିସ,୧୦।୩**

■ ସୁମିତ-ତପସ୍ୱିନୀ ଦମ୍ପତି ବିବାଦ ମାମଲା

■ କୋର୍ଟରେ ୧୦ ହଜାର ଟଙ୍କାର ଡିଡି ଦାଖଲ

ଡା.ସୁମିତ ସାହୁ-ତପସ୍ୱିନୀ ଦାଶ ବିବାଦ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ତେବେ ତପସ୍ୱିନୀଙ୍କ ଭରଣପୋଷଣ ପାଇଁ ମାସିକ ୧୭ହଜାର ଟଙ୍କା ଦେବାକୁ ଜିଲା ଜଜ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଡା. ସୁମିତଙ୍କ ଓକିଲ ସୁରେନ୍ଦ୍ର ବେହେରା ଉଚ୍ଚ ନ୍ୟାୟାଳୟରେ ଏକ ପିଟିଶନ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ତପସ୍ୱିନୀଙ୍କ ଭରଣପୋଷଣ ପାଇଁ ମାସିକ ୧୦ ହଜାର ଟଙ୍କା ଦେବାକୁ ସୁମିତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁମିତ ମାର୍ଚ୍ଚ ୧୦ରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଡିମାଣ୍ଡ ଡ୍ରାଫ୍ଟ(ଡିଡି) ଆକାରରେ ୧୦ ହଜାର ଟଙ୍କା ଜମା କରିଥିଲେ।

ପ୍ରକାଶ ଯେ, ପୂର୍ବରୁ ଜିଲା ଜଜ୍ କୋର୍ଟ ଏହି ମାମଲାର ଶୁଣାଣି କରି ତପସ୍ୱିନୀଙ୍କ ଭରଣପୋଷଣ ପାଇଁ ଡା. ସୁମିତ ମାସର ୧୦ ତାରିଖ ସୁଦ୍ଧା ୧୭ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କ୍ରମେ ସୁମିତଙ୍କ ତରଫରୁ ତାଙ୍କ ଓକିଲ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଫେବୃୟାରୀ ୧୦ରେ ୧୭ ହଜାର ଟଙ୍କାର ଡିଡି ଦାଖଲ କରିଥିଲେ। କୌଣସି କାରଣରୁ ତପସ୍ୱିନୀ ଉକ୍ତ ଦିନ କୋର୍ଟରେ ହାଜର ହୋଇପାରି ନ ଥିଲେ। ଫେବୃୟାରୀ ୨୧ରେ ତପସ୍ୱିନୀ କୋର୍ଟରେ ହାଜର ହୋଇ ଉକ୍ତ ଟଙ୍କାର ଡିଡି ଗ୍ରହଣ କରିଥିଲେ। ଅନ୍ୟପଟେ ତପସ୍ୱିନୀଙ୍କ ତରଫରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗତ ନଭେମ୍ବରରେ ରୁଜୁ କରିଥିବା ମୂଳ ପିଟିଶନ ଏମ୍‌ସି ୩୪୪/୨୧ ର ସାକ୍ଷୀ ବିଚାର ପାଇଁ ମାର୍ଚ୍ଚ ୧୫ ଧାର୍ଯ୍ୟ ହୋଇଥିବା ଓକିଲ ବେହେରା କହିଛନ୍ତି। ମାମଲାକୁ ନେଇ ରୁଜୁ ହୋଇଥିବା ଛାଡ଼ପତ୍ର ଆବେଦନର କାଉନ୍‌ସେଲିଂ ପାଇଁ ଏପ୍ରିଲ ୪ ଧାର୍ଯ୍ୟ ହୋଇଛି ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ପୂର୍ବରୁ ଫେବୃୟାରୀ ୧୦ ଓ ମାର୍ଚ୍ଚ ୭ ଦୁଇଟି ତାରିଖରେ ସୁମିତ ପରିବାର କୋର୍ଟରେ ହାଜର ହୋଇଥିଲେ। କିନ୍ତୁ ତପସ୍ୱିନୀ ହାଜର ନ ହେବାରୁ କାଉନ୍‌ସେଲିଂ ହୋଇପାରି ନ ଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତପସ୍ୱିନୀ ବର୍ତ୍ତମାନ ବ୍ରହ୍ମନଗର ଦ୍ୱିତୀୟ ଲାଇନ୍ ସ୍ଥିତ ସୁମିତଙ୍କ ଘରେ ରହୁଛନ୍ତି। ସେପଟେ ତପସ୍ୱିନୀ ଘରକୁ ପ୍ରବେଶ କରିବା ପରେ ତାଙ୍କ ଶ୍ୱଶୁର ପ୍ରମୋଦ ସାହୁ ଜାନୁୟାରୀ ୬ ରାତିରୁ ଘର ଛାଡ଼ି କେଉଁଆଡେ ଚାଲି ଯାଇଛନ୍ତି। ଅନ୍ୟପଟେ ଡା. ସୁମିତ ମାନସିକ ଦୁଶ୍ଚିନ୍ତା ଓ ଶାରୀରିକ ଅସୁସ୍ଥତା କାରଣରୁ ଏବେ ବି ଛୁଟିରେ ରହିଛନ୍ତି। ସୁମିତ ଓ ତାଙ୍କ ବାପା ପ୍ରମୋଦ ବ୍ରହ୍ମନଗର ଘରେ ରହୁ ନ ଥିବା ବେଳେ ତାଙ୍କ ଜେଜେମା ବିବାସିନୀ ସାହୁ ଓ ତାଙ୍କ ମା' ସ୍ନିତାରଣୀ ସାହୁ ହିଁ କେବଳ ଉକ୍ତ ଘରର ତଳ ମହଲାରେ ରହୁଛନ୍ତି।

### ଅନ୍ତରୀଣ ଜାମିନରେ ଜେଲରୁ ବାହାରିଲେ ପିଣ୍ଟୁ ଦାସ

**ବ୍ରହ୍ମପୁର ଅଫିସ,୧୦।୩**

ଜମି ହଡପ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ପିଣ୍ଟୁ ଓରଫ ଶିବ ଶଙ୍କର ଦାସ ଗୁରୁବାର ଜେଲରୁ ବାହାରିଛନ୍ତି। ହାଇକୋର୍ଟରୁ ପିଣ୍ଟୁଙ୍କୁ ମିଳିଥିବା ଜାମିନ ସମ୍ପର୍କିତ ସମସ୍ତ ଆବଶ୍ୟକ କାଗଜପତ୍ର ତାଙ୍କ ଓକିଲ ଶିବ ନାରାୟଣ ସାହୁ ଓ ସୁରେନ୍ଦ୍ର ବେହେରା ଗୁରୁବାର ଏଡିଜେ-୨ ରାଜଶ୍ରୀ ମହାପାତ୍ରଙ୍କ କୋର୍ଟରେ ଦାଖଲ କରିଥିଲେ। ୫୦ହଜାର ଟଙ୍କାର ଦୁଇଟି ବଣ୍ଡ ଓ ଦୁଇଟି ଜାମିନଦାର ଦେଇ ସେ ମଣ୍ଡଳକାରାଗାରରୁ ଜାମିନରେ ବାହାରିଛନ୍ତି। ଉଚ୍ଚ ନ୍ୟାୟାଳୟ ପିଣ୍ଟୁଙ୍କ ତରଫରୁ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି କରି ଗତ ୮ତାରିଖରେ ତାଙ୍କ ଜାମିନ ମଞ୍ଜୁର କରିଛନ୍ତି। ହେଲେ ହାଇକୋର୍ଟରୁ ମିଳିଥିବା ଜାମିନ ସମ୍ପର୍କିତ କାଗଜପତ୍ର ବ୍ରହ୍ମପୁର କୋର୍ଟରେ ୧୦ ତାରିଖରେ ଦାଖଲ ପରେ ସେ ଜେଲରୁ ବାହାରିଛନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି। ସେହିପରି ଆସନ୍ତା ୨୫ ତାରିଖରେ ପିଣ୍ଟୁ କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ମଧ୍ୟ ଜାମିନରେ ଉଲ୍ଲେଖ ରହିଛି ବୋଲି ତାଙ୍କ ଓକିଲ କହିଛନ୍ତି। ପିଣ୍ଟୁ ତାଙ୍କ ପୁଅ ବ୍ରତଘର ପାଇଁ ହାଇକୋର୍ଟରୁ ୧୭ ଦିନ ପାଇଁ ଜାମିନ ପାଇଛନ୍ତି। ଏଥିରେ ସର୍ତ୍ତ ରହିଛି ଯେ, ସେ କୌଣସି ନିର୍ବାଚନୀ କାର୍ଯ୍ୟକ୍ରମରେ ଯାଇପାରିବେ ନାହିଁ। ଦିନକ ବ୍ୟବଧାନରେ ସେ ଗୋଳନ୍ଥରା ଥାନାକୁ ଯାଇ ସେ ନିଜର ହାଜିରା ଦେବା ପାଇଁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ପିଣ୍ଟୁ କନିଷି ଅଞ୍ଚଳର କିଛି ଦଳିତ ଲୋକଙ୍କ ଜମି ହଡପ ଅଭିଯୋଗରେ ୨୦୧୮ ଜାନୁୟାରୀ ୧୯ରୁ ଗିରଫ ହୋଇ ମଣ୍ଡଳକାରାଗାରରେ ଥିଲେ।

# ଖୁବ୍ ଶୀଘ୍ର ଏମ୍ସରେ ବୃକକ୍ ପ୍ରତିରୋପଣ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଏମ୍ସ ଭୁବନେଶ୍ୱରରେ ବୃକକ୍ ପ୍ରତିରୋପଣ (ରେନାଲ୍ ଟ୍ରାନ୍ସପ୍ଲାଣ୍ଟ) ହେବ। ରାଜ୍ୟ ସରକାରଙ୍କଠାରୁ ଏନେଇ ଅନୁମତି ମିଳିସାରିଥିବାବେଳେ ଏମ୍ସ ପକ୍ଷରୁ ଭିତ୍ତିଭୂମି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଆବଶ୍ୟକ ଅନ୍ୟାନ୍ୟ ପ୍ରକ୍ରିୟା ସରିବା ପରେ ବହୁ ପ୍ରତୀକ୍ଷିତ ବୃକକ୍ ପ୍ରତିରୋପଣ ସେବା ଆରମ୍ଭ ହେବ ବୋଲି ଏମ୍ସ ଭୁବନେଶ୍ୱରର ମେଡିକାଲ ଅଧୀକ୍ଷକ ଡା. ଏସ୍. ଏନ୍. ମହାନ୍ତି ପ୍ରକାଶ କରିଛନ୍ତି। ଗୁରୁବାର ଏମ୍ସ ପରିସରରେ ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ସେ ଏନେଇ ସୂଚନା ଦେବା ସହିତ ଏହି ସେବା ଦ୍ୱାରା ରାଜ୍ୟ ତଥା ବାହାରୁ ଆସୁଥିବା ଅନେକ କିଡ୍‌ନୀ ରୋଗୀ ଉପକୃତ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି।

ସେହିପରି ନେଫ୍ରୋଲୋଜି ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ଡା. ସନ୍ଦୀପ କୁମାର ପଣ୍ଡା କହିଛନ୍ତି, ଏମ୍ସ ଭୁବନେଶ୍ୱର ୨୦୧୯ରୁ ଡାଏଲିସିସ୍ ସେବା ଯୋଗାଇ ଆସୁଛି। ଏଥିସହିତ ବିଭିନ୍ନ କିଡ୍‌ନୀ ରୋଗ ପାଇଁ ପ୍ଲାଜ୍‌ମାଫେରେସିସ୍, ସିଆର୍‌ଆର୍‌ଟି, ରେନାଲ୍ ବାୟୋପ୍ସି ଭଳି ସେବା ଉପଲବ୍ଧ ରହିଛି। ଓଡ଼ିଶାରେ କ୍ରମାଗତ ଭାବେ କ୍ରନିକ୍ ବୃକକ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତଥ୍ୟାନୁସାରେ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୧୦-୧୪ ପ୍ରତିଶତ କିଡ୍‌ନୀଜନିତ ରୋଗରେ ପୀଡିତ। ଏପରିକି ରାଜ୍ୟରେ କିଛି ଅଞ୍ଚଳରେ ଏହା ପ୍ରାୟ ୨୦ ପ୍ରତିଶତ ରହିଛି ଓ ଏ ସମସ୍ତ ଅଞ୍ଚଳକୁ ସିକେଡି ହଟ୍‌ସ୍ପଟ୍ ଭାବେ ବିବେଚିତ କରାଯାଉଛି। ଏହା ଚିନ୍ତାଜନକ ବୋଲି ଡା. ପଣ୍ଡା ମତବ୍ୟକ୍ତ କରିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱବ୍ୟାପୀ ଡାଇବେଟିସ୍ ମେଲିଟସ୍ ହେଉଛି ଉଚ୍ଚ ରକ୍ତଚାପ ପରେ ବୃକକ୍ ବିଫଳତାର ମୁଖ୍ୟ କାରଣ। କିନ୍ତୁ ନିକଟ ଅତୀତରେ ଅଧିକରୁ ଅଧିକ ଯୁବକ ଅଣ-ମଧୁମେହ ରୋଗୀ ଏବଂ ଉଚ୍ଚ ରକ୍ତଚାପ ରୋଗୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଥିବା ଡା. ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଏହି କାର୍ଯ୍ୟକ୍ରମରେ ଜେନେରାଲ ମେଡିସିନ୍ ବିଭାଗର ଅତିରିକ୍ତ ପ୍ରଫେସର ଡା. ଅନୁପମ ଦେ, ୟୁରୋଲୋଜିର ସହକାରୀ ପ୍ରଫେସର ଡା. ମନୋଜ ଦାସ, ଶିଶୁରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଅମିତ ଶତପଥୀ, ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଡା. ଦେବାନନ୍ଦ, ନେଫ୍ରୋଲୋଜିର ସହକାରୀ ପ୍ରଫେସର ଡା. ପ୍ରୀତି ମୀନା ପ୍ରମୁଖ କିଡ୍‌ନୀ ରୋଗ ଉପରେ ମତ ରଖିଥିଲେ। ରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣ କରିବା, ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା, ଧୂମପାନରୁ ଦୂରେଇ ରହିବା, ଅନାବଶ୍ୟକ ଔଷଧ ସେବନରୁ ଦୂରେଇ ରହିବା ଦ୍ୱାରା କିଡ୍‌ନୀ ରୋଗରୁ ରକ୍ଷା ପାଇପାରିବା ବୋଲି ସେମାନେ କହିଛନ୍ତି।



ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ଏମ୍‌ସର ଡାକ୍ତର ଓ ଅନ୍ୟମାନେ।

## ମନେ ପଡ଼ନ୍ତି

**୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କବି ବଂଶୀଧର ମିଶ୍ର**
ସନ୍ତରା, କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୬।୧୯୩୧
ତିରୋଧାନ: ୧୪।୦୩।୨୦୦୦ (ଦୋଳ ନବମୀ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ପ୍ରମିଳା ମିଶ୍ର, ପୁତ୍ର ଓ ପୁତ୍ରବଧୂ: ବାବୁନି, ଗୀତା, ଟିଙ୍କୁ, ମୁନା, ସଂଜୁ, କୁନା, ମିନି, ନାତି ଓ ନାତୁଣୀବୋହୂ: ବାପି, କୁନି, ଏନ୍ଟୁ, ମାମି, ନାତୁଣୀ ଓ ନାତୁଣୀଜ୍ୱାଇଁ: ଗୁଗୁ, ଚଗୁଲୁ, ଲିପି, ବବୁଲୁ, ସେଲି, ଡଲୁ, ସୁମି, ଅଣନାତି, ଅଣନାତୁଣୀ: ଧନ, ଗୌରବ, ଆଡ୍‌ଲିନ୍।
ଧ-୨୩୩୬୫

**୩୪ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ସୁହାସିନୀ ତ୍ରିପାଠୀ**
ଆବିର୍ଭାବ- ୧୯୪୧ (ରାମ ନବମୀ)
ତିରୋଧାନ- ୧୯୮୮ (ଫଗୁ ନବମୀ)
ମା, ତମର ସ୍ନେହ, ଶ୍ରଦ୍ଧା ଓ ଅନାବିଳ ବ୍ୟକ୍ତିତ୍ୱ ଆମପାଇଁ ପ୍ରେରଣାର ଏକ ମହାନ ଉତ୍ସ। ତମର ଆଦର୍ଶରେ ଆମେମାନେ ସବୁବେଳେ ଅନୁପ୍ରାଣୀତ। ଆଜିର ଏହି ୩୪ ତମ ପୂଣ୍ୟ ତିଥିରେ ତମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ : ଝିଅ, ଜ୍ୱାଇଁ-କୁକୁ ଓ ଟୁଟୁ, ନିତୁ ଓ ରାମ, ପୁଅ, ବୋହୂ-ବାବୁନା ଓ ମାମୁନି, ନାତି-କୁଟୁ, ଡୁକି ଓ ଫୁକି, ନାତୁଣୀ-ପ୍ରାଚୀ, ଶୈବି ଓ ନୈଶା ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୧୯୫୬

**ଏକାଦଶାହ ଅବସରରେ**



**ସ୍ୱର୍ଗତ ବୁଦ୍ଧେନ୍ଦ୍ର ସାହୁ**
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଅବତରଣ: ୧୬।୦୫।୧୯୩୪ (ଅକ୍ଷୟ ତୃତୀୟା)
ସ୍ୱର୍ଗାରୋହଣ: ୦୧।୦୩।୨୦୨୨ (ମହାଶିବରାତ୍ରି)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତି ଦାୟକ ହେଉ, ଏହାହିଁ ପରମ କାରୁଣିକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
କୁସୁମାଞ୍ଜଳି ସହ: ସ୍ତ୍ରୀ: ଉଲ୍ଲାସ, ପୁତ୍ର: ରବୀନ୍ଦ୍ର, ବୋହୂ: ଚଞ୍ଚଳା, ଲକି, ବିୟୁଟି, ଚନ୍ଦନ, ଝିଅ-ଜ୍ୱାଇଁ ଓ ସାହୁ ପରିବାରବର୍ଗ।
ଧ-୬୦୯୭୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୧/୨୦୨୨ Sambalpur, Friday, March 11/ 2022

# ବେଙ୍ଗାଲୁରୁ ଟେଷ୍ଟ ପାଇଁ କମ୍ବିନେଶନ

ନୂଆଦିଲ୍ଲୀ, ୧୦।୩ (ପି.ଟି.)

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୨୨୨ ରନରେ ବିପୁଳ ବିଜୟ ହାସଲ କରିଥିବାରୁ ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ଲାଗି ଭାରତ ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ ଓ ଅଧିନାୟକ ରୋହିତ ଶର୍ମା ଦଳରେ କୌଣସି ପରିବର୍ତ୍ତନ ନ କରିବା ସମ୍ଭାବନା ଯଥେଷ୍ଟ। ହେଲେ ଶନିବାର ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ ଦିବାରାତ୍ର ବିଶିଷ୍ଟ। ଏଥିପାଇଁ ଦୁହେଁ କି ଯୋଜନା ରଖିଛନ୍ତି ସେ ନେଇ ମନରେ କୌତୂହଳ ସୃଷ୍ଟି ହେବା ସ୍ୱାଭାବିକ। ଗତ ମ୍ୟାଚରେ ପତନ ଘଟିଥିବା ୨୦ଟି ଉଇକେଟ ମଧ୍ୟରେ ୧୫ଟି ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ସେମାନଙ୍କ ମଧ୍ୟରେ ବାଣ୍ଟି ନେଇଛନ୍ତି। ହେଲେ ଏଥିରେ ହରିୟାଣା ଅଫ୍‌ସ୍ପିନର ଜୟନ୍ତ ଯାଦବଙ୍କ ପ୍ରଦର୍ଶନ ଉତ୍ସାହଜନକ ନ ଥିଲା। ସେ ଦୁଇଟି ଇନିଂସରେ ମୋଟ ୧୭ ଓଭର ବୋଲିଂ କରିଥିଲେ ମଧ୍ୟ ଗୋଟିଏ ହେଲେ ଉଇକେଟ ନେଇ ପାରି ନ ଥିଲେ। ଚିନ୍ନାସ୍ୱାମୀ ଟ୍ରାକ୍‌ରେ ଫ୍ଲଡ ଲାଇଟ୍‌ରେ ପିଚ୍‌ର ଲକ୍ଷଣ କ'ଣ ରହିବ ତାହା ଏବେଠାରୁ ସ୍ପଷ୍ଟ ଭାବେ କହି ହେବନାହିଁ। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲରେ ଭାରତ ଖେଳିବାକୁ ଥିବା ୯ଟି ଟେଷ୍ଟରୁ ଗୋଟିଏ ହେଲେ ହାରିବାକୁ ଚାହିଁବ ନାହିଁ। ସେମାନେ ହୁଏତ ଜୟନ୍ତଙ୍କୁ ଚୂଡ଼ାନ୍ତ ଏକାଦଶରେ ନେଇ ନ ପାରନ୍ତି। ଦଳ ୱିନିଂ କମ୍ବିନେଶନ ପସନ୍ଦ କରିବ। ଅହମ୍ମଦାବାଦରେ ଇଂଲଣ୍ଡ ବିପକ୍ଷ ଦିବାରାତ୍ର ଟେଷ୍ଟରେ ଅକ୍ଷର ପଟେଲ ଭଲ ବୋଲିଂ କରିଥିଲେ। ମ୍ୟାଚରେ ସେ ୭୦ ରନ ବିନିମୟରେ ୧୧ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କୁ ହୁଏତ ଦଳରେ ନେବା ଲାଗି ବିଚାର କରାଯାଇ ପାରେ। କିନ୍ତୁ ଶ୍ରୀଲଙ୍କା ତରଫରୁ ଗତ ମ୍ୟାଚ ଖେଳିଥିବା ପ୍ରଥମ ୬ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ୪ ଜଣ ହେଉଛନ୍ତି ବାମହାତୀ। ସେମାନେ ହେଲେ ଲାହିରୁ ଥିରିମାନେ, ଦିମୁଥ କରୁଣାରତ୍ନେ, ଚାରିଥ ଆଶାଲଙ୍କା ଓ ନିରୋଶାନ ଡିକ୍‌ୱେଲା। ତେଣୁ ଦ୍ରାଭିଡ ଆସନ୍ତା ମ୍ୟାଚରେ ଦୁଇଜଣ ବାମହାତୀ ସ୍ପିନରଙ୍କୁ ଖେଳାଉଛନ୍ତି କି ନା ତାହା ଏକ ବଡ଼ ପ୍ରଶ୍ନ। ଅକ୍ଷରଙ୍କୁ ଯଦି ଖେଳାଯାଏ ତେବେ ସେ ଓ ଜାଡେଜାଙ୍କ ଯୋଡ଼ି ବିପକ୍ଷ ଦଳର ବ୍ୟାଟରମାନଙ୍କୁ ବହୁ ଅଡୁଆରେ ପକାଇ ପାରନ୍ତି। ପରିବେଶ ଯଦି ବିଶେଷ ଭାବେ ପେସ୍ ବୋଲରଙ୍କୁ ସୁହାଇବ ବୋଲି ସ୍ପଷ୍ଟ ସୁରାକ ମିଳେ ତେବେ ମହମ୍ମଦ ସିରାଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ବର୍ତ୍ତମାନ ସେ ଭାରତର ସବୁଠାରୁ ଦ୍ରୁତ ବୋଲର ବିବେଚିତ ହେଉଛନ୍ତି। ମୁମ୍ବାଇରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ତାଙ୍କ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ବ୍ୟାଟିଂ ଅର୍ଡରରେ ସମସ୍ତେ ଫିଟ୍ ଓ ଉପଲବ୍ଧ ଅଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ଚାହିଁଲେ ଶ୍ରେୟାସ ଆୟାରଙ୍କ ସ୍ଥାନରେ ଶୁବମନ ଗିଲ୍‌ଙ୍କୁ ଖେଳାଯାଇପାରେ।



ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଗୁରୁବାର ଅଭ୍ୟାସ କରୁଛନ୍ତି ଭାରତୀୟ ଖେଳାଳିମାନେ।

# ଭାରତୀୟ ଦଳରେ ସୋହିନୀ

ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ସୋହିନୀ ସଞ୍ଜୟ ମହାନ୍ତି ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ପ୍ରତିଯୋଗିତାର ଅନ୍ତିମ କ୍ୱାଲିଫାଇଂ ଇଭେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ନୂଆଦିଲ୍ଲୀଠାରେ ଆଗାମୀ ଏପ୍ରିଲ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱରର ସୋହିନୀ

**ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ**

ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସେ ସମ୍ପ୍ରତି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତ। ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ସଫଳତା ପାଇଥିବା ସୋହିନୀ ୨୦୨୧ ସେପ୍ଟେମ୍ବରରେ ହରିୟାଣାର ସୋନେପତଠାରେ ଅନୁଷ୍ଠିତ ଏସିଆନ ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେଠାରେ ସେ ବାଳିକା ବିଭାଗ ଟାଇଟଲ ମଧ୍ୟ ଜିତିଥିଲେ। ୨୦୨୨ ଜାନୁୟାରୀ ୧୦ରେ ପ୍ରକାଶିତ ଏଆଇଟିଏ ର୍ୟାଙ୍କିଙ୍ଗ୍‌ର ୧୪ ବର୍ଷରୁ କମ୍ ବାଳିକା କ୍ୟାଟେଗୋରିରେ ସେ ନମ୍ବର ୱାନ ହେବାର ସୌଭାଗ୍ୟ ପାଇଥିଲେ।



ସୋହିନୀ ସଞ୍ଜୟ ମହାନ୍ତି

# ମାସ୍କରେନହାସ ଓଡ଼ିଶା ହକି କୋଚ୍

ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି)

ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଏଫ୍‌ଆଇଏଚ୍ ଲେଭଲ-୨ କୋଚ୍ ଏଡ୍‌ଗାର ମାସ୍କରେନହାସ ଓଡ଼ିଶା ମହିଳା ଓ ପୁରୁଷ ହକି ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ହେବାକୁଥିବା ଆଗାମୀ ଜାତୀୟ ପ୍ରତିଯୋଗିତା ପୂର୍ବରୁ ମୁମ୍ବାଇର ମାସ୍କରେନହାସଙ୍କୁ ଏହି ନିଯୁକ୍ତି ମିଳିଛି। ମାସ୍କରେନହାସ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜଣେ ଗୋଲକିପରଭାବେ ଏୟାର ଇଣ୍ଡିଆ, ମହାରାଷ୍ଟ୍ର ଓ ଭାରତୀୟ ଦଳ ପକ୍ଷରୁ ଖେଳିବାର ଅଭିଜ୍ଞତା ରଖିଛନ୍ତି। ୧୯୯୫ ସାଫ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସେହିପରି ୧୯୯୬ ଅଲିମ୍ପିକ୍ କ୍ୱାଲିଫାୟର ଏବଂ ଇନ୍ଦିରା ଗାନ୍ଧୀ ଗୋଲ୍ଡ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ପକ୍ଷରୁ ସେ ଖେଳିଥିଲେ। ୨୦୧୯ରେ ସେ ଏଫ୍‌ଆଇଏଚ୍‌ର ଲେଭଲ-୨ କୋଚ୍ ପ୍ରମାଣପତ୍ର ପାଇଥିଲେ। ୨୦୧୭, ୨୦୧୯ ଓ ୨୦୨୧ ଜାତୀୟ ପ୍ରତିଯୋଗିତା ପାଇଁ ସେ ମହାରାଷ୍ଟ୍ର ସିନିୟର ଦଳର କୋଚ୍ ଥିଲେ। ତାଙ୍କ ପ୍ରଶିକ୍ଷଣରେ ମହାରାଷ୍ଟ୍ର ୨ ଥର କ୍ୱାର୍ଟର ଫାଇନାଲ ଏବଂ ଥରେ ସେମିଫାଇନାଲ ଖେଳିଥିଲା। ୨୦୧୬-୧୭ରେ ସେ ହକି ଇଣ୍ଡିଆ ଲିଗ୍‌ରେ ଦବଙ୍ଗ ମୁମ୍ବାଇ ଦଳର ଗୋଲକିପିଂ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶାରେ ହକି ଅନ୍ୟତମ ପ୍ରମୁଖ କ୍ରୀଡ଼ା ହୋଇଥିବାରୁ ମାସ୍କରେନହାସଙ୍କ ପ୍ରଶିକ୍ଷଣରେ ଓଡ଼ିଶା ହକି ଭିନ୍ନ ଏକ ସୋପାନକୁ ଯାଇପାରିବ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆଶାପ୍ରକାଶ କରାଯାଇଛି।



ଏଡ୍‌ଗାର ମାସ୍କରେନହାସ

## ମେଲବୋର୍ନରେ ପହଞ୍ଚିଲା ୱର୍ନଙ୍କ ପାର୍ଥିବ ଶରୀର

**ମେଲବୋର୍ନ, ୧୦।୩ (ପି.ଟି.):** ସ୍ୱର୍ଗତ ଅଷ୍ଟ୍ରେଲିଆନ ସ୍ପିନ୍ କିମ୍ବଦନ୍ତୀ ଶେନ୍ ୱର୍ନଙ୍କ ମରଶରୀର ଗୁରୁବାର ଏକ ଘରୋଇ ଜେଟ୍‌ରେ ବ୍ୟାଙ୍କକ୍‌ଠାରୁ ଆସି ତାଙ୍କ ଜନ୍ମ ସହର ମେଲବୋର୍ନରେ ପହଞ୍ଚିଛି। ସପ୍ତାହ ପୂର୍ବେ ଥାଇଲାଣ୍ଡରେ ହୃଦ୍‌ଘାତରେ ତାଙ୍କର ଦୁଃଖଦ ପ୍ରାଣହାନି ଘଟିଥିଲା। ତାଙ୍କ ପାର୍ଥିବ ଶରୀର ଏକ କଫିନରେ ଅଣାଯାଇଛି। ତା' ଉପରେ ଅଷ୍ଟ୍ରେଲିଆ ଜାତୀୟ ପତାକା ଆବୃତ ରହିଥିଲା। ସ୍ଥାନୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ସ୍ଥାନୀୟ ବିମାନବନ୍ଦରରେ ପହଞ୍ଚିଥିଲା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି) ସମ୍ମୁଖରେ ତାଙ୍କର ଅନ୍ତିମ ସଂସ୍କାର ମାର୍ଚ୍ଚ ୩୦ରେ ହେବ।

# ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

ହାମିଲଟନ, ୧୦।୩ (ପି.ଟି.)

ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ହାରିଯାଇଛି। ଭାରତକୁ ନ୍ୟୁଜିଲାଣ୍ଡ ୬୨ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୯ ଉଇକେଟ ବିନିମୟରେ ୨୬୦ ରନ କରିଥିଲା। ଭାରତ ୪୬.୪ ଓଭରରେ ୧୯୮ରନ କରି ଅଲଆଉଟ ହୋଇଯାଇଥିଲା। ନ୍ୟୁଜିଲାଣ୍ଡଠାରୁ ପରାଜିତ ହେବା ପରେ ଭାରତ ୮ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟର ପଏଣ୍ଟ ଟେବୁଲର

**ଆଇସିସି ମହିଳା ବିଶ୍ୱକପ୍**

୫ମ ସ୍ଥାନକୁ ଖସିଆସିଛି। ନ୍ୟୁଜିଲାଣ୍ଡ ବର୍ତ୍ତମାନ ସୁଦ୍ଧା ଖେଳିଥିବା ତିନୋଟି ଗେମ୍‌ରୁ ଦୁଇଟିରେ ବିଜୟ ଲାଭ କରି ଓଭରଅଲ ଷ୍ଟାଣ୍ଡିଂରେ ଅଷ୍ଟ୍ରେଲିଆ ପକ୍ଷକୁ ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚରେ ଭାରତ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ପୂଜା ବସ୍ତ୍ରକାର ତାଙ୍କ ୧୦ ଓଭର ବୋଲିଂରେ ୩୪ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିଥିଲେ। ବ୍ୟାଟିଂରେ ଭାରତର ଟପ୍ ସ୍କୋରର ହରମନପ୍ରୀତ କୌର ୬୨ ବଲ୍‌ରେ ୭୧ ରନ କରିଥିଲେ। ହେଲେ ଦଳକୁ ଜିତାଇବାରେ ଏହା ସହାୟକ ହୋଇପାରି ନ ଥିଲା। ଭାରତୀୟ ଇନିଂସରେ ବଡ଼ ପାର୍ଟନରଶିପର ଅଭାବ ରହିଥିଲା। ରନ୍‌ରେଟ କ୍ରମେ ବୃଦ୍ଧି ପାଇବାରୁ ବ୍ୟାଟରମାନେ ଚାପରେ ଖେଳି ନ ପାରି ଶୀଘ୍ର ଆଉଟ ହୋଇଯାଇଥିଲେ। ନ୍ୟୁଜିଲାଣ୍ଡ ଇନିଂସରେ ପ୍ଲେୟର ଅଫ୍ ଦି ମ୍ୟାଚ ଆମି ସାଟର୍ଥୱେଟ୍ (୭୫ରନ) ଓ ଆମେଲିଆ କେର୍ (୫୦) ଅର୍ଦ୍ଧଶତକ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ : ୫୦ ଓଭରରେ ୨୬୦/୯ (ଆମି ସାଟର୍ଥୱେଟ୍-୭୫, ଆମେଲିଆ କେର୍-୫୦ ; ପୂଜା ବସ୍ତ୍ରକାର-୪/୩୪)।

ଭାରତ : ୪୬.୪ ଓଭରରେ ୧୯୮/ଅଲଆଉଟ (ହରମନପ୍ରୀତ କୌର-୭୧, ମିଥାଲି ରାଜ-୩୧ ; ଲିଆ ତାହୁହୁ-୩/୧୭, ଆମେଲିଆ କେରଥ-୩/୫୬)।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଆମି ସାଟର୍ଥୱେଟ।

## ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ

**ମୁଏଲହିମ୍ ଅନ୍‌ଡର୍ ରୁର୍ (ଜର୍ମାନୀ), ୧୦।୩ (ପି.ଟି.):** ଏଠାରେ ଚାଲିଥିବା ଜର୍ମାନ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା କିଡାମ୍ବି ଶ୍ରୀକାନ୍ତ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। କିନ୍ତୁ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏବଂ ଲଣ୍ଡନ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ସେମାନଙ୍କ ମ୍ୟାଚ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବିଶ୍ୱର ପୂର୍ବତନ ନମ୍ବରୱାନ ଖେଳାଳି ଶ୍ରୀକାନ୍ତଙ୍କୁ ଏଠାରେ ୮ମ ସିଡ୍ ଖେଳାଳି ମାନ୍ୟତା ମିଳିଛି। ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ଚାଇନାର ଲୁ ଗୁଆଙ୍ଗ ଜୁଙ୍କୁ ୨୧-୧୬,୨୧-୧୩,୨୧-୧୮ରେ ପରାସ୍ତ କରିଛନ୍ତି। ବର୍ତ୍ତମାନ ସେ ଅଲିମ୍ପିକ ଚାମ୍ପିୟନ ତଥା ଟପ୍ ସିଡ୍ ଡେନମାର୍କର ଭିକ୍ଟର ଏକ୍ସଲସେନ୍‌ଙ୍କୁ ଭେଟିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ୨୦୧୯ ବିଶ୍ୱ ଚାମ୍ପିୟନ ୭ମ ସିଡ୍ ସିନ୍ଧୁ ଚାଇନାର ଝାଙ୍ଗ୍ ୟିମାନ୍‌ଙ୍କଠାରୁ ୧୪-୨୧, ୨୧-୧୫, ୧୪-୨୧ରେ ପରାସ୍ତ ହୋଇଛନ୍ତି। ଫିଟ୍‌ନେସ୍ ଫେରି ପାଇବାକୁ ସଂଘର୍ଷ ଚଳାଇଥିବା ସାଇନା ଏକତରଫା ମୁକାବିଲାରେ ୮ମ ସିଡ୍ ଥାଇଲାଣ୍ଡର ରାଚାନୋକ୍ ଇଣ୍ଟାନନ୍‌ଙ୍କଠାରୁ ହାରିଯାଇଛନ୍ତି।

# ଭ୍ୟାକ୍ସିନ ନେଇ ନ ଥିବାରୁ ପୁଣି ଅଡୁଆରେ ଜୋକୋଭିଚ୍

ନ୍ୟୁୟର୍କ, ୧୦।୩ (ଏପି)

କରୋନା ଭ୍ୟାକ୍ସିନ ନେଇ ନ ଥିବାରୁ ପୁଣି ଅଡୁଆରେ ପଡ଼ିଛନ୍ତି ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍। ଭ୍ୟାକ୍ସିନ ନେଇ ନ ଥିବାରୁ ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଯାତ୍ରା କରିପାରିବେ ନାହିଁ। ଫଳତଃ ସେ କାଲିଫର୍ନିଆରେ ଇଣ୍ଡିଆନ୍ ୱେଲ୍ସ କିମ୍ବା ମୟାମି ହାର୍ଡକୋର୍ଟ ଇଭେଣ୍ଟରେ ଭାଗ ନେଇପାରିବେ ନାହିଁ। ସେଣ୍ଟର୍ସ ଫର୍ ଡିଜିଜ କଣ୍ଟ୍ରୋଲ ଏହାର ନିୟମ ବଦଳାଇବ ନାହିଁ। ତେଣୁ ସେ ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳି ପାରିବେ ନାହିଁ ବୋଲି ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ଟୁଇଟ କରି କହିଛନ୍ତି। ଜୋକୋଭିଚ୍ ନିକଟରେ ଏଟିପି ର୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। କୋଭିଡ୍ ଟିକା ନେଇ ନ ଥିବାରୁ ସେ ୨୦୨୨ରେ କେବଳ ଗୋଟିଏ ଟୁର୍ନାମେଣ୍ଟ ଖେଳି ପାରିଛନ୍ତି। ମେଲବୋର୍ନ ପାର୍କଠାରେ ତାଙ୍କୁ ଟାଇଟଲ ବଜାୟ ରଖିବା ଲାଗି ଚେଷ୍ଟା କରିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଅଷ୍ଟ୍ରେଲିଆରୁ ତାଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ଫଳରେ ରାଫାଲ ନାଡାଲଙ୍କୁ ଅଷ୍ଟ୍ରେଲିଆ ଓପନ ଜିତିବା ସହଜ ହୋଇଥିଲା। ସେ ସର୍ବାଧିକ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଜୋକୋଭିଚ୍ ଓ ରୋଜର ଫେଡରର ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ନାଡାଲଙ୍କ ପଛକୁ ମିଳିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି।



ଗୁରଗାଓଁଠାରେ ଅନୁଷ୍ଠିତ ଏଆଇଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟରେ ହରିୟାଣାର ଦୀପେନ୍ଦ୍ର ଗ୍ରେୱାଲଙ୍କୁ ସାଥିକରି ଡବଲ୍ସ ଟାଇଟଲ ଜିତିଥିବା ଓଡ଼ିଶାର ନମ୍ବର ୱାନ ଖେଳାଳି କବିର ହଂସ (ଡାହାଣ)।

# ଫାଇନାଲରେ ଉତ୍କଳ ବିଶ୍ୱବିଦ୍ୟାଳୟ

ବାରିପଦା ଅଫିସ,୧୦।୩

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ପଡ଼ିଆରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. କିଶୋର କୁମାର ବସାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ରଫେସର ଅନିଲ ବିଶ୍ୱାଳ, ସହକାରୀ ପ୍ରଫେସର ଶୁଭେନ୍ଦୁ ଶତପଥୀ, ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଜୟନ୍ତ ପରିଡ଼ା ତଥା ଖେଳ ଶିକ୍ଷକ ଜିଗେଶ ଚନ୍ଦ୍ର ମହାକୁଡ଼ ଓ ସିନିଅର ଷ୍ଟେନୋ ପ୍ରଦୀପ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ମ୍ୟାଚରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସେଞ୍ଚୁରିଆନ ୨୦ ଓଭରରେ ୮ ଉଇକେଟ ହରାଇ ୧୪୮ ରନ କରିଥିଲା। ରାଜ କୁମାର ୪୦ ରନ ଓ ତପବ୍ରତ ଭଟ୍ଟାଚାର୍ଯ୍ୟ ୩୭ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରଶାନ୍ତ ମହାନ୍ତି ଓ ଶୁଭ୍ରାଂଶୁ ହରିଚନ୍ଦନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ୧୪.୨ ଓଭରରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ଆଶୁତୋଷ ବେହେରା ୬୩ ଓ ଅନୁଭବ ବ୍ରହ୍ମା ୬୧ରନ କରିଥିଲେ।

ସେହିପରି ପ୍ରଥମ ସେମି ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲାକୁ ୩ ୱିକେଟରେ ପରାସ୍ତ କରି ଉତ୍କଳ ବିଶ୍ୱବିଦ୍ୟାଳୟ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨୦ ଓଭରରେ ୬ ଉଇକେଟ ହରାଇ ୧୨୭ ରନ କରିଥିଲା। ସମୀର ସାମନ୍ତରାୟ ଓ ନୃସିଂହ ଚରଣ ପଣ୍ଡା ୨୭ ରନ ଲେଖାଏ କରିଥିବା ବେଳେ ବିପକ୍ଷ ଦଳର ରମେଶ ବେହେରା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯.୧ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶକ୍ତି ଶଙ୍କର ଦାଶ ୩୬ କରିଥିବା ବେଳେ ମୁନା ପ୍ରସାଦ ୩ଟି ଉଇକେଟ ଅକ୍ତିଆର କରିଥିଲେ ।

# ତାଲିମ ନେଲେ ୧୧୬ ଛାତ୍ରୀ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଛାତ୍ରୀମାନେ।

ଭୁବନେଶ୍ୱର, ୧୦।୩ (ସ୍ପୋର୍ଟସ୍‌ବ୍ୟୁରୋ)

ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଓ ଉତ୍କଳ କରାଟେ ସ୍କୁଲ୍ ଦ୍ୱାରା ସମ୍ପାଦିତ ପ୍ରଶିକ୍ଷଣ ଶିବିରରେ ଡିଗ୍ରୀ କଲେଜର ୧୧୬ ଛାତ୍ରୀ ପ୍ରଥମ ବ୍ୟାଚ୍‌ରେ ଆତ୍ମରକ୍ଷା ପ୍ରଶିକ୍ଷଣ 'ରିଆକ୍ଟ' ନେଇଛନ୍ତି। ଦକ୍ଷିଣ ଓଡ଼ିଶାର କନ୍ଧମାଳ, ଗଜପତି, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟର ବିଭିନ୍ନ ଡିଗ୍ରୀ କଲେଜରୁ ଏହି ଛାତ୍ରୀମାନେ ଆସିଥିଲେ। ୨୦୧୩ରୁ ରାଜ୍ୟ ଯୁବନୀତି ଆଧାରରେ ଛାତ୍ରୀ ଓ ମହିଳାଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି। ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ 'ରିଆକ୍ଟ' ପ୍ରଦାନ କରାଯାଇସାରିଲାଣି। କୋଭିଡ୍ କଟକଣା ଯୋଗୁ ୨ବର୍ଷ ଏହି ତାଲିମ ବନ୍ଦ ରହିବା ପରେ ଏହା ପୁଣି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆରମ୍ଭ ହୋଇଛି। ପ୍ରଥମ ବ୍ୟାଚ୍‌ର ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ଅନୁଶାସନ ସଚିବ ତଥା ଏସ୍‌ଏନ୍‌ଓ ରମେଶ ଚନ୍ଦ୍ର

**ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର**

ରାଉତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କର ଲିଖିତ ଓ ବ୍ୟବହାରିକ ପରୀକ୍ଷା କରାଯାଇ ସେମାନଙ୍କୁ ବିଭିନ୍ନ ଗ୍ରେଡ୍ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷକ ସେନ୍‌ସାଇ ରାଜୀବ ସିଂ, ମହେଶ ଚନ୍ଦ୍ର ଡୋରା, ଡି. ଭଗବାନ ରେଡ୍ଡୀ, କୃଷ୍ଣଚନ୍ଦ୍ର ମହାରଣା, ମୋନାଲି ସାହୁ ଓ ଶିବାନୀ ଗୁପ୍ତାଙ୍କ ସହ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ, କ୍ରିଷ୍ଣା ଶିକାରୀ, ସୁସ୍ମିନୀ ପାଲଟାସିଂ, ଅନୁରାଧା ପାତ୍ର, ମିର୍ ଅହମଦ ଅଲ୍ଲୀ ଓ ସନ୍ଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରିଆକ୍ଟ ପ୍ରଶିକ୍ଷଣର ପ୍ରତିଷ୍ଠାତା ତଥା ଆତ୍ମରକ୍ଷା ବିଶାରଦ ହାନ୍‌ସି ଡଃ, ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୧/୨୦୨୨ (୮+୮=୧୬ ପୃଷ୍ଠା) Sambalpur, Friday, March 11/2022 Page 16 ₹ 7.00 | ପୃଷ୍ଠା-୧



**ଝୁଲଣ ରେକର୍ଡ ସମକକ୍ଷ**
ଭାରତୀୟ ପେସ୍ ବୋଲର ଝୁଲଣ ଗୋସ୍ୱାମୀ ମହିଳା ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ନେବାରେ ରେକର୍ଡ ସମକକ୍ଷ ହୋଇଛନ୍ତି। ୦୮

୦୫ **'ଲୁନାର ସୋସାଇଟିର ଗିଫ୍ଟ 'ସୁଶାନ୍ତ ମୁନ୍'**
ବଲିଉଡ୍ ନାୟକ ସୁଶାନ୍ତ ସିଂ ରାଜପୁତଙ୍କ ଜନ୍ମଦିନ 'ସୁଶାନ୍ତ ମୁନ୍' ଭାବେ ପାଳିନ କରିବା ପାଇଁ ଲୁନାର ସୋସାଇଟି କଲା ଘୋଷଣା।



# ୨୪ ଘଣ୍ଟିଆ ଯୁଦ୍ଧବିରତି ପାଇଁ ରୁଷିଆ ଅମଙ୍ଗ

## କ୍ୱିଭ୍-ମସ୍କୋ ଉଚ୍ଚସ୍ତରୀୟ ବୈଠକ ବିଫଳ

**ଇସ୍ତାନବୁଲ, ୧୦।୩**

ଯୁଦ୍ଧବିରତି ପାଇଁ ଗୁରୁବାର ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ତୁର୍କୀର ଆଣ୍ଟାଲ୍ୟାଠାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରୁ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଗୁରୁବାର ୧୫ ଦିନ ପୂରିଥିବାବେଳେ ଯୁଦ୍ଧପରଠାରୁ ଏହା ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ଏବଂ ରୁଷିଆ ପ୍ରତିପକ୍ଷ ସେରଗି ଲାଭ୍ରୋଭ୍‌ଙ୍କ ଥିଲା ପ୍ରଥମ ବୈଠକ। ଆଲୋଚନାରେ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ମେଭଲୁଟ୍ କାଭୁସୋଗ୍‌ଲୁ ମଧ୍ୟ ଉପସ୍ଥିତ ଥିଲେ। ୟୁକ୍ରେନ୍‌ର ବନ୍ଦର ସହର ମାରିଉପୋଲରେ ୨୪ ଘଣ୍ଟିଆ ଯୁଦ୍ଧବିରତି ସହ ମାନବୀୟ କରିଡର ନିର୍ମାଣ ନିମନ୍ତେ କ୍ୱିଭ୍ ପ୍ରସ୍ତାବ ରଖିଥିଲେ ହେଁ ମସ୍କୋ ସେଥିରେ ରାଜି ହୋଇ ନ ଥିବା କୁଲେବା କହିଛନ୍ତି। ଏଥିସହ ୟୁକ୍ରେନ୍ ରୁଷିଆ ଆଗରେ ଆତ୍ମସମର୍ପଣ କରିବା ନିମନ୍ତେ ଲାଭ୍ରୋଭ୍ ପ୍ରସ୍ତାବ ରଖିଛନ୍ତି। ହେଲେ କ୍ୱିଭ୍ କେବେ ତାହା କରିବ ନାହିଁ ବୋଲି କୁଲେବା ସୂଚନା ଦେଇଛନ୍ତି।

ଏହି ବୈଠକ ବେଲାରୁଷ ସୀମା ନିକଟରେ ହୋଇଥିବା ପୂର୍ବ ଆଲୋଚନାର ବିକଳ୍ପ ହୋଇପାରିବ ନାହିଁ ବୋଲି ଲାଭ୍ରୋଭ୍ କହିଛନ୍ତି। ଏଥିସହ ଯୁଦ୍ଧ ବନ୍ଦ କରିବା ପାଇଁ କୌଣସି ସମାଧାନର ବାଟ ବାହାରିଲେ ୟୁକ୍ରେନ୍ ପୁଣି ରୁଷିଆ ସହ ବୈଠକ କରିବାକୁ ରାଜି ହୋଇଥିବା ଲାଭ୍ରୋଭ୍ ପ୍ରକାଶ କରିଛନ୍ତି। ୟୁକ୍ରେନ୍‌କୁ ଅସ୍ତ୍ର ଯୋଗାଣ କରି ପାଶ୍ଚାତ୍ୟ ଦେଶ ଭୟଙ୍କର ତଥା ଅନୁଚିତ ବ୍ୟବହାର ଦେଖାଉଛନ୍ତି। ରୁଷିଆର ମିଲିଟାରୀ ଅପରେଶନ ଯୋଜନା ଅନୁସାରେ ଚାଲିଛି। କ୍ୱିଭ୍ ନିକଟରେ ରଖାଯାଇଥିବା ଦାବିର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି।



ରୁଷିଆ ଆକ୍ରମଣରେ ମାରିଉପୋଲର ଏକ ହସ୍ପିଟାଲ ବାହାରେ ଥିବା କାର୍ ଜଳିଯାଇଛି।

## ରାସାୟନିକ ଅସ୍ତ୍ର ପ୍ରୟୋଗ କରିପାରେ ରୁଷିଆ

**■ ଆମେରିକାର ଚେତାବନୀ**

ୱାଶିଂଟନ୍, ୧୦।୩: ୟୁକ୍ରେନ ଉପରେ ରୁଷିଆ ରାସାୟନିକ କିମ୍ବା ଜୈବିକ ଅସ୍ତ୍ର ପ୍ରୟୋଗ କରିପାରେ ବୋଲି ଆମେରିକା ଚେତାବନୀ ଦେଇଛି। ଏଥିସହ ଯୁଦ୍ଧରେ ୟୁକ୍ରେନ୍ ଆମେରିକା ସହାୟତାରେ କେମିକାଲ ୱେପନ୍ ପ୍ରସ୍ତୁତ କରୁଥିବା ଅଭିଯୋଗକୁ ହ୍ୱାଇଟ୍‌ହାଉସ୍ ପକ୍ଷରୁ ଖଣ୍ଡନ କରାଯାଇଛି। ୱାଶିଂଟନ୍ ସହାୟତାରେ ୟୁକ୍ରେନ୍ ଲାବ୍‌ରେ ରାସାୟନିକ ଏବଂ ଜୈବିକ ଅସ୍ତ୍ର ବିକଶିତ କରିଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଚଳିତ ସପ୍ତାହରେ ଅଭିଯୋଗ ଆଣିଥିଲେ। ହ୍ୱାଇଟହାଉସ୍ ପ୍ରେସ୍ ସେକ୍ରେଟାରୀ ଜେନ୍ ସାକି ଏହାକୁ ମିଥ୍ୟା ଓ ଅମୂଳକ ବୋଲି କହିଛନ୍ତି। ଏଥିସହ ୟୁକ୍ରେନ୍‌କୁ ମାନବୀୟ ସହାୟତା ବାବଦରେ ଆମେରିକା ୧୪ ବିଲିୟନ ଡଲାର ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବ ସପକ୍ଷରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଭୋଟ ପଡ଼ିଛି।

# ୨୭ରେ ଓଜେଏସ୍ ପ୍ରିଲିମିନାରି ପରୀକ୍ଷା

**■ ୧୦ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୦୨ ପରୀକ୍ଷାର୍ଥୀ**

**■ ୨୧ରୁ ମିଳିବ ଆଡ୍‌ମିଟ୍ କାର୍ଡ**

**କଟକ ଅଫିସ,୧୦।୩**

ଆସନ୍ତା ୨୭ ତାରିଖରେ ଓଡ଼ିଶା ଜୁଡିସିଆଲ ସର୍ଭିସ(ଓଜେଏସ୍) ୨୦୨୧ର ପ୍ରିଲିମିନାରି ପରୀକ୍ଷା ଅନୁଷ୍ଠିତ ହେବ। ୫ଟି ଜୋନ୍‌ର ୧୦ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୩୨୦୨ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଉକ୍ତ ଲିଖିତ ପରୀକ୍ଷା ହେବାକୁ ଥିବାବେଳେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ୩୦ ମିନିଟ୍ ସମୟ ଦିଆଯିବ। ଏହି ପରୀକ୍ଷା ପାଇଁ ଆସନ୍ତା ୨୧ ତାରିଖରୁ ଆଡ୍‌ମିଟ୍ କାର୍ଡ ମିଳିବ। ସମ୍ବଲପୁର ଜୋନ୍‌ର ସେଣ୍ଟ୍ ଜୋନ୍‌ସ ସ୍କୁଲ ପରୀକ୍ଷା କେନ୍ଦ୍ରରେ ୩୧୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ବାଲେଶ୍ୱର ଜୋନ୍‌ର ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ୧୪୪ ଜଣ ଓ ବ୍ରହ୍ମପୁର ଜୋନ୍‌ର ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଭୁବନେଶ୍ୱର ଜୋନ୍‌ରେ ଅଧିକ ସଂଖ୍ୟକ ପରୀକ୍ଷାର୍ଥୀ ଥିବାରୁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ପକ୍ଷରୁ ୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୟୁନିଟ୍-୬ସ୍ଥିତ ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୦ ଜଣ, ରାଜଧାନୀ ଜୁନିୟର କଲେଜରେ ୫୨୮ ଜଣ, ରାଜଧାନୀ ଡିଗ୍ରୀ କଲେଜରେ ୫୨୮ ଜଣ ଓ ସାମନ୍ତରାପୁରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୪୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି କଟକ ଜୋନ୍‌ରେ ୩ଟି ପରୀକ୍ଷା କେନ୍ଦ୍ର ହୋଇଛି। ତୁଳସୀପୁର ସରସ୍ୱତୀ ଶିଶୁମନ୍ଦିର ପରୀକ୍ଷା କେନ୍ଦ୍ରରେ ୩୬୦, ଶେଲ୍‌ଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ୨୯୦ ଓ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କେମ୍ବ୍ରିଜ ସ୍କୁଲରେ ୩୬୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଯେଉଁ ପରୀକ୍ଷାର୍ଥୀ ପରୀକ୍ଷା ଦେବେ, ସେମାନଙ୍କର ନାମ ତାଲିକା ଓପିଏସ୍‌ସି ୱେବସାଇଟ୍‌ରେ ଉପଲବ୍ଧ ରହିଛି।

# ମୃତ୍ୟୁ ପୂର୍ବରୁ କେକ୍, ମିଠା ବାଣ୍ଟିଲେ ଡେଲିଭରି ବୟ

**କୁଆଁରମୁଣ୍ଡା,୧୦।୩ (ଡି.ଏନ୍.ଏ.)**

ମୃତ୍ୟୁର କିଛି ଘଣ୍ଟା ଆଗରୁ ସାଙ୍ଗସାଥୀ, ପରିଚିତ ବ୍ୟକ୍ତି, ସମ୍ପର୍କୀୟମାନଙ୍କୁ ମିଠା, କେକ୍, ଆଇସ୍କ୍ରିମ ଆଦି ବାଣ୍ଟିବା ଘଟଣା ସାଧାରଣତଃ ବିରଳ। ହେଲେ ଏହିଭଳି ଏକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ। ମୃତ୍ୟୁର କିଛି ଘଣ୍ଟା ଆଗରୁ ବୀରମିତ୍ରପୁର ଅଞ୍ଚଳରେ ଡେଲିଭରିବୟ ଭାବେ କାର୍ଯ୍ୟ କରୁଥିବା ଯୁବକ ରୀତିକ କେଶରୀ(୨୪) ସମସ୍ତଙ୍କୁ ମିଠା, କେକ୍ ଇତ୍ୟାଦି ଖାଇବାକୁ ଦେଇଥିବା ଜଣାପଡ଼ିଛି। ରୀତିକଙ୍କ ଅଧାପୋଡା ମୃତ ଶରୀରକୁ ପୋଲିସ ଗୁରୁବାର ସକାଳୁ ବୀରମିତ୍ରପୁର ପ୍ରାଣୀ ଚିକିତ୍ସାଳୟ ନିକଟସ୍ଥ ଏକ ଖୋଲାପଡିଆରୁ ଜବତ କରିଛି। ସେ ପେଟ୍ରୋଲ ଢ଼ାଳି ପୋଡି ହୋଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ବୀରମିତ୍ରପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୨) ରୁଜୁକରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ☞ପୃଷ୍ଠା-୪

# ଓଡ଼ିଶାକୁ ୨୨୪୯ କୋଟି ଅନୁମୋଦନ

## ଜଳ ଜୀବନ ମିଶନ, ସ୍ୱଚ୍ଛ ଭାରତ ମିଶନ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଜଳ ଜୀବନ ମିଶନ (ଜେଜେଏମ୍) ଓ ସ୍ୱଚ୍ଛ ଭାରତ ମିଶନ( ଏସ୍‌ବିଏମ୍)ରେ ଓଡ଼ିଶାକୁ ୨୨୪୯ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ସେଥିରୁ ୨୦୩୬ କୋଟି ଜଳ ଜୀବନ ମିଶନ ପାଇଁ ଅନୁମୋଦନ କରାଯାଇଥିବା ବେଳେ ୨୧୩.୭୧ କୋଟି ଟଙ୍କା ସ୍ୱଚ୍ଛ ଭାରତ ମିଶନ ପାଇଁ ଅନୁମୋଦନ କରାଯାଇଛି। କେନ୍ଦ୍ର ଜଳଶକ୍ତି ମିଶନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓଡ଼ିଶା ସମେତ ୬ଟି ରାଜ୍ୟରେ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୈଠକରୁ ମିଳିଥିବା ସୂଚନା ମୁତାବକ ଓଡ଼ିଶାରେ ୮୮. ୩୩ ଲକ୍ଷ ପରିବାର ରହିଛନ୍ତି। ସେଥିରୁ ୪୪ ପ୍ରତିଶତ ଅର୍ଥାତ୍ ୩୮.୬୨ ଲକ୍ଷ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ୨୦୧୯ରେ ଯେତେବେଳ ଜଳଜୀବନ ମିଶନ ଆରମ୍ଭ ହୋଇଥିଲା ସେତେବେଳେ ଓଡ଼ିଶାରେ ମାତ୍ର ୪ ପ୍ରତିଶତ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଏହି ମିଶନ ଆରମ୍ଭରୁ ଏ ପର୍ଯ୍ୟନ୍ତ ୩୫.୫୧ ଲକ୍ଷ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ଅଗଷ୍ଟ ୧୫ ତାରିଖରେ ଜଳ ଜୀବନ ମିଶନ ଆରମ୍ଭ କରିଥିଲେ। ଗତ ଅଢେଇ ବର୍ଷ ହେବ କୋଭିଡ୍ କଟକଣା ଯୋଗୁ ଲକ୍‌ଡାଉନ ଓ ଶଟ୍‌ଡାଉନ ସତ୍ତ୍ୱେ ୫.୯୧ କୋଟି ଟ୍ୟାପ ୱାଟର ସଂଯୋଗ ଜରିଆରେ ଗ୍ରାମାଞ୍ଚଳରେ ୪୭.୩୯ ପ୍ରତିଶତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ସିଂ କହିଛନ୍ତି।



# ୨୦ କୋଟି ଟଙ୍କା ଦାଖଲ ନିର୍ଦ୍ଦେଶ

## ଏନ୍‌ଜିଟିରେ ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପ ମାମଲା

**■ ମୋରମ, ମାଟି ଉତ୍ତୋଳନରେ ଅନିୟମିତତା**

**■ ୨ମାସ ସମୟ ଦେଲେ ଖଣ୍ଡପୀଠ**

**ଯାଜପୁର ଅଫିସ,୧୦।୩**

ଯାଜପୁର ଜିଲା ଦେଇ ଯାଇଥିବା ଡୁବୁରୀ-ସୁକିନ୍ଦା-ଅନୁଗୋଳ ରେଳପଥ ନିର୍ମାଣରେ ବିପୁଳ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ମୋରମ ଓ ମାଟି ବେଆଇନ ଭାବେ ଉତ୍ତୋଳନ କରାଯାଇଛି। ଏନ୍‌ଭାରକ୍‌ମେଣ୍ଟ ଇମ୍ପାକ୍ଟ ଅଥରିଟି(ଇଆଇଏ) ଓ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ଅନୁମତି ବିନା ସଂପୃକ୍ତ ଠିକାସଂସ୍ଥା ଉଡହିଲ ହାଇୱେ ଏବଂ ହାଇୱେ କନ୍‌ଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ଏହି ବେଆଇନ ଖଣିଜ କାରବାର ହୋଇଛି। ଏହି ମର୍ମରେ ସାମାଜିକ କର୍ମୀ ଭୂଷଣ ପଟ୍ଟନାୟକ ଗତ ୩୦।୮।୨୦୧୭ରେ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ରେ ଆବେଦନ କରିଥିଲେ। ଏନ୍‌ଜିଟିରେ ଏନେଇ ଏକ ମାମଲା(ନଂ. ୧୫୦/୨୦୧୭/ଇଜେଡ) ରୁଜୁ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଏସ୍‌ଇଆଇଏଏ(ଷ୍ଟେଟ ଏନଭାରକ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି), ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରାଣଳୟ, ରେଳୱେ ପ୍ରଶାସକ ଏବଂ ଉପରୋକ୍ତ ୨ ଠିକାସଂସ୍ଥାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଏହି ମାମଲା ଉପରେ ୭।୩।୨୦୨୨ରେ ଏନ୍‌ଜିଟିର ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ସୁଧୀର ଅଗ୍ରୱାଲ, ଜଷ୍ଟିସ ବି.ଅମିତ ସ୍ଥାଲେକର, ☞ପୃଷ୍ଠା-୪





## ସଂକ୍ଷେପରେ

### ୧୫ରୁ ଆହୁରି ବଢ଼ିବ ତାତି

ଭୁବନେଶ୍ୱର, ୧୦।୩(ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଆରମ୍ଭ ହୋଇଗଲାଣି। ପାରଦ ଉପରମୁହାଁ ହୋଇଛି। ଆସନ୍ତା ଦିନେ ଦୁଇଦିନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁବ। ଦକ୍ଷିଣ ପଶ୍ଚିମ ଦିଗରୁ ଗରମ ବାୟୁ ପ୍ରବାହ ପରିବେଶକୁ ଉତ୍ତପ୍ତ କରିଛି। ଗୁରୁବାର ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୫ରୁ ୩୭ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୩୭, ଟିଟିଲାଗଡ଼ ୩୭.୪, ବୌଦ୍ଧ ୩୭, ନୟାଗଡ଼ ୩୭, ଭୁବନେଶ୍ୱରରେ ୩୫.୬, ବାରିପଦା ୩୫.୮, ଝାରସୁଗୁଡ଼ା ୩୫.୮, ହୀରାକୁଦ ୩୫.୫, ଭବାନୀପାଟଣା ୩୫.୫, ମାଲକାନଗିରି ୩୫, ସୋନପୁର ୩୫.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୧୫ ତାରିଖରୁ ତାତି ଆହୁରି ବଢ଼ିବା ସମ୍ଭାବନା ରହିଛି। ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ବାୟୁ ପ୍ରବାହ ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଡେଇଁଯିବା ଅନୁମାନ କରାଯାଉଛି।

### କୋଭିଡ୍ ମୃତ୍ୟୁ ସହାୟତା ତୁରନ୍ତ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୩(ବ୍ୟୁରୋ): କୋଭିଡ୍ ମୃତ୍ୟୁ ସହାୟତା ପ୍ରଦାନ ସହ ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବାକୁ ରାଜ୍ୟ ସରକାର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ୧୪ ମଧ୍ୟରେ ଯେଉଁମାନେ ମରିଛନ୍ତି ଓ ଅନୁକମ୍ପା ରାଶି ପାଇନାହାନ୍ତି, ସେମାନଙ୍କୁ ସହାୟତା ସହ ମୃତ୍ୟୁ ପ୍ରମାଣପତ୍ର ଶୀଘ୍ର ଇସ୍ୟୁ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍. କେ ଶର୍ମା ଏ ନେଇ ସିଡିଏମ୍‌ଓଙ୍କୁ ଚିଠି ଲେଖି କହିଛନ୍ତି, ସହାୟତା ପାଇଁ ହଜାରରୁ ଊର୍ଦ୍ଧ୍ୱ ଆବେଦନ ଏବେ ବି ପଡ଼ିରହିଛି। ସେମାନେ ଏ ପର୍ଯ୍ୟନ୍ତ ଅନୁକମ୍ପା ରାଶି ପାଇ ନାହାନ୍ତି। ମାର୍ଚ୍ଚ ୭ ସୁଦ୍ଧା ଅନୁକମ୍ପା ରାଶି ପ୍ରଦାନ ଶେଷ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲେ ମଧ ଏବେ ବି ବହୁ ଜିଲାରେ ପ୍ରକ୍ରିୟା ଶେଷ ହୋଇ ନାହିଁ। ସାରା ରାଜ୍ୟରୁ ୧୭,୧୧୫ଟି ଆବେଦନରୁ ପ୍ରାୟ ୧୬ହଜାର ଆବେଦନକାରୀଙ୍କୁ ୫୦ହଜାର ଟଙ୍କା ଲେଖାଏ ସହାୟତା ମିଳିସାରିଛି। ଖୋର୍ଦ୍ଧାରେ ୧,୭୫୦, କଟକ ୧,୨୮୩, ସୁନ୍ଦରଗଡ଼ ୧,୦୩୬, ଗଞ୍ଜାମ ୧,୦୨୩, ବରଗଡ଼ ୭୯୪, ପୁରୀ ୭୩୯, ବାଲେଶ୍ୱର ୬୦୯, ଅନୁଗୋଳରେ ୫୪୦ଟି ପରିବାରଙ୍କୁ ଅନୁକମ୍ପା ଦିଆଯାଇଛି। ତେବେ ଯେଉଁମାନେ ପାଇନାହାନ୍ତି, ସେମାନଙ୍କୁ ତୁରନ୍ତ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରି ଅର୍ଥରାଶି ପ୍ରଦାନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



# ଟ୍ୟାଙ୍କର ଚାପାରେ ଛାତ୍ରୀ ମୃତ, ଉତ୍ତେଜନା

ବରଗଡ଼ ଅଫିସ୍/ଲୋଇସିଂହା, ୧୦।୩

ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି କଲେଜ ସମ୍ମୁଖରେ ଟ୍ୟାଙ୍କର ଚାପାରେ ଗୁରୁବାର ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଗାଇସିଲେଟ ବ୍ଲକ ନୂଆପାଲି ଗ୍ରାମର ନୀଳନ୍ଦ୍ରୀ ନାୟକ(୧୭) ଏବଂ ସେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଭରସୁଜା କଲେଜର ଯୁକ୍ତ ଦୁଇ ଛାତ୍ରୀ। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ସେଠାରେ ଉପସ୍ଥିତ ପୋଲିସକୁ ଧସ୍ତାଧସ୍ତି କରିଥିଲେ।





ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର।

ପରେ ପଦସ୍ଥ ପୋଲିସ, ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା କରିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲା।

ପ୍ରକାଶ ଯେ, ସକାଳେ ଛାତ୍ରୀ ନୀଳନ୍ଦ୍ରୀ ସାଇକେଲ ଯୋଗେ କଲେଜକୁ ଯାଇଥିଲେ। ସେଠାରେ ପଢ଼ା ସାରି ପୁଣି ସାଇକେଲରେ ଘରକୁ ଫେରିବା ବେଳେ ଶରଧାପାଲି କଲେଜ ଆଗରେ ଏକ ଟ୍ୟାଙ୍କର (ନଂ.ଓଡ଼ି୧୫ଏଫ୍/୨୯୭୭) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ନୀଳନ୍ଦ୍ରୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଟ୍ୟାଙ୍କର କିମ୍ବା ଟ୍ୟାଙ୍କର ଚାଳକଙ୍କ କିଛି କ୍ଷତି ନ କରିବା ପାଇଁ କହିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରି ପୋଲିସ ତଦନ୍ତ କରୁଛି।





ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ପୁରୀରେ ଆୟୋଜିତ ରାଷ୍ଟ୍ରୀୟ ଯୁବ ଶିଖର ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଗୁରୁବାର ବାହାରିଥିବା ଶାନ୍ତି ପଦଯାତ୍ରା।

# ୪ ଚନ୍ଦନ କାଠ ଚୋରଙ୍କୁ ଧରିଲେ ଗ୍ରାମବାସୀ



ଗିରଫ ଅଭିଯୁକ୍ତମାନେ।

କ.ନୂଆଗାଁ/ବାଲିଗୁଡ଼ା, ୧୦।୩(ଡି.ଏନ.ଏ.)

କନ୍ଧମାଳ ଜିଲାରେ ଏବେ ଚନ୍ଦନକାଠ ଚୋରା ବେପାରୀ ସକ୍ରିୟ ହୋଇଛନ୍ତି। ଜଙ୍ଗଲଗୁଡ଼ିକରୁ ଚନ୍ଦନ ଗଛ କାଟି ନିଆଯାଉ ଥିବା ବେଳେ ବିଭିନ୍ନ ସରକାରୀ, ବେସରକାରୀ ବାସଭବନ ତଥା ଅନୁଷ୍ଠାନ ପରିସରରୁ ମଧ ଏହି ମୂଲ୍ୟବାନ ଗଛକୁ କାଟି ଚୋରାଇ ନିଆଯାଉଛି। ବୁଧବାର ରାତିରେ କ. ନୂଆଗାଁ ବ୍ଲକ ସାରଙ୍ଗଡ ଥାନା ଅନ୍ତର୍ଗତ ଗାନ୍ଧିଗାଁ ପଞ୍ଚାୟତ ଡକମ୍ବା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଘର ପଛପଟୁ ୪ ଦୁର୍ବୃତ୍ତ ଚନ୍ଦନ ଗଛ କାଟି ନେଉଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ରାଇକିଆ ଥାନା ଅନ୍ତର୍ଗତ ସିସାପାଙ୍ଗା ଗ୍ରାମର ଅଭୟ ଦିଗାଲ, ଜଗନ ପ୍ରଧାନ, ଲାମ୍ବୁଙ୍ଗିଆ ଗ୍ରାମର ନାରାୟଣ ପ୍ରଧାନ ଓ ଆଦିତ୍ୟ ନାୟକ।

ଚନ୍ଦନକାଠ ଚୋରଙ୍କ ସମ୍ପର୍କରେ ଗ୍ରାମରକ୍ଷୀ ସାରଙ୍ଗଗଡ ଥାନାକୁ ଖବର

#### ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କଲା ପୋଲିସ

ଦେଇଥିଲେ। ଥାନାଅଧିକାରୀ ବଧୂଲିକା ବିଶ୍ୱାଳ, ସେକେଣ୍ଡ ଅଫିସର କୃଷ୍ଣ ଚନ୍ଦ୍ର ଗୌଡ଼, ଏଏସଆଇ ଜି. ଗଣପତି ରେଡ୍ଡି ଓ କେଶବ ଭାଦ୍ରା ପ୍ରମୁଖ ଗ୍ରାମରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଚନ୍ଦନକାଠ ଓ ଗୋଟିଏ ବାଇକ ଜବତ କରିଥିଲେ। ଜବତ ଚନ୍ଦନକାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ପୂର୍ବରୁ ଏହି ଅଭିଯୁକ୍ତମାନେ ତପୋବନ ଆଶ୍ରମ ଏବଂ ବିଭିନ୍ନ ସ୍ଥାନରୁ ମଧ ପ୍ରାୟ ୧୦୮ଟି ଚନ୍ଦନ ଗଛ କାଟି ନେଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମାମଲା ନଂ.୨୪/୨୨ରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ହଡ଼ପ

ଗୋପାଳପୁର, ୧୦।୩(ଡି.ଏନ.ଏ.)

ବ୍ରହ୍ମପୁର ପୋଲିସ ଜିଲାରେ ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମୃତବ୍ୟକ୍ତି ବଞ୍ଚିଥିବା କହି ଅନ୍ୟଜଣେ ବ୍ୟକ୍ତି ଏକ ଜମିକୁ ବିକ୍ରି କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ତହସିଲ ଆର୍‌ଆଇ ସର୍କଲ ଅନ୍ତର୍ଗତ ମଦନମୋହନପୁର ମୌଜାର ଖାତା ନଂ ୨୯୨, ପ୍ଲଟ ନଂ ୧୩୫୩ରେ ୫୦୦ ଡିସିମିଲ ଜମିଟି ଏନ.ପୋଟିଲାଙ୍କ ନାମରେ ରହିଛି। ଉକ୍ତ ବ୍ୟକ୍ତିଙ୍କର ଦୀର୍ଘବର୍ଷ ହେଲା ମୃତ୍ୟୁ ଘଟିଛି। ଅନ୍ୟପଟେ ତାଙ୍କ ଉତ୍ତରାଧିକାରୀ ଦୁଇ ପୁଅଙ୍କର କିଛିବର୍ଷ ତଳେ ମୃତ୍ୟୁ ଘଟିଛି। ମଦନମୋହନପୁର ଗ୍ରାମର ଦୁଇରୁ ତିନିଜଣ ଦଲାଲ ଚକ୍ରାନ୍ତ କରି ଏନ.ପୋଟିଆମ୍ମାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବ୍ରହ୍ମପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ପୋଟିଆମ୍ମା ଉକ୍ତ ଜାଗା ମୋର କହି ଫେବୃୟାରୀ ୨୮ରେ ଜି. ସରୋଜାଙ୍କୁ ୧୪ଲକ୍ଷରୁ ଊର୍ଦ୍ଧ୍ୱରେ ବିକ୍ରି କରି ଦେଇଥିଲେ। ଏନେଇ ମୃତ

#### ଥାନାରେ ସମ୍ପର୍କୀୟଙ୍କ ଅଭିଯୋଗ

ପୋଟିଲାଙ୍କ ସମ୍ପର୍କୀୟ ଜାଣିବା ପରେ ସେ ବ୍ରହ୍ମପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ଏନେଇ ପୋଟିଲାଙ୍କ ନାତୁଣୀ ଗୋଳନ୍ଥରା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଘଟଣାର ସବିଶେଷ ତଥ୍ୟ ଜାଣିବା ପାଇଁ ଛାନଭିନ କରିବା ସହ ସର୍ଭିସ୍ ତଥ୍ୟ ମାଗିଛି। ଏହି ତଥ୍ୟ ଆସିବା ପରେ ପୋଲିସ ମାମଲା ରୁଜୁ କରି ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

ଏନେଇ କୁକୁଡ଼ାଖଣ୍ଡି ତହସିଲ, ଲାଠି ଆରଆଇଙ୍କ ନିକଟରେ ମଧ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗ୍ରାମର କିଛି ଲୋକ ମୋର ବିଧବା ଭତ୍ତା ଓ ଇନ୍ଦିରା ଆବାସ କରାଇ ଦେବି ଏବଂ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଏଭଳି ଫସାଇଥିବା ଏନ.ପୋଟିଆମ୍ମା ଥାନାରେ ପ୍ରକାଶ କରିଛନ୍ତି।

# ରାଜ୍ୟ ଏଏପି କାର୍ଯ୍ୟାଳୟରେ ବିଜୟ ଉତ୍ସବ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଛି। ଏହି ଖୁସିରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଏଏପି କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଛି। ଦିଲ୍ଲୀ ପରେ ଦ୍ୱିତୀୟ ରାଜ୍ୟ ଭାବେ ପଞ୍ଜାବରେ ଏଏପି ସରକାର ଗଠନ କରିବାକୁ ଯାଉଥିବାରୁ ରାଜ୍ୟ ନେତା ଓ କର୍ମୀ ମିଠା ବାଣ୍ଟି, ଝାଡୁ ଧରି ନାଚୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ପଞ୍ଜାବ ଭଳି ଓଡ଼ିଶା କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଏହି ବିଜୟ ନିଶ୍ଚିତ ଭାବରେ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିବ। ଆଗାମୀ ଦିନରେ ଏଏପି ଓଡ଼ିଶାରେ ମଧ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟା କରିବ ବୋଲି ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ପଞ୍ଜାବବାସୀ ବିଜୁଳି, ପାଣି, ଶିକ୍ଷା, ସ୍ୱାସ୍ଥ୍ୟର ରାଜନୀତି ଉପରେ ମୋହର ଲଗାଇଛନ୍ତି। ୨୦୨୪ ପାଇଁ ଲୋକେ ଭାଜପାର ବିକଳ୍ପଭାବେ ଯେଉଁ ଦଳକୁ ଖୋଜୁଥିଲେ ସେହି ନେତୃତ୍ୱର ସନ୍ଧାନ ଶେଷ ହୋଇଛି। ଅରବିନ୍ଦ କେଜ୍‌ରିୱାଲ ଦେଶର ସର୍ବମାନ୍ୟ ବିକଳ୍ପ ନେତା ହିସାବରେ ସାମ୍ନାକୁ ଆସିଛନ୍ତି। ଓଡ଼ିଶାରେ ଗତ ପଞ୍ଚାୟତ ନିର୍ବାଚନରେ ସମସ୍ତ ଏଏପି ପ୍ରାର୍ଥୀ ବିନା ପ୍ରଚାରରେ ହଜାରେରୁ ୧୨ଶହ ଭୋଟ ପାଇଥିଲେ। ଏହା ଲୋକଙ୍କ ପରିବର୍ତ୍ତନର ମାନସିକତା କୁହାଯାଇପାରିବ। ରାଜ୍ୟରେ କଂଗ୍ରେସ ପ୍ରାୟ ନିଶ୍ଚିହ୍ନ ଓ ଭାଜପାକୁ ରାଜ୍ୟବାସୀ ଗ୍ରହଣ କରୁନାହାନ୍ତି। ବିଜେଡିର ଅର୍ଥ ଓ ବାହୁବଳ ସାମ୍ନାରେ ୨୦୨୪ ସାଧାରଣ ନିର୍ବାଚନରେ ଏଏପି ବିକଳ୍ପ ହେବ ବୋଲି ନିଶିକାନ୍ତ କହିଛନ୍ତି।



ପଞ୍ଜାବରେ ଏଏପି ବିଜୟଲାଭ କରିଥିବାରୁ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ନାମରେ ଏତଲା

କାଳିଆପାଣି, ୧୦।୩(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ବ୍ଲକ ରାଁସୋଳ ପୂର୍ବତନ ସରପଞ୍ଚ ବିଶ୍ୱଜିତ ମହାନ୍ତିଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ସେ ଜଣେ ଯୁବକଙ୍କୁ ଜାତିଆଣ ଆକ୍ଷେପ କରିବା ସହ ମାରିଦେବାକୁ ଧମକ ଦେଇଥିବା ନେଇ କାଳିଆପାଣି ଥାନାରେ ଏତଲା ଦିଆଯାଇଛି। ତେବେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଗୁରୁବାର ଭିମଟାଙ୍ଗର କୁଡୁମୀ ସମାଜ ଶାଖା ପକ୍ଷରୁ ଥାନା ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଗତ ୨ ତାରିଖରେ ପୂର୍ବତନ ସରପଞ୍ଚ ମହାନ୍ତି ରାଁସୋଳ ଗ୍ରାମର ଦିଲୀପ ମହାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟକୁ ନେଇ ଏପରି ଘଟଣା ଘଟିଥିଲା। ଥାନାରେ ଦିଲୀପ ଅଭିଯୋଗ କରି ନ୍ୟାୟ ନ ପାଇବାରୁ କୁଡୁମୀ ସମାଜକୁ ଅବଗତ କରାଇଥିଲେ। ଏନେଇ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ବଡବିଲ, ୧୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକାଧିକ ଥର ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଠାକୁରାଣୀସ୍ଥିତ ସଇତାନ ଛକ ଅଞ୍ଚଳର ଅମିତ ମୁଣ୍ଡାରୀ। ପୀଡ଼ିତାଙ୍କ ସମ୍ପର୍କୀୟଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୪୮/୨୨)ରୁଜୁ କରିଛି। ନାବାଳିକା ଜଣକ ଅନ୍ତଃସତ୍ତ୍ୱା ଥିବା ଏତଲାରେ ଉଲ୍ଲେଖ ଥିବା ବଡବିଲ ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ, ୧୦।୩

ଫାଲ୍‌ଗୁନ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଗୁରୁବାର ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ମହାପ୍ରଭୁଙ୍କ ବେଣ୍ଟ (ଶିକାର) ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭ ମଠ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ହେବା ପରେ ମହାଜନଙ୍କ ହସ୍ତରେ ପ୍ରଭୁ ଶ୍ରୀରାମଚନ୍ଦ୍ର ବେଣ୍ଟ ନୀତି ନିମନ୍ତେ ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକଙ୍କୁ ଦେଇଥିଲେ। ସେ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ୬ଟି ପଇଡ଼ ରଖାଯାଇଥିଲା। ଲେଙ୍କା ସେବକ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ନେଇଆସିଥିଲେ। ଏହା ପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ପୁରୀସ୍ଥିତ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ଗୁରୁବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ କରାଯାଉଛି।

# ଅସନ୍ତୁଷ୍ଟଙ୍କ ଭିତରୁ ଓହରିବେ ନାହିଁ ଅଧିକ

ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

#### ଭୁବନେଶ୍ୱର ମହାନଗର ନିଗମ

- ୬୭ ୱାର୍ଡ ପାଇଁ ୮୭ ପ୍ରାର୍ଥୀ ନିଜକୁ ବିଜେଡି ବୋଲି କହୁଛନ୍ତି

ପୌର ନିର୍ବାଚନରେ ଦଳୀୟ ଟିକେଟ ପାଇବାରୁ ବଞ୍ଚିତ ହେବାପରେ ଅସନ୍ତୋଷ ଜାହିର କରୁଛନ୍ତି ଆଶାୟୀ। ଦୀର୍ଘବର୍ଷ ଧରି ଦଳ ସହିତ ରହି ବିଭିନ୍ନ କାର୍ଯ୍ୟରେ ନେତୃତ୍ୱ ନେଇଥିଲେ ମଧ ଏହାର ପ୍ରତିଦାନ ସ୍ୱରୂପ ଦଳ ସେମାନଙ୍କ ପ୍ରତି ପ୍ରତାରଣା କରିଥିବା ସେମାନେ ଅଭିଯୋଗ କରି ଆସୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ନାମାଙ୍କନ ଦାଖଲ ସରିବା ପରେ ମାଳ ମାଳ ବିଦ୍ରୋହୀ ପ୍ରାର୍ଥୀ ସ୍ୱାଧୀନ ଭାବେ ଉଭା ହୋଇଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦଳ ପକ୍ଷରୁ ଚାରିଆଡୁ ଚାପ ପଡୁଥିଲେ ମଧ ଅଧିକାଂଶ ଓହରିବେ ନାହିଁ ବୋଲି ସୂଚନା ମିଳିଛି। ବିଏମ୍‌ସିର ୬୭ ୱାର୍ଡ ପାଇଁ ଭାଜପା ସମ୍ପୂର୍ଣ୍ଣ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା। ହେଲେ ନାମାଙ୍କନପତ୍ର ଦାଖଲ ଶେଷ ପର୍ଯ୍ୟନ୍ତ କଂଗ୍ରେସ ମାତ୍ର ୪୩ ୱାର୍ଡ ପାଇଁ ପ୍ରାର୍ଥୀ ଦେବାରେ ସକ୍ଷମ ହୋଇଥିବାବେଳେ ଶାସକ ବିଜେଡିରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଥିଲା। ଟିକେଟ ପାଇବାକୁ ବହୁ ଆଶାୟୀଙ୍କ ମଧ୍ୟରେ ଟଣାଓଟରା ଲାଗିବାରୁ ବିଜେଡି ବେଶ୍ ଚାଲାକ୍‌ର ସହ ଗୋଟିଚାଳନା କରିଥିଲା। କନ୍ଦଳ ଏଡାଇବା ପାଇଁ ଟାଣୁଆ ଆଶାୟୀଙ୍କୁ ନାମାଙ୍କନ ଦାଖଲ କରିବା ଲାଗି ଭିତିରି ସୂଚନା ଦିଆଯାଇଥିଲା। ଶେଷ ସମୟରେ ବିଧିବଦ୍ଧ ଘୋଷଣା ହୋଇ ଥିଲେ ମଧ ବହୁ ଆଶାୟୀ ଟିକେଟରୁ ବଞ୍ଚିତ ହୋଇଥିଲେ। ଏବେ ୬୭ଟି ୱାର୍ଡ ପାଇଁ ୮୭ଜଣ ପ୍ରାର୍ଥୀ ନିଜକୁ ବିଜେଡି ବୋଲି କହୁଥିବାବେଳେ ୨୦ଜଣ ସ୍ୱାଧୀନ ଭାବେ ଲଢ଼ିବାକୁ ଯାଉଛନ୍ତି।

ୱାର୍ଡ ନଂ. ୮ରୁ ଲାଲମୋହନ ଚୁଡୁ ଓ ଡିମ୍ବିରୁ ମାଝି ବିଜେଡିରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ମଧ ଲାଲମୋହନଙ୍କୁ ଟିକେଟ ମିଳିଛି। ସେହିପରି ୱାର୍ଡ ନଂ. ୧୦ରେ ଏସ୍‌କେ ମୁସାରଫ୍‌ଙ୍କ ଟିକେଟ ନେଇ ସ୍ପଷ୍ଟ ହୋଇଥିବାବେଳେ ଏଠାରୁ ଆଉ ୨ଜଣ ବିଜେଡ଼ି ଆଶାୟୀ ସ୍ୱାଗତିକା ରାଉତ ଓ ଦିଲୀପ କୁମାର ନାୟକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୱାର୍ଡ ନଂ.୧୧ରେ ପ୍ରଭାସିନୀ ମହାନ୍ତି, ରଶ୍ମିତା ମହାନ୍ତି, ସ୍ୱରଣିକା ମହାନ୍ତି, ଝୁନା କୁମାରୀ ପଟ୍ଟନାୟକ ବିଜେଡିରୁ ନାମାଙ୍କନ ଦାଖଲ କରିଥିଲେ। ଏବେ ପ୍ରଭାସିନୀଙ୍କୁ ଟିକେଟ ମିଳିବାପରେ ଅନ୍ୟ ଆଶାୟୀମାନେ ସ୍ୱାଧୀନ ଭାବେ ଲଢ଼ିବାକୁ ମନସ୍ଥ କରିଛନ୍ତି। ୱାର୍ଡ ନଂ. ୧୩, ୧୪, ୧୬, ୧୭, ୨୯, ୩୫, ୪୧, ୪୮, ୫୭, ୬୦, ୬୫, ୬୭ରେ ମଧ ଏକାଧିକ ଆଶାୟୀ ବିଜେଡିରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଭଳି ଘଟଣାରୁ ଦଳ ମଧ୍ୟରେ ଥିବା ମତାନ୍ତର ଧୀରେ ଧୀରେ ପଦାକୁ ଆସୁଛି। ଗୋଟିଏ ଦଳରେ ଥାଇ ବି ପରସ୍ପର ବିରୋଧରେ ଆଶାୟୀମାନେ ଛିଡାହେବାକୁ ସଜବାଜ ହେଉଛନ୍ତି। ଆତ୍ମସମ୍ମାନର ପ୍ରଶ୍ନ ଉଠାଇ ନିଜର ସମର୍ଥକ ଯୋଗାଡ଼ରେ ସମସ୍ତେ ବ୍ୟସ୍ତ। ଫଳରେ ଭୋଟ ମଧ ଭାଗ ଭାଗ ହେବାର ସମ୍ଭାବନା ଥିବାରୁ ଏହାର ଭରପୂର ଫାଇଦା ନେବାକୁ ବିରୋଧୀ ଚାହିଁ ବସିଛନ୍ତି। ତେବେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୧୪ ତାରିଖ ପର୍ଯ୍ୟନ୍ତ ସମୟ ଥିବାରୁ ଏହା ଭିତରେ ଅସନ୍ତୁଷ୍ଟଙ୍କୁ ମନାଇ ପାରିଲେ ଦଳ ପାଇଁ ନିଶ୍ଚିତ ବିଜୟର ଟିକା ପାଲଟିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ୬୦ ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଚନ୍ଦ୍ରଶେଖର ମଲ୍ଲିଆ କୁହନ୍ତି, ଦଳ ଗଠନ ହେବାଠାରୁ ମୁଁ ଦଳ ସହିତ ରହି ସବୁ କାର୍ଯ୍ୟରେ ସହଯୋଗ କରିଛି। ଚଳିତ ନିର୍ବାଚନରେ ଟିକେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମୁଁ ନାମାଙ୍କନ ଦାଖଲ କଲି। ମାତ୍ର ଶେଷ ମୁହୂର୍ତ୍ତରେ ଟିକେଟ କଟିଲା। ଏହା ନିଶ୍ଚିତ ପକ୍ଷେ ମୋ ପାଇଁ ଏବଂ ମୋ ଉପରେ ଭରସା କରି ଆସୁଥିବା ସାଧାରଣ ଲୋକଙ୍କ ପାଇଁ ଅପମାନର ବିଷୟ। ଲୋକଙ୍କ ଅନୁରୋଧକ୍ରମେ ମୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ମନସ୍ଥ କରିଛି।

ୱାର୍ଡ ନଂ.୩୮ର ସ୍ୱାଧୀନ ପ୍ରାର୍ଥୀ ରାଜଶ୍ରୀ ମହାନ୍ତି କୁହନ୍ତି, ୧୯୯୨ରୁ ଆମ ପରିବାର ବିଜେଡି ସହିତ ରହି ଆସିଛି। ପୂର୍ବରୁ ମୋ ସ୍ୱାମୀ ନିଖିଳ କୁମାର ବଳବନ୍ତରାୟ ୨ଥର କର୍ପୋରେଟର ଭାବେ ଲୋକଙ୍କ ସୁଖଦୁଃଖ ବୁଝିଛନ୍ତି। ଲୋକେ ଆମକୁ ଚାହୁଁଛନ୍ତି। ଆମ ଉପରେ ତାଙ୍କର ଭରସା ଅଛି। ତେଣୁ ଏଥର ମୁଁ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛି।

ସେହିପରି ୱାର୍ଡ ନଂ.୫୭ର ସ୍ୱାଧୀନ ପ୍ରାର୍ଥୀ ବନ୍ଦନା ସାହୁ କହିଛନ୍ତି, ପୂର୍ବରୁ ମୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲି। ଜିତିବା ପରେ ବିଜେଡି ମୋତେ ଦଳରେ ମିଶାଇ ଥିଲା। ହେଲେ ଟିକେଟ ଦେଲା ନାହିଁ। ତଥାପି ମୁଁ ହାର ମାନିବି ନାହିଁ। ଲୋକଙ୍କ ପାଇଁ କରିଥିବା କାମ ହିଁ ମୋର ପରିଚୟ ଓ ଆଶୀର୍ବାଦ ସାଜିବ ବୋଲି ଆଶା ରଖିଛି। ଅନ୍ୟପକ୍ଷରେ ୱାର୍ଡ ନଂ.୨୯ରୁ ସେଖ୍ ନିଜାମୁଦ୍ଦିନ କୁହନ୍ତି, ମୁଁ ୬ଥର କର୍ପୋରେଟର ଭାବେ କାମ କରିଛି। ଏଥର ଟିକେଟ ନିଷ୍ପତ୍ତି ବିଳମ୍ବ ହେବାରୁ ମୁଁ ମଧ ଦଳରୁ ନାମାଙ୍କନ ଦାଖଲ କରିଥିଲି। ଅନ୍ୟ ଜଣଙ୍କୁ ଟିକେଟ ମିଳିଲା। ତେଣୁ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବି।

## ଘିଅ ବିକ୍ରିବେଳେ ଟଳିପଡ଼ିଲେ ଅଜଣା ବୃଦ୍ଧ

ଝାରସୁଗୁଡା ଅଫିସ: ଝାରସୁଗୁଡା ଜିଲା ବଡମାଲ ଥାନା ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଜଣେ ବୃଦ୍ଧ ଘିଅ ବିକ୍ରି କରୁଥିବାବେଳେ ଟଳିପଡ଼ି ମୃତ୍ୟୁବରଣ କରିଛନ୍ତି। ବୃଦ୍ଧ ଜଣଙ୍କ ଘରଘର ବୁଲି ଘିଅ ବିକ୍ରି କରୁଥିବା ସମୟରେ ସେ ଅସୁସ୍ଥହୋଇ ଗ୍ରାମର ଜଣଙ୍କ ପିଣ୍ଡାରେ ଶୋଇପଡ଼ିଥିଲେ। ଗାଁ ଲୋକେ ଆମ୍ବୁଲାନ୍ସ ମଗାଇ ତାଙ୍କୁ ଅସୁସ୍ଥ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ମାଲ ଥାନା ପୋଲିସ ଡାକ୍ତରଖାନାରୁ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ। ଫଳରେ ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ କେନ୍ଦ୍ରରେ ରଖିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ବିଜେଡି ସମର୍ଥିତ ପ୍ରାର୍ଥୀ ଚୂଡ଼ାନ୍ତ, କଂଗ୍ରେସର ସମର୍ଥନ

## ଯୁଯୁମୁରା ବ୍ଲକ ଅଧ୍ୟକ୍ଷ ପଦ

ସମ୍ବଲପୁର,୧୦।୩(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଆସନ୍ତା ୧୨ ତାରିଖରେ ଭୋଟ ଗ୍ରହଣ କରାଯିବ । ଅଧ୍ୟକ୍ଷା ପଦ ହାତେଇବା ପାଇଁ ବିଜେଡି ଓ ଭାଜପା ଦୁଇ ପ୍ରମୁଖ ଦଳ ରେସରେ ଥିବା ବେଳେ କଂଗ୍ରେସ ମଧ୍ୟ ଚେଷ୍ଟା କରିଥିଲା । ଏହି ବ୍ଲକରେ ମୋଟ ୧୮ ଜଣ ସମିତି ସଭ୍ୟାସଭ୍ୟ ରହିଥିବା ବେଳେ ଅଧ୍ୟକ୍ଷା ପାଇଁ ମ୍ୟାଜିକ୍ ସଂଖ୍ୟା ୧୦ର ଆବଶ୍ୟକତା ରହିଛି । କିନ୍ତୁ ଦୁଇ ଗୋଷ୍ଠୀ ବିବାଦକୁ ଭୁଲିଯାଇ ଶେଷରେ ବିଜେଡି ଏକାଠି ହୋଇ ୮ ଜଣ ସମିତି ସଭ୍ୟାସଭ୍ୟଙ୍କ ସମର୍ଥନ ହାସଲ କରି ପାରିଥିଲା। ଅନ୍ୟପଟେ ୮ ଜଣ ଭାଜପା ସମର୍ଥିତ ସମିତି ସଭ୍ୟାସଭ୍ୟ ରହିଥିଲେ। ସେମାନେ ଅଧ୍ୟକ୍ଷା ନିଜ ସମର୍ଥନରେ କରିବେ ବୋଲି ଦାବି କରିଥିଲେ । ଉଭୟ ଦଳ ମଧ୍ୟରେ ବଳ କଷାକଷି ହୋଇଥିଲା। ଏପରି କି ଘୋଡା ବେପାର ହୋଇଥିଲା। ଭାଜପାର ନେତୃତ୍ୱ ଓ ଅର୍ଥ ଅଭାବ ଯୋଗୁ ଭାଜପାର ସମିତି ସଭ୍ୟ ଥାଇ ମଧ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଅଧ୍ୟକ୍ଷା କରିବା କାଠିକର ପାଠ ହୋଇଛି ।
ଜିଲାସ୍ତରୀୟ ନେତା, ରେଢାଖୋଲ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ନେତାମାନେ ଏହି ପରାଜୟ ପାଇଁ ଦାୟୀ ବୋଲି କର୍ମୀମାନେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ କଂଗ୍ରେସ ନେତାଙ୍କ ସମର୍ଥନରେ ୨ ଜଣ ସମିତି ସଭ୍ୟ ବିଜୟୀ ହୋଇଥିଲେ। ଭାଜପା ପକ୍ଷରୁ ସେମାନଙ୍କ ସହିତ ମଧ ଯୋଗାଯୋଗ କରାଯାଇଥିଲା । ହେଲେ କୌଣସି କାରଣ କିମ୍ବା ସ୍ୱାର୍ଥ ପୂରଣ ନ ହେବାରୁ ଉଭୟଙ୍କ ମଧ୍ୟରେ ଡିଲ୍ ହୋଇ ପାରି ନ ଥିଲା । ପରେ ଭାଜପାର ଏଭଳି ପରିସ୍ଥିତି ଦେଖି ବିଜେଡି ଫାଇଦା ନେବାକୁ ଯୋଜନା କରି ସଫଳ ହୋଇଥିଲା । ପ୍ରଥମେ ଭାଜପାର ଜଣେ ସକ୍ରିୟ କର୍ମୀଙ୍କ ସ୍ତ୍ରୀ ସମିତି ସଭ୍ୟା ପଦରେ ବିଜୟୀ ହୋଇଥିଲେ । ତାଙ୍କୁ ନିଜ କବ୍‌ଜାରେ ବିଜେଡି ନେବାରେ ସକ୍ଷମ ହୋଇଥିଲା। ବିଜେଡିର ସମିତି ସଭ୍ୟାସଭ୍ୟ ସଂଖ୍ୟା ୯ରେ ପହଞ୍ଚିଲା। ଅଧ୍ୟକ୍ଷା ପଦ ପାଇଁ ସଂଖ୍ୟା ୧୦ ଆବଶ୍ୟକ ହେଉଥିବାରୁ ବିଜେଡି ଆଶା ମଉଳି ଯାଇଥିଲା । ଶେଷରେ କଂଗ୍ରେସ ନେତାଙ୍କ ସହିତ ବୁଝାମଣା କରିଥିଲା । ଶେଷ ମୁହୂର୍ତ୍ତରେ ବିଜେଡି ସମର୍ଥିତ ଅଧ୍ୟକ୍ଷା ପ୍ରାର୍ଥୀ ପାଇଁ କଂଗ୍ରେସ ଦଳ ସମର୍ଥିତ ୨ ଜଣ ସମିତି ସଭ୍ୟା ସମର୍ଥନ କରିଥିବା ଜଣାପଡିଛି। ଏବେ ବିଜେଡି କ୍ୟାମ୍ପରେ ୧୧ ଜଣ ସମିତି ସଭ୍ୟାସଭ୍ୟ ଥିବା ଜଣାପଡିଛି। ଭାଜପା ସମର୍ଥନରେ ୭ ଜଣ ସମିତି ସଭ୍ୟ ରହିଛନ୍ତି । ତେଣୁ ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ବିଜେଡି ସମର୍ଥିତ ସମିତି ସଭ୍ୟା ହେବା ଏକରକମ ଥୟ ହୋଇଯାଇଛି । ଏ ସମ୍ପର୍କରେ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେଶ ପ୍ରଧାନ କହିଛନ୍ତି ଯେ, ସମିତି, ସରପଞ୍ଚ ପଦ କୌଣସି ଦଳର ନ ଥାଏ । ଏଣୁ ଅଞ୍ଚଳର ବିକାଶ ପାଇଁ ଏକଜୁଟ ହୋଇ କାମ କରିବାକୁ ସମର୍ଥନ ଦେଇଛନ୍ତି । ଯୁଯୁମୁରା ବ୍ଲକରେ ପ୍ରାୟ ସମୟରେ ସର୍ବଦଳୀୟ ସମର୍ଥନରେ ବ୍ଲକ ଅଧ୍ୟକ୍ଷ ହୋଇଥାନ୍ତି। ଏପରି କି ଅଧ୍ୟକ୍ଷ ପଦ ପାଇଁ ଦଳରୁ ଇସ୍ତଫା ଦେବାର ମଧ ଉଦାହରଣ ରହିଛି । ତେଣୁ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦିଆଗଲା। ଅନ୍ୟପଟେ ବିଜେଡି ନେତା ସୁଶିଲ ବେହେରା କହିଛନ୍ତି ଯେ, ବିଜେଡି ସମର୍ଥିତ ପ୍ରାର୍ଥୀ ଅଧ୍ୟକ୍ଷା ହେବା ନେଇ ଚର୍ଚ୍ଚା ଘଟଣା ସତ । ଏଥିପାଇଁ ଅନ୍ୟ ଦଳର କର୍ମୀ ଓ ନେତାମାନେ ସମର୍ଥନ କରିଛନ୍ତି । ଅଧ୍ୟକ୍ଷ ପଦ ଦଳୀୟ ନୁହେଁ । କେବଳ ବାହାଦୁରୀ ନେବାକୁ କେତେଜଣ ଅଯଥାରେ ଆଲୋଚନା କରୁଛନ୍ତି ବୋଲି କହିଥିଲେ ।

## ୬ ପୌରାଧ୍ୟକ୍ଷା, ୭୬ କାଉନସିଲର ପ୍ରାର୍ଥିପତ୍ର କାଏମ

ସୁନ୍ଦରଗଡ,୧୦।୩(ଡି.ଏନ.ଏ.)

ସୁନ୍ଦରଗଡ ପୌରନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚପରେ ୬ପୌରାଧ୍ୟକ୍ଷ ଏବଂ ୭୬ କାଉନସିଲର ପ୍ରାର୍ଥୀପତ୍ର କାଏମ ରହିଛି। ପୌରାଧ୍ୟକ୍ଷା ପଦବୀରେ ବିଜେଡିର ରଞ୍ଜନା ପଣ୍ଡା, ଭାଜପାର ତନୟା ମିଶ୍ର, କଗ୍ରେସର ସସ୍ମିତା ଯୋଶୀ ଏବଂ ସ୍ୱାଧୀନ ପ୍ରାର୍ଥନୀ ଭାବେ ନିମିମା ପଟେଲ, ପଦ୍ମା ଦେବୀ ଓ ପୁଷ୍ପା ସିକିଆଙ୍କ ପ୍ରାର୍ଥୀ ପତ୍ର କାଏମ ରହିଛି। ସେହିପରି ୧୯ ୱାର୍ଡରେ ମୋଟ ୭୬ ଜଣଙ୍କ ପ୍ରାର୍ଥୀପତ୍ର ମଧ କାଏମ ରହିଛି। ଏବେ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଭାଜପା, ବିଜେଡି ଓ କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥନୀମାନେ ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ହେଲେ ଏହି ନିର୍ବାଚନରେ ଉଭୟ ଭାଜପା ଓ ବିଜେଡିରେ ବିଦ୍ରୋହୀ ପ୍ରାର୍ଥୀଙ୍କୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସୁନ୍ଦରଗଡ଼,୧୦।୩(ଡି.ଏନ.ଏ.): ସୁନ୍ଦରଗଡ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ଦାଣ୍ଡପାନି ନୁଆଡିହି ଗ୍ରାମରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ନାବାଳିକା ଗ୍ରାମ ନିକଟ ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ଅଭିଯୁକ୍ତ ବଳତ୍କାର କରିଥିଲେ। ପୀଡିତା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଗୁରୁବାର ଏ ନେଇ ପରିବାର ସହ ଆସି ନାବାଳିକା ଜଣକ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ନାବାଳିକାଙ୍କ ଡାକରୀମାଇନା କରିଛି। ଏହି ଘଟଣାରେ ପୋଲିସ ସେହି ଗ୍ରାମର ଅନୀଲ ତିର୍କୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଟ୍ରାକ୍ଟର ଚୋରି ଅଭିଯୋଗ, ୨ ଗିରଫ

ରାଉରକେଲା ଅଫିସ,୧୦।୩: ଟ୍ରାକ୍ଟର ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଲାଠିକଟା ଅଞ୍ଚଳର ଅନୀଲ ରାଉତ(୨୫) ଓ ରୋହିତ ତିଗା(୨୨)। ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୫୩/୨୨) ରୁଜୁ କରିଛି। ଗତ ଫେବୃଆରୀ ୨୩ରେ ବଲାଣି ଛକରେ ରାସ୍ତା କାମ ସରିବା ପରେ ଛେଣ୍ଡ ଅଞ୍ଚଳର ଠିକାଦାର ଚକ୍ରାନ୍ତ ଜେନା ନିଜ ଟ୍ରାକ୍ଟରକୁ ତାଙ୍କର ଜଣେ ବନ୍ଧୁଙ୍କ ଘର ଅଗଣାରେ ରଖିଥିଲେ। ବିଳମ୍ବିତ ରାତିରେ ରୋହିତ ଓ ଅନୀଲ ଉକ୍ତ ଟ୍ରାକ୍ଟରକୁ ନେଇ ଯାଇଥିଲେ। ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ସେମାନେ ବିରକେରା ଛକରେ ଟ୍ରାକ୍ଟରକୁ ଛାଡି ଫେରାର ହୋଇ ଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଆଜି ପ୍ରଥମ ସେମିଫାଇନାଲ**

ସମ୍ବଲପୁର,୧୦।୩(ବ୍ୟୁରୋ): ସମ୍ବଲପୁର ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୦ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ଫୋରସି ଓ ବରଗଡ କଟାପାଲି ସ୍ପୋର୍ଟ ଏସୋସିଏସନ ବିଜୟୀ ହୋଇ ସେମିଫାଇଲକୁ ପ୍ରବେଶ କରିଛି । ଶୁକ୍ରବାର ହାୱା ମଇଦାନଠାରେ ହେବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଫୋରସି ଦଳକୁ ବରଗଡ ସ୍ପୋର୍ଟ ଏସୋସିଏସନ ଭେଟିବ । ଗୁରୁବାର ହୋଇଥିବା ପ୍ରଥମ ମ୍ୟାଚରେ ଫୋରସି ଦଳ ୭ ଉଇକେଟରେ ସମ୍ବଲପୁର ବ୍ଲୁ ଡାଇମଣ୍ଡ ଦଳକୁ ହରାଇଥିଲା । ଏଥିରେ ଫୋରସି ଦଳର ଅଭିନବ ନନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ବରଗଡ ଦଳ ଦୁଇ ଉଇକେଟରେ ସମ୍ବଲପୁର ଏସୟୁସିସିକୁ ପରାଜିତ କରିଥିଲା । ମ୍ୟାଚକୁ ଅମ୍ପାୟାର ଗୁରଦୀପ ସିଂ, ସଞ୍ଜୟ ନାୟକ, ବିକାଶ ହୋତା, ଅମିତ ପରିଚାଳନା କରିଥିଲେ। ଶତଭିକ ପାଣିଗ୍ରାହୀ ଓ ସୌରଭ କୁମାର ପଣ୍ଡା ସ୍କୋରର ଥିଲେ । ସୟଦ ଜିନ୍ଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସଭାପତି ବିକାଶ ମିଶ୍ର ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିଥିଲେ । ସାଧାରଣ ସଂପାଦକ ସଞ୍ଜୀବ ନାୟକ ସୂଚନା ପ୍ରଦାନ କରିଥିଲେ ।

# ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକ।

## ଜିଲାପାଳଙ୍କୁ ଭେଟିଲେ ଅଭିଭାବକ

ଝାରସୁଗୁଡା ଅଫିସ,୧୦।୩

ଝାରସୁଗୁଡା ଜିଲା ହଂସାମୁରା କଣ୍ଟାପାଲିସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଚାଲିଛନ୍ତି। ହେଲେ ଏହାର କୌଣସି ସମାଧାନ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଅଭିଭାବକମାନେ ପୁଣି ଥରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ସରୋଜ କୁମାର ସାମଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଭାବକଙ୍କ ଅଭିଯୋଗ ଯେ, ଛାତ୍ରୀଛାତ୍ରଙ୍କୁ ମାଗଣାରେ ଉନ୍ନତମାନର ଶିକ୍ଷା ଯୋଗାଇ ଦେବା ପାଇଁ ସରକାର ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। ଏହି ବିଦ୍ୟାଳୟରେ ଜିଲାର ଝାରସୁଗୁଡା, କୋଲାବିରା, ଲଇକେରା ଓ କିର୍ମିରା ବ୍ଲକ୍‌ର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ରହିବା ପାଇଁ ହଷ୍ଟେଲ, ଖାଇବା ପାଇଁ ମେଶ୍ ଆଦି ସୁବିଧା ସୁଯୋଗ ନାହିଁ। ଫଳରେ ଛାତ୍ରୀଛାତ୍ର ପ୍ରତିଦିନ ବହୁ ଦୂରଦୂରାନ୍ତରୁ ଗାଡ଼ି ଯୋଗେ ଯାତାୟତ କରୁଛନ୍ତି। ଏଦିଗରେ ଅଭିଭାବକମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବିଦ୍ୟାଳୟରେ ହଷ୍ଟେଲ ଓ ମେଶ୍ ଆରମ୍ଭ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଯାତାୟତ ପାଇଁ ସ୍କୁଲ୍ ବସ୍ ଯୋଗାଇ ଦେବାକୁ ଦାବି ହେଉଛି। ଆଗାମୀ ଦିନରେ ଏସବୁ ସୁବିଧା ସୁଯୋଗ ଯୋଗାଇ ନ ଦେଲେ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଗଞ୍ଜେଇ ଜବତ, ଦମ୍ପତି ସହ ୪ ଗିରଫ

ସମ୍ବଲପୁର,୧୦।୩(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ପୋଲିସକୁ ଗଞ୍ଜେଇ ଚୋରା ଚାଲାଣକାରୀ ର୍ୟାକେଟ ଧରିବାରେ ବଡ ସଫଳତା ମିଳିଛି । ଏହି ଘଟଣାରେ ହୀରାକୁଦ ଥାନା କଦମ୍ବପଡାର ଶଙ୍କର ଛୁରିଆ (୨୫) ଓ ତାଙ୍କ ସ୍ତ୍ରୀ ଶ୍ରିୟାରାନୀ ( ୨୩), ସଦର ଥାନା ଅନ୍ତର୍ଗତ ରଙ୍ଗିଆଚିକ୍ରା ଗ୍ରାମର କୁନୁ ମହାନନ୍ଦ ( ୨୫), ଝାରସୁଗୁଡା ଜିଲା ଟାଉନ ଥାନା ବୃନ୍ଦାବନ କଲୋନୀର ଜୈତିକୀ ଦାସ ( ୨୪)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଗୁରୁବାର ଜେଲ ହାଜତକୁ ପଠାଯାଇଛି। ଛୁରିଆ ଦମ୍ପତିଙ୍କ ଏକ ୧୧ ମାସର ଶିଶୁକନ୍ୟାଙ୍କ ଲାଳନ ପାଳନ କରିବାକୁ କେହି ନ ଥିବାରୁ ସେ ମଧ ହାଜତକୁ ଯାଇଥିବା ଜଣାଯାଇଛି । ଅଭିଯୁକ୍ତମାନଙ୍କ ଠାରୁ ୫୦ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଚୋରା ଚାଲାଣରେ ବ୍ୟବହୃତ କାର (ନଂ ଓଡି ୦୨- ବି- ୬୪୪୪) ଓ ୪ ମୋବାଇଲ ଜବତ କରାଯାଇଛି। ଏନେଇ ଥାନାରେ ନଂ୪୯/୨୧ରେ ମାମଲା ରୁଜୁ ହୋଇଛି । ବୁଧବାର ରାତିରେ ସଦର ଥାନା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ବେହେରା ଓ ପୋଲିସ କର୍ମଚାରୀମାନେ ଜାତୀୟ ରାଜପଥ ୫୫ ହାଲିପାଲ ଗ୍ରାମ ନିକଟରେ ଯାଞ୍ଚ କରୁଥିଲେ । ଏହି ସମୟରେ ଏକ କାରକୁ ପୋଲିସ ଟିମ୍ ସନ୍ଦେହ କରି ଯାଞ୍ଚ କରିଥିଲା । ଯାଞ୍ଚ ପରେ କାର ଭିତରୁ ୪ ଟି ବସ୍ତାରେ ଏହି ଗଞ୍ଜେଇ ଥିବା ଜଣାପଡିଥିଲା। କାରରେ ଥିବା ୪ ଜଣଙ୍କୁ ଗିରଫ କରାଯାଇଥିଲା । ଅଭିଯୁକ୍ତମାନେ ରେଢାଖୋଲ ପଟରୁ ଉକ୍ତ କାରରେ ସମ୍ବଲପୁର ଆସୁଥିଲେ । ମିଳିଥିବା ରିପୋର୍ଟ ଅନୁସାରେ ଅଭିଯୁକ୍ତମାନେ ଚେନ୍ନାଇରେ ଏକ କମ୍ପାନୀରେ ଏକାଠି କାମ କରୁଥିଲେ । ଲକ୍ ଡାଉନ ପରେ ସେମାନେ ଘରକୁ ଫେରିଥିଲେ । ଏକାଠି କାମ କରୁଥିବା ସମୟରେ ସେମାନଙ୍କ ମଧ୍ୟରେ ସମ୍ପର୍କ ବଢିଥିଲା । ପରେ ଗଞ୍ଜେଇ ଚୋରା ଚାଲାଣ କରି ଧରାପଡିଛନ୍ତି ।


ସମ୍ବଲପୁର ସଦର ଥାନା ପୋଲିସ ଜବତ କରିଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

## ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ରାଉରକେଲା ଅଫିସ,୧୦।୩

ରାଉରକେଲା ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଆରଏସ୍‌ପିର କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଦ୍ୱାଦଶ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଆରଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ସିଜିଏମ୍ ଏ. କେ ନାୟକ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ସିଏମ୍‌ଓ ଡକ୍ଟର ବି. କେ. ହୋତାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ କାରଖାନାର ବିଭିନ୍ନ ବିଭାଗରୁ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ବ୍ଲାଷ୍ଟ ଫର୍ଣ୍ଣେସ ଏକାଦଶ ଓ କାର୍ମିକ ଓ ପ୍ରଶାସନିକ ବିଭାଗ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ୧୧ ରନରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ କାରଖାନାର ପ୍ଲେଟ ମିଲ୍ ଓ ହଟ୍ ଷ୍ଟ୍ରିପ୍ ମିଲ୍ ଦଳ ମଧ୍ୟରେ ଖେଳା ଯାଇଥିଲା। ସୁପର ଓଭରରେ ପ୍ଲେଟ ମିଲ ଦଳ ବିଜୟୀ ହୋଇଥିଲା। ପ୍ରୋଟକଲ ହସ୍ପିଟାଲ ଓ ସମାଜ କଲ୍ୟାଣ ବିଭାଗର ଜିଏମ୍ ବି. କେ. ରାଉତ ସ୍ୱାଗତ ଭାଷଣ ଓ ସିଆରଏମ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

କୁତ୍ରା, ୧୦।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କନ୍ଦେଇମୁଣ୍ଡ ପଞ୍ଚାୟତ ତେଲିଘଣାଠାରେ ଅବସ୍ଥିତ ଜେଏସ୍‌ଡବ୍ଲୁ ଶିବା ସିମେଣ୍ଟ କାରଖାନାରେ ୫୧ ତମ ଜାତୀୟ ସୁରକ୍ଷା ସପ୍ତାହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମୟରେ ସୁରକ୍ଷା ସଚେତନତା ଭୂମିକା ଏବଂ ଫ୍ୟାଶନ ସୋ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କାରଖାନାର ଆସିଷ୍ଟାଣ୍ଡ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ଯୋଗ ଦେଇଥିଲେ। କାରଖାନାରେ ଶୂନ ଦୁର୍ଘଟଣା ହାର ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କାରଖାନା ମୁଖ୍ୟ ଅନିଲ କୁମାର ମିଶ୍ର କାରଖାନାରେ ଶୂନ ଦୁର୍ଘଟଣା ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଆଗକୁ ମଧ ଏହା ଜାରି ରଖିବେ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କାରଖାନା ପରିଚାଳକ ଦେବତା ପଣ୍ଡିତ, ଲୋକ ସମ୍ପର୍କ ଅଧିକାରୀ ଶିଶିର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶୂନ ଦୁର୍ଘଟଣା ବଜାୟ ରଖିବା ପାଇଁ ସମସ୍ତ ଶ୍ରମିକଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ସୁରକ୍ଷା ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା।


ଜେଏସ୍‌ଡବ୍ଲୁ ଶିବା ସିମେଣ୍ଟ କାରଖାନାରେ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଉଦ୍‌ଯାପନୀ ମୁହୂର୍ତ୍ତ।

# କୁଚିଣ୍ଡା ଉପଖଣ୍ଡ ସୂଚନା ଅଫିସରେ ୭ ମାସ ହେଲା ତାଲା

କୁଚିଣ୍ଡା,୧୦।୩(ଡି.ଏନ.ଏ.)

ସମ୍ବଲପୁର ଜିଲାର କୁଚିଣ୍ଡା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଫିସରେ ଦୀର୍ଘ ୭ମାସ ଧରି ତାଲା ପଡିଥିବାରୁ ଏବେ ଏହା ଏକରକମ ଭୂତକୋଠି ପାଲଟିଛି । ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଏଠାରୁ ବଦଳି ହେବା ଓ ପିଅନଙ୍କୁ ଉପଜିଲାପାଳ ନିଜ ଅଫିସକୁ ଡେପୁଟେସନରେ ନେଇଯିବା ଦିନଠାରୁ ଏହି ଅଫିସରେ ତାଲା ଝୁଲୁଛି । ଫଳରେ ଲାଇବ୍ରେରୀକୁ ଆସୁଥିବା ପାଠକଙ୍କୁ ନିରାଶ ହେବାକୁ ପଡିଛି । କୁଚିଣ୍ଡା ଖବରଦାତା ସଂଘ ଏବଂ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଉକ୍ତ ଅଫିସ ଖୋଲିବା ନେଇ ଉପଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଫିସରେ ଜଣେ ଏସଡିଆଇପିଆରଓ ସାଙ୍ଗକୁ ଲାଇବ୍ରେରିଆନ, ଅପରେଟର , ଜଣେ ପିଅନ ଓ ରାତ୍ର ଜଗୁଆଳୀ ପଦବୀ ରହିଥିବା ବେଳେ ଏବେ କେବଳ ପିଅନକୁ ବାଦ ଦେଲେ ଅନ୍ୟ ସବୁ ପଦବୀ ଖାଲିପଡିଛି। ଉପଖଣ୍ଡ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଖବର ପ୍ରକାଶିତ ହେବା ପରେ ସୂଚନା ଅଫିସରୁ ହିଁ ନ୍ୟୁଜ କଟିଂ ହୋଇ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖକୁ ଯାଇଥାଏ । ମାତ୍ର ଏବେ ତାହା ହୋଇପାରୁ ନାହିଁ । ଅନ୍ୟପକ୍ଷରେ ଏହି ଅଫିସ ମାଧ୍ୟମରେ ସମସ୍ତ ସରକାରୀ ସୂଚନା ଖବରଦାତାଙ୍କୁ ମିଳୁଥିବା ବେଳେ ଦୀର୍ଘ ଦିନ ହେବ ଖବରଦାତା ଏଥିରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପୋଲ ତଳକୁ ଖସି ଯୁବକ ମୃତ

ଦେବଗଡ଼,୧୦।୩ (ଡି.ଏନ.ଏ)

ବୁଧବାର ରାତିରେ ଦେବଗଡ ଥାନା ଲଇମୁରା ଫାଣ୍ଡି ଅନ୍ତର୍ଗତ ପୋହଳାମରା ଗ୍ରାମ ନିକଟ ଏକ ପୋଲ ଉପରୁ ବାଇକ ସହ ଖସି ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଇପଦର ଗ୍ରାମର ନବୀନ କିସାନ(୩୦)। ସୁନ୍ଦରଗଡ ଜିଲା ବଣାଇଁ ଥାନା ତଳିତା ଗ୍ରାମସ୍ଥିତ ଶ୍ୱଶୁର ଘରୁ ଏକ ବାଇକ ଯୋଗେ ନିଜ ଘରକୁ ଫେରୁଥିବାବେଳେ ପୋହଳାମରା ଗ୍ରାମ ନିକଟ ପୋଲ ଉପରେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ। ଗୁରୁବାର ସକାଳେ ବାଇକ ସହ ନବୀନଙ୍କ ମୃତଦେହ ପୋଲତଳେ ପଡିଥିବା ଦେଖି ଗ୍ରାମବାସୀ ଲଇମୁରା ଫାଣ୍ଡିକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରାଯାଇଛି।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ବ୍ରଜରାଜନଗର, ୧୦।୩(ଡି.ଏନ୍.ଏ.)

ବ୍ରଜରାଜନଗର ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଜୁ ଜନତା ଦଳ (ବିଜେଡି) ତାର ନିର୍ବାଚନ ପ୍ରଚାରକୁ ଜୋରଦାର କରିବାରେ ଲାଗିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ପଡ଼ାକୁ ପଡ଼ା ବୁଲି ଭୋଟରମାନଙ୍କୁ ନିଜ ଆଡକୁ ଟାଣିବାରେ ଲାଗି ପଡିଛନ୍ତି। ଗୁରୁବାର ମନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଥାନୀୟ ନେତାଜୀ ଭବନ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଅନ୍ୟ ଦଳର କର୍ମୀ ବିଜୁ ଜନତା ଦଳରେ ମିଶିଥିଲେ। ପରେ ଦୁଇ ନମ୍ବର ଠାକୁର ପଡ଼ାଠାରେ ରାମପୁର କତା ଭାଗଠାରେ ମଧ କର୍ମୀ ସମ୍ମିଳନୀ ହୋଇଥିଲା। ପ୍ରତ୍ୟେକ ଜାଗାରେ ଶତାଧିକ ସଂଖ୍ୟାରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ବିଜୁ ଜନତା ଦଳ ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସଭାରେ ଜିଲା ସହ ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ଜୟନ୍ତ ଦୀକ୍ଷିତ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ କାଉନସିଲର ରାହୁଲ ପାଣ୍ଡେଙ୍କ ନେତୃତ୍ୱରେ ଗଙ୍ଗା ନଗରରୁ ଶତାଧିକ କର୍ମୀ ସହିତ ସ୍ୱାଧୀନ ପ୍ରାର୍ଥୀ ମଧ ବିଜୁଜନତା ଦଳରେ ମିଶିଥିଲେ। ସନ୍ଧ୍ୟାରେ ଗୋପବନ୍ଧୁ ଛକଠାରେ ଦଳୀୟ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଥିଲା।


ବ୍ରଜରାଜନଗରରେ ବିଜେଡି ମିଶ୍ରଣ ପର୍ବରେ ନେତା ଓ କର୍ମୀ ଉପସ୍ଥିତ।

# ପୁନଃ ସ୍କୁଲ ଖୋଲିବା ଦାବିରେ ଧାରଣା

ଦେବଗଡ଼,୧୦।୩(ଡି.ଏନ.ଏ)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦନାର୍ଦ୍ଦନପାଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ସରକାର ଏହି ବିଦ୍ୟାଳୟକୁ ବନ୍ଦ କରିଦେଇଛନ୍ତି। ମାତ୍ର ଇତିମଧ୍ୟରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି। ଏହାସତ୍ତ୍ୱେ ଉକ୍ତ ବିଦ୍ୟାଳୟକୁ ଖୋଲାଯାଇ ନ ଥିବାରୁ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସେମାନେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଗୁରୁବାର ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତରଣୀସେନ ପ୍ରଧାନ, ଗୋଲକ ବିହାରୀ ପ୍ରଧାନ ଓ ରାମଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସେମାନେ ପୁଣି ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଡେପୁଟି କଲେକ୍ଟର ଯଶୋବନ୍ତ ଦେହୁରୀ ଓ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଧିକାରୀ ଦ୍ୱୟ ସେମାନଙ୍କ ସହିତ ଆଲୋଚନା କରିବା ସହ ଖୁବ୍ ଶୀଘ୍ର ଉକ୍ତ ବିଦ୍ୟାଳୟ ପୁଣିଥରେ ଖୋଲିବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ପୁଅ ଗୋଇଠା ମାଡ଼ରେ ବାପା ମୃତ

ଝାରସୁଗୁଡା ଅଫିସ୍,୧୦।୩: ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ଏକାତାଳି ଗ୍ରାମରେ ପୁଅ ଗୋଇଠା ମାଡ଼ରେ ବାପା ସୁକୁରୁ ରୋହିଦାସ (୫୧)ଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଗୁରୁବାର ସୁକୁରୁଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ ବଡପୁଅ ଜନ୍ମେଜୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ. ୪୪/୨୨) ରୁଜୁ କରିଛି। ଏହି ଘଟଣାରେ ପୋଲିସ ସୁକୁରଙ୍କ ସାନପୁଅ କ୍ଷେତ୍ରମଣି(୨୭)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାପା ଓ ପୁଅଙ୍କ ମଧ୍ୟରେ ଘରେ ଅନେକ ସମୟରେ ଝଗଡା ଲାଗୁଥିଲା। ମଙ୍ଗଳବାର ରାତିରେ ଝଗଡା ହୋଇ ମାରପିଟ୍ ହୋଇଥିଲା। ବାପା ତଳେ ପଡିଯିବା ପରେ ପୁଅ ତାଙ୍କୁ ଗୋଇଠା ମାରି ଛାତି ଉପରେ ଚଢିଯାଇଥିଲେ। ଏଥିରେ ବାପା ଗୁରୁତର ଆହତ ହୋଇ ରକ୍ତବାନ୍ତି କରିଥିଲେ। ତା'ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବୁଧବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି।

# ମିଥ୍ୟା ସାକ୍ଷୀ ମହଙ୍ଗା ପଡ଼ିଲା

## ୨ ସରକାରୀ କର୍ମଚାରୀ ସମେତ ୩ ଜଣଙ୍କ ନାଁରେ ମାମଲା ପାଇଁ ପିଟିଶନ

ବ୍ରହ୍ମପୁର ଅଫିସ,୧୦।୩

କୋର୍ଟରେ ମାମଲାର ବିଚାର ବେଳେ ମିଥ୍ୟା ସାକ୍ଷୀ ଦେବା ମହଙ୍ଗା ପଡ଼ିଛି। ଦୁଇ ସରକାରୀ କର୍ମଚାରୀଙ୍କ ସମେତ ୩ ଜଣଙ୍କ ନାଁରେ ମାମଲା ପାଇଁ ଭିଜିଲାନ୍ସ କୋର୍ଟରେ ପିଟିଶନ ରୁଜୁ ହୋଇଛି। ସେମାନେ ହେଲେ କୋଦଳା ଥାନା ମାଲବେଲପଡ଼ା ଗ୍ରାମର ରବୀନ୍ଦ୍ର ରାଉତ ଓ ଛତ୍ରପୁର ଏନ୍ଏସିର ତତ୍କାଳୀନ କେୟାରଟେକର୍ ପ୍ରଭାକର ବେହେରା। ସେହିପରି ଅନ୍ୟ ଏକ ମାମଲାର ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ଟି.ଚନ୍ଦ୍ରଭୂଷଣ। ଏମାନେ ବିଚାର ବେଳେ କୋର୍ଟରେ ମିଥ୍ୟା ତଥ୍ୟ ଦେଇଥିବା ନେଇ ଭିଜିଲାନ୍ସ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ଭିଜିଲାନ୍ସ କୋର୍ଟରେ ପୃଥକ୍ ଭାବେ ଦୁଇଟି ପିଟିଶନ ଦାଖଲ କରିଛନ୍ତି। ସେମାନଙ୍କ ବିରୋଧରେ ଏମ୍‌ସି ୬/୨୨ ଓ ୫/୨୨ରେ ଦୁଇଟି ମାମଲା ହୋଇଥିବା ପିପି ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୧୬ରେ ରବୀନ୍ଦ୍ର ବେହେରାଙ୍କ ଏକ ଘର ପଟ୍ଟା ପାଇଁ କୋଦଳା ତହସିଲ ଅଧୀନ ଷଣ୍ଢମୂଳ ରାଜସ୍ୱ ନିରୀକ୍ଷକ (ଆରଆଇ) ଏ.ଶ୍ରୀକାନ୍ତ ଦୋରାଙ୍କୁ ୨ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ କେସ୍ ନଂ ୩୪/୧୬ରେ ଆରଆଇ ଦୋରାଙ୍କୁ ଗିରଫ କରିଥିଲା। ସେ ସମୟରେ ରବୀନ୍ଦ୍ର ରାଉତ ଓ ପ୍ରଭାକର ବେହେରା ଥାନାରେ ଦେଇଥିବା ବୟାନ ଓ କୋର୍ଟରେ ଦେଇଥିବା ବୟାନ ବିଚାର ବେଳେ ତାକୁ ବଦଳାଇ ଦେଇଥିଲେ। ଫଳରେ ଅଭିଯୁକ୍ତ ଆରଆଇ ୨୦୨୧ ସେପ୍ଟେମ୍ବର ୩୦ରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ କନିଷି ପଞ୍ଚାୟତ ସୁନାଦେଇ ଗ୍ରାମର ୧୩ ଜଣ ହିତାଧିକାରୀଙ୍କୁ ଇନ୍ଦିରାଆବାସ ଯୋଜନାରେ ସରକାରୀ ଅନୁଦାନ ଦିଆଯାଇଥିଲା। ଏଥିରେ ଇନ୍ଦିରାଆବାସ ନିର୍ମାଣ କାମ କମ ହୋଇଥିବା ବେଳେ ୧ ଲକ୍ଷ ୨୪ ହଜାର ଟଙ୍କା ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତତ୍କାଳୀନ କନିଷି ସରପଞ୍ଚ ଉଷାରାଣୀ ସେଠୀ ଓ ପଞ୍ଚାୟତ ସମ୍ପାଦକ ଗୁଣମଣି ସାହୁଙ୍କ ନାମରେ ମାମଲା ହୋଇଥିଲା।

ସେହି ସମୟରେ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ ଡିଏସ୍‌ପି ଟି.ଚନ୍ଦ୍ରଭୂଷଣ ଥିଲେ। ସମ୍ପୃକ୍ତ ସରପଞ୍ଚ ଓ ପଞ୍ଚାୟତ ସମ୍ପାଦକଙ୍କ ନାମରେ ହୋଇଥିବା ଅଭିଯୋଗ ଆଧାରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍କାଳୀନ ଗଞ୍ଜାମ ଜିଲାପାଳ ସଞ୍ଜୟ କୁମାର ସିଂଙ୍କଠାରୁ ଯେଉଁ ଅନୁମତି ଆଣି କୋର୍ଟରେ ଦାଖଲ କରିଥିଲେ ସେ ସମ୍ପର୍କରେ ବିଚାର ବେଳେ କିଛି କହି ନ ଥିଲେ। ଡିଏସ୍‌ପି ଚନ୍ଦ୍ରଭୂଷଣ କୋର୍ଟରେ ମିଥ୍ୟା ତଥ୍ୟ ଦେଇଥିଲେ। ଫଳରେ ବିଚାର ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତ ୨୦୨୧ ଅଗଷ୍ଟ ୬ରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱାଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଭିଜିଲାନ୍ସ ପିପି ସୁରେନ୍ଦ୍ର ପଣ୍ଡା ଭିଜିଲାନ୍ସ କୋର୍ଟରେ ପୃଥକ୍ ଭାବେ ଦୁଇଟି ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣି କରି ଭିଜିଲାନ୍ସ ଜଜ୍ ଉପରୋକ୍ତ ଏମ୍‌ସି କେସ୍ ରୁଜୁ କରିଛନ୍ତି ବୋଲି ପିପି ପଣ୍ଡା ସୂଚନା ଦେଇଛନ୍ତି।

# ମାର୍ଚ୍ଚ ସୁଦ୍ଧା ୧୦୦୦ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ

■ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ଓଡ଼ିଶାର ଲଘୁ ଖଣିଜ ସମ୍ପଦର ସୁପରିଚାଳନା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ବିଭିନ୍ନ ଲଘୁ ଖଣିଜ ଉତ୍ସରୁ ୬୬୨ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇସାରିଲାଣି। ଗତ ୨ ମାସରେ ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ଉଠାଣ ଅଭିଯୋଗରେ ୧୬ କୋଟି ୨୫ ଲକ୍ଷ ଜରିମାନା ଆଦାୟ ହୋଇଛି। ମାର୍ଚ୍ଚ ଶେଷ ସୁଦ୍ଧା ୧,୦୦୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରହିଛି। ନିୟମାନୁଯାୟୀ ଲଘୁ ଖଣିଜ ଚାଲାଣ ଉପରେ କୌଣସି ହସ୍ତକ୍ଷେପ ନ କରିବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁ ଖଣିଜର ଚୋରା କାରବାର, ବେନିୟମ ଉଠାଣ ରୋକିବା ଲାଗି ଯଥାସମ୍ଭବ ପଦକ୍ଷେପ ନେବା, ଏଥିରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ତଥା ରିମୋଟ ସେନ୍‌ସିଂ ଜ୍ଞାନକୌଶଳର ବ୍ୟବହାର କରିବା, ନଦୀ ବାଲି ସମେତ ଅନ୍ୟ ଉତ୍ସର ଠିକ୍ ଆକଳନ, ଭୂ-ସନ୍ଦର୍ଭଯୁକ୍ତ ମାନଚିତ୍ର ପ୍ରସ୍ତୁତ କରିବା ଲାଗି ଅତିରିକ୍ତ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଲଘୁ ଖଣିଜ ସମ୍ପଦ ପରିବହନ କରୁଥିବା ଏକ ସ୍ୱୟଂକ୍ରିୟ ଯାନବାହାନ ସର୍ବେକ୍ଷଣ ଆପ୍ ପ୍ରସ୍ତୁତ କରିବା ଲାଗି ଓର୍‌ସାକ୍‌ର ବରିଷ୍ଠ ବୈଜ୍ଞାନିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଲଘୁ ଖଣିଜ ସମ୍ପଦ ଉତ୍ସକୁ କାର୍ଯ୍ୟକ୍ଷମ କରିବା ପାଇଁ ସିଙ୍ଗଲ ୱିଣ୍ଡୋ ପଦ୍ଧତି ବ୍ୟବହାର, ସମସ୍ତ ପ୍ରକାର ବୈଧାନିକ ଅନୁମୋଦନ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ଲାଗି ପରାମର୍ଶ ଦିଆଯାଇଛି। ସାଧାରଣ ଲୋକଙ୍କ ସହାୟତା ବିନା ଲଘୁ ଖଣିଜ ଚୋରାଚାଲାଣ ରୋକିବା ଅସମ୍ଭବ। ତେଣୁ ଏଥିଲାଗି ଏକ ଆପ୍ ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# ତିନି ଦିନରେ ରିପୋର୍ଟ ଦେବେ ଆର୍‌ଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ

## ଛତ୍ରବଜାର ପୋଲ ପାର୍ଶ୍ୱ ରାସ୍ତା ଭୁଶୁଡିବା ଘଟଣା

କଟକ ଅଫିସ,୧୦।୩



ଛତ୍ରବଜାରରୁ ମାଲଗୋଦାମକୁ ସଂଯୋଗ କରିବା ପାଇଁ ନିର୍ମାଣାଧୀନ ବ୍ରିଜ ପାର୍ଶ୍ୱ ରାସ୍ତା ଭୁଶୁଡ଼ିବା ଘଟଣାର ୩ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଆର୍‌ଆଣ୍ଡବି କଟକ ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯନ୍ତ୍ରୀ ରିପୋର୍ଟ ପ୍ରଦାନ କରିବା ପରେ ଏହା ରାଜସ୍ୱ ଆୟୁକ୍ତ ସୁରେଶ ଦଳେଇଙ୍କୁ ପ୍ରଦାନ କରାଯିବ ବୋଲି ଗୁରୁବାର ଜିଲାପାଳ ଭବାନୀ ଶଙ୍କର ଚୟିନୀ କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ୨ ଶ୍ରମିକ କେନ୍ଦୁଝର ଜିଲା ଗନ୍ଧାଡିଆ ଅଞ୍ଚଳର କୀର୍ତ୍ତନ ଦେହୁରୀ ଏବଂ ଅଜିତ୍ ଦେହୁରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ସିବି ମେଡିକାଲ କଲେଜ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ଆହତ ଚନ୍ଦନ ଦେହୁରୀଙ୍କୁ ଚିକିତ୍ସା ପରେ ଛଡ଼ାଯାଇଛି।

ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ ଛତ୍ରବଜାରରୁ ମାଲଗୋଦାମକୁ ସଂଯୋଗ କରିବା ପାଇଁ ପୋଲ ନିର୍ମାଣ କାମ ଚାଲିଥିବାବେଳେ ହଠାତ୍ ପୋଲର ପାର୍ଶ୍ୱରାସ୍ତା ଭୁଶୁଡି ପଡ଼ିଥିଲା। ଫଳରେ ସେଠାରେ କାମ କରୁଥିବା ୩ଜଣ ଶ୍ରମିକ ମାଟି ତଳେ ଚାପି ହୋଇଯାଇଥିବାବେଳେ ଅନ୍ୟ ୩ଜଣ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ୍ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ମାଟି ତଳୁ ଉଦ୍ଧାର କରିଥିଲେ। ଉଦ୍ଧାର କରାଯାଇଥିବା ଶ୍ରମିକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ୍‌କୁ ପଠାଯାଇଥିଲା। ସେଠାରେ ଡାକ୍ତର କୀର୍ତ୍ତନ ଏବଂ ଅଜିତଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ କଟକ ଜିଲାପାଳ ଚୟିନୀ ଓ ସିଏମ୍‌ସି କମିଶନର ଅନନ୍ୟା ଦାସ ଏବଂ ଡିସିପି ପ୍ରତୀକ୍ ସିଂ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏହି କାମଟି ଭୁବନେଶ୍ୱରର ଅଭୟ ସାହୁ ନାମକ ଜଣେ 'ଏ' କ୍ଲାସ କଣ୍ଟ୍ରାକ୍ଟର କରୁଥିବା ଜଣାପଡିଛି। ତେବେ ଏହି ବ୍ରିଜ ନିର୍ମାଣ ସମୟରେ ଯେଉଁ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଓ ସତର୍କତା ଅବଲମ୍ବନ କରାଯିବା କଥା ତାହା କରାଯାଇ ନ ଥିଲା ବୋଲି ସ୍ଥାନୀୟ ବାସିନ୍ଦା ସୁଧାକର ସାହୁ କହିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ ପ୍ରକାଶ କରିବା ସହ ଘଟଣାର ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏପରି କି ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୩ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ଅପରପକ୍ଷରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମୃତକଦ୍ୱୟଙ୍କ ପରିବାର ଲୋକଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜିଲାପାଳ ଭବାନୀ ଶଙ୍କର ଚୟିନୀ ଗୁରୁବାର ମୃତ ଶ୍ରମିକଙ୍କ ପରିବାରବର୍ଗଙ୍କୁ ୩୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି ।

# ଆଚରଣବିଧି ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ

## ଜିଲାପାଳ,ଏସ୍‌ପିଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ମାର୍ଚ୍ଚ ୨୪ରେ ପୌର ନିର୍ବାଚନ। ୧୦୬ ମ୍ୟୁନିସିପାଲିଟି/ ଏନ୍ଏସି ଏବଂ ୩ ମହାନଗର ନିଗମ ଅଞ୍ଚଳବାସୀ ସେମାନଙ୍କ ପନପସନ୍ଦର ପ୍ରତିନିଧି ବାଛିବେ। ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶୃଙ୍ଖଳାର ସହ ସମାପନ କରିବା ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସମସ୍ତ ଜିଲାର ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଛନ୍ତି। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ, ବ୍ୟବହୃତ ସାମଗ୍ରୀ ବିତରଣ, ବାଲଟ୍ ପେପର ପ୍ରସ୍ତୁତି, ଷ୍ଟ୍ରଙ୍ଗ୍‌ରୁମ୍ ସ୍ଥାପନ, ମତଗଣନା ଆଦି କାର୍ଯ୍ୟ ଯେଉଁ ଭଳି ସୁରୁଖୁରୁରେ ସମ୍ପାଦନ ହୋଇପାରିବ, ସେ ନେଇ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.କେ. ଶର୍ମା (ଆଇନଶୃଙ୍ଖଳା) ବିସ୍ତୃତ ଆଲୋଚନା କରିଛନ୍ତି। ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ରନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟର ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଜିଲାପାଳ, ଏସ୍‌ପିଙ୍କୁ ବିଭିନ୍ନ ବିଷୟରେ ଅବଗତ କରାଇଥିଲେ। ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି କଡ଼ାକଡ଼ି ଭାବେ ପାଳନ କରିବା ଏବଂ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ପୌର ନିର୍ବାଚନରେ ୨ ପ୍ରକାରର ବାଲଟ୍ ପେପର ଇଭିଏମ୍ ବ୍ୟବହୃତ ହେବ। କାଉନ୍‌ସିଲର/କର୍ପୋରେଟର ପ୍ରାର୍ଥୀଙ୍କ ପାଇଁ ଗୋଲାପି ରଙ୍ଗର ଏବଂ ଅଧ୍ୟକ୍ଷ/ମେୟର ପ୍ରାର୍ଥୀଙ୍କ ନିମନ୍ତେ ହଳଦିଆ ରଙ୍ଗର ବାଲଟ୍ ବ୍ୟବହାର କରାଯିବ। ସେହିପରି ପ୍ରତି ବୁଥ୍‌ରେ କାଉନ୍‌ସିଲର/କର୍ପୋରେଟର ଏବଂ ଅଧ୍ୟକ୍ଷ/ମେୟରଙ୍କ ଲାଗି ଦୁଇଟି ପୃଥକ୍ ଇଭିଏମ୍ ରହିବ। ସୁବିଧାରେ ମତଦାନ ଲାଗି ଇଭିଏମ୍‌ର କଣ୍ଟ୍ରୋଲ ୟୁନିଟ୍ ଓ ବାଲଟ୍ ୟୁନିଟ୍ ଉପରେ ଅଠା ଥିବା ଷ୍ଟିକର ଲଗାଯିବ। କାଉନ୍‌ସିଲର/କର୍ପୋରେଟର ପଦବୀରେ ମତଦାନ ପାଇଁ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଓ ବାଲଟ୍ ୟୁନିଟ୍ ଉପରେ ଗୋଲାପି ରଙ୍ଗର ଷ୍ଟିକର ଲଗାଯିବ। ସେହିପରି ଅଧ୍ୟକ୍ଷ/ମେୟର ପଦବୀରେ ମତଦାନ ପାଇଁ ହଳଦିଆ ରଙ୍ଗର ଷ୍ଟିକର ଲଗାଯିବ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ନାମ ଓଡ଼ିଆ ବର୍ଣ୍ଣମାଳା ଅନୁଯାୟୀ କ୍ରମାନୁସାରେ ରହିବ। ମତଦାନ ସମୟରେ ବୁଥ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଷ୍ଟ୍ରଙ୍ଗ୍‌ରୁମ୍‌ରେ ୨୪ ଘଣ୍ଟିଆ ପହରା ସହ ସିସିଟିଭି ଲଗାଯିବ। ଭୋଟଗଣତି ସମୟରେ ଏବଂ ଫଳାଫଳ ଘୋଷଣା ବେଳେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିବେ ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.କେ. ଶର୍ମା ସୂଚନା ଦେଇଛନ୍ତି। ଫେବୃୟାରୀରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନକୁ ଜିଲାପାଳ ଏବଂ ଏସ୍‌ପିମାନେ ସଫଳତାର ସହ ଶେଷ କରିଥିବାରୁ ନିର୍ବାଚନ କମିଶନର, ପୋଲିସ ମହାନିର୍ଦ୍ଦେଶକ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

## ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

### ବ୍ଲକ ଅଧ୍ୟକ୍ଷ ନବଘନ ହତ୍ୟା ମାମଲା

ଢେଙ୍କାନାଳ ଅଫିସ, ୧୦।୩: ସାକ୍ଷ୍ୟପ୍ରମାଣ ଅଭାବରୁ ଢେଙ୍କାନାଳ ଜିଲାର ବହୁ ଚର୍ଚ୍ଚିତ ହିନ୍ଦୋଳ ଅଧ୍ୟକ୍ଷ ନବଘନ ସାହୁ ହତ୍ୟା ମାମଲାର ୨ ଅଭିଯୁକ୍ତ ଗୁରୁବାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସେମାନେ ହେଲେ ରଞ୍ଜନ ନାୟକ, ଜିତେନ୍ଦ୍ର ଧୀର। ୨୦୧୧ରେ ଘଟିଥିବା ଏହି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ପୂର୍ବରୁ ୨ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ରାସୋଳ ଥାନା ଗଞ୍ଜରା ଗ୍ରାମ ନିକଟରେ ୨୦୧୧ ମେ' ୧୪ ସକାଳେ ତତ୍କାଳୀନ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ନବଘନ ସାହୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ନବଘନ ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କ ଉପରେ କାର୍ ଚଢ଼ାଉ ହତ୍ୟା କରିଥିଲେ। ଏ ନେଇ ରାସୋଳ ଥାନାରେ ନଂ. ୩୩/୧୧ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଅମୀୟ ରଞ୍ଜନ ରାଉତ ଏବଂ ଜିତେନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାର ପରେ ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ରଞ୍ଜନ ନାୟକ, ଜିତେନ୍ଦ୍ର ଧୀରଙ୍କ ବିରୋଧରେ ଅଦାଲତରେ ମାମଲା ଚାଲିଥିଲା। ଏହାର ସିଟି ସେସନ୍ସ କେସ୍ ନଂ. ୬୨/୧୨ର ବିଚାର କରି ଅତିରିକ୍ତ ଜିଲାଜଜ୍ ଡ. ଜୀବନଜ୍ୟୋତି ରଥ ପ୍ରମାଣ ଅଭାବରୁ ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅନ୍ତର୍ଯ୍ୟାମୀ ମିଶ୍ର, ବିଧାନ ମହାନ୍ତି ମାମଲାକୁ ପରିଚାଳନା କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ୨୦ କୋଟି ଟଙ୍କା ...

ବିଶେଷଜ୍ଞ ଶୈବାଳ ଦାସଗୁପ୍ତା, ଇଏମ୍ ପ୍ରଫେସର ଏ. ସେଠୀ ଭେଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଅନ୍ତରୀଣ ଶୁଣାଣି କରିଛନ୍ତି। ଉକ୍ତ ଶୁଣାଣିରେ ଦୁଇ ଠିକା ସଂସ୍ଥା କର୍ତ୍ତୃପକ୍ଷ ୨ ମାସ ମଧ୍ୟରେ ପରିବେଶଗତ କ୍ଷତିପୂରଣ ବାବଦକୁ ଏସ୍‌ପିସିବି ନିକଟରେ ୨୦ କୋଟି ଟଙ୍କା ଜମା କରିବେ। ଯଦି ଏହି ଟଙ୍କା ଠିକାସଂସ୍ଥା ଜମା ନ କରିବ, ତେବେ ଜିଲାପାଳ ବାଧ୍ୟତାମୂଳକ ଭାବେ ଅସୁଲି କରିବେ । ପରିବେଶଗତ କ୍ଷତି ଭରଣା ପାଇଁ ଯୁଗ୍ମ କମିଟି ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଉକ୍ତ ଅର୍ଥରେ କାର୍ଯ୍ୟକାରୀ କରିବେ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି ।

ଅଭିଯୋଗ ଅନୁଯାୟୀ, ଅନୁଗୋଳ-ସୁକିନ୍ଦା ରେଳପଥ ନିର୍ମାଣରେ ପ୍ରାୟ ୯୦ ଏକର ସରକାରୀ ଓ ବେସରକାରୀ ଜମିରୁ ମୋରମ ଓ ମାଟି ବେଆଇନ ଭାବେ ଉତ୍ତୋଳନ ହୋଇଛି। ଢେଙ୍କାନାଳ ଜିଲାର ପରଜଙ୍ଗ ଓ କାମାକ୍ଷାନଗର ତହସିଲ ଅନ୍ତର୍ଗତ ବଡ଼ଝରା, ମୁକ୍ତାପଶି, ସିଆରିମାଳିଆ, ବାଉଁଶପାଳ, ନୂଆପାଣି ମୌଜାର ଜଙ୍ଗଲ ଜମିରୁ ୪୭୩୪୯୦ ଘନମିଟର ମାଟି ଉତ୍ତୋଳନ କରାଯାଇଛି। ଏହି କାମ ପାଇଁ ସରକାର କୌଣସି ଲିଜ୍ ଦେଇନାହାନ୍ତି କିମ୍ବା ପରିବେଶ ମଞ୍ଜୁରୀ, ମାଇନିଂ ପ୍ଲାନ, ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁମତି ନେଇ ନାହାନ୍ତି।

ଏସ୍‌ପିସିବି ତତ୍ତ୍ୱାବଧାନରେ ହୋଇଥିବା କମିଟି ଉପଯୁକ୍ତ କ୍ଷୟକ୍ଷତିର ଆକଳନ ନ କରି ମାତ୍ର ୪୬ ଲକ୍ଷ ଟଙ୍କାର ପରିବେଶ କ୍ଷତିପୂରଣ ଆକଳନକୁ ନେଇ ଏନ୍‌ଜିଟି କ୍ଷୁବ୍ଧ ହୋଇଥିଲେ । ଢେଙ୍କାନାଳ ଜିଲାର ତତ୍କାଳୀନ ଜିଲାପାଳଙ୍କ ମିଥ୍ୟା ସତ୍ୟପାଠକୁ ନେଇ ମଧ୍ୟ ଏନ୍‌ଜିଟି କ୍ଷୁବ୍ଧ ହେବା ପରେ ପୁନର୍ବାର ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଗତ ୧୧।୧।୨୦୨୨ ନୂତନ ସତ୍ୟପାଠ ଦାଖଲ କରିଥିଲେ, ଯେଉଁଥିରେ ୧୮ ଲକ୍ଷ ଘନ ମିଟରରୁ ଊର୍ଦ୍ଧ୍ୱ ମାଟି ଓ ମୋରମ ଉତ୍ତୋଳନ କରାଯାଇଥିବା ଏନ୍‌ଜିଟିକୁ ଜଣାଇଥିଲେ । ଏହାପରେ ଏନ୍‌ଜିଟି ପକ୍ଷରୁ ହୋଇଥିବା ଶୁଣାଣିରେ ପରିବେଶୀୟ କ୍ଷୟକ୍ଷତି ସମ୍ପୂର୍ଣ୍ଣ ଭାବେ ଆକଳନ କରିବା ନିମନ୍ତେ କେନ୍ଦ୍ରୀୟ ପରିବେଶ ନିୟନ୍ତ୍ରଣ ବୋର୍ଡ(ସିପିସିବି)ଙ୍କ ତତ୍ତ୍ୱାବଧାନରେ ଏକ କମିଟି ଗଠନ କରାଯାଇଛି। ଯେଉଁ କମିଟିରେ ରାଜ୍ୟ ପରିବେଶ ସଂଘାତ ନିର୍ଦ୍ଧାରଣ ପ୍ରାଧିକାରୀ(ସିଆ), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଢେଙ୍କାନାଳ ଜିଲାପାଳ ସଦସ୍ୟ ରହିଛନ୍ତି । ଆସନ୍ତା ଅଗଷ୍ଟ ୧୬ ସୁଦ୍ଧା ଏହି କମିଟି ରିପୋର୍ଟ ଦାଖଲ କରିବେ ବୋଲି ଏନ୍‌ଜିଟି ଶୁଣାଣିରେ ଦର୍ଶାଇଛନ୍ତି। ପରିବେଶ କ୍ଷତିପୂରଣ ଆକଳନ ପୂର୍ବରୁ ଠିକା ସଂସ୍ଥାକୁ ତାଙ୍କ ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯାଇଛି।

## ମୃତ୍ୟୁ ପୂର୍ବରୁ କେକ୍, ମିଠା ...

କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବୀରମିତ୍ରପୁର ଥାନା ଆଇଆଇସି ମନୋଜାମଞ୍ଜରୀ ନାଏକ କହିଛନ୍ତି। ରୀତିକଙ୍କ ଆତ୍ମହତ୍ୟାର ଠିକ୍ କାରଣ ଜଣାପଡ଼ିନାହିଁ। ତେବେ ବୁଧବାର ସନ୍ଧ୍ୟାରେ ସେ ସମସ୍ତଙ୍କୁ ଖାଇବାକୁ ଦେଇ ନିଜେ ଖାଇଥିଲେ। ସାଙ୍ଗସାଥୀମାନେ ପଚାରିବାରୁ କାଲି କିଏ ଦେଖିଛି ବୋଲି ହସିହସି କହିଥିଲେ। ତାଙ୍କର ମୃତଦେହ ମିଳିବା ପରେ ସେହି ସାଙ୍ଗସାଥିମାନେ ବୁଧବାର ସନ୍ଧ୍ୟାର କଥା ମନେପକାଇ ଦୁଃଖ ପ୍ରକାଶ କରୁଛନ୍ତି। ଏହି ଘଟଣା ବୀରମିତ୍ରପୁର ଅଞ୍ଚଳରେ ପ୍ରଚାର ହେବା ପରେ ଚର୍ଚ୍ଚା ଜୋର ଧରିଛି।

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.2260, Dated :03.03.2022**
**Bid Identification No.:- MC/RMC/03/2022**

**No.C-1962:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/03/2022 for 07 nos Civil work with value of Rs. 15.52 lakh to Rs. 49.49 lakh.
1. Bid documents will be available in website www.tendersorissa.gov.in from 07.03.2022.
2. Bids must be submitted on "online" on or before 17.03.2022 by 17.00 hours.
3. Bids shall be opened at 11.00 hours on 21.03.2022 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in.

**Sd./- Municipal Commissioner,**
**Rourkela Municipal Corporation**
**OIPR-13131/11/0060/2122**

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.2269, Dated :03.03.2022**
**Bid Identification No.:- MC/RMC/6/2022**

**No.C-1960:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/6/2022 for 02 no Civil work with value of Rs. 56.07 lakh to Rs. 58.35 lakh.
1. Bid documents will be available in website www.tendersorissa.gov.in from 08.03.2022.
2. Bids must be submitted on "online" on or before 17.03.2022 by 17.00 hours
3. Bids shall be opened at 11.00 hours on 21.03.2022 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

**Sd./- Municipal Commissioner,**
**Rourkela Municipal Corporation**
**OIPR-13131/11/0058/2122**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
**Email ID:serwcbaripada@gmail.com, Ph.No.06792-261343/261344,Gangraj,Baripada**
**"e" Procurement Notice for Bridge Work**
**Identification No.- Online Tender- Bridge N.C.B. No. 216 for 2021-22.**
**No.O-1826:** **Letter No.841, Date:9.3.2022**

1. Name of the work :- Bridge works under Biju Setu Yojana in the District of Mayurbhanj. 2.Total No. of work :- 06 Nos. (Six). 3.Estimated Cost :- Rs.358.74 lakhs to Rs.503.82 lakhs (Approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No. 216 | Dt 16.03.2022 at 11.00A.M. | Dt30.03.2022 up to 5.00 P.M. | Dt 29.03.2022 up to 5.00 P.M. | Dt 31.03.2022 at 11.00 A.M. | Will be Intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

**Sd./- Chief Construction Engineer, R.W.Circle, Baripada**
**OIPR-25130/11/0050/2122**

**GOVERNMENT OF ODISHA**
**FOREST, ENVIRONMENT**
**& CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER,**
**BOLANGIR FOREST DIVISION-767001**
**Tel:06652-232948, Fax:-06652232948**
**e-mail:dfo-balangir@gov.in. & dfobalangir@gmail.com**
**Letter No.1783/1F, Dated, Bolangir the 07th March-2022**

**No.MM-389: NOTICE INVITING TENDER**

| Sl. No. | Item of article to be procured | Solar Street Light Installation in elephant movement area |
|---|---|---|
| 1 | Estimated Cost | |
| 2 | No. of Works | As per the decision of the Tender Committee proportionate to availability of funds |
| 3 | Period & time of completion | 10 days from the date of issue of work order |
| 4 | Date & time of availability of the bid document in the portal | 08.03.2022 to 20.03.2022 |
| 5 | Last date/Time for receipt of bids in the portal | Up to 5.00 P.M. of 20.03,2022 |
| 6 | Date & Time of bid opening | 11.30 hours on Dated. 21.03.2022 |
| 7 | Name & Address of the officer inviting Bid | Divisional Forest Officer, Bolangir Forest Division., Pin-767001 |

Others can be seen from Detailed Notice inviting Tenders, available in website. www.balangir.nic.in Corrigendum if any, shall only be published in the above website.

**Sd./- Divisional Forest Officer, Bolangir Forest Division**
**OIPR-08061/11/0006/2122**

See Career Appointment on every Wednesday & Saturday

**ଉଦ୍ୟାନ ବିଭାଗ, ଅନୁଗୋଳ ଅଧୀନସ୍ଥ ଫାର୍ମମାନଙ୍କର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

**No.L-134:**ଚଳିତବର୍ଷ ୨୦୨୧-୨୨ ପାଇଁ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ନିମ୍ନୋକ୍ତ ଫାର୍ମମାନଙ୍କର ଉତ୍ପାଦିତ ଆମ୍ବ, ଲିଚୁ, କାଜୁ ବାଦାମ, ସପୁରୀ ଓ ନଡିଆ ବିକ୍ରି ସକାଶେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି । ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପାଲଲହଡା, ଅନୁଗୋଳ, ଆଠମଲ୍ଲିକ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ ।

| କ୍ର. ନଂ. | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ |
|---|---|---|---|---|
| ୧ | ଅନୁଗୋଳ ଫାର୍ମ ଅନୁଗୋଳ | ଆମ୍ବ ଓ ଲିଚୁ | ୬୦୦୦.୦୦ | ୨୯.୦୩.୨୦୨୨ ଦିବା ୩ ଘଣ୍ଟା |
| ୨ | ପାଲଲହଡ଼ା ଫାର୍ମ ପାଲଲହଡ଼ା | ଆମ୍ବ ଓ ଲିଚୁ | ୨୦୦୦୦.୦୦ | ୨୯.୦୩.୨୦୨୨ ଦିବା ୧୧ ଘଣ୍ଟା |
| | | କାଜୁ | ୫୦୦୦.୦୦ | ଦିବା ୧୧ ଘଣ୍ଟା |
| ୩ | ନାକଚି ଫାର୍ମ ନାକଚି | ଲିଚୁ | ୫୦୦୦.୦୦ | ୨୯.୦୩.୨୦୨୨ ଦିବା ୧ ଘଣ୍ଟା |
| | | ଆମ୍ବ | ୧୦୦୦୦.୦୦ | ଦିବା ୧ ଘଣ୍ଟା |
| | | ସପୁରୀ | ୨୦୦୦.୦୦ | ଦିବା ୧ ଘଣ୍ଟା |
| | | ନଡ଼ିଆ | ୨୦୦୦.୦୦ | ଦିବା ୧ ଘଣ୍ଟା |

ଆଗ୍ରହୀ ପ୍ରାର୍ଥୀ ଟ.୫୦.୦୦ ମୂଲ୍ୟର ଆବେଦନ ଫର୍ମ ପୂରଣ କରି ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରିପୋଷ୍ଟ ବା କୋରିୟର ସେବା ଦ୍ୱାରା ୨୮.୦୩.୨୦୨୨ ରିଖ ଅପରାହ୍ନ ୫ ଘଣ୍ଟା ସୁଦ୍ଧା ଦାଖଲ କରିପାରିବେ । ଟେଣ୍ଡରଗୁଡିକ ନିର୍ଦ୍ଧାରିତ ସମୟରେ ଉଦ୍ୟାନ ଉପନିର୍ଦ୍ଦେଶକ ଅନୁଗୋଳଙ୍କ ପାଖରେ ପହଞ୍ଚିବା ଦରକାର । ଏହା ଅନୁଗୋଳ ଷ୍ଟେଟବ୍ୟାଙ୍କ ମାର୍ଫତରେ ଦେୟ କରିବେ ।
ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ ।

**ସ୍ୱା/- ଉଦ୍ୟାନ ଉପନିର୍ଦ୍ଦେଶକ, ଅନୁଗୋଳ**
**OIPR-01448/11/0004/2122**

## ଷ୍ଟୋରର ସବ୍ ଲିଜ୍ ଶେଷ କରିବାକୁ ରିଲାଏନ୍ସର ନୋଟିସ

**ନୂଆଦିଲ୍ଲୀ:** ଭାରତର ଖୁଚୁରା ବଜାରରେ ନିଜ ଆଧିପତ୍ୟ ଜାରି ରଖିବା ଉଦ୍ଦେଶ୍ୟରେ ଉଦ୍ୟୋଗପତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ରିଟେଲ ପକ୍ଷରୁ ଫ୍ୟୁଚର ରିଟେଲର ୯୫୦ ଷ୍ଟୋରର ସବ୍ ଲିଜ୍ ସମାପ୍ତ କରିବା ପାଇଁ ନୋଟିସ ପଠାଯାଇଛି। କିଶୋର ବିୟାନୀ ପରିଚାଳିତ ଫ୍ୟୁଚର ଗ୍ରୁପ୍ କମ୍ପାନୀଗୁଡ଼ିକ ଶେୟାର ବଜାରରେ ଦେଇଥିବା ତଥ୍ୟ ଅନୁସାରେ ରିଲାଏନ୍ସ ରିଟେଲ ପକ୍ଷରୁ ୮୩୫ ଫ୍ୟୁଚର ରିଟେଲ ଷ୍ଟୋର ଏବଂ ୧୧୨ ଫ୍ୟୁଚର ଲାଇଫ୍ ଷ୍ଟାଇଲ୍ ଷ୍ଟୋରର ସବ୍ ଲିଜ୍ ଶେଷ କରିବା ପାଇଁ ନୋଟିସ ଦିଆଯାଇଛି।

# ଖିମ୍‌ଜୀ ଫାଉଣ୍ଡେଶନ ଜରିଆରେ 'ୱାକ୍ ଫୋର୍ ଇକ୍ୱାଲିଟି'




ଭୁବନେଶ୍ୱର,୧୦।୩

ଚଳିତ ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ ପରପ୍ରେକ୍ଷୀରେ ରାଜ୍ୟ ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସର ସାମାଜିକ ଅନୁଷ୍ଠାନ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଏକ ମିଳିତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ ଆଇନା ସହିତ ଫାଉଣ୍ଡେଶନ ହାତ ମିଶାଇ 'ୱାକ୍ ଫୋର୍ ଇକ୍ୱାଲିଟି' ନାମରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ହିଂସାମୁକ୍ତ ସମାଜ ଗଠନ ପାଇଁ ଲକ୍ଷ୍ୟ ନେଇ କରାଯାଇଛି। ଉକ୍ତ ପଦଯାତ୍ରାରେ ପ୍ରାୟ ୧୫୦ ଉତ୍ସାହୀ ଅଂଶଗ୍ରହଣକାରୀ ଯୋଗଦାନ କରିଥିଲେ। ୩ କି.ମି.ର ଏହି ପଦଯାତ୍ରା ସ୍ଥାନୀୟ ଜନତା ମଇଦାନରୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ହୋଇଥିଲା। ଅଭିନେତା ଆକାଶ ଦାସ ନାୟକ, ପଦ୍ମଶ୍ରୀ ଦିଲୀପ ତିର୍କୀ, ଭାରତୀୟ କ୍ରୀଡ଼ାବିତ୍ ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ଡ. ଲେନିନ୍ ମହାନ୍ତି, ଓଲିଉଡ୍ ଅଭିନେତ୍ରୀ ନୈନା ଦାଶ ଏବଂ ସୁପ୍ରିୟା ନାୟକ, ସାମାଜିକ କର୍ମୀ ଲିଙ୍କନ୍ ସୁବୁଦ୍ଧି ଏବଂ ସିଏଫ୍‌ଓ ମନୋରଞ୍ଜନ ସାମନ୍ତରାୟ ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ। ଏହି ଅବସରରେ ଶୁଭେଚ୍ଛା ଜଣାଇ ଖିମ୍‌ଜୀ ଫାଉଣ୍ଡେଶନର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ମହିଳାମାନେ ଈଶ୍ୱରଙ୍କ ବହୁ ମୂଲ୍ୟ ସୃଷ୍ଟି ମଧ୍ୟରୁ ଅନ୍ୟତମ ଏବଂ ପ୍ରତ୍ୟେକ ମହିଳାଙ୍କୁ ସମାଜ ଚଳାଇବା ପାଇଁ ସମାନ ଭାବରେ ସଶକ୍ତ କରାଯିବା ଉଚିତ। ଖିମ୍‌ଜୀ ଫାଉଣ୍ଡେଶନ ମହିଳା ସଶକ୍ତୀକରଣ ଦିଗରେ ସର୍ବଦା ସାହାଯ୍ୟ କରି ଆସୁଛି। ସମାନତାକୁ ପ୍ରୋତ୍ସାହିତ କରିବାରେ ଏକ ଅଂଶ ହୋଇଥିବାରୁ ଆମେ କୃତଜ୍ଞ ଏବଂ ଏହି ଦୁନିଆକୁ ଏକ ଉନ୍ନତ ସ୍ଥାନ ଦେବା ପାଇଁ ସମସ୍ତ ମୂଲ୍ୟବାନ୍ ମହିଳାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି।

# ୩ୟ ଦିନ ଲାଗି ସେନ୍‌ସେକ୍ସ ବୃଦ୍ଧି

ନୂଆଦିଲ୍ଲୀ,୧୦।୩

ଗତ ଦୁଇ ସପ୍ତାହ ଧରି ବଜାର କାରବାର ଆଶା ଓ ଆଶଙ୍କା ମଧ୍ୟରେ ରହିଥିବା ବେଳେ ଚଳିତ ସପ୍ତାହରେ କ୍ରମାଗତ ତୃତୀୟ ଦିନ ପାଇଁ ସେନ୍‌ସେକ୍ସ ବୃଦ୍ଧି ପାଇଛି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ଷ୍ଟକ ବଜାରରେ ପଜିଟିଭ ଗ୍ଲୋବ୍ସ ସଙ୍କେତ ମଧ୍ୟରେ ଗ୍ୟାପ୍ ଅଫ୍ ଓପନିଂ ଦେଖିବାକୁ ମିଳିଥିଲା। ବିଶେଷ କରି ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନ୍‌ସେକ୍ସ ୮୧୭.୦୬ ଅଙ୍କ ଅର୍ଥାତ୍ ୧.୫୦% ବୃଦ୍ଧି ପାଇଁ ୫୫,୪୬୪.୩୯ ସ୍ତରରେ ବନ୍ଦ ହୋଇଥିଲା ବେଳେ ନିଫ୍ଟି ୫୦ରେ ୧.୫୩% ପଏଣ୍ଟ ଅର୍ଥାତ୍ ୨୪୯.୫୫ ଅଙ୍କ ବୃଦ୍ଧି ଘଟି ୧୬,୫୯୪.୯୦ ଅଙ୍କରେ କାରବାର ବନ୍ଦ ହୋଇଛି। ବିଲସଇର ସୂଚନା ଅନୁଯାୟୀ ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍, ଟାଟା ଷ୍ଟିଲ୍, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ୍, ଇଣ୍ଡସ୍‌ଲ୍ୟାଣ୍ଡ୍ ବ୍ୟାଙ୍କ୍, ନେସ୍‌ଲେ, ମାରୁତି ସୁଜୁକି ଭଳି ନିବେଶକମାନେ ପ୍ରମୁଖ ଲାଭକାରୀ ଷ୍ଟକ୍ ଭାବେ ଗଣା ହୋଇଛନ୍ତି।

# ଆପୋଲୋ ହସ୍ପିଟାଲ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୦।୩

କିଡ୍‌ନୀ ଓ ସ୍ୱାସ୍ଥ୍ୟର ଯତ୍ନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ପକ୍ଷରୁ ଆୟୋଜନ କରାଯାଇଥିଲା। ସେହିଭଳି ଏସ୍‌ପ୍ଲାନେଡ୍‌ଠାରେ ଏକ ଯୋଗ ଅଧିବେଶନ ଓ ଡାଏଟ୍ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଡାକ୍ତରଖାନା ପରିସରରେ ଏକ ସ୍ୱାସ୍ଥ୍ୟଭିତ୍ତିକ ଆଲୋଚନାଚକ୍ରର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ କିଡ୍‌ନୀ ରୋଗ ଏବଂ ଏହାର ଯତ୍ନ ବିଷୟରେ ସେମାନଙ୍କୁ ଆବଶ୍ୟକ ଶିକ୍ଷା ମଧ୍ୟ ଦିଆଯାଇଥିଲା। ସାଧାରଣ ଜନତାଙ୍କ ମଧ୍ୟରେ କିଡ୍‌ନୀ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଥିବା ସାଧାରଣ ସଚେତନତାର ଅଭାବ ଦୂରକରିବା ହେଉଛି ଚଳିତ ବର୍ଷ ବିଶ୍ୱ କିଡ୍‌ନୀ ଦିବସର ମୂଳ ଉଦ୍ଦେଶ୍ୟ। ଚଳିତ ବର୍ଷ ଏହି ଅଭିଯାନର ବିଷୟବସ୍ତୁ ହେଉଛି 'ସମସ୍ତଙ୍କ ପାଇଁ କିଡ୍‌ନୀ ସ୍ୱାସ୍ଥ୍ୟ'। ଏ ସମ୍ପର୍କରେ ଆପୋଲୋ ହସ୍ପିଟାଲର ମୁଖ୍ୟ ପରିଚାଳକ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ଆମର ଉଦ୍ଦେଶ୍ୟ ସାଧାରଣ ଜନତାଙ୍କୁ ସୁସ୍ଥ ଖାଦ୍ୟ ଏବଂ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା। ପ୍ରତ୍ୟେକ ବ୍ୟକ୍ତି ବିଶୁଦ୍ଧ ଜଳ, ବ୍ୟାୟାମ, ସୁସ୍ଥ ଖାଦ୍ୟ, ତମାଖୁ ଛାଡ଼ିବା ଏବଂ ଚାପରୁ ଦୂରେଇ ରହିବା ପାଇଁ ପ୍ରୟାସ କରିବା ଉଚିତ। ଏହା ବ୍ୟତୀତ ଅତ୍ୟଧିକ ଧୂମପାନ ଯୋଗୁ ମଧ୍ୟ କିଡ୍‌ନୀ ରୋଗ ବୃଦ୍ଧି ପାଏ ବୋଲି ଡା. ଆଲୋକ କହିଛନ୍ତି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ନୂତନ ସେବାର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୩:** ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଗ୍ରାହକମାନଙ୍କୁ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ ଇଣ୍ଟର ଆକ୍ଟିଭ୍ ହ୍ୱାଟ୍ସଆପ୍ ସେବାର ଶୁଭାରମ୍ଭ କରାଯାଇଛି। ଗ୍ରାହକମାନଙ୍କ ସହଜତା ଓ ସୁବିଧା ପାଇଁ ଏହି ସେବା +୯୧-୭୭୭୭୦୦୨୩୭୫ ହ୍ୱାଟ୍ସଆପ୍ ନମ୍ବରରେ ୨୪ ଘଣ୍ଟା ଉପଲବ୍ଧ ରହିବ। ଏହା ଜରିଆରେ ଗ୍ରାହକ ତା'ର ଆବଶ୍ୟକ ସୂଚନା ଓ କାଗଜପତ୍ର ପାଇପାରିବ। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ କହିଛନ୍ତି, ହ୍ୱାଟ୍ସଆପ୍ ଇଣ୍ଟର ଆକ୍ଟିଭ୍ ସେବା ଗ୍ରାହକ ସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଓ କମ୍ପାନୀ ଓ ଗ୍ରାହକଙ୍କ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବ। ଟିପିଏସ୍‌ଓଡିଏଲ୍ ଗ୍ରାହକମାନଙ୍କୁ ସେମାନଙ୍କ ଆଙ୍ଗୁଠି ଟିପରେ ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଆମର ବିଶ୍ୱାସ ରହିଛି ଯେ ଏହା ସେମାନଙ୍କୁ ଏକ ସାମଗ୍ରିକ ଅଂଶୀଦାର ଅନୁଭୂତି ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସାବ୍ୟସ୍ତ ହେବ ବୋଲି ସିଂହ ମତବ୍ୟକ୍ତ କରିଛନ୍ତି।

# ବିଓବିର କ୍ଷେତ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ




**କଟକ,୧୦।୩:** ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଭୁବନେଶ୍ୱର-୨ କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁରୁବାର ସ୍ଥାନୀୟ ବକ୍ସିବଜାରସ୍ଥିତ ଚଳଚ୍ଚିତ୍ର ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବଙ୍କ ସମେତ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ଏବଂ ଓଏଫ୍‌ଡିସିର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚାନ୍ଦ ଗ୍ରାହକ ସେବା ଉପରେ ପ୍ରାଧାନ୍ୟ ଦେବା, ଶାଖା କାର୍ଯ୍ୟାଳୟ ଥିବା ମୁଖ୍ୟ ସହରଗୁଡ଼ିକରେ ପ୍ରଶାସନିକ କାର୍ଯ୍ୟାଳୟ ରହିବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ବ୍ୟାଙ୍କର ଶାଖା ସଂଖ୍ୟା କମ୍ ଥିଲେ ମଧ୍ୟ ଏହା ବ୍ୟବସାୟିକ ଦୃଷ୍ଟିକୋଣ ତଥା ଲାଭ କ୍ଷେତ୍ରରେ ଅନ୍ୟମାନଙ୍କ ତୁଳନାରେ ବେଶ୍ ଆଗରେ ରହିଛି ବୋଲି ସେ ପ୍ରକାଶ କରିଥିଲେ। ଅପରପକ୍ଷରେ ଓଏଫ୍‌ଡିସିର ଅଧ୍ୟକ୍ଷ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ମହିଳା ସଶକ୍ତୀକରଣକୁ ବ୍ୟାଙ୍କ ଅଧିକ ଗୁରୁତ୍ୱ ଦେଉଥିବାରୁ ସେ ବ୍ୟାଙ୍କର ଭୂମିକା ଓ କାର୍ଯ୍ୟକାରିତାର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପାଟଣା ଅଞ୍ଚଳର ଅଞ୍ଚଳ ମୁଖ୍ୟ ସଞ୍ଜୀବ ମେନନ୍ ସ୍ୱାଗତ ଭାଷଣ ଦେଇ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ଉପରେ ଆଲୋକପାତ କରିଥିଲେ। ପରିଶେଷରେ କ୍ଷେତ୍ରୀୟ ମୁଖ୍ୟ ଅନ୍ୱୟ ମିଶ୍ର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ୨୦୨୨-୨୩ରେ ହାରାହାରି ମୁଦ୍ରାସ୍ଫୀତି ୫.୪% ରହିବ

ନୂଆଦିଲ୍ଲୀ,୧୦।୩

୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୮% ରହିବ ବୋଲି ଗୁରୁବାର ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ ଆକଳନ କରାଯାଇଛି। ଏ ସମ୍ପର୍କରେ କ୍ରିସିଲ୍‌ର ମୁଖ୍ୟ ଅର୍ଥନୀତିଜ୍ଞ, ଡି.କେ.ଯୋଷୀ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ପଣ୍ୟଦ୍ରବ୍ୟଗୁଡ଼ିକର ଦରବୃଦ୍ଧି ଘରୋଇ ମୁଦ୍ରାସ୍ଫୀତିକୁ ପ୍ରଭାବିତ କରିବ। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ହାରାହାରି କ୍ଷୁଦ୍ର ମୁଦ୍ରାସ୍ଫୀତି ହାର ୫.୪% ରହିପାରେ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୨-୨୩ରେ ହାରାହାରି ମୁଦ୍ରାସ୍ଫୀତି ହାର ୪.୫% ରହିବ ବୋଲି ଆର୍‌ବିଆଇ ପକ୍ଷରୁ ମଧ୍ୟ ଅନୁମାନ କରାଯାଇଥିଲା। ଯୋଷୀ ଏହା ମଧ୍ୟ ଆକଳନ କରିଛନ୍ତି ଯେ ବର୍ତ୍ତମାନ ବିଶ୍ୱରେ ଚାଲିଥିବା ବିଭିନ୍ନ ପରିସ୍ଥିତି ଯୋଗୁ କେନ୍ଦ୍ର ଏବଂ ରାଜ୍ୟ ଦ୍ୱାରା ପୁଞ୍ଜିଗତ ବ୍ୟୟ ଉପରେ ମଧ୍ୟ ଜୋର୍ ଦିଆଯାଇପାରେ।

# ମହିନ୍ଦ୍ରା ପକ୍ଷରୁ ଏସ୍‌ଏଚ୍‌ଜିଙ୍କୁ ୩୨ଅଟୋ ପ୍ରଦାନ



ଭୁବନେଶ୍ୱର,୧୦।୩

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ର ଇଲେକ୍ଟ୍ରି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମିଶନ ଶକ୍ତି ଅଧୀନରେ ଥିବା କେନ୍ଦ୍ରାପଡ଼ାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ୩୨ଟି ଟ୍ରେଓ ଅଟୋ ପ୍ରଦାନ କରାଯାଇଛି। ଏହା ଜରିଆରେ ପରିବହନ ସେକ୍ଟରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଏବଂ ମିଶନ ଶକ୍ତି ପକ୍ଷରୁ ଏଭଳି ଉଦ୍ୟମ ଆରମ୍ଭ କରାଯାଇଛି। ଫଳରେ ୫ ବର୍ଷିଆ ଇନ୍‌ଷ୍ଟଲମେଣ୍ଟ ଯୋଜନା ଦ୍ୱାରା ରାଜ୍ୟ ସରକାର ଅଟୋଗୁଡ଼ିକର ମୂଲ୍ୟ ପ୍ରଦାନ କରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରାର ଚ୍ୟାନେଲ ପାର୍ଟନେର କଟକ ଓରିକନ୍ ଇକ୍ୱିପ୍‌ମେଣ୍ଟ ଏବଂ ଭୁବନେଶ୍ୱର ଉତ୍କଳ ଅଟୋ ପକ୍ଷରୁ ଏସ୍‌ଏଚ୍‌ଜିଗୁଡ଼ିକୁ ଏହି ଅଟୋ ନିକଟରେ ଡେଲିଭରି କରାଯାଇଥିଲା। ଏହି ଅବସରରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ, କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ୍ ଋତୁରାଜ, ଉପ ଜିଲାପାଳ ତଥା ଡିପିସି କୈଳାସ ଚନ୍ଦ୍ର ସେନାପତିଙ୍କ ସମେତ ମହିନ୍ଦ୍ରାର ଇଷ୍ଟ୍ ଜୋନ୍ ସେଲ୍ସ ମୁଖ୍ୟ ତ୍ରିଭୁବନ ଦୁବେ, ରାଜ୍ୟ କ୍ଲଷ୍ଟର ବିଜନେସ୍ ମ୍ୟାନେଜର ଦୀପକ ଓକ୍ଟେ, ଇଷ୍ଟ ଜୋନ୍ ସର୍ଭିସ୍ ମୁଖ୍ୟ ନବୀନ ଶର୍ମା, ଏରିଆ ସେଲ୍ସ ମ୍ୟାନେଜର ପ୍ରବୀଣ ପାଣ୍ଡେ, ଓଡ଼ିଶା ଏରିଆ ସର୍ଭିସ୍ ମ୍ୟାନେଜର ବିବେକ ଶୁକ୍ଲା ପ୍ରମୁଖ ଉପସ୍ଥିତ ରହି ୩୨ଟି ଯାକ ଲାଭାର୍ଥୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ଏହା ପ୍ରଦାନ କରିଥିଲେ।

# ଚାଟର ସଦସ୍ୟ ହେଲା ଟାଟା ଷ୍ଟିଲ୍

**ନୂଆଦିଲ୍ଲୀ,୧୦।୩:** ଟାଟା ଷ୍ଟିଲ୍‌କୁ ୱାର୍ଲ୍ଡ ଷ୍ଟିଲ୍‌ର ନୂଆ ସଷ୍ଟେନେବିଲିଟି ଚାଟରର ସଦସ୍ୟ ଭାବେ ଚୟନ କରାଯାଇଛି। ନିକଟରେ ଦି ୱାର୍ଲ୍ଡ ଷ୍ଟିଲ୍ ଆସୋସିଏସନ୍ (ୱାର୍ଲ୍ଡଷ୍ଟିଲ୍) ଏହାର ସଂଶୋଧିତ ଓ ପରିବର୍ଦ୍ଧିତ ସଷ୍ଟେନେବଲ୍ ଚାଟର ଜାରି କରିଛି। ଇସ୍ପାତ ଶିଳ୍ପର ନିରନ୍ତରତା ପ୍ରତି ବର୍ଦ୍ଧିତ ଧ୍ୟାନ ଏବଂ ପଦକ୍ଷେପ ଭିତ୍ତିକ ଦର୍ଶନ ଓ ଲୋକ, ଗ୍ରହ ଏବଂ ସମାଜର ସମୃଦ୍ଧି ପ୍ରତି ଦାୟିତ୍ୱ ଆଦି ଏହି ନୂତନ ଚାଟରରେ ପ୍ରତିଫଳିତ ହୋଇଛି। ନୂଆ ସଷ୍ଟେନେବିଲିଟି ଚାଟରରେ ୯ଟି ନୀତି ସହିତ ୨୦ ସହଯୋଗୀ ଯୋଗ୍ୟତା ରହିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ୍ କହିଛନ୍ତି, ୱାର୍ଲ୍ଡ ଷ୍ଟିଲ୍‌ର ନୂଆ ସଷ୍ଟେନେବିଲିଟି ଚାଟରର ସଦସ୍ୟ ହୋଇଥିବାରୁ ଟାଟା ଷ୍ଟିଲ୍ ଆନନ୍ଦିତ। ସଷ୍ଟେନେବିଲିଟିରେ ଶିଳ୍ପରେ ଅଗ୍ରଣୀ ରହିବା ଲକ୍ଷ୍ୟ ହାସଲ କରିବା ଲାଗି ଆମ ପ୍ରତିବଦ୍ଧତାକୁ ଏହା ଦୋହରାଉଛି।

## ଫୁରସତ୍




# ଲୁନାର ସୋସାଇଟିର ଗିଫ୍ଟ 'ସୁଶାନ୍ତ ମୁନ୍'

**ମୁମ୍ବାଇ:** ଦିବଂଗତ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ମିଳିଛି ଆମେରିକା ଲୁନାର ସୋସାଇଟି ପକ୍ଷରୁ ବଡ଼ ଉପହାର। ସ୍ପେସ୍ ସାଇନ୍ସରେ ରୁଚି ରଖୁଥିବା ସୁଶାନ୍ତ ସିଂ ରାଜପୁତଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ଲୁନାର ସୋସାଇଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩ ଜାନୁଆରୀ ୨୧ରେ ତାଙ୍କ ଜନ୍ମଦିନଟିକୁ 'ସୁଶାନ୍ତ ମୁନ୍' ଭାବେ ପାଳନ କରାଯିବା ପାଇଁ ଲୁନାର ପକ୍ଷରୁ ଏହି ଐତିହାସିକ ଘୋଷଣା କରାଯାଇଛି। ସୁଶାନ୍ତଙ୍କ ମୃତ୍ୟୁ ପରେ ଫିଜିକ୍ସ ଏବଂ ମହାକାଶକୁ ନେଇ ତାଙ୍କର ଥିବା ଦୁର୍ବଳତା ବିଷୟ ଜଣାପଡ଼ିଥିଲା। ଏହାପରେ ତାଙ୍କ ଜନ୍ମଦିନଟିକୁ ସ୍ମରଣୀୟ କରିବା ପାଇଁ ସୁଶାନ୍ତଙ୍କ କିଛି ପ୍ରଶଂସକ ଲୁନାର ସୋସିଇଟିକୁ ଚିଠି ଲେଖି ଅନୁରୋଧ କରିଥିଲେନ୍, ଯାହାପରେ ସୋସାଇଟି ପକ୍ଷରୁ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଗ୍ରହ ନକ୍ଷତ୍ରଙ୍କ ବିଷୟରେ ବହୁ ଅଧ୍ୟୟନ କରିବା ସହ ଜହ୍ନରେ ସେ ଜାଗା ମଧ୍ୟ କିଣିଥିଲେ। ୨୦୨୦ ଜୁନ ୧୪ରେ ଶୁସାନ୍ତ ଆତ୍ମହତ୍ୟା କରିଥିଲେ, ଯାହା ତାଙ୍କ ଫ୍ୟାନ୍ସଙ୍କୁ ଏକ ଶକ୍ତ ଧକ୍କା ଦେଇଥିଲା। ମୃତ୍ୟୁ ପୂର୍ବରୁ ଅନ୍ତରୀକ୍ଷ ଉପରେ ଆଧାରିତ ଫିଲ୍ମ 'ଚନ୍ଦା ମାମା ଡୋର କେ'ର ମୁଖ୍ୟ ଭୂମିକା ପାଇଁ ତାଙ୍କୁ ଚୟନ କରାଯାଇଥିଲା।

## ପନିରରେ ଗଙ୍ଗୁବାଈ

**ମୁମ୍ବାଇ:** ବଲିଉଡ୍ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡି' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବାରେ ଲାଗିଛି। ଗଙ୍ଗୁବାଇକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳିଛି। ତେବେ ଏମିତି ଜଣେ ପ୍ରଶଂସକ କିଛି ନିଆରା ଢଙ୍ଗରେ ଗଙ୍ଗୁବାଇ ପ୍ରତି ଭଲପାଇବା ଦେଖାଇଛନ୍ତି। ପ୍ରଫୁଲ୍ଲ ଜୈନ ନାମକ ଜଣେ ନେଟିଜିମ୍ ପନିରରେ ଚିତ୍ର ଆଙ୍କିଛନ୍ତି। ତାହା ପୁଣି ଆଲିଆ ଭଟ୍ଟଙ୍କ ଗଙ୍ଗୁବାଇ ଲୁକ୍‌ର; ଯାହାକୁ ସୋସିଆଲ ମିଡିଆ ୟୁଜର ପସନ୍ଦ କରୁଥିବାର ଦେଖାଯାଇଛି। ଭିଡିଓଟିକୁ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷରୁ ଉର୍ଦ୍ଧ୍ୱ ୟୁଜର ଦେଖିସାରିଥିବାବେଳେ ପ୍ରଫୁଲ୍ଲଙ୍କ ଏହି କଳାକୁ ଲୋକେ ଗ୍ରହଣ କରିବା ସହ ତାଙ୍କୁ ପ୍ରଶଂସା ମଧ୍ୟ କରୁଛନ୍ତି।



# ବ୍ୟାଣ୍ଡ ବଜାଉଛନ୍ତି ଯବାନ



**କ୍ୱିଭ୍:** ଯୁଦ୍ଧକୁ ନେଇ ୟୁକ୍ରେନ୍ ଜନସାଧାରଣଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଦେଶ ଛାଡ଼ି ଚାଲିଯାଇଥିବାବେଳେ ଏବେବି କିଛି ଲୋକ ମନୋବଳକୁ ଦୃଢ଼ କରି ସେଠାରେ ରହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ୟୁକ୍ରେନ୍ ଯବାନମାନଙ୍କ ଦ୍ୱାରା ଅଭିନବ ଉଦ୍ୟମ କରାଯାଇଛି। ୫ ଜଣ ଯବାନ ବ୍ୟାଣ୍ଡ ବାଜା ବଜାଉଥିବାର ଦୃଶ୍ୟ ଦେଖିଥବାକୁ ମିଳୁଛି। ୟୁକ୍ରେନ୍‌ର ଲୋକପ୍ରିୟ ଓଡେସା ଅପେରା ଜରିଆରେ ସେମାନେ 'ଡୋଣ୍ଟ ଓରି ବି ହାପି' ଗୀତ ବଜାଉଥିବାର ଦେଖାଯାଇଛି। ଦେଶ ସୁରକ୍ଷା ପାଇଁ ଯବାନଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକଙ୍କ ମନୋବଳ ଦୃଢ଼ କରିବା ପାଇଁ ଯବାନଙ୍କ ତରଫରୁ ଏ ପ୍ରକାର ପ୍ରୟାସ ନିଶ୍ଚିତଭାବେ ପ୍ରଶଂସାଯୋଗ୍ୟ। ତେବେ ବ୍ୟାଣ୍ଡ ବଜାଉଥିବା ୫ ଯବାନଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଥିବାବେଳେ ଯବାନଙ୍କ ଉଦ୍ୟମକୁ ଲୋକେ ପ୍ରଶଂସା କରୁଛନ୍ତି।

# ବିରିୟାନୀରୁ ଅଧିକ ରୋଜଗାର



**ଚଣ୍ଡିଗଡ଼:** କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ମିଳିଯାଏ। ଏହାକୁ ଯଥାର୍ଥ କରି ଦେଖାଇଛନ୍ତି ହରିୟାଣାର ରୋହିତ ଏବଂ ସଚିନ। ଦୁହେଁ ଇଞ୍ଜିନିୟର ଚାକିରି ଛାଡ଼ି ଏବେ ସାଜିଛନ୍ତି ବିରିୟାନୀ ବ୍ୟବସାୟୀ; ଯାହା ସେମାନଙ୍କୁ ଅଧିକ ଲାଭ ଦେଉଥିବା ଦୁହେଁ କହିଛନ୍ତି। ହରିୟାଣାର ସୋନିପଥରେ ଇଞ୍ଜିନିୟରର୍ସ ଭେଜ୍ ବିରିୟାନୀ ନାମରେ ରୋହିତ ଓ ସଚିନଙ୍କ ବିରିୟାନୀ ଷ୍ଟଲ୍ ରହିଛି। ରୋହିତ ପଲିଟେକ୍ନିକ ଛାତ୍ର ହୋଇଥିବାବେଳେ ସଚିନ ବି-ଟେକ୍ ପଢ଼ିଛନ୍ତି। ଚାକିରିରେ ରହି ସେମାନେ ବିରିୟାନୀ ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟ ଭଲ ଚାଲିବା ପରେ ଏହାକୁ ବଢ଼ାଇବା ଉଦ୍ଦେଶ୍ୟରେ ସେମାନେ ଚାକିରି ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ। ହରିୟାଣାର ସୋନିପଥକୁ ଛାଡ଼ିଦେଲେ ଏକାଧିକ ସ୍ଥାନରେ ସେମାନେ ବିରିୟାନୀ ଆଉଟ୍ ଲେଟ୍ ଖୋଲିସାରିଛନ୍ତି। ଚାକିରିରୁ ଯେଉଁ ଦରମା ମିଳୁଥିଲା ତା'ଠାରୁ ଅଧିକ ଟଙ୍କା ବିରିୟାନୀ ବ୍ୟବସାୟରୁ ରୋଜଗାର କରୁଥିବା ଦୁଇ ଇଞ୍ଜିନିୟର ବ୍ୟବସାୟୀ କହିଛନ୍ତି। ଚାହିଦା ଅନୁସାରେ ଇଞ୍ଜିନିୟରର୍ସ ଭେଜ୍ ବିରିୟାନୀ ଷ୍ଟଲରେ ବିନା ତେଲରେ ତିଆରି ଭେଜ୍ ବିରିୟାନୀ ମିଳୁଥିବାବେଳେ ହାଫ୍ ପ୍ଲେଟର ଦାମ ୫୦ ଏବଂ ଫୁଲ୍ ପ୍ଲେଟ ମୂଲ୍ୟ ରହିଛି ୭୦ ଟଙ୍କା ରହିଛି।

# ପଥିକଙ୍କ ହାତରୁ ପାଣି ପିଇଲା ସାପ

ଜଳ ସଙ୍କଟ ଦେଇ ଗତି କରୁଛି ଥାଇଲାଣ୍ଡ। ନଦୀ, ନାଳ ସବୁ ଶୁଖିଲାପଡ଼ିଛି, ଯେଉଁଠାରେ ଜନସାଧାରଣଙ୍କୁ ପାଣି ମିଳିବା କଷ୍ଟକର ହୋଇପଡ଼ିଛି ସେଠାରେ ଜୀବଜନ୍ତୁଙ୍କୁ ପାଣି ମିଳିବ ବା କେମିତି? ଥାଇଲାଣ୍ଡର ଫାନୋମ ବେଞ୍ଚା ନ୍ୟାଶନାଲ ପାର୍କରୁ ଏମିତି ଏକ ଚିତ୍ର ସାମ୍ନାକୁ ଆସିଛି; ଯାହା ଥାଇଲାଣ୍ଡ ଜଳସଙ୍କଟକୁ ସ୍ପଷ୍ଟ ଭାବେ ଦେଖାଉଛି। ବେଲଗ୍ରେଡର ସେରବ୍ୟାରୁ ଏକ ଦମ୍ପତି ଥାଇଲାଣ୍ଡ ଫାନୋମ ବେଞ୍ଚା ନ୍ୟାଶନାଲ ପାର୍କ ବୁଲିବାକୁ ଆସିଥିବାବେଳେ ସେମାନଙ୍କ ନଜରକୁ ଆସିଥିଲା ଏକ ସାପ ଯେ ପାଣିର ସନ୍ଧାନରେ ଥିଲା। ନେନାଣ୍ଡ ପ୍ରିରାଡୋଭିକ୍ ନାମକ ଯୁବକ ବୋତଲରେ ଥିବା ପାଣିକୁ ନିଜ ପାପୁଲିରେ ଢାଳି ସାପର ମୁହଁ ପାଖେ ନେଇ ଦେଖାଇଥିଲେ; ଯାହା ପରେ ସାପଟି ଏକ ନିଃଶ୍ୱାସରେ ସବୁତକ ପାଣି ପିଇଦେଇଥିଲା। ପ୍ରିରାଡୋଭିକ୍‌ଙ୍କ ବାନ୍ଧବୀ ଡରଲଜାକା ମିଲେନା ଜଣେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର। ପାଣି ପିଇବା ପରେ ସାପଟି ତାଙ୍କ ପାଖ ଛାଡୁ ନ ଥିବା ମିଲେନା କହିଛନ୍ତି।



# ପାଣି ଭିତରେ ୧୦୭ ମିଟର ଚାଲି ଗିନିଜ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ:** ଗୋଟିଏ ନିଃଶ୍ୱାସରେ ପାଣି ଭିତରେ ୧୦୭ ମିଟର ଅର୍ଥାତ୍ ୩୫୧ ଫୁଟ .୫ ଇଞ୍ଚ ଚାଲି ଗିଜିନ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସାମିଲ କରିଛନ୍ତି କ୍ରୋଏଟିଆନ ଫ୍ରିଡିଭର। ଗତବର୍ଷ ଏହି ରେକର୍ଡର ଅଧିକାରୀ ଥିଲେ ଭିଟୋମିର ମାରସିକ୍। ସେ ୩ ମିନିଟ ୬ ସେକେଣ୍ଡ ପର୍ଯ୍ୟନ୍ତ ନିଃଶ୍ୱାସ ଅଟକାଇ ପାଣି ଭିତରେ ଚାଲି ରେକର୍ଡ ରଚିଥିଲେ। ସେହିପରି ୨୦୨୦ରେ ବୋରିସ ମିଲୋସିକ ପାଣି ଭିତରେ ୯୬ ମିଟର ଚାଲି ରେକର୍ଡ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସାମିଲ ହେବାକୁ ନେଇ ଫ୍ରିଡିଭର କହିଛନ୍ତି, ମୁଁ ଏହାଠାରୁ ଅଧିକ ଭଲ ପ୍ରଦର୍ଶନ କରିପାରିଥାନ୍ତି। କିନ୍ତୁ ଏହା ଏକ ଲାଇଭ୍ ଇଭେଣ୍ଟ ଥିବାବେଳେ ମୋତେ ଅଧିକ ସତର୍କତାର ସହ ପରଫର୍ମ କରିବାର ଥିଲା। ତେବେ ଆଗାମୀ ଦିନରେ ସେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି କହିଛନ୍ତି।



## ୧୦ ହଜାର କେ.ଜି. ପୋଚ ନଷ୍ଟ, ଜଣେ ଗିରଫ

କୁତ୍ରା, (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖଡକୁରବାହାଲଠାରେ ସମ୍ବଲପୁର ଅବକାରୀ ବିଭାଗ ଓ କୁତ୍ରା ପୋଲିସର ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇ ମହୁଲି ପୋଚ ଜବତ କରାଯାଇଛି। ଖଡକୁରବାହାଲ ଗ୍ରାମରେ ବ୍ୟାପକ ଭାବେ ଚୋରା ମହୁଲି ମଦ କାରବାର ହୋଇଥାଏ। ତେବେ ଚଢ଼ାଉବେଳେ ୧୦ ହଜାର କେଜି ମହୁଲି ପୋଚ ଜବତ କରି ନଷ୍ଟ କରାଯାଇଛି। ମଦ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ମଧ ଜବତ କରାଯାଇଛି। ତେବେ ଏଥିରେ ସମ୍ପୃକ୍ତ ଥିବା ଜନୈକା ମହିଳାଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

## ଛାତ୍ରୀଙ୍କୁ ଅସଦାଚରଣ, ଅଶ୍ଳୀଳ ମେସେଜ: ସ୍କୁଲ ଅଧକ୍ଷ ଗିରଫ

ଭବାନୀପାଟଣା,୧୦।୩(ସ୍ୱ.ପ୍ର.): ଛାତ୍ରୀଙ୍କୁ ଅସଦାଚରଣ ଓ ଅଶ୍ଳୀଳ ମେସେଜ ପଠାଇବା ଜଣେ ସ୍କୁଲ ଅଧକ୍ଷଙ୍କୁ ମହଙ୍ଗା ପଡ଼ିଛି। କଳାହାଣ୍ଡି ଜିଲା ଭବାନୀପାଟଣାର ଏକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ସ୍କୁଲରେ



କାର୍ଯ୍ୟରତ ଅଧକ୍ଷ ରାଜୀବ ଦତ୍ତା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ଅଶ୍ଳୀଳ ମେସେଜ ପଠାଉଥିଲେ। ଏ ନେଇ ଛାତ୍ରୀ ଜଣକ ଭୟରେ ଘରେ ନ କହି ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ସ୍ଥାନୀୟ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେମାନେ ଥାନାରେ ସମ୍ପୃକ୍ତ ଅଧକ୍ଷଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୦୨/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ କିଛି ତଥ୍ୟ ପାଇ ସମ୍ପୃକ୍ତ ସ୍କୁଲ ଅଧକ୍ଷ ଦତ୍ତାଙ୍କୁ ପୋଲିସ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ନୂଆପଡ଼ା ଅଫିସ,୧୦।୩

ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟଙ୍କୁ ଉଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରେଶନ ଗଙ୍ଗା ଆରମ୍ଭ କରାଯାଇଥିଲା। ଏହିକ୍ରମରେ ସେଠାରେ ଫସି ରହିଥିବା ପଶ୍ଚିମ ଓଡ଼ିଶାର ଅନେକ ଛାତ୍ରୀଛାତ୍ର ନିଜ ଘରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ନୂଆପଡା ସଦରର ପ୍ରାୟ ୧୨ଜଣ ଛାତ୍ର ରହିଥିଲେ। ଏହି ଛାତ୍ରମାନେ ଭଲରେ ପ୍ରତ୍ୟାବର୍ତ୍ତନ ପାଇଁ କେନ୍ଦ୍ର ସରକାର ଯେତିକି ଉତ୍କଣ୍ଠା ପ୍ରକାଶ କରଥିଲେ, ରାଜ୍ୟ ସରକାର ମଧ୍ୟ ସେତିକି ପ୍ରଚେଷ୍ଟା କରିଥିଲେ। ଭାରତ ପ୍ରତ୍ୟାବର୍ତ୍ତନ ପରେ ନୂଆଦିଲ୍ଲୀରେ ଛାତ୍ରୀଛାତ୍ରମାନଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥିଲେ। ଏହା ବ୍ୟତୀତ ରାଜ୍ୟ ସରକାର ଓଡିଶା ଛାତ୍ରୀଛାତ୍ରମାନଙ୍କୁ



ବିଜେଡି ପକ୍ଷରୁ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରିଥିଲେ। ନୂଆପଡା ସଦରର ଅଙ୍କିତା ଦାସ, ହିମାଂଶୁ ଶେଖର ନାଗ, ହିମାଂଶୁ ଶେଖର ନାୟକ, ଅବିନାଶ ଦାସ, ସ୍ୱୟମ ଗୁପ୍ତା, ଅବିନାଶ ହୋତା, ପ୍ରାଚୀ ଠାକୁର, ଅମିୟ କୁମାର ନାଥ, ସୋନାଲୀ ମିଶ୍ର ପ୍ରମୁଖ କୁଶଳରେ ନୂଆପଡା ପ୍ରତ୍ୟାବର୍ତ୍ତନ କରିଥିବାରୁ ଗୁରୁବାର ନୂଆପଡା ବିଜେଡି ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ନୂଆପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର ଢୋଲକିଆଙ୍କ କାର୍ଯ୍ୟାଳୟଠାରେ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ନବନିର୍ବାଚିତ ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ପାଣିଗ୍ରାହୀ, ଭାନୁପ୍ରତାପ ସିଂ ମାଝି, ବରିଷ୍ଠ ନେତା ବିହାରୀଲାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ୟୁକ୍ରେନ୍‌ରେ ଯୁଦ୍ଧ ସମୟର ନିଜର ଅନୁଭୂତି ବଖାଣିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଜିଲାପାଳଙ୍କ ସହ ଆଲୋଚନା କଲେ ସରପଞ୍ଚ

ନୂଆପଡ଼ା ଅଫିସ,୧୦।୩: ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ ଗୁରୁବାର ନୂଆପଡା ଆସି ଜିଲାପାଳ ସ୍ୱଧାଦେବ ସିଂଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଜୟଲକ୍ଷ୍ମୀ କୁରେଶ୍ୱରରୁ ଆସି ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ସାକ୍ଷାତ ସମୟରେ ଦୁଇ ମହିଳା କୁରେଶ୍ୱର ପଞ୍ଚାୟତର ସର୍ବାଙ୍ଗିନ ଉନ୍ନତି କଳ୍ପେ ଉଭୟ ଉଭୟଙ୍କ ସହଯୋଗ କାମନା କରିଥିଲେ। ପରିଣତ ବୟସରେ ମଧ ବିଜୟଲକ୍ଷ୍ମୀଙ୍କ ଉତ୍ସାହକୁ ଦେଖି ଜିଲାପାଳ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ରନ୍ଧାମଦ, ଖଜୁରି ତାଡ଼ି ଜବତ, ୪ ଗିରଫ

ରିଆମାଳ, ୧୦।୩ (ଡି.ଏନ.ଏ.)

ଦେବଗଡ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ରିଆମାଳ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି । ପେଣ୍ଡ୍ରାଖୋଳ, ଗଳଗଦା ଏବଂ ଗୁଣ୍ଡିଆପାଲି ଗ୍ରାମରେ ବେଆଇନ ଦେଶୀ ରନ୍ଧାମଦ ଓ ଖଜୁରୀ ତାଡି କାରବାର ଚାଲିଥିବା ଦେବଗଡ ଅବକାରୀ ଅଧୀକ୍ଷକ କରୁଣାଶଙ୍କର ତିୱାରୀ ସୂଚନା ପାଇ ଚଢାଉ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଦେବଗଡ ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁ ଓ ରିଆମାଳ ଅବକାରୀ ଏଏସ୍‌ଆଇ ବାଦଲ କୁମାର ବ୍ରହ୍ମା ସଦଳବଳେ ପେଣ୍ଡ୍ରାଖୋଳ ଗ୍ରାମର ଶଙ୍କର ପାତ୍ରଙ୍କ ଘରେ ଚଢାଉ କରି ୧୦ ଲିଟର ଦେଶୀ ରନ୍ଧାମଦ ଓ ଦ୍ୱାରୀ ନାଏକଙ୍କ ଘରୁ ୯ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲେ । ଅନୁରୂପ ଭାବେ ଗଳଗଦା ଗ୍ରାମର ଧନୁ ବେହେରାଙ୍କ ଘରେ ଚଢାଉ କରି ୧୨ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ତାଙ୍କୁ ଧନୁକୁ ଗିରଫ କରାଯାଇଥିଲା। ସେହିପରି ଗୁଣ୍ଡିଆପାଲି ଗ୍ରାମର ସନ୍ତୋଷ ବେହେରାଙ୍କ ଘରେ ଚଢାଉ କରି ୪୦ ଲିଟର ଖଜୁରୀ ତାଡି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା ଅବକାରୀ ବିଭାଗ। ପରବର୍ତୀ ସମୟରେ ସେମାନଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଛି।

# ରୁଙ୍ଗଟା ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




ଟେନସା, ୧୦।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କମଣ୍ଡ ଠାରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ଼ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ୪ ତାରିଖ ଠାରୁ ଆରମ୍ଭ ହୋଇ ଗୁରୁବାର ଏହା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଆରମ୍ଭ ଦିନ ସୁରକ୍ଷା ପତାକା ଉତ୍ତୋଳନ କରାଯାଇ ଶ୍ରମିକମାନେ କିପରି ସୁରକ୍ଷା ସହିତ ପ୍ଲାଣ୍ଟରେ କାମ କରିବେ ସେ ନେଇ ଶପଥ ପାଠ କରାଯାଇଥିଲା। ସପ୍ତାହ ବ୍ୟାପି ଶ୍ରମିକମାନେ କିପରି ସୁରକ୍ଷା ସହିତ କାମ କରିବେ ସେ ନେଇ ପ୍ରତିଦିନ ସଚେତନତା କରାଯାଉଥିଲା । ଶ୍ରମିକମାନେ କିପରି ସୁରକ୍ଷା ସହିତ କାମ କରିବେ, ପରିବେଷ କିପରି ସଫା ସୁତୁରା ରଖିବେ, ସ୍ୱାସ୍ଥ୍ୟର କିପରି ଯତ୍ନ ନେବେ ସେ ସମ୍ପର୍କରେ ସଚେତନତା କରାଯାଇଥିଲା। ଶେଷ ଦିନ ପ୍ଲାଣ୍ଟର ଶ୍ରମିକମାନେ ସୁରକ୍ଷା ସମ୍ବନ୍ଧିୟ ମଡେଲ, ପୋଷ୍ଟର, ବକ୍ତୃତା, କୁଇଜ୍, ସୁରକ୍ଷା ସ୍ଲୋଗାନ ଆଦି ପ୍ରତିଯୋଗିତା କରାଯାଇଥିଲା। ସୁରକ୍ଷା ସପ୍ତାହ ନେଇ ଏକ ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ କମଣ୍ଡ ପ୍ଲାଣ୍ଟର ଜି.ଏମ. ଆଲୋକ ସେଠୀ, ପ୍ରୋଜେକ୍ଟ ହେଡ ଡି.କେ ଶ୍ରୀବାସ୍ତବ, ସିଏସ୍‌ଆର ବିଭାଗର ମୁଖ୍ୟ ବି.ଆର ମିଶ୍ର, ପ୍ରଶାସନ ବିଭାଗର ହେଡ ଆନନ୍ଦ ସାହୁ, ପ୍ରଶାସନ ବିଭାଗ ଜିତେନ୍ଦ୍ର ପ୍ରଧାନ, ସ୍ମୃତି ବେହୁରା ପ୍ରମୁଖ ଯୋଗଦେଇ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସୁରକ୍ଷା ସମ୍ବନ୍ଧୀୟ ସାମାଜିକ ନାଟକ ପରିବେଷଣ କରାଯାଇଥିଲା।

## ମହିଳା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର

ଝାରସୁଗୁଡ଼ା ଅଫିସ୍,୧୦।୩

ଝାରସୁଗୁଡା ଓଏସ୍‌ଏପି ସ୍ଥିତ ଗୋର୍ଖା ବାଟାଲିୟନ ହସ୍ପିଟାଲ୍‌ରେ ଗୁରୁବାର ମା’ ସରସ୍ୱତୀ ମହିଳା ସଙ୍ଗଠନ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ବାଟାଲିୟନ ଦୁର୍ଗପତି ଆଶିଷ ଦୂବେ, ଓଏସ୍‌ଏପି ୨ୟ ବାଟାଲିୟନ ଡେପୁଟି କମାଣ୍ଡେଣ୍ଟ ଲକ୍ଷ୍ମଣ ଠକୁର, ସାମାଜିକ କର୍ମୀ ତାପସ ରାୟ ଚୌଧୁରୀ, ଗୋର୍ଖା ସମାଜ ସଭାପତି ଚମନ ଗୁରୁଙ୍ଗ୍, ଡା.ପ୍ରକାଶ ରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆୟୋଜକ ମହିଳା ସଙ୍ଗଠନ ସଭାପତି ଗୀତା ରାଣା ଏହାକୁ ସୁପରିଚାଳନା କରିଥିଲେ। ଶିବିରରେ ସର୍ବପ୍ରଥମେ ମୁଖ୍ୟ ଅତିଥି ଦୁର୍ଗପତି ଦୂବେ ରକ୍ତଦାନ କରିବା ପରେ ଅନ୍ୟମାନେ ରକ୍ତଦାନ କରିଥିଲେ। ଏଥିମଧ୍ୟରେ ସମୁଦାୟ ୪୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ଜିଲା ରେଡକ୍ରସ୍‌ର ଡା.ଶୀଲୋବନ୍ତ ଯୋଜ, ଭାବଗ୍ରାହୀ ବେହେରା, ଜ୍ଞାନେଶ୍ୱର ପଟେଲ, ଦିଲୀପ ବନଛୋର ଓ ଭବାନୀ ସୌନରିଆ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ। ଆୟୋଜକ ମହିଳା ସଙ୍ଗଠନ କର୍ମକର୍ତ୍ତାଙ୍କ ମଧ୍ୟରେ ଗଣେଶ ସୁନାର, ଇନ୍ଦ୍ର ନାରାୟଣ ରାଣା, ମୀନା ଲାମା, ରାନୀ ସୁନାର, ଜ୍ୟୋତି ଲିଙ୍ଗଡାଙ୍ଗ୍, ପୂର୍ଣ୍ଣକଳା ରାଇ, ଲକ୍ଷ୍ମୀ ଥାପା ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ନିଆଁ ଲାଗି ଆସବାବପତ୍ର ନଷ୍ଟ

ଲହୁଣୀପଡ଼ା,୧୦।୩ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ ତାଳବାହାଲି ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଭୋର ସମୟରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ଖବର ପାଇ ନିଆଁଲିଭାଳୀ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ।

ପ୍ରକାଶ ଯେ, ଲହୁଣୀପଡ଼ା ତାଳବାହାଲି ଗ୍ରାମଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟରେ ପାଚେରି ଓ ମରାମତି କାର୍ଯ୍ୟ ଏବେ ଚାଲୁ ରହିଛି। ତେବେ ବିଦ୍ୟାଳୟ ପରିସରରେ ନିଆଁ ଲାଗିଥିବା ଦେଖି ପ୍ରଧାନଶିକ୍ଷକ ଧର୍ମପଦ କିଷାନ ଓ ଲହୁଣୀପଡ଼ା ଅଗ୍ନିଶମ ବିଭାଗକୁ ଗ୍ରାମବାସୀ ସୂଚନା ଦେଇଥିଲେ। ନିଆଁଲିଭାଳୀ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ କେତୋଟି ଶ୍ରେଣୀ ଗୃହରେ ଥିବା ଆସବାବପତ୍ର ପୋଡିଯାଇଛି। ଏହାଛଡା ଚାଲିଥିବା ଉନ୍ନୟନ କାର୍ଯ୍ୟ ପାଇଁ ରଖାଯାଇଥିବା ବିଭିନ୍ନ ସାମଗ୍ରୀ, ମଧାହ୍ନ ଭୋଜନ କରିବାକୁ ଥିବା ଜାଳେଣି କାଠ ପୋଡିଯାଇଛି । ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ କିଷାନ ଲହୁଣୀପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି । ଏ ନେଇ ଗ୍ରାମବାସୀ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସ୍କୁଲ ପରିସରରେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ଜଣାପଡୁ ନାହିଁ । ପୋଲିସ ଏହାର ଉପଯୁକ୍ତ ତଦନ୍ତ କରିବାକୁ ଦାବି ହେଉଛି ।



ପୋଡ଼ିଯାଇଥିବା ଆସବାବପତ୍ର।

## ୮ ମାସ ହେଲା ଦରମା ମିଳିନି

ବୋଡେନ,୧୦।୩ (ଡି.ଏନ.ଏ.)

କରୋନା ସମୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଯୋଦ୍ଧା ଭାବେ ଗଣନା କରାଯାଉଥିଲା। ପଜିଟିଭ୍ ଚିହ୍ନଟ ହେଲେ ତାଙ୍କ ଯତ୍ନ ନେବା ସହ ଘର ଘର ବୁଲି ଚିକିତ୍ସା କରିବା ଓ ଟିକାଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦାୟିତ୍ୱ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ନ୍ୟସ୍ତ ଥିଲେ। କିନ୍ତୁ ଏବେ ୮ ମାସ ହେଲା ଦରମା ନ ପାଇ ମହିଳା ସ୍ୱାସ୍ଥ୍ୟକର୍ମୀ ଦୁର୍ଦ୍ଦିନରେ ଗତି କରୁଛନ୍ତି।

**GOVERNMENT OF ODISHA**
**HOME (ELECTIONS) DEPARTMENT**
**SHORT TENDER CALL NOTICE**
**EC-OE-PUR-0002-2021-1582/Elec., Dt. 10th March, 2022**

No. D-358:- **Sealed tenders are invited from Registered Manufactures/ Authorised Dealers for procurement and installation of Video Conferencing System in the Conference Hall of Office of CEO, Odisha. The detailed Short Tender Call Notice can be downloaded from this Department website www.ceoorissa.nic.in and Govt. of Odisha website www.odisha.gov.in**

**Last Date of Submission of Tender: 22.03.2022**

Office of the Chief Electoral Officer, Odisha, Unit-V, Behind Loka Seva Bhawan, Bhubaneswar-1
OIPR-12113/11/0005/2122

**Office of the District Manager**
**Odisha State Civil Supplies Corporation Ltd., (OSCSC) Nayagarh**
**Phone:-06753-253942,**
**District Website:-www.nayagarh.nic.in**
**Tender No.1395, Dt.10.03.2022**
**No.CAD-3124:** District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, Cuttack to RRCs in the district Nayagarh of the State of Odisha. |
| 2 | Availability of bid document in the portal | From 11.03.2022 |
| 3 | Last Date/Time for receipt of bids in the portal | Dt.31.03.2022 upto 05.00 P.M. |
| 4 | Date/Time of Opening of Technical Bid | Dt.04.04.2022 upto 11.00 A.M. |
| 5 | Name and address of the Officer Inviting Tender | District Manager, O.S.C.S.C. Ltd. Nayagarh |

Tender documents and other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** alongwith district website. Amendments/ corrigendum/ cancellation/ retenders etc. if any shall be published only in above websites.
**Sd./- District Manager**
**O.S.C.S.C Ltd., Nayagarh**

**Office of the District Manager**
**Odisha State Civil Supplies Corporation Ltd., (OSCSC) Nayagarh**
**Phone:-06753-253942,**
**District Website:-www.nayagarh.nic.in**
**Tender No.1396, Dt.10.03.2022**
District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, Jatni to RRCs in the district Nayagarh of the State of Odisha. |
| 2 | Availability of bid document in the portal | **From 11.03.2022** |
| 3 | Last Date/Time for receipt of bids in the portal | **Dt.31.03.2022 upto 05.00 P.M.** |
| 4 | Date/Time of Opening of Technical Bid | **Dt.04.04.2022 upto 11.00 A.M.** |
| 5 | Name and address of the Officer Inviting Tender | **District Manager, O.S.C.S.C. Ltd. Nayagarh** |

Tender documents and other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** alongwith district website. Amendments/ corrigendum/ cancellation/ retenders etc. if any shall be published only in above websites.
**Sd./- District Manager**
**O.S.C.S.C Ltd., Nayagarh**

**Office of the District Manager**
**Odisha State Civil Supplies Corporation Ltd., (OSCSC) Nayagarh**
**Phone:-06753-253942,**
**District Website:-www.nayagarh.nic.in**
**Tender No.1397, Dt.10.03.2022**
District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-II Transport Contractor for transportation of food grains from RRCs to Retail Centres (FPS) in the district Nayagarh of the State of Odisha. |
| 2 | Availability of bid document in the portal | **From 11.03.2022** |
| 3 | Last Date/Time for receipt of bids in the portal | **Dt.31.03.2022 upto 05.00 P.M.** |
| 4 | Date/Time of Opening of Technical Bid | **Dt.04.04.2022 upto 11.00 A.M.** |
| 5 | Name and address of the Officer Inviting Tender | **District Manager, O.S.C.S.C. Ltd. Nayagarh** |

Tender documents and other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** alongwith district website. Amendments/ corrigendum/ cancellation/ retenders etc. if any shall be published only in above websites.
**Sd./- District Manager**
**O.S.C.S.C Ltd., Nayagarh**
OIPR-07057/11/0002/2122

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ**
DISTRICT MINERAL FOUNDATION, SUNDARGARH
District Mineral Foundation, Collectorate premises, Sundargarh-770001
Email ID:dmfsundergarh@gmail.com, Tel.No.06622-273846
**RFP No:- DMF/SNG/13-2021-22**

**No.CAD-3121** The Collector-cum-Chairperson, District Mineral Foundation (DMF), Sundargarh, Government of Odisha invites the bid proposals from the vendors/firms of national repute for "Selection of Survey agency for Topographical Survey in Sundargarh District". Interested bidders may download the RFP document from Sundargarh District Portal i.e. **www.sundergarh.nic.in.**
Due date and time for submission of bids 29.03.2022 upto 5.00 P.M.
**Sd./- Collector-cum-Chairperson**
**DMF, Sundargarh**
OIPR-30026/11/0002/2122

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION, CUTTACK
MAHANADIBIHAR; CUTTACK-753004
**Govt. of Odisha e-procurement Notice**
**Bid Identification No. RWSSCTC 10 /2021-22**

**No.O-1829:** The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.
1. Nature of Work : Rural Piped W/S Schemes.
2. No. of Tenders : 23 Nos.
3. Tender Paper Cost: Rs.10,000/-
4. Value of Work: Rs. 215.91 Lakhs to 441.66 Lakhs
5. Class of Contractor: "Special" & "A" Class & "B" Class
6. Date and Time of availability of Bid Document in Portal: 11 hour of 22.03.2022 to 05.04.2022 upto 17 hours
7. Date & Time of seeking Tender Clarification : 04.04.2022 upto 17 hours
8. Date & Time of Opening of Tender : 06.04.2022 at 11:30 Hours in the Office of the Superintending Engineer, RWS&S Division, Cuttack
9. Time of Completion : 365 days.
10. The bidders have to participate in online biding only. Further details can be seen from the website **https://www.tendersorissa.gov.in.**

**Sd./-Superintending Engineer, RWS&S Division, Cuttack**
OIPR-25022/11/0018/2122

**ତହସିଲଦାରଙ୍କ କାର୍ଯ୍ୟାଳୟ, ଜୟପାଟଣା, ଜିଲ୍ଲା: କଳାହାଣ୍ଡି**
**ଲଘୁ ଖଣିଜ ଉତ୍ସ (ପଥର)ର ୫ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ**
ଇସ୍ତାହାର ସଂଖ୍ୟା: ୪୬୫/ତୌଜି ତା:୦୭।୦୩।୨୦୨୨

No. F-329: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଲଘୁ ଖଣିଜ ଉତ୍ସଗୁଡ଼ିକର ଦୀର୍ଘମିଆଦି ଲିଜ୍ ତଥା ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଲିଜ୍‌ର ଅବଧି ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ ୨୦୧୬ ଅନୁସାରେ ଲିଜ୍ ଚୁକ୍ତିନାମା ତାରିଖଠାରୁ ଆରମ୍ଭ ହେବ। ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ.୧୦୦୦/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା୦୮।୦୩।୨୦୨୨ରୁ ତା୧୧।୦୪।୨୦୨୨ ପର୍ଯ୍ୟନ୍ତ କେବଳ କାର୍ଯ୍ୟଦିବସ ଓ ସମୟ (ଅପରାହ୍ନ ୧.୦୦ ଘଟିକା) ମଧରେ ତହସିଲର ଶାଖାଧିକାରୀଙ୍କଠାରେ ମିଳିପାରିବ। ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲଦାର, ଜୟପାଟଣାଙ୍କ କାର୍ଯ୍ୟାଳୟ, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **www.kalahandi.nic.in** ୱେବସାଇଟ୍ ଲଗ୍‌ଅନ୍ କରନ୍ତୁ। ଏହି ଖଣିଜ ଉତ୍ସ ଟେଣ୍ଡର ପ୍ରକ୍ରିୟା ନିମ୍ନ ସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କୁ କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

**ଖଣିଜ ଉତ୍ସର ତଫସିଲଭୁକ୍ତ ଜମିର ବିବରଣୀ**

| କ୍ର.ନଂ. | ପଥର ଖାଦାନ ଉତ୍ସର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ଲିଜ୍ ଏରିଆ (ଏକରରେ) |
|---|---|---|---|---|---|---|
| ୧ | ଉମେର ପଥର ଉତ୍ସ | ଉମେର | ୨୩୯ | ୩୩୩ | ଡୁଙ୍ଗୁରି | ୨.୦୦ |

ସ୍ୱା./- ତହସିଲଦାର, ଜୟପାଟଣା
OIPR-24258/11/0001/2122

**ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**
ପତ୍ର ସଂଖ୍ୟା: ୧୯୪୩ ତା: ୦୯।୦୩।୨୦୨୨
**ବିଜ୍ଞାପନ**
**ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦି ଲିଜ୍ ନିମନ୍ତେ**

No. F-327: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଢେଙ୍କାନାଳ ଜିଲ୍ଲା ତହସିଲ, ଢେଙ୍କାନାଳ ଅନ୍ତର୍ଗତ ବଡ଼ନାଗେନା ବାଲିଘାଟ ଲଘୁଖଣିଜ ଉତ୍ସର ଆସନ୍ତା ୫ ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବା ଦିନଠାରୁ ଦୀର୍ଘମିଆଦି ଲିଜ୍ ପାଇଁ ତହସିଲଦାର, ଢେଙ୍କାନାଳଙ୍କ ଦ୍ୱାରା ୨୮।୦୩।୨୦୨୨, ୦୪।୦୪।୨୦୨୨ ଓ ୧୨।୦୪।୨୦୨୨ରିଖ ଅପରାହ୍ନ ୪ ଘଟିକା ସମୟରେ ଯଥାକ୍ରମେ ପ୍ରଥମ ପର୍ଯ୍ୟାୟ, ଦ୍ୱିତୀୟ ପର୍ଯ୍ୟାୟ, ତୃତୀୟ ପର୍ଯ୍ୟାୟରେ ନିଲାମ କରାଯିବ।
ଏହି ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦିର ସବିଶେଷ ସୂଚନା ତହସିଲ କାର୍ଯ୍ୟାଳୟ, ଢେଙ୍କାନାଳ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ୍ **www.dhenkanal.nic.in**ରେ ଉପଲବ୍ଧ ଅଛି। ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତ ଗୁଡ଼ିକ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥାକ୍ରମେ ୨୮।୦୩।୨୦୨୨, ୦୪।୦୪।୨୦୨୨ ଓ ୧୨।୦୪।୨୦୨୨ରିଖ ଅପରାହ୍ନ ୩ ଘଟିକା ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତି ହୋଇଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବ ନାହିଁ। ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଅଛି।
ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।
ସ୍ୱା./- ତହସିଲଦାର, ଢେଙ୍କାନାଳ
OIPR-24188/11/0001/2122

# ନୂଆ ରୂପରେ ଆଇପିଏଲ୍



**ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୫ତମ ସଂସ୍କରଣ ମାର୍ଚ୍ଚ ୨୬ରୁ ଆରମ୍ଭ ହେବାକୁ ଯାଉଛି। ଏଥର ଏହି ବ୍ୟୟ ବହୁଳ ଲିଗ୍ ୧୦ ଦଳବିଶିଷ୍ଟ ହେବ। ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଥିବାରୁ ଆଗାମୀ ଲିଗ୍ ନୂଆ ରୂପ ନେଇଛି...**

ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ ଲିଗ୍ ଆଇପିଏଲ (ଇଣ୍ଡିଆନ ପ୍ରିମିୟର ଲିଗ୍)ର ୧୫ତମ ସଂସ୍କରଣ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ନୂଆ ପ୍ରାୟୋଜକ ଦୃଷ୍ଟିରୁ ଟାଟା ଆଇପିଏଲ ନାମରେ ପରିଚିତ ଏହି ପ୍ରତିଯୋଗିତା ମେ ୨୯ ତାରିଖରେ ଶେଷ ହେବାର କାର୍ଯ୍ୟସୂଚୀ ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ପରିଚାଳିତ ଏହି ଚର୍ଚ୍ଚିତ ଲିଗ୍ କୋଭିଡ ମହାମାରୀ ପାଇଁ ଏଥର କେବଳ ମହାରାଷ୍ଟ୍ର ରାଜ୍ୟ ମଧ୍ୟରେ ସୀମିତ ରହିବ। ଲିଗ୍ ପର୍ଯ୍ୟାୟର ମ୍ୟାଚ ଗୁଡ଼ିକ ମୁମ୍ବାଇ ଓ ପୁଣେରେ ଖେଳାଯିବ। ନୂଆ ରୂପରେ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୨ଟି ନୂତନ ଦଳକୁ ଦେଖିବାକୁ ମିଳିବ। ଫ୍ରାଞ୍ଚାଇଜ୍ ଦୃଷ୍ଟିରୁ ଏହାକୁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଓ ଗୁଜରାଟ ଟାଇଟାନ୍ସ ନାମରେ ନାମିତ କରାଯାଇଛି। ଫଳରେ ଆଗାମୀ ଆଇପିଏଲ ୧୦ ଦଳବିଶିଷ୍ଟ ହୋଇ ଯାଇଛି। ୨୦୧୧ ପରେ ପ୍ରଥମଥରପାଇଁ କୌଣସି ଆଇପିଏଲ୍‌ରେ ୧୦ଟି ଦଳ ଖେଳିବାକୁ ଯାଉଛନ୍ତି। ଗତ ସଂସ୍କରଣରେ ଚେନ୍ନାଇ ସୁପରକିଙ୍ଗ୍ସ ଚାମ୍ପିୟନ ହୋଇ ୪ର୍ଥ ଥରପାଇଁ ଟାଇଟଲ ହାସଲ କରିଥିଲା।

**ଫର୍ମାଟ୍:** ଏଥର ଆଇପିଏଲ ୧୦ ଦଳ ବିଶିଷ୍ଟ ହୋଇଯାଇଥିବାରୁ ମୋଟ ୭୪ଟି ମ୍ୟାଚ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ୭୦ଟି ମ୍ୟାଚ ଖେଳାଯିବ। ପୂର୍ବ ଫର୍ମାଟରେ ଖେଳ ହୋଇଥିଲେ ଏହା ୯୪ ମ୍ୟାଚବିଶିଷ୍ଟ ହୋଇ ଯାଇଥାନ୍ତା। ଯାହାକି ୨୦୨୧ ସଂସ୍କରଣର ୬୦ ମ୍ୟାଚ ତୁଳନାରେ ବହୁ ଅଧିକ ହୋଇଥାନ୍ତା। ତେଣୁ ଫର୍ମାଟରେ ପରିବର୍ତ୍ତନ କରାଯାଇଛି। ପୂର୍ବ ସଂସ୍କରଣ ଗୁଡ଼ିକର ପ୍ରଦର୍ଶନ ଦୃଷ୍ଟିରୁ ଦଳ ଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଗ୍ରୁପ୍ 'ଏ'ରେ ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ସ୍ଥାନ ପାଇଛନ୍ତି। ଗ୍ରୁପ୍ 'ବି'ରେ ରହିଛନ୍ତି ଚେନ୍ନାଇ ସୁପରକିଙ୍ଗ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ପଞ୍ଜାବ କିଙ୍ଗ୍ସ ଓ ଗୁଜରାଟ ଟାଇଟାନ୍ସ। କାର୍ଯ୍ୟସୂଚୀ ଅନୁସାରେ ପ୍ରତି ଦଳ ନିଜ ଗ୍ରୁପ୍‌ରେଥିବା ଅନ୍ୟ ୪ ଦଳ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବ। ଉଦାହରଣ ସ୍ୱରୂପ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ନିଜ ଗ୍ରୁପ୍‌ରେ କୋଲକାତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପରଜିଆଣ୍ଟ୍ସ ବିପକ୍ଷରେ ଡବଲ ମ୍ୟାଚ ଖେଳିବ। ଅନ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଥିବା ସମକକ୍ଷ ଗୋଟିଏ ଦଳ ଅର୍ଥାତ୍ ୪ ଥର ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ୨ଟି ମ୍ୟାଚ ଖେଳିବ। ଅନ୍ୟ ୪ଟି ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ପଞ୍ଜାବ କିଙ୍ଗ୍ସ ଓ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବ। ଏହିପରି ସମସ୍ତ ଦଳର ୧୪ଟି ଲେଖାଏ ମ୍ୟାଚ ପୂରଣ ହେବ।

| ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' |
|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| କୋଲକାତା ନାଇଟ ରାଇଡର୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ରାଜସ୍ଥାନ ରୟାଲ୍ସ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ଦିଲ୍ଲୀ କ୍ୟାପିଟାଲ୍ସ | ପଞ୍ଜାବ କିଙ୍ଗ୍ସ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ଗୁଜରାଟ ଟାଇଟାନ୍ସ |



**ପ୍ରଦର୍ଶନ ଅନୁସାରେ ସିଡିଂ:** ୨୦୧୧ ଆଇପିଏଲ୍‌ରେ ଯେଉଁଳି ଫର୍ମାଟ ବ୍ୟବହାର କରାଯାଇଥିଲା ଏଥର ମଧ୍ୟ ତାହା କରାଯାଇଛି। ମାତ୍ର ଏଥର ପ୍ରଦର୍ଶନ ଅନୁସାରେ ସିଡିଂ କରାଯାଇଛି। ଉଦାହରଣ ସ୍ୱରୂପ ୫ ଥର ଚାମ୍ପିୟନ ମୁମ୍ବାଇର ସମକକ୍ଷ ଦଳ ହେଲା ୪ ଥର ଚାମ୍ପିୟନ ଚେନ୍ନାଇ। ୨ ଥର ଚାମ୍ପିୟନ ଓ ଥରେ ରନର୍ସଅପ୍ କୋଲକାତା ଏବଂ ଥରେ ଲେଖାଏ ଚାମ୍ପିୟନ ଓ ରନର୍ସଅପ୍ ହୋଇଥିବା ହାଇଦ୍ରାବାଦ, ଥରେ ଚାମ୍ପିୟନ ରାଜସ୍ଥାନ ଓ ୩ ଥର ରନର୍ସଅପ୍ ବାଙ୍ଗାଲୋରକୁ ସମକକ୍ଷ ଧରା ଯାଇଛି। ସେହିପରି ଦିଲ୍ଲୀ ଡେୟାରଡେଭିଲ୍ସରୁ ଦିଲ୍ଲୀ କ୍ୟାପିଟାଲ୍ସରେ ପରିଣତ ହୋଇଥିବା ଫ୍ରାଞ୍ଚାଇଜ୍ ଦଳ ଥରେ ରନର୍ସଅପ୍ ହୋଇଥିବାବେଳେ କିଙ୍ଗ୍ସ ଇଲେଭେନ ପଞ୍ଜାବରୁ ପଞ୍ଜାବ କିଙ୍ଗ୍ସରେ ପରିଣତ ହୋଇଥିବା ଦଳ ମଧ୍ୟ ଥରେ ରନର୍ସଅପ୍ ହୋଇଛି। ଦୁଇ ନୂଆ ଦଳ ଲକ୍ଷ୍ନୌ ଓ ଗୁଜରାଟକୁ ସମକକ୍ଷ ଦଳଭାବେ ବିବେଚନା କରାଯାଇଛି। ଚେନ୍ନାଇ ସୁପରକିଙ୍ଗ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## ଲିଗ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ମାର୍ଚ୍ଚ ୨୬ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ମାର୍ଚ୍ଚ ୨୭ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଅପରାହ୍ନ ୩ଟା ୩୦ |
| | ପଞ୍ଜାବ କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ରାତି ୭ଟା ୩୦ |
| ମାର୍ଚ୍ଚ ୨୮ | ଗୁଜରାଟ ଟାଇଟାନ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ରାତି ୭ଟା ୩୦ |
| ମାର୍ଚ୍ଚ ୨୯ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ | ରାତି ୭ଟା ୩୦ |
| ମାର୍ଚ୍ଚ ୩୦ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ମାର୍ଚ୍ଚ ୩୧ | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧ | କୋଲକାତା ନାଇଟ ରାଇଡର୍ସ ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ | ଅପରାହ୍ନ ୩ଟା ୩୦ |
| | ଗୁଜରାଟ ଟାଇଟାନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ରାତି ୭ଟା ୩୦ |
| ଏପ୍ରିଲ ୩ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୪ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ରାତି ୭ଟା ୩୦ |
| ଏପ୍ରିଲ ୫ | ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ରାତି ୭ଟା ୩୦ |
| ଏପ୍ରିଲ ୬ | କୋଲକାତା ନାଇଟ ରାଇଡର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ରାତି ୭ଟା ୩୦ |
| ଏପ୍ରିଲ ୭ | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ରାତି ୭ଟା ୩୦ |
| ଏପ୍ରିଲ ୮ | ପଞ୍ଜାବ କିଙ୍ଗ୍ସ ବନାମ ଗୁଜରାଟ ଟାଇଟାନ୍ସ | ରାତି ୭ଟା ୩୦ |
| ଏପ୍ରିଲ ୯ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ଅପରାହ୍ନ ୩ଟା ୩୦ |
| | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ମୁମ୍ବାଇ ଇଣ୍ଡିଆନ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୦ | କୋଲକାତା ନାଇଟ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଅପରାହ୍ନ ୩ଟା ୩୦ |
| | ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୧ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଗୁଜରାଟ ଟାଇଟାନ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୨ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ରାତି ୭ଟା ୩୦ |
| ଏପ୍ରିଲ ୧୩ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୪ | ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୫ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୬ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ଅପରାହ୍ନ ୩ଟା ୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ରାତି ୭ଟା ୩୦ |
| ଏପ୍ରିଲ ୧୭ | ପଞ୍ଜାବ କିଙ୍ଗ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ଅପରାହ୍ନ ୩ଟା ୩୦ |
| | ଗୁଜରାଟ ଟାଇଟାନ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୮ | ରାଜସ୍ଥାନ ରୟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ଏପ୍ରିଲ ୧୯ | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ରାତି ୭ଟା ୩୦ |
| ଏପ୍ରିଲ ୨୦ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୧ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୨ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୩ | କୋଲକାତା ନାଇଟ ରାଇଡର୍ସ ବନାମ ଗୁଜରାଟ ଟାଇଟାନ୍ସ | ଅପରାହ୍ନ ୩ଟା ୩୦ |
| | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ରାତି ୭ଟା ୩୦ |
| ଏପ୍ରିଲ ୨୪ | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୫ | ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୬ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ରାଜସ୍ଥାନ ରୟାଲ୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୭ | ଗୁଜରାଟ ଟାଇଟାନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ରାତି ୭ଟା ୩୦ |
| ଏପ୍ରିଲ ୨୮ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ଏପ୍ରିଲ ୨୯ | ପଞ୍ଜାବ କିଙ୍ଗ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ରାତି ୭ଟା ୩୦ |
| ଏପ୍ରିଲ ୩୦ | ଗୁଜରାଟ ଟାଇଟାନ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ଅପରାହ୍ନ ୩ଟା ୩୦ |
| | ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ରାତି ୭ଟା ୩୦ |
| ମେ ୧ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ଅପରାହ୍ନ ୩ଟା ୩୦ |
| | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ମେ ୨ | କୋଲକାତା ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ | ରାତି ୭ଟା ୩୦ |
| ମେ ୩ | ଗୁଜରାଟ ଟାଇଟାନ୍ସ ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |
| ମେ ୪ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ମେ ୫ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ରାତି ୭ଟା ୩୦ |
| ମେ ୬ | ଗୁଜରାଟ ଟାଇଟାନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ରାତି ୭ଟା ୩୦ |
| ମେ ୭ | ପଞ୍ଜାବ କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ | ଅପରାହ୍ନ ୩ଟା ୩୦ |
| | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ମେ ୮ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ଅପରାହ୍ନ ୩ଟା ୩୦ |
| | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ରାତି ୭ଟା ୩୦ |
| ମେ ୯ | ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ ରାଇଡର୍ସ | ରାତି ୭ଟା ୩୦ |
| ମେ ୧୦ | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ଗୁଜରାଟ ଟାଇଟାନ୍ସ | ରାତି ୭ଟା ୩୦ |
| ମେ ୧୧ | ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ରାତି ୭ଟା ୩୦ |
| ମେ ୧୨ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ରାତି ୭ଟା ୩୦ |
| ମେ ୧୩ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |
| ମେ ୧୪ | କୋଲକାତା ନାଇଟ ରାଇଡର୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ରାତି ୭ଟା ୩୦ |
| ମେ ୧୫ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ଗୁଜରାଟ ଟାଇଟାନ୍ସ | ଅପରାହ୍ନ ୩ଟା ୩୦ |
| | ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ରାଜସ୍ଥାନ ରୟାଲ୍ସ | ରାତି ୭ଟା ୩୦ |
| ମେ ୧୬ | ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ରାତି ୭ଟା ୩୦ |
| ମେ ୧୭ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ | ରାତି ୭ଟା ୩୦ |
| ମେ ୧୮ | କୋଲକାତା ନାଇଟ ରାଇଡର୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ରାତି ୭ଟା ୩୦ |
| ମେ ୧୯ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଗୁଜରାଟ ଟାଇଟାନ୍ସ | ରାତି ୭ଟା ୩୦ |
| ମେ ୨୦ | ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ରାତି ୭ଟା ୩୦ |
| ମେ ୨୧ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ରାତି ୭ଟା ୩୦ |
| ମେ ୨୨ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍ସ | ରାତି ୭ଟା ୩୦ |

(ବି.ଦ୍ର.: ମୋଟ ୭୦ଟି ଲିଗ୍ ମ୍ୟାଚ ଏବଂ ୪ ପ୍ଲେ ଅଫ୍ ଗେମ୍ ୬୫ ଦିନ ମଧ୍ୟରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ମୁମ୍ବାଇ ଓ ପୁଣେରେ ଅନୁଷ୍ଠିତ ହେବ। ଚଳିତ ସିଜନରେ ମୋଟ ୧୨ଟି ଡବଲ ହେଡର ମ୍ୟାଚ ଖେଳାଯିବ)।

## ଏଟିପି ର୍‍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ୍

| ଖେଳାଳି | ଦେଶ | କେତେ ଥର | ମୋଟ ସପ୍ତାହ |
|---|---|---|---|
| ଇଲେ ନାସ୍ତାସେ | ରୋମାନିଆ | ୧ | ୪୦ |
| ଜନ୍ ନ୍ୟୁକମ୍ବ | ଅଷ୍ଟ୍ରେଲିଆ | ୧ | ୮ |
| ଜିମି କନର୍ସ | ଆମେରିକା | ୯ | ୨୬୮ |
| ବିୟର୍ନ ବର୍ଗ | ସ୍ୱିଡେନ | ୬ | ୧୦୯ |
| ଜନ୍ ମ୍ୟାକେନରୋ | ଆମେରିକା | ୧୪ | ୧୭୦ |
| ଇଭାନ ଲେଣ୍ଡେଲ | ଚେକ୍/ଆମେରିକା | ୮ | ୨୭୦ |
| ମ୍ୟାଟ୍ସ ୱିଲାଣ୍ଡର | ସ୍ୱିଡେନ | ୧ | ୨୦ |
| ଷ୍ଟିଫାନ ଏଡବର୍ଗ | ସ୍ୱିଡେନ | ୫ | ୭୨ |
| ବୋରିସ ବେକର | ଜର୍ମାନୀ | ୨ | ୧୨ |
| ଜିମ୍ କୋରିଅର | ଆମେରିକା | ୪ | ୫୮ |
| ପିଟ୍ ସାମ୍ପ୍ରାସ | ଆମେରିକା | ୧୧ | ୨୮୬ |
| ଆନ୍ଦ୍ରେ ଆଗାସୀ | ଆମେରିକା | ୬ | ୧୦୧ |
| ଥୋମାସ ମୁଷ୍ଟର | ଅଷ୍ଟ୍ରିଆ | ୨ | ୬ |
| ମାର୍ସେଲୋ ରିଓସ | ଚିଲି | ୨ | ୬ |
| କାର୍ଲୋସ ମୋୟା | ସ୍ପେନ | ୧ | ୨ |
| ୟେଭଗେନି କାଫେଲନିକୋଭ | ରୁଷିଆ | ୧ | ୬ |
| ପ୍ୟାଟ୍ରିକ ରାଫ୍ଟର | ଅଷ୍ଟ୍ରେଲିଆ | ୧ | ୧ |
| ମାରାଟ ସାଫିନ | ରୁଷିଆ | ୩ | ୯ |
| ଗୁସ୍ତାଭୋ କ୍ୱିର୍ଟେନ | ବ୍ରାଜିଲ | ୩ | ୪୩ |
| ଲେଟନ ହେୱିଟ | ଅଷ୍ଟ୍ରେଲିଆ | ୨ | ୮୦ |
| ଜୁଆନ କାର୍ଲୋସ ଫେରେରୋ | ସ୍ପେନ | ୧ | ୮ |
| ଆଣ୍ଡି ରଡିକ | ଆମେରିକା | ୧ | ୧୩ |
| ରୋଜର ଫେଡରର | ସୁଇଜରଲାଣ୍ଡ | ୬ | ୩୧୦ |
| ରାଫାଲ ନାଡାଲ | ସ୍ପେନ | ୮ | ୨୦୯ |
| ନୋଭାକ ଜୋକୋଭିଚ୍ | ସର୍ବିୟା | ୫ | ୩୬୧ |
| ଆଣ୍ଡି ମୁରେ | ବ୍ରିଟେନ | ୧ | ୪୧ |
| ଡାନିଲ ମେଡ୍‌ଭେଡେଭ | ରୁଷିଆ | ୨ | ୨* |

# ନମ୍ବର ୱାନ

**ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆ ଉପରେ ସମ୍ପ୍ରତି ସମସ୍ତଙ୍କ ନଜର ରହିଥିବାବେଳେ ଏହି ଦେଶର ଟେନିସ ଖେଳାଳି ଡାନିଲ ମେଡ୍‌ଭେଡେଭ ଭିନ୍ନ ଏକ କାରଣ ପାଇଁ ଚର୍ଚ୍ଚାରେ ରହିଛନ୍ତି। ତାରକା ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ ଏବଂ ସ୍ପେନ୍‌ର ରାଫାଲ ନାଡାଲ ସକ୍ରିୟ ଥିବାସତ୍ତ୍ୱେ ମେଡଭେଡେଭ ସମସ୍ତଙ୍କୁ ଚକ୍‌ମା ଦେଇ ବିଶ୍ୱର ନମ୍ବର ୱାନ ହୋଇଯାଇଛନ୍ତି...**

ରୁଷିଆର ଡାନିଲ ମେଡ୍‌ଭେଡେଭ ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ୍ସ (ଏଟିପି) ର୍‍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି। ଏକ୍ଷେତ୍ରରେ ସେ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ମେଡ୍‌ଭେଡେଭ ୮,୬୧୬ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଥିବାବେଳେ ଜୋକୋଭିଚ୍‌ଙ୍କ ପଏଣ୍ଟ ୮,୪୬୫ ରହିଛି। ଆଲେକଜାଣ୍ଡର ଜେଭରେଭ, ରାଫାଲ ନାଡାଲ ଓ ଷ୍ଟିଫାନୋସ ସିତ୍‌ସିପାସ ପରବର୍ତ୍ତୀ ୩ ସ୍ଥାନରେ ଅଛନ୍ତି। ମେଡଭେଡେଭ କ୍ୟାରିୟରରେ ୧୩ଟି ଏଟିପି ଟୁର୍ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏହା ମଧ୍ୟରେ ୨୦୨୧ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଏବଂ ୨୦୨୦ ଏଟିପି ଫାଇନାଲ୍ସ ଅନ୍ତର୍ଭୁକ୍ତ। ଗତବର୍ଷ ୟୁଏସ୍ ଓପନ ଫାଇନାଲରେ ସେତେବେଳର ନମ୍ବର ୱାନ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ମେଡ୍‌ଭେଡେଭ ପରାସ୍ତ କରି ଜୀବନର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ସ୍ୱାଦ ଚାଖିଥିଲେ। ଏହାପରେ ସେ ପ୍ରଥମ ଓ ଏକମାତ୍ର ଖେଳାଳିଭାବେ ବିଶ୍ୱର ଟପ୍-୩ ର୍‍ୟାଙ୍କପ୍ରାପ୍ତ ଖେଳାଳିଙ୍କୁ ହରାଇ ବର୍ଷ ଶେଷ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଏହା ବ୍ୟତୀତ ସେ ୪ଟି ମାଷ୍ଟର୍ସ ୧୦୦୦ ଟାଇଟଲ ଜିତିଛନ୍ତି ଏବଂ ଆଉ ୪ଟି ବଡ଼ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୪ରେ ପ୍ରଫେଶନାଲ ଟେନିସ କ୍ୟାରିୟର ଆରମ୍ଭ କରିଥିବା ମେଡ୍‌ଭେଡେଭଙ୍କୁ ୨୦୨୨ ଫେବୃୟାରୀ ୨୮ରେ ଏଟିପି ପକ୍ଷରୁ ନମ୍ବରୱାନ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୧/୨୦୨୨ Sambalpur, Friday, March 11/ 2022



ରୁଷିଆ ଆକ୍ରମଣରେ ଆହତ ହୋଇଥିବା ଜଣେ ଗର୍ଭବତୀଙ୍କୁ ମାରିଉପୋଲର ଏକ ହସ୍ପିଟାଲରୁ ୟୁକ୍ରେନର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରୁଛନ୍ତି।

# ଲକ୍ଷ୍ମୀପୁର ଖେରିରେ ସମସ୍ତ ୮ ଆସନ ଜିତିଲା ଭାଜପା

**ଲକ୍ଷ୍ନୌ, ୧୦।୩**

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରିଜିଲାର ସମସ୍ତ ୮ ଆସନରେ ଭାଜପା ବିଜୟୀ ହୋଇଛି। ଗତବର୍ଷ ଅକ୍ଟୋବରରେ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯାଇ ୪ ଚାଷୀଙ୍କ ଜୀବନ ଯାଇଥିଲା ଏବଂ ପରବର୍ତ୍ତୀ ହିଂସାରେ ଅନ୍ୟ ୪ ଜଣ ପ୍ରାଣ ହରାଇଥିଲେ। ଏହାକୁ ନେଇ ସେତେବେଳେ ସାରା ଦେଶରେ ତୁମ୍ଭିତୋଫାନ ହୋଇଥିଲା। ମନ୍ତ୍ରୀଙ୍କ ପୁଅ ଗାଡ଼ି ମଡ଼ାଇ ଲୋକଙ୍କୁ ହତ୍ୟା କରିଥିବାବେଳେ



ଭାଜପା ସରକାର ଏହାକୁ ଘଣ୍ଟ ଘୋଡ଼ାଉଥିବା ବିରୋଧୀ ଅଭିଯୋଗ କରିଥିଲେ। ଏହାର ପ୍ରଭାବ ବିଧାନସଭା ନିର୍ବାଚନ ଉପରେ ପଡ଼ିବ ବୋଲି ଅଧିକାଂଶ ବିଶ୍ୱାସ କରୁଥିଲେ। ତେବେ ଏହି ଜିଲାରେ ଫଳାଫଳ ସମ୍ପୂର୍ଣ୍ଣ ଭାଜପା ସପକ୍ଷରେ ଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲାର ପାଲିଆ, ନିଘାସନ, ଗୋଲା ଗୋକରନାଥ, ଶ୍ରୀନଗର, ଧୌରାହରା, ଲକ୍ଷ୍ମୀପୁର, କାସ୍ତା ଏବଂ ମହମ୍ମଦି ଆସନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି।







# ହସ୍ପିଟାଲ ଉପରେ ଆକ୍ରମଣ: ୩ ମୃତ

**କ୍ୱିଭ୍, ୧୦।୩**

ୟୁକ୍ରେନ୍‌ର ବନ୍ଦର ସହର ମାରିଉପୋଲର ଏକ ହସ୍ପିଟାଲ ଉପରେ ରୁଷିଆ ବୁଧବାର ରାତିରେ ଏୟାର ଷ୍ଟ୍ରାଇକ୍ କରିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଥିବା ସିଟି କାଉନ୍‌ସିଲ ପକ୍ଷରୁ କୁହାଯାଇଛି। ଆହତଙ୍କ ମଧ୍ୟରେ ଏକାଧିକ ଗର୍ଭବତୀ ମହିଳା ରହିଛନ୍ତି। ୨ ସପ୍ତାହ ମଧ୍ୟରେ ରୁଷିଆ ୧୮ ମେଡିକାଲ ଉପରେ ଆକ୍ରମଣ କରିଥିବା ସ୍ପଷ୍ଟ ହୋଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଆକ୍ରମଣ ପରେ ହସ୍ପିଟାଲ ପରିସରର ଭିଡିଓ ମାରିଉପୋଲ ମେୟର ଶେୟାର କରିଛନ୍ତି। ଏଭଳି ଆକ୍ରମଣ ଭୟଙ୍କର ଏବଂ ଅମାନବୀୟ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି।

# ୟୋନ୍ ସୁକ୍ ୟୋଲ୍ ଦକ୍ଷିଣ କୋରିଆ ରାଷ୍ଟ୍ରପତି

**ସିଓଲ, ୧୦।୩**

ଦକ୍ଷିଣ କୋରିଆର ବିରୋଧୀ ନେତା ତଥା କଞ୍ଜରଭେଟିଭ୍ ୟୋନ୍ ସୁକ୍ ୟୋଲ୍ ଗୁରୁବାର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ବୁଧବାର ହୋଇଥିବା ନିର୍ବାଚନରେ ୟୋନ୍‌ଙ୍କୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଉଦାରବାଦୀ ଲି ଜେ ମ୍ୟୁଙ୍ଗ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ପିପୁଲ ପାୱାର ପାର୍ଟିର ୟୋନ୍ ସୁକ୍ ୟୋଲ ୪୮.୫୦% ଭୋଟ ପାଇଥିବାବେଳେ ଶାସକ ଦଳ ଡେମୋକ୍ରାଟିକ୍ ପାର୍ଟିର ଲି ଜେ-ମ୍ୟୁଙ୍ଗ୍ ୪୭.୮୦% ଭୋଟ ପାଇ କମ୍ ବ୍ୟବଧାନରେ ପରାଜିତ ହୋଇଛନ୍ତି। ବିଜୟୀ ହେବା ପରେ ୬୦ ବର୍ଷୀୟ ୟୋନ୍ ପାର୍ଲାମେଣ୍ଟ ଏବଂ ସମ୍ବିଧାନକୁ ସମ୍ମାନ କରିବା ସହ ବିରୋଧୀଙ୍କ ସହ ମିଶି କାମ କରିବେ ବୋଲି କହିଛନ୍ତି। ଏବେ ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି। ତେଣୁ ଆମେ ଏକାଠି ହୋଇ ଦେଶ ପାଇଁ



ୟୋନ୍ ସୁକ୍ ୟୋଲ୍

କାର୍ଯ୍ୟ କରିବା ବୋଲି ବିରୋଧୀ ଲି ଏବଂ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି। ଆସନ୍ତା ମେ'ରେ ବିଶ୍ୱର ୧୦ମ ବୃହତ୍ତମ ଅର୍ଥନୀତିର ଦେଶ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଭାବେ ସେ ଦାୟିତ୍ୱ ଗ୍ରହଣ କରିବେ। ଦେଶ ଏବେ ଆୟ ଅସମାନତା, ଋଣ ବୋଝ, ଉତ୍ତରକୋରିଆରୁ ନ୍ୟୁକ୍ଲିଅର ଅସ୍ତ୍ର ଧମକ ଭଳି ଚ୍ୟାଲେଞ୍ଜକୁ ସାମ୍ନା କରୁଥିବାବେଳେ ୟୋନ୍‌ଙ୍କ ପାଇଁ ଏ ସବୁ ବଡ଼ ଆହ୍ୱାନ ପାଲଟିଛି।

ୟୋନ୍ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ବାଇଡେନ୍ ତାଙ୍କୁ ବିଜୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଦାୟୀ ଶାସକ ମୁନ୍ ଜେ-ଇନ୍ ଉତ୍ତରକୋରିଆ ଏବଂ ଚାଇନା ଆଡ଼କୁ ଢଳିବା ସହ ୱାଶିଂଟନ୍‌ଠାରୁ ଦୂରେଇ ଯାଉଥିବା ୟୋନ୍ ଅଭିଯୋଗ ଆଣିଥିଲେ। ତେଣୁ ଆମେରିକା ସହ ବନ୍ଧୁତା ବଢ଼ାଇବା ସହ ଜାପାନ ସହ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ୟୋନ୍ ପ୍ରକାଶ କରିଛନ୍ତି। ଉତ୍ତର କୋରିଆରୁ ଆସୁଥିବା ଚ୍ୟାଲେଞ୍ଜକୁ ଆମେରିକା ଓ ଦକ୍ଷିଣ କୋରିଆ ମିଶି ପ୍ରତିହତ କରିବେ ବୋଲି ଏକ ବିବୃତିରେ କୁହାଯାଇଛି।

## ସସେକ୍ସ ପାଇଁ ଖେଳିବେ ପୂଜାରା



**ହୋଭ୍ (ଇଂଲଣ୍ଡ), ୧୦।୩ (ପି.ଟି.)**

ଆଉଟ ଅଫ୍ ଫେଭର ଭାରତୀୟ ବ୍ୟାଟର ଚେତେଶ୍ୱର ପୂଜାରା ଆସନ୍ତା ଇଂଲିଶ କାଉଣ୍ଟି ସିଜନରେ ସସେକ୍ସ ପାଇଁ ଖେଳିବେ। ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ଖେଳାଳି ଟ୍ରାଭିସ୍ ହେଡ୍‌ଙ୍କ ସ୍ଥାନରେ ତାଙ୍କୁ ଦଳରେ ସ୍ଥାନ ମିଳିଥିବା କ୍ଲବ ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ଦେଶ ପାଇଁ ୯୫ ଗେମ୍ ଖେଳିବା ପରେ ସେ ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡ଼ିଛନ୍ତି। ସସେକ୍ସ ପାଇଁ ସେ ଉଭୟ ପ୍ରଥମଶ୍ରେଣୀ ଓ ଲିଷ୍ଟ ଏ' ପ୍ରତିଯୋଗିତାରେ ଖେଳିବେ। ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍‌ରେ ସେ ପୂର୍ବରୁ ୟର୍କଶାୟାର ଓ ନଟିଂହାମ୍‌ଶାୟାର ପାଇଁ ଖେଳିଛନ୍ତି। ଟ୍ରାଭିସ୍‌ଙ୍କୁ ଆଗକୁ ତାଙ୍କ ଦେଶ ତରଫରୁ ବହୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ରହିଛି। ପୁନଶ୍ଚ ସେ ନିକଟରେ ପ୍ରଥମ ସନ୍ତାନର ଜନକ ହେବାକୁ ଯାଉଛନ୍ତି। ଏହି ଦୃଷ୍ଟିରୁ ତାଙ୍କୁ ରିଲିଜ କରିବା ଲାଗି ସେ କ୍ଲବକୁ ଅନୁରୋଧ କରିଥିଲେ। କ୍ଲବ ତାଙ୍କ ଅନୁରୋଧ ରକ୍ଷା କରିବା ସହ ୨୦୨୨ ସିଜନ ପାଇଁ ପୂଜାରାଙ୍କ ସହ ଚୁକ୍ତି କରିଛି। ଇଂଲିଶ କାଉଣ୍ଟି ସିଜନ ଏପ୍ରିଲ ୭ରେ ଆରମ୍ଭ ହେବ। ସସେକ୍ସ ଏହାର ପ୍ରଥମ ମ୍ୟାଚ ଏପ୍ରିଲ ୧୪ରେ ଡର୍ବିଶାୟାର ବିପକ୍ଷରେ ଖେଳିବ। ସିଜିରେ ସମସ୍ତ ଫର୍ମାଟ ଖେଳ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ।

# ଝୁଲଣ ରେକର୍ଡ ସମକକ୍ଷ

**ହାମିଲଟନ, ୧୦।୩ (ପି.ଟି.)**

ଭାରତର ଭେଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀ ଗୁରୁବାର ମହିଳା ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ନେବାରେ ରହିଥିବା ରେକର୍ଡର ସମକକ୍ଷ ହୋଇଛନ୍ତି। ପୂର୍ବରୁ ଏକାକୀ ଏହି ରେକର୍ଡର ଅଧିକାରିଣୀ ଥିଲେ ଅଷ୍ଟ୍ରେଲିଆର ପୂର୍ବତନ ସ୍ପିନର ଲିନ୍ ଫୁଲ୍‌ଷ୍ଟନ। ମହିଳା କ୍ରିକେଟ ବିଶ୍ୱକପ୍‌ରେ ତାଙ୍କର ଉଇକେଟ ସଂଖ୍ୟା ୩୯ ରହିଛି। ୩୯ ବର୍ଷୀୟା ଝୁଲଣ ତାଙ୍କ ୫ମ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳୁଛନ୍ତି। ଗୁରୁବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୫୦ତମ ଓଭରରେ ଉଇକେଟକିପର କେଟି ମାର୍ଟିନଙ୍କ ଉଇକେଟ ନେଇ ସେ ଏହି ସଫଳତା ହାସଲ କରିଛନ୍ତି। ଫୁଲ୍‌ଷ୍ଟନ ଅଷ୍ଟ୍ରେଲିଆ ତରଫରୁ ୧୯୮୨ରୁ ୧୯୮୮ ପର୍ଯ୍ୟନ୍ତ ଖେଳିଥିଲେ। ସେ ୨୦ଟି ମ୍ୟାଚରେ ୩୯ ଉଇକେଟ ନେଇଥିବା ବେଳେ ଗୋସ୍ୱାମୀ ଏହି ସଫଳତା ତାଙ୍କ ୩୦ତମ ଗେମ୍‌ରେ ହାସଲ କରିଛନ୍ତି। ଏହି ଦୁଇଜଣଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଇଂଲଣ୍ଡର ପୂର୍ବତନ ସ୍ପିନର କରୋଲ୍ ଆନ୍ ହଜେସ୍। ସେ ୨୪ ମ୍ୟାଚରେ ୩୭ ଉଇକେଟ ନେଇଛନ୍ତି। ଦୁଇ ଦଶନ୍ଧି ପୂର୍ବେ ୨୦୦୨ ଜାନୁୟାରୀରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଝୁଲଣ 'ଚକ୍‌ଦେ ଏକ୍ସପ୍ରେସ୍' ନାମରେ ପରିଚିତ। ସେ ମହିଳା ଅନ୍ତର୍ଜାତୀୟ ଦିନିକିଆ ଇତିହାସରେ ୧୯୭ ଗେମ୍‌ରେ ସର୍ବାଧିକ ୨୪୮ ଉଇକେଟ ନେଇ ରେକର୍ଡ କରିଛନ୍ତି। ତାଙ୍କୁ ଭାରତୀୟ ବୋଲିଂ ଆକ୍ରମଣର ମେରୁଦଣ୍ଡ ବିବେଚନା କରାଯାଏ। ସେ ଦେଶ ତରଫରୁ ୧୨ ଟେଷ୍ଟ ଓ ୬୮ ଅନ୍ତର୍ଜାତୀୟ ଟି୨୦ ଖେଳି ଯଥାକ୍ରମେ ଏହି ଦୁଇଟି ଫର୍ମାଟରେ ୪୪ ଓ ୫୬ ଉଇକେଟ ଅକ୍ତିଆର କରିଛନ୍ତି।



ଝୁଲଣ ଗୋସ୍ୱାମୀ






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବଲାଙ୍ଗୀର ଅଫିସ:** ବନବିଭାଗ ପକ୍ଷରୁ ଏକ ଫର୍ଣ୍ଣିଚର ୟୁନିଟ୍‌ରେ ଚଢ଼ାଉ କରାଯିବା ଖବର ପରିବେଷଣକୁ ନେଇ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର ପ୍ରଦର୍ଶନ ସହ ଜୀବନରେ ମାରିଦେବାକୁ ଧମକ୍ ଦେଇଥିବା ନେଇ ଟାଉନ୍ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଗଣମାଧ୍ୟମ ପ୍ରତିନିଧି ତରୁଣ କୁମାର ସାହୁ ସମ୍ପୃକ୍ତ ବ୍ୟକ୍ତି ସୁନୀଲ କୁମାର ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସଦର ଏସଡିପିଓ ତୋଫାନ୍ ବାଗଙ୍କୁ ଏନେଇ ଅଭିଯୋଗ ପତ୍ର ଦିଆଯାଇଛି। ଏହି ଘଟଣାକୁ ନେଇ ସାମ୍ବାଦିକମାନେ ଦୃଢ଼ ନିନ୍ଦା କରି ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ।

## ସଂକ୍ଷେପରେ

### କଚରାକୁ ୩ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର

**ଲୋଇସିଂହା,୧୦।୩(ଡି.ଏନ.ଏ):** ମହାରାଷ୍ଟ୍ର ଔରାଙ୍ଗାବାଦଠାରେ ଅନ୍ତଃରାଷ୍ଟ୍ରୀୟ ସିନେମା ପ୍ରତିଯୋଗିତା ଗତ ଫେବୃୟାରୀ ୨୭ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା କଳାକାରଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ସିନେମା କଚରାକୁ ୩ଟି ପୁରସ୍କାର ମିଳିଛି। କଚରାର ବେଷ୍ଟ୍‌ଷ୍ଟୋରୀ ରାଇଟରଭାବେ ରୋମିତ ଶିକା, ବେଷ୍ଟ ଶିଶୁ କଳାକାର ଆଲିସା ଅଗ୍ରୱାଲ ଏବଂ ବେଷ୍ଟ ନେଗେଟିଭ କଳକାର ଭାବେ ସୁରେଶ ପୁଟେଲ ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୫୬ ଦେଶର ୧୨ଶହ କ୍ଷୁଦ୍ର ସିନେମା ନିର୍ମାତା ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ଗତ ଡିସେମ୍ବରରେ ରାଉରକେଲାଠାରେ ରାଜ୍ୟସ୍ତରୀୟ କ୍ଷୁଦ୍ରସିନେମା ପ୍ରତିଯୋଗୀତାରେ ଶ୍ରେଷ୍ଠ ଚଳଚିତ୍ର ଏବଂ ଜାତୀୟ ସ୍ତରୀୟ ଆନଲାଇନ ପ୍ରତିଯୋଗିତାରେ ବେଷ୍ଟ ମାଇଷ୍ଟ୍ରି ଥ୍ରିଲର ଭାବେ କଚରା ପୁରସ୍କୃତ ହୋଇଛି । ଏଥିରେ ଦେଶର ୨୫୦୦ ଶହ ନିର୍ମାତା ଅଂଶଗ୍ରହଣ କରିଥିବା ସୂଚନା ଦିଆଯାଇଛି ।

### ଶୋକସଭାରେ ହେମାନନ୍ଦ ବିଶ୍ୱାଲଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର ଅଫିସ,୧୦।୩:** ବଲାଙ୍ଗୀର ଇଚ୍ଛାପଡାସ୍ଥିତ ଶବରୀ ନାରାୟଣୀ ମନ୍ଦିର ଠାରେ ନନ୍‌ରେସିଡେଣ୍ଟ ଲଚ୍ଛିପୁରିଆ ଆସୋସିଏଶନ୍ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଲଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବନମାଳୀ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ବିଶ୍ୱାଲଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ମୁଖ୍ୟମନ୍ତ୍ରୀ ଭାବେ ଓଡିଶାର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ସଭାରେ ନୀଳାଚଳ ହୋତା, ଦାମୋଦର ମିଶ୍ର, ଭୂବନ ନାୟକ, ଅଶୋକ କୁମାର ମିଶ୍ର, ଲକ୍ଷ୍ମୀନ୍ଦ୍ର ପୁଟେଲ ସ୍ମୃତିଚାରଣ କରିଥିଲେ। ସଭାକୁ ଶୁଭେନ୍ଦ୍ର ନେପାକ ପରଚାଳନା କରିଥିଲେ।

### ଶାଗ ତୋଳିବା ବେଳେ ଗଛରୁ ପଡ଼ି ବୃଦ୍ଧ ମୃତ

**କୋକସରା,୧୦।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ବୋବରିଆ ଛକ ନିକଟ ଚାଷ ଜମିରେ ଥିବା ଏକ ବହଳ ଗଛରୁ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଉଡୋଳା ଗ୍ରାମର ଜଣେ ତ୍ରିନାଥ ବେମାଲ (୬୦)। ସୂଚନା ଅନୁସାରେ କାଉଡୋଳା ଗ୍ରାମର ତ୍ରିନାଥ ବୁଧବାର ସନ୍ଧ୍ୟାରେ ଶାଗ ତୋଳିବାକୁ ଘରୁ ବାହାରିଥିଲେ। ଗୁରୁବାର ସକାଳୁ ଗଛ ତଳେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ପରେ ମୃତକ କାଉଡୋଳା ଗ୍ରାମର ତ୍ରିନାଥ ବୋଲି ଜଣାପଡ଼ିଥିଲା। ଗଛ ତଳେ ଏକ ମୁଣାରେ ଶାଗ ତୋଳି ରଖିଛନ୍ତି। ପୋଲିସ ମୃତଦେହ ଜବତ କରି କୋକସରା ହସ୍ପିଟାଲରେ ବ୍ୟବଚ୍ଛେଦ କରିବା ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟ ମାମଲା (ନଂ. ୫/୨୨) ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ଜନ୍ମେଜୟ ବାଗ ସୂଚନା ଦେଇଛନ୍ତି।

### ଠିକାଦାର ଚନ୍ଦ୍ରମଣି ପଟେଲଙ୍କ ପରଲୋକ

**ଲୋଇସିଂହା,୧୦।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପଣ୍ଡରାଣୀ ଗାଁର ବିଶିଷ୍ଟ ଠିକାଦାର ଚନ୍ଦ୍ରମଣି ପଟେଲଙ୍କ(୬୪) ଗୁରୁବାର



ହୃଦଘାତରେ ପରଲୋକ ଘଟିଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସାନପୁଅ ଧୀରେନ୍ଦ୍ର ପଟେଲ ମୁଖାଗ୍ନି ଦେଇଥିଲେ। ଗୁରବାର ହଠାତ୍ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଲୋଇସିଂହା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ଚନ୍ଦ୍ରମଣୀଙ୍କ ସ୍ତ୍ରୀ ଉପସିନୀ ପଟେଲ ଚଳିତ ପଞ୍ଚାୟତ ନିର୍ବାଚନରେ କୁଟେନପାଲି ପଞ୍ଚାୟତରୁ ସରପଞ୍ଚ ଏବଂ ବଡପୁଅ ଯତିନ୍ଦ୍ର ପଟେଲ ହୀରାପୁର ପଞ୍ଚାୟତରୁ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଛନ୍ତି।

# ୧୦ ପରିବାରକୁ ଦେଇଛନ୍ତି ରୋଜଗାର

### ସଫଳ ମାଛଚାଷୀ ସଦାନନ୍ଦ ସାହୁ



**ନୂଆପଡ଼ା ଅଫିସ,୧୦।୩**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ସଦାନନ୍ଦ ସାହୁ। ନିଜର ୪ ଏକର ଜମିରେ ପୋଖରୀ ଖୋଳି ମାଛଚାଷ କରି ନିଜେ ସଫଳ ହେବା ସହିତ ଅନ୍ୟକୁ କାମ ଯୋଗାଇ ପାରିଛନ୍ତି। ଫଳରେ ୧୦ ପରିବାର ଦାଦନ ନ ଯାଇ ଗାଁରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ସୂଚନାନୁସାରେ ସାହୁ ପ୍ରଥମେ ନିଜ ଜମିରେ ପନିପରିବା ଛାଷ କରି ସପ୍ତାହିକ ହାଟକୁ ବିକ୍ରି ପାଇଁ ନେଉଥିଲେ। ବିକ୍ରି କରି ଯାହା ରୋଜଗାର ହେଲା ସେଥିରୁ ପରିବାର ଚଳାଉଥିଲେ। ଧୀରେ ଧୀରେ ଜମିରେ ପରିବା ଚାଷ ଉତ୍ପାଦନ କମିଲା। ରୋକପୋକ ବଢ଼ିବାରେ ଲଗିବାରୁ ଚାଷ ନଷ୍ଟ ହେବାରୁ କ୍ଷତି ସହିବାକୁ ପଡିଲା। ପରେ ଟେଣ୍ଟ ହାଉସ କରି ବିବାହ, ପର୍ବପର୍ବାଣୀ, ଉତ୍ସବ, ସଭା, ସମିତିରେ ଭଡାରେ ଦେଉଥିଲେ। କରୋନା ମହାମାରୀ ଯୋଗୁ ଲକ୍‌ଡାଉନ, ସଟଡାଉନ ହେବାରୁ ଟେଣ୍ଟ ହାଉସ ଭଡା ମଧ୍ୟ ଚଲିଲା ନାହିଁ। କାମ ଧନ୍ଦା କିଛି ଯୋଗାଡ ହେଲାନାହିଁ। ଶେଷରେ ଲୋକଙ୍କଠାରୁ ଧାରଉଦ୍ଧାର କରି ମାଛଚାଷ ଆରମ୍ଭ କଲେ। ବାଏଫ୍ଲକ ନିର୍ମାଣ କରି ବାହାରୁ ମାଛ ଯାଆଁଳା ଆଣି ଗୋଟିଏ ବର୍ଷରେ ଶତପ୍ରତିଶତ ଲାଭ ହେବାରୁ ସେହି ଟଙ୍କାରେ ୩ଟି ପୋଖରୀ ନିର୍ମାଣ କରି ମାଛ ଚାଷ କରି ଏବେ ସଫଳ ହୋଇଛନ୍ତି। ସଫଳ ମାଛଚାଷୀ ହୋଇଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସଂଶାପତ୍ର ପ୍ରଦାନ କରାଯାଇଥିଲା। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏକ ହେକ୍ଟର ଜମି ପାଇଁ ୭ ଲକ୍ଷ ଟଙ୍କା ଋଣ ଆଣି ଆଉ ୪ଟି ପୋଖରୀ ନିର୍ମାଣ କରିଥିଲେ। ୭ଟି ପୋଖରୀରେ ମାଛ ଚାଷ ହେଉଥିବା ବେଳେ ଆଉ ଗୋଟିଏ ନୂତନ ଭାବେ ଖନନ ଚାଲିଛି। ପଶ୍ଚିମବଙ୍ଗ, ହାଇଦ୍ରାବାଦ ଏବଂ ଓଡିଶାର ବିଭିନ୍ନ ସ୍ଥାନରୁ ମାଛ ଯାଆଁଳା ଆଣି ଚାଷ କରାଯାଉଛି। କେମଲକ୍ରାପ, ପେଟଳି, ଅମୁରକ୍ରାପ, ରୋହୀ, ମିରକାଲ, ଭାକୁର, ବି ଗ୍ରେଟ, ଗ୍ରାସକଟ, ମାଗୁର ଇତ୍ୟାଦି ମାଛ ଯାଆଁଳାଗୁଡିକ ଚାଷ ହେଉଛି। ମାଛଚାଷ କାର୍ଯ୍ୟରେ ଅଞ୍ଚଳ ତଥା ଗାଁର ୧୦ ପରିବାର କାମ କରି ପରିବାର ପ୍ରତିପୋଷଣ କରିବା ସହିତ ୧୫ରୁ ୨୦ ଜଣ କୋଟିଆ ପ୍ରତିଦିନ ସେଠାରୁ ମାଛ ନେଇ ବିକ୍ରି କରି ଦୁଇ ପଇସା ରୋଜଗାର କରୁଛନ୍ତି। ପ୍ରତିଦିନ ୫ ରୁ ୧୦ କୁଇଣ୍ଟାଲ ମାଛ ବିକ୍ରି ହେଉଥିବା ବେଳେ ଯାଆଁଳା ମଧ୍ୟ ଲୋକେ ଚାଷ କରିବା ପାଇଁ ନେଉଛନ୍ତି। ଗାଁ ଓ ଅଞ୍ଚଳର ଲୋକେ ମଧ୍ୟ କମ ଦାମରେ ସତେଜ ମାଛ ପାଉଥିବାରୁ ବହୁତ ପ୍ରସଂଶା କରୁଛନ୍ତି।

# ଗାଁ ସ୍କୁଲରେ ପାଠପଢ଼ା ବ୍ୟବସ୍ଥା କର



ସ୍କୁଲ ଖୋଲିବା ଦାବି ନେଇ କରକଟିଆ ଗ୍ରାମବାସୀ ଜିଲାପାଳ ଅଫିସକୁ ଆସିଛନ୍ତି।

### ଜିଲାପାଳ, ଡିଇଓଙ୍କୁ ଭେଟିଲେ କରକଟିଆ ଗ୍ରାମବାସୀ

**ବଲାଙ୍ଗୀର ଅଫିସ, ୧୦।୩**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ କରକଟିଆ ଗ୍ରାମରେ ୧୯୫୪ ମସିହାରୁ ପ୍ରତିଷ୍ଠା କରାଯାଇଥିବା ପ୍ରାଥମିକ ସ୍କୁଲକୁ ପ୍ରାୟ ଦୁଇବର୍ଷ ହେବ ବନ୍ଦ କରିଦିଆଯାଇଛି। ଛାତ୍ରସଂଖ୍ୟା କମ୍ ଥିବା ଦର୍ଶାଇ ଏହି ସ୍କୁଲ ବନ୍ଦ କରାଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଗାଁର କେତେକ ଅଭିଭାବକ କଲେକ୍ଟୋରେଟ ଆସି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ତୁରନ୍ତ ଗାଁର ବନ୍ଦ କରାଯାଇଥିବା ପ୍ରାଥମିକ ସ୍କୁଲ ଖୋଲି ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଗାଁରେ ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ରହିଥିଲେ ମଧ ସ୍କୁଲ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ଅଭିଯୋଗ କହିଥିଲେ। ସ୍କୁଲ ବନ୍ଦ କରାଯିବା ପରେ ଗାଁରୁ ୩ କିଲୋମିଟର ଦୂର ସାହାଜଛାପର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। ଏହି କାରଣରୁ କରକଟିଆର ଛାତ୍ରୀଛାତ୍ରମାନେ ମୁଖ୍ୟରାସ୍ତାରେ ୩ କିଲୋମିଟର ଦୂର ଯିବାକୁ ପଡିଛି। ମୁଖ୍ୟରାସ୍ତା ହୋଇଥିବାରୁ ଦୁର୍ଘଟଣା ଭୟରେ ଅଭିଭାବକମାନେ ସାହାଜଛାପର ସ୍କୁଲକୁ ପଢ଼ିବାକୁ ଯିବାକୁ ଉଚିତ୍ ମଣୁନାହାନ୍ତି। ଫଳରେ ଏହି ଗାଁର ପ୍ରାୟ ୨୫ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଉପଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

# ପୌରାଧକ୍ଷ ୨, କାଉନସିଲରରୁ ୧ କଟିଲେ

### ବଲାଙ୍ଗୀର ଜିଲା

**ବଲାଙ୍ଗୀର ଅଫିସ, ୧୦।୩**

ବଲାଙ୍ଗୀର ଜିଲା ପୌର ନିର୍ବାଚନରେ ୫ଟି ସହରାଞ୍ଚଳରେ ୨୬ ଜଣ ପୌରାଧକ୍ଷ ପ୍ରାର୍ଥୀଙ୍କ ନାମାଙ୍କନରୁ ୨୪ ଜଣଙ୍କ ନାମାଙ୍କନ କାଏମ ରହିଛି। ଏହା ସହିତ ଜିଲାର ସମୁଦାୟ ୨୬୦ ଜଣ କାଉନସିଲର ପ୍ରାର୍ଥୀଙ୍କ ମଧ୍ୟରୁ ୨୫୯ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀର ପୌରପାଳିକାରେ ସମସ୍ତ ୬ଟି ପୌରାଧକ୍ଷା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ବିଜେଡିର ଲିକା ସାହୁ, କଂଗ୍ରେସର ମିଳନୀ ସାହୁ, ଭାଜପାର ସବିତା ବାର୍ଲା, ବିଏସ୍‌ପିର ବବି କୁମ୍ଭାର, ଭିଆଇପିର ସୌଦାମିନୀ କୁଶଲିଆ ଏବଂ ନିର୍ଦ୍ଦଳୀୟ ପ୍ରାର୍ଥୀ ସାମସନ୍ ନିସା ଚୂଡାନ୍ତ ତାଲିକାରେ ରହିଛନ୍ତି। ପୌରପାଳିକାର ୨୧ଟି ୱାର୍ଡରେ ୮୦ ଜଣ କାଉନସିଲର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସମସ୍ତ ପ୍ରାର୍ଥିପତ୍ର କାଏମ ରହିଛି। ଟିଟିଲାଗଡ ଏନ୍‌ଏସିରେ ସମସ୍ତ ୫ଟି ପୌରାଧକ୍ଷ ପ୍ରାର୍ଥୀ ଏବଂ ୪୮ଟି କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ପାଟଣାଗଡ ଏନ୍‌ଏସିରେ ୮ ପୌରାଧକ୍ଷ ପ୍ରାର୍ଥିପତ୍ରରୁ ଗୋଟିଏ ନାକଚ ହେବା ପରେ ୭ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। କାଉନସିଲର ପ୍ରାର୍ଥୀଙ୍କ ମଧ୍ୟରୁ ୫୧ରୁ ୫୦ ଜଣଙ୍କ କାଏମ ରହିଛି। କଣ୍ଟାବାଞ୍ଜି ଏନ୍‌ଏସିରେ ୪ ପୌରାଧକ୍ଷ ପ୍ରାର୍ଥୀରୁ ଜଣଙ୍କର ପ୍ରାର୍ଥିପତ୍ର ନାକଚ ପରେ ୩ ଜଣ ରହିଛନ୍ତି। କାଉନସିଲରେ ୪୮ରୁ ସମସ୍ତ ପ୍ରାର୍ଥିପତ୍ର କାଏମ ରହିଛି। ତୁଷୁରା ଏନ୍‌ଏସିରେ ସମସ୍ତ ୩ ପୌରାଧକ୍ଷ ଏବଂ ୩୩ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି।

## ଚାଷୀ ସଚେତନତା ରାଲି

**ଲୋଇସିଂହା,୧୦।୩(ଡି.ଏନ.ଏ)**

ଆସନ୍ତା ୨୮ ତାରିଖରେ ବଲାଙ୍ଗୀର ଜିଲା ଦେଓଗାଁରେ ଆଖୁଚାଷୀ ସମାବେଶ ହେବ। ଏଥିରେ ବହୁମାତ୍ରାରେ ଯୋଗଦେବା ପାଇଁ ସେବା ସଂଘ ପକ୍ଷରୁ ଗୁରୁବାର ଲୋଇସିଂହା ବସ୍‌ଷ୍ଟାଣ୍ଡରୁ କଲେଜ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଦେଓଗାଁସ୍ଥିତ ବିଜୟାନନ୍ଦ ଚିନିକଳ ଦୀର୍ଘବର୍ଷ ହେଲା ବନ୍ଦ ରହିଛି । ଏହାକୁ ଚାଲୁ କରିବା ପାଇଁ ସେବା ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ବୁଧବାର ଆନ୍ଦୋଳନକ ୧୮୯ ଦିନରେ ପହଞ୍ଚିଥିଲା। ହେଲେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଚିନିକଳ ପୁନଃ ଚାଲୁ କ୍ଷେତ୍ରରେ କର୍ଣ୍ଣପାତ କରୁ ନ ଥିବାରୁ ସେବା ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଓ ସରକାରଙ୍କୁ ଚେତାଇବା ପାଇଁ ଚାଷୀ ସମାବେଶ ଡାକରା ଦିଆଯାଇଥିବା ରାଜେଶ ବଗର୍ତ୍ତି ସୂଚନା ଦେଇଛନ୍ତି।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ଜୁନାଗଡ,୧୦।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ଗ୍ରାମରେ ବୁଧବାର ହେଉଥିବା ଏକ ବାଲ୍ୟବିବାହକୁ ପ୍ରଶାସନ ରୋକିଛି। ସୂଚନା ଅନୁଯାୟୀ, ବୁଡିଦର ଗ୍ରାମରେ ବାଲ୍ୟ ବିବାହ ହେଉଥିବା କୌଣସି ସୂତ୍ରରୁ ଖବର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଦସ୍ୟ ସୁଧାଂଶୁ ମହାପାତ୍ର, ଜୟଶ୍ରୀ ନାଏକ, ଚାଇଲ୍ଡ ଲାଇନ ଜିଲା ପ୍ରକଳ୍ପ ସଂଯୋଜିକା କରିସ୍ମା ଦେବୀ, ପୁଷ୍ପା ଦେବୀ ଜୁନାଗଡ ଥାନାକୁ ସୂଚନା ଦେଇଥିଲେ। ଜୁନାଗଡ ପୋଲିସ ଘଟଣାସ୍ଥଳରେ ଉପରୋକ୍ତ କର୍ମଚାରୀଙ୍କ ସହ ପହଞ୍ଚିଥିଲେ। ସେଠାରେ ଜଣେ ମହିଳାଙ୍କ ଘରେ ବହୁତ ଲୋକ ଏକତ୍ର ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ ମହିଳାଙ୍କୁ ତାଙ୍କ ବିବାହ ହେଉଥିବା ଝିଅ ବିଷୟରେ ପଚାରିବାରୁ ମହିଳା ଜଣକ ଝିଅକୁ ୧୫ ବର୍ଷ ହେଉଥିବା କହିଥିଲେ। ଝିଅ ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ବିବାହ କରୁଥିବା ଜଣାପଡିଥିଲା। ବିବାହ ହେଉଥିବା ଝିଅ ନାବାଳାକା ହେଇଥିବାରୁ ପ୍ରଶାସନ ପକ୍ଷରୁ ଏହି ବାଲ୍ୟ ବିବାହକୁ ବନ୍ଦ କରିଥିଲା। ପରେ ଉଭୟ ଝିଅ ଓ ପୁଅ ପରିବାରଙ୍କୁ ଝିଅକୁ ୧୮ବର୍ଷ ପରେ ବିବାହ କରିବାକୁ କୁହାଯାଇଥିଲା। ଏ ନେଇ ଝିଅ, ପୁଅ ପରିବାର ମଧ ଏହି କଥାରେ ସହମତି ହୋଇ ଏକ ଲିଖିତ ଚୁକ୍ତିନାମା କରିଥିବା ଜଣାପଡିଛି। ସରକାର ବାଲ୍ୟ ବିବାହ ବେଆଇନ ଘୋଷଣା କରିବା ଓ ଝିଅଙ୍କୁ ଅପ୍ରାପ୍ତ ବୟସରେ ବିବାହ ଦେବା ପରିଣାମ ସମ୍ପର୍କରେ ଉଭୟ ପରିବାରବର୍ଗଙ୍କୁ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଥିଲା।



ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ବନ୍ଦ କରାଯାଉଛି।

## ପୃଥକ୍ ଦୁର୍ଘଟଣା, ୨ ଗୁରୁତର

**ଲୋଇସିଂହା,୧୦।୩(ଡି.ଏନ.ଏ)**

ଲୋଇସିଂହା ଥାନା ଅଞ୍ଚଳରେ ଗୁରବାର ଦୁଇ ପୃଥକ ଦୁର୍ଘଟଣା ଘଟିଛି। ହୀରାପୁର ଛକ ଦୁର୍ଘଟଣାରେ ବାଦିମୁଣ୍ଡା ନିକଟ ମାହାରପାଲି ଗାଁର ବବଲୁ ସୁନା ଏବଂ ଖାରମୁଣ୍ଡାଠାରେ ଘଟିଥିବା ଦୁର୍ଘଟଣାରେ ସେମେଲମୁଣ୍ଡାର ସ୍ୱାଗତ କୁମାର ଭୋଇ ଆହତ ହୋଇଛନ୍ତି। ଅପରାହ୍ନରେ ମାହାରପାଲି ଗାଁର ବବଲୁ ସୁନା ବାଇକ(ଓଆର୧୫ଏଚ୨୯୧୩)ରେ ବଲାଙ୍ଗୀର ପଟୁ ଲୋଇସିଂହା ଆସୁଥିଲେ। ହୀରାପୁର ଛକ ନିକଟ ଗୁପ୍ତା ସିମେଣ୍ଟ ଦୋକାନ ନିକଟରେ ଏକ କଣ୍ଟେନର (ସିଜି୦୪ ଏମକ୍ୟୁ୦୯୦୧) ଫଛପଟୁ ବାଇକୁ ଧକ୍କା ଦେଇଥିଲା। ଏଥିରେ ବାଇକ ଆରୋହୀ ତଳେ ପଡି ଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ କଣ୍ଟେନର ଓ ବାଇକ ଜବତ କରିଛି । ସେହିପରି ଖାରମୁଣ୍ଡାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସେମେଲମୁଣ୍ଡାର ସ୍ୱାଗତ ଭୋଇ ଗୁରୁତର ହୋଇଥିଲେ। ଲୋଇସିଂହା ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

# ଦେଓଗାଁ ବ୍ଲକ: ଦାୟିତ୍ୱ ନେଲେ ସରପଞ୍ଚ



ଦାୟିତ୍ୱ ଗ୍ରହଣ ଅବସରରେ ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା।

**ଦେଓଗାଁ, ୧୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତରେ ନବନିର୍ବାଚିତ ସରପଞ୍ଚମାନେ ଗୁରୁବାର ଆନୁଷ୍ଠାନିକଭାବେ ଦାୟିତ୍ୱ ନେଇଛନ୍ତି । ପଞ୍ଚାୟତ କାର୍ଯ୍ୟନିର୍ବାହୀମାନେ ଶପଥପାଠ କରାଇବା ସହ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସିଂହାମୁଣ୍ଡା ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ସାଏଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବନିର୍ବାଚିତ ସରପଞ୍ଚ ଜାହ୍ନବୀ ମାହାଣାଙ୍କ ସମେତ ୱାର୍ଡସଭ୍ୟମାନେ ଶପଥ ପାଠ କରି ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ସାରସମାଲ ପଞ୍ଚାୟତରେ ଗୋପାଳ ବାଗ, ମହଲାଇ ପଞ୍ଚାୟତରେ ଚିତ୍ତରଞ୍ଜନ ସାହୁ, ଅର୍ଜ୍ଜୁନପୁରରେ ଗୀତା ଜଗଦଲା, ବଡବାହାଲରେ ଜ୍ୟୋତ୍ସ୍ନାମୟୀ ରଣା, ଦେଓଗାଁରେ ନିନା ଛତ୍ରିଆ, ଗୌରଗୋଠରେ ରଞ୍ଜିତା ସାହୁ, ଗୁଡଖାପଲାରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜୀବନୀ ଦାଶ, ଜରାସିଂହାରେ କୁଶମଣି ମେହେର, ସାଲେପାଲିରେ ବଲ୍ଲଭି ସାହୁ ବିଧିବଦ୍ଧଭାବେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନୁରୂପଭାବେ ଉପରଝରରେ ଯଶୋବନ୍ତୀ ନାଏକ, ଉଡାରରେ ପଞ୍ଚମୀ ଦୀପ, ମକୁନ୍ଦପୁରରେ ଜାନକୀ ସାହୁ, କୁଲୁଟାପଡାରେ ଦୁଷ୍ମନ୍ତ ସାହୁ, ଗାଇବାହାଲରେ ତ୍ରିଲୋଚନ ନାଗ, ବଡବନ୍ଧରେ ଜଗବନ୍ଧୁ ମେହେର, ବନ୍ଧପଡାରେ ଗୋପାଳ ଚନ୍ଦ୍ର ମିଶ୍ର, ବ୍ରାହ୍ମଣୀଯୋରରେ ମହେନ୍ଦ୍ର ମଲ୍ଲିକ, ଦେଷଣ୍ଡରେ ଯଶୋଦା ମେହେର, ଧଣ୍ଡାମାଲରେ ସଞ୍ଜୁ ସିକା, ଡୁମେରପିଟାରେ ବାସନ୍ତୀ ପଟେଲ, ହାତିସରାରେ କେଲୋ ଡାଙ୍ଗ, କୁତୁର୍ଲାରେ ତେଜ ହରପାଲ ଓ ରାମଚନ୍ଦ୍ରପୁର ପଞ୍ଚାୟତରେ ପଦ୍ମିନୀ ମିଶ୍ର ସରପଞ୍ଚ ଭାବେ ପଦଭାର ଗ୍ରହଣ କରିଛନ୍ତି। ପଞ୍ଚାୟତର ସାମଗ୍ରିକ ବିକାଶରେ ନିଜକୁ ସମର୍ପିତ କରିବେ ବୋଲି ପଦଭାର ଗ୍ରହଣ କରିବା ଅବସରରେ ସରପଞ୍ଚମାନେ କହିଛନ୍ତି।

## ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୩ ଗିରଫ

**କୋକସରା,୧୦।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତ ଦାବ୍ରିଗୁଡାରେ ବୁଧବାର ସନ୍ଧ୍ୟାରେ ଜିଲା ଅବକାରୀ ବିଭାଗ ଚଢ଼ାଉ କରି ୪ଜଣଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରି ଗୁରବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଧର୍ମଗଡ ଅବକାରୀ ଅଧିକାରୀ ଲଳିତ ମୋହନ ମିଶ୍ର ସୂଚନା ଦେଇଛନ୍ତି। ଦାବ୍ରିଗୁଡା ଗ୍ରାମର କାର୍ତ୍ତିକ ନାଏକ, ସଦାନନ୍ଦ ନାଏକ, ପଦ୍ମଲୋଚନ ନାଏକ ଓ ଜଣେ ମହିଳାଙ୍କ ଘରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୁଧବାର ସନ୍ଧ୍ୟାରେ ଅବକାରୀ କର୍ମଚାରୀ ଚଢ଼ାଉ କରି ବିପୁଳ ମାତ୍ରାରେ ଗଞ୍ଜେଇ ଜବତ କରିଥିଲା। ୪ଜଣଙ୍କୁ ଗିରଫ କରି ଭବାନୀପାଟଣା ଅବକାରୀ କାର୍ଯ୍ୟାଳୟରେ ଅଟକ ରଖି ତଦନ୍ତ ଚଳାଇଥିଲା। ଜବତ ଗଞ୍ଜେଇ ଓଜନ କରିବା ପରେ ୧ କୁଇଣ୍ଟାଲ ୬୭ କେଜି ୫୪୦ ଗ୍ରାମ ହୋଇଥିବା ଜଣାପଡିଛି। ଜିଲା ଅବକାରୀ ସୁପରିଟେଣ୍ଡେଣ୍ଟ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉରେ ସବଇନ୍ସପେକ୍ଟର ଲଳିତ ମୋହନ ମିଶ୍ର, ସୁଶାନ୍ତ ପ୍ରଧାନ, ଅଜୟ କୁମାର ନାଏକ, ବସନ୍ତ ବିଶି ପ୍ରମୁଖ ସାମିଲ ଥିଲେ।

# ବିଦ୍ୟୁତ୍ ଠିକା କର୍ମଚାରୀ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରସ୍ଥ

### ଦରମା ପ୍ରଦାନରେ ଅନିୟମିତତା

**ଦେଓଗାଁ, ୧୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲାର ୩୩/୧୧କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନଙ୍କୁ ଦରମା ପ୍ରଦାନରେ କମ୍ପାନୀ ଅନିୟମିତତା କରୁଛି। ଏହିଭଳି ଅଭିଯୋଗ କରି ଗୁରୁବାର କର୍ମଚାରୀମାନେ ଅଧୀକ୍ଷଣ ଯନ୍ତ୍ରୀ ବିଦ୍ୟୁତ୍ ମଣ୍ଡଳ ବଲାଙ୍ଗୀରଙ୍କ ନିକଟରେ ଫେରାଦ ହୋଇଛନ୍ତି । କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ବିଦ୍ୟୁତ୍ ବିଭାଗ ଟାଟା ପାୱାର ହାତକୁ ଗଲା ପରେ ଏବେ ଗ୍ରୀଡ୍ ସବ୍‌ଷ୍ଟେଶନଗୁଡିକର ପରିଚାଳନା ପାଇଁ ସୂର୍ଯ୍ୟା କନଷ୍ଟ୍ରକଶନ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି । ହେଲେ ଉକ୍ତ କମ୍ପାନୀ କିଛିମାସ ହେଲା ଠିକା କର୍ମଚାରୀଙ୍କୁ ନିୟମିତ ଭାବେ ଉଚିତ ଦରମା ଦେଉନାହିଁ। କେଉଁ ମାସରେ ୧୧ ହଜାର ତ କେଉଁ ମାସରେ ୧୦ହଜାର ଏପରିକି ଚଳିତ ମାସରେ ୯ହଜାର ୫ଶହ ଦରମା ଦେଇଛି। ଏଥିସହ କର୍ମଚାରୀଙ୍କୁ ଦିଆଯାଉଥିବା ଇପିଏଫ ଓ ଇଏସ୍‌ଆଇରେ ମଧ ଅନେକ ତ୍ରୁଟି କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। କର୍ମଚାରୀମାନେ ବିଦ୍ୟୁତ୍ ଗ୍ରୀଡଗୁଡିକରେ ଆଜକୁ ୮ରୁ ୧୦ବର୍ଷ ହେଲା ନିରବଚ୍ଛିନ୍ନ ଭାବେ କାମ କରି ଆସୁଥିବା ବେଳେ ଏପରି ଅବହେଳା ପ୍ରଥମ ଭାବେ ହୋଇଥିବାରୁ ଆଗକୁ ନିଜ ପରିବାର ପ୍ରତିପୋଷଣ ଚିନ୍ତା ଦେଖାଦେଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସମସ୍ତ ଠିକା କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ରଞ୍ଜନ କୁମାର ପଧାନ, ଲୋକନାଥ ସେଠ, ରାଜକୁମାର ବଗର୍ତ୍ତି, ଶମ୍ଭୁ ବାଗ, ମକୁନ୍ଦ ପୁଟେଲ, ବଶିଷ୍ଠ ସେଠ, ପ୍ରକାଶ ନନ୍ଦ, ନରେଶ ସାହୁ, ଦୀପକ ସାହୁ, ଶରତ ଖମାରୀ ଓ ଠିକାକର୍ମଚାରୀମାନେ ଚେତାବନୀ ଦେଇଛନ୍ତି।



ଦରମା ପ୍ରଦାନରେ ଅବହେଳା ନେଇ ଠିକା କର୍ମଚାରୀମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଅଟୋ ମାଲିକ ସଂଘ ବୈଠକ

**ବରଗଡ଼ ଅଫିସ୍:** ବରଗଡ଼ ଲୋକମଣ୍ଡପ ପଡ଼ିଆରେ ଗୁରୁବାର ବରଗଡ଼ ଅଟୋ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୦ତାରିଖରେ ସଂଘର ବାର୍ଷିକୋତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସମସ୍ତ ଅଟୋ ମାଲିକ, ଚାଳକଙ୍କୁ ପୁରୁଣା ବଦଳରେ ନୂଆ ଲୋଗୋ ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଂଘ ସଭାପତି ପ୍ରୀତମ ସିଂ, ମୁଖ୍ୟ ଉପଦେଷ୍ଟା ସୁଦର୍ଶନ ରାଉତ, ସମ୍ପାଦକ ସରୋଜ ଭୋସାଗର, ଉପସଭାପତି ହର ନାୟକ ଏବଂ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

# ୬ ପୌରାଧ୍ୟକ୍ଷା, ୫୪ କାଉନସିଲର ପ୍ରାର୍ଥୀପତ୍ର କାଏମ

**ସୁବର୍ଣ୍ଣପୁର ପୌରପାଳିକା ନିର୍ବାଚନ**

■ଭାଜପା କାଉନସିଲର ପ୍ରାର୍ଥିନୀଙ୍କ ପ୍ରାର୍ଥୀପତ୍ର ଖାରଜ

ସୋନପୁର,୧୦।୩(ନି.ପ୍ର.)

ସୁବର୍ଣ୍ଣପୁର ପୌରପାଳିକା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଯାଞ୍ଚ ସରିଛି। ଯାଞ୍ଚରେ ୧୫ ନମ୍ବର ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀନୀ ଗୀତା ମେହେରଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇଛି। ଗୁରୁବାର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକାଶିତ ତାଲିକା ଅନୁଯାୟୀ ପୌରାଧ୍ୟକ୍ଷା ପଦ ପାଇଁ ସମସ୍ତ ୬ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ପୌରାଧ୍ୟକ୍ଷା ପଦ ପାଇଁ ବିଜେଡିର ପ୍ରାର୍ଥୀ ତାମସି ତାମସ୍ୱିତା ନାୟକ, ଭାଜପାର ସୁନିତା ଗିରି, କଂଗ୍ରେସର ରାଜଶ୍ରୀ ଦ୍ୱିବେଦୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତିଶ୍ରୀ ବେହୁରା, ପୁଷ୍ପାଞ୍ଜଳୀ ସାଗର ଓ ବାସନ୍ତୀ ବେହେରାଙ୍କ ପ୍ରାର୍ଥୀପତ୍ର କାଏମ ରହିଛି ।

ସେହିପରି ୧୫ଟି ୱାର୍ଡର କାଉନସିଲର ପଦବି ପାଇଁ ୫୫ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସେଥି ମଧ୍ୟରୁ ୫୪ଜଣଙ୍କ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେମାନେ ହେଲେ ୧ ନଂ ୱାର୍ଡରୁ ଭାଜପା ପ୍ରାର୍ଥୀ ଅନୀତା ସାମଲ, ବିଜେଡି ପ୍ରାର୍ଥୀ ମୌସୁମୀ ନାଏକ ଓ କଂଗ୍ରେସର ତୁଳସୀ କୁମ୍ଭାର। ୨ ନଂରୁ କଂଗ୍ରେସର ଏଲିନା ପଣ୍ଡା, ବିଜେଡି ମଲ୍ଲିକା ଦାନୀ ଓ ଭାଜପାର ରଶ୍ମୀ କଅଁର, ୩ ନଂରୁ ଭାଜପାର ରଞ୍ଜିତା ସାହୁ, ବିଜେଡି ସୁବର୍ଣ୍ଣ ସେଠୀ, କଂଗ୍ରେସ ହେମଲତା ବକ୍ସି ଓ ସ୍ୱାଧୀନ ପ୍ରାର୍ଥୀ ସୀମା ଗଡତିଆ, ୪ ନଂରୁ ବିଜେଡିର ତରଣୀ ସେନ ମେହେର, ଭାଜପା ମନୋଜ କୁମାର ସା ଓ କଂଗ୍ରେସ ପ୍ରାର୍ଥୀ ଭାଗିରଥୀ ମିଶ୍ର ରହିଛନ୍ତି। ୫ ନଂ ୱାର୍ଡରୁ ବିଜେଡି ପ୍ରାର୍ଥୀ ବନିତା ପସାୟତ, କଂଗ୍ରେସ ସୁପ୍ରିୟା ଦଣ୍ଡସେନା ଓ ଭାଜପା ସଞ୍ଜୁକ୍ତା ହୋତା, ୬ ନଂରୁ ସ୍ୱାଧୀନ କିଶୋର ମହାଲିକ, ଭାଜପା ଗଙ୍ଗାଧର ତରିଆ ଓ ବିଜେଡି ଜଗନ୍ନାଥ ସାହୁ, ୭ ନଂରୁ କଂଗ୍ରେସର ନିରଞ୍ଜନ ମେହେର, ବିଜେଡି ପି. ରାଜକିଶୋର ରାଓ ଓ ଭାଜପା ସ୍ୱରୂପ ପାତ୍ର, ୮ ନଂରୁ ବିଜେଡି ପିୟୁଷ କୁମାର ପଣ୍ଡା, ଭାଜପା ରେହମଦ ମହମ୍ମଦ ଓ ସ୍ୱାଧୀନ ପ୍ରାର୍ଥୀ ସମିତ ସାହୁ, ୯ ନଂରୁ ବିଜେଡି କଇରୁ ସ୍ୱାଇଁ ଓ ଭାଜପା ପ୍ରାର୍ଥୀ ବଳଦେବ ନାଏକ, ୧୦ ନଂରୁ ବିଜେଡି ପ୍ରାର୍ଥୀ ସାବିତ୍ରୀ ନାଏକ ଓ ଭାଜପା ପ୍ରାର୍ଥୀ ହେମବତୀ ନାଏକ, ୧୧ ନଂରୁ ଭାଜପା ଭାରତୀ ଜାନୀ, କଂଗ୍ରେସ ସାଗରିକା ବେହେରା ଓ ବିଜେଡି ସୁନିତା ନାଏକ, ୧୨ ନଂ ସ୍ୱାଧୀନ ପ୍ରାର୍ଥୀ ଟିକନନୀ କୁମ୍ଭାର, ବିଜେଡି ସୁଭଦ୍ରା ବିଶି, କଂଗ୍ରେସ ସୁହାନି ବାଘ, ଭାଜପା ସ୍ମୃତିରେଖା ଦୀପ, ୧୩ ନଂ ବିଜେଡି ଅନ୍ନପୂର୍ଣ୍ଣା ସେଠୀ, କଂଗ୍ରେସ ଦୀନବନ୍ଧୁ ମହାଲିକ, ଭାଜପା ଶ୍ରୀଧର ତରିଆଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଅନୁରୂପଭାବେ ୧୪ ନଂ ୱାର୍ଡ ସ୍ୱାଧୀନ ପ୍ରାର୍ଥୀ ପବିତ୍ର କଲତା, ବିଜେଡି ପ୍ରାର୍ଥୀ ଶୋଭା ପ୍ରକାଶ ମିଶ୍ର ଓ ଭାଜପା ପ୍ରାର୍ଥୀ ସୁକାନ୍ତ କୁମାର ସାହୁ, ୧୫ ନଂ ୱାର୍ଡ କଂଗ୍ରେସ ପ୍ରାର୍ଥୀ ଜାନକୀ ମେହେର ଓ ବିଜେଡି ପ୍ରାର୍ଥୀ ବାସନ୍ତୀ ମେହେରଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ୧୪ ତାରିଖ ଅପରାହ୍ନ ୩ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ଅବଧି ରହିଥିବା ବେଳେ ସେହି ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ।



ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀ, ଦଳୀୟ ପ୍ରତିନିଧିବୃନ୍ଦ।

# ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ କୋଟିପତି, ୨ ସ୍ୱାଧୀନ ପ୍ରାର୍ଥୀ ବାସହୀନ, ସୁନୀତା ସବୁଠୁ ଶିକ୍ଷିତା

ସୋନପୁର,୧୦।୩(ନି.ପ୍ର.)

ସୁବର୍ଣ୍ଣପୁର ପୌରପାଳିକା ନିର୍ବାଚନରେ ସମ୍ମାନଜନକ ପୌରାଧ୍ୟକ୍ଷା ପଦ ପାଇଁ ୬ ଜଣ ପ୍ରାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ବିଜେଡିର ତାମସି ତାମସ୍ୱିତା ନାୟକ ସବୁଠୁ ଧନୀ। ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ସତ୍ୟପାଠରେ ଏହା ଜଣାପଡିଛି। ତାମସି ତାମସ୍ୱିତା ଗ୍ରାଜୁଏସନ କରିଛନ୍ତି। ତାଙ୍କ ନାମରେ ୨୫ ଲକ୍ଷ ଟଙ୍କାର ପାନୀୟ ଜଳ ପ୍ୟାକେଜିଂ ବ୍ୟବସାୟ ରହିଛି। ସେହିଭଳି ସ୍ୱର୍ଣ୍ଣ ଓ ରୂପା ଅଳଙ୍କାର, ବିଭିନ୍ନ ସ୍ଥାନରେ ଜମି ବାଡି, କୋଠା ଓ ବ୍ୟାଙ୍କ ଜମା ରହିଛି। ତାମସି ଓ ତାଙ୍କ ସ୍ୱାମୀ ତଥା ପ୍ରାକ୍ତନ ପୌରପାଳ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ଜିଲା ଓ ଜିଲା ବାହାରେ ମୋଟ ୧କୋଟି ୭୯ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଭାଜପା ପ୍ରାର୍ଥୀ ସୁନିତା ଗିରିଙ୍କର ସୋନପୁର ସହର ୟୁନିଟ୍‌ର ୨ରେ ଏକ କୋଠା ରହିଛି। ତାଙ୍କ ସ୍ୱାମୀ ଜଣେ ଇଞ୍ଜିନିୟର। ସେ ମାସିକ ୩ଲକ୍ଷ ୬୦ ହଜାର ଟଙ୍କାର ଦରମା ପାଉଛନ୍ତି। ସୁନିତା ପ୍ରାଣୀ ବିଜ୍ଞାନ ବିଭାଗରେ ପିଜି କରିବା ସହ ବିଏଡ୍ ମଧ୍ୟ କରିଛନ୍ତି। କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ ରାଜଶ୍ରୀ ଦ୍ୱିବେଦୀ ଗ୍ରାଜୁଏସନ କରିଥିବା ଜଣାପଡିଛି। ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତିଶ୍ରୀ ବେହୁରା ଦଶମ ଶ୍ରେଣୀ ପାସ କରିଛନ୍ତି। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ପୁଷ୍ପାଞ୍ଜଳୀ ସାଗର ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢିଥିବା ବେଳେ ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ବାସନ୍ତୀ ବେହେରା ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ଉଭୟ ପୁଷ୍ପାଞ୍ଜଳୀ ଓ ବାସନ୍ତୀ ବାସହୀନ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ମହାନଦୀ ନେତ୍ର ଚିକିତ୍ସାଳୟରେ ଗ୍ଲୁକୋମା ସପ୍ତାହ ପାଳନ



**ଅମରପାଲି,୧୦।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟରେ ଗୁରୁବାର ଗ୍ଲୁକମା ସପ୍ତାହ ପାଳିତ ହୋଇଯାଇଛି। ସଚେତନତା ଅଭାବରୁ ଗ୍ଲୁକୋମା ରୋଗରେ ଆକ୍ରାନ୍ତ ହୋଇ ଲୋକମାନେ ଅନ୍ଧ ହୋଇଯାଉଛନ୍ତି । ଏଣୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ବୀରମହାରାଜପୁରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପ୍ରଶାନ୍ତ କୁମାର ସିଂ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏହି ସଚେତନତା ଶୋଭାଯାତ୍ରା ବାହାରି ବୀରମହାରାଜପୁର ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ମାନସୀ ନାୟକ, ଡାକ୍ତର ଡି.କେ ସାହୁ, ବିଭୁ ପ୍ରସାଦ ବଳିଆରସିଂ, ଅଶ୍ୱିନୀ ଶତପଥୀଙ୍କ ସମେତ ମହାନଦୀ ନେତ୍ର ଚିକିତ୍ସାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

### ୫ ଅଧ୍ୟକ୍ଷା, ୩୩ କାଉନସିଲର ପ୍ରାର୍ଥୀପତ୍ର କାଏମ

**ପଦ୍ମପୁର ଏନ୍ଏସି**

■୩ ୱାର୍ଡରେ ପ୍ରାର୍ଥୀ ଦେଇନି କଂଗ୍ରେସ

**ପଦ୍ମପୁର,୧୦।୩(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଏନ୍ଏସି ନିର୍ବାଚନରେ ଅଧ୍ୟକ୍ଷା ପଦବୀ ପାଇଁ ୫ ଓ କାଉନସିଲର ପଦବୀ ପାଇଁ ୩୩ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବୁଧବାର ପଦ୍ମପୁର ଏନ୍ଏସିରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ଅଧ୍ୟକ୍ଷା ପଦବୀ ପାଇଁ ଭାଜପାର ରଞ୍ଜୁ ସେଠ, ବିଜେଡିର ସାବିତ୍ରୀ ବାଗ, କଂଗ୍ରେସର ନିରୁପମା ସେଠ ଓ ସ୍ୱାଧୀନ ଭାବେ ଉପମା ଗୁର୍ଲା, ଯଶୋବନ୍ତୀ ତରିଆ ରହିଛନ୍ତି। ସେହିପରି ଉଭୟ ଭାଜପା ଓ ବିଜେଡି ସମସ୍ତ ୧୧ଟି ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ପକ୍ଷରୁ ୧, ୫ ଓ ୧୧ ନଂ. ୱାର୍ଡରେ ପ୍ରାର୍ଥୀ ଦେଇନାହିଁ। ସବୁଠାରୁ ବଡ ୱାର୍ଡ ନଂ.୨ରେ ତିନି ଦଳୀୟ ପ୍ରାର୍ଥୀଙ୍କ ସମେତ ତିନି ଜଣ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷା ପଦବୀ ପାଇଁ ସିଧାସଳଖ ମତଦାନ ହେବାକୁ ଥିବାରୁ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

### ୫୧ ୟୁନିଟ୍ ରକ୍ତ ସଂଗ୍ରହ



**ବରଗଡ଼ ଅଫିସ୍,୧୦।୩:** ବରଗଡ଼ ବ୍ଲକ ଖଣ୍ଡହଥା ପଞ୍ଚାୟତରେ ଗୁରୁବାର ଦାୟିତ୍ୱ ଗ୍ରହଣ କରିବା ଅବସରରେ ନବନିର୍ବାଚିତ ସରପଞ୍ଚ ଚିତ୍ରସେନ ସାହୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଭାପତି ରକ୍ଷପାଳ ସାହୁ, ଉପସଭାପତି କ୍ଷୀରୋଦ୍ର ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଦମ୍ପତି ଆହତ

**ବୌଦ୍ଧ,୧୦।୩ (ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗାର ତେନ୍ତୁଳିପଦର ଦେଇ ଯାଇଥିବା ଜଗନ୍ନାଥ ସଡକରେ ଗୁରୁବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଦମ୍ପତି ଆହତ ହୋଇଛନ୍ତି। ଧଲପୁର ଗ୍ରାମର ବୁଲୁ ସାହୁ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଏକ ବୁଲେଟ ମୋଟର ସାଇକେଲରେ ହରଭଙ୍ଗା ଯାଇଥିଲେ। ସେଠାରୁ କାମ ସାରି ଧଲପୁର ଫେରୁଥିବା ବେଳେ ଜଗନ୍ନାଥ ସଡକର ତେନ୍ତୁଳିପଦରଠାରେ ଦୁଇ ଜଣ ବିଦ୍ୟାଳୟ ଛାତ୍ର ହଠାତ୍ ବାଇକ୍ ଆଗକୁ ଚାଲି ଆସିଥିଲେ । ଫଳରେ ସେ ଛାତ୍ରମାନଙ୍କୁ ବଞ୍ଚାଇବାକୁ ଯାଇ ଗାଡିର ହଠାତ୍ ବ୍ରେକ ଦେବାରୁ ଉଭୟ ତଳେ ପଡିଯାଇଥିଲେ । ଦୁହିଁଙ୍କୁ ପ୍ରଥମେ ଧଲପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଲକ୍ଷ୍ମୀପ୍ରିୟାଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିବା ଜଣାପଡିଛି ।

# ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ହରଡ଼ଘଣାରେ ସରପଞ୍ଚ

ବାଉଁଶୁଣୀ,୧୦।୩(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଚଞ୍ଚକତା କରି ଜାଲ୍ ଜାତିଗତ ପ୍ରମାଣପତ୍ର ଦାଖଲ କରି ବିଜୟୀ ହୋଇଥିବା ଅଭିଯୋଗ ହୋଇଛି। ପରାଜିତ ସରପଞ୍ଚ ପ୍ରାର୍ଥିନୀ ଝୁନୁ ନାଗଙ୍କ ସ୍ୱାମୀ ଦେସାମୀ ନାଗ ଏହି ଅଭିଯୋଗ କରିଛନ୍ତି। ନବ ନିର୍ବାଚିତ ସରପଞ୍ଚ ହେଲେ ନୁର୍ପା ଗ୍ରାମର ରଂଜୁ ବେହେରା। ସେ ଜାତିରେ ସେମିଳି କେଉଟ। ଉକ୍ତ ଜାତି ଓବିସିରେ ଅନ୍ତର୍ଭୁକ୍ତ ଥିବା ବେଳେ ସେହି ଜାତି ଅନୁସୂଚିତ ଜାତିରେ ଥିବାର କୌଣସି ସରକାରୀ ତାଲିକାରେ ଉଲ୍ଲେଖ ନାହିଁ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମନମୁଣ୍ଡା ସରପଞ୍ଚ ପଦବୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିଲା। ରଂଜୁ କୌଣସି ମତେ ଏ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରି ତହସିଲ ଅଫିସରୁ ଅନୁସୂଚିତ ଜାତି ପ୍ରମାଣ ପତ୍ର ଆଣି ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଏହା ଜାଣିବା ପରେ ପରାଜିତ ପ୍ରାର୍ଥିନୀ ଝୁନୁଙ୍କ ସ୍ୱାମୀ ଦେସାମୀ କଣ୍ଟାମାଳ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଝୁନୁ ନାଗଙ୍କ ସହିତ ଶତାଧିକ ଅନୁସୂଚିତ ମହିଳା ଓ ପୁରୁଷ ୫୭ନଂ ଜାତୀୟ ରାଜପଥର ମନମୁଣ୍ଡା ଗାନ୍ଧୀ ଛକଠାରୁ ବାହାରି ଆରଆଇ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ରାଲିରେ ଯାଇ ଆରଆଇ ଅଫିସ ଘେରାଉ କରିଥିବା ଦେଖିବାକୁ ମିଳିଥିଲା ।

# ୫ ଓପନ ବକ୍ସିଂ ପ୍ରତିଯୋଗୀଙ୍କ ରାଜସ୍ଥାନ ଗସ୍ତ



ରାଜସ୍ଥାନ ଅଭିମୁଖେ ଯାଇଥିବା ବକ୍ସିଂ ପ୍ରତିଯୋଗୀମାନେ।

ଅମରପାଲି ୧୦।୩ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରୁ ୨ ଛାତ୍ରୀଙ୍କ ସହିତ ୫ଜଣ ବକ୍ସିଂ ଖେଳାଳି ରାଜସ୍ଥାନ ଜୟପୁରରେ ହେବାକୁ ଥିବା ଓପନ ବକ୍ସିଂ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାଇଛନ୍ତି। ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ସୁଭଦ୍ରା ଓ ନବମ ଶ୍ରେଣୀର ଛାତ୍ରୀ ସଞ୍ଜାସିନିଙ୍କ ସହିତ ଅଞ୍ଚଳର ଖେଳାଳି ବ୍ରଜଗୋପାଳ ପଣ୍ଡା, ହେମନ୍ତ ରାଉତ ଓ ଚମ୍ପେଶ୍ୱର ପଣ୍ଡା ଗୁରୁବାର ରାଜସ୍ଥାନ ଅଭିମୁଖେ ଯାଇଛନ୍ତି। ୟୁଥ ଗେମ୍ସ କାଉନସିଲ ଅଫ ଇଣ୍ଡିଆ ଦ୍ୱାରା ରାଜସ୍ଥାନର ଜୟପୁରଠାରେ ଆୟୋଜିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୋନପୁର ଜିଲା ବକ୍ସିଂ ଆସୋସିଏଶନର କୋଚ କୃତିବାସ ଶତପଥୀଙ୍କ ନେତୃତ୍ୱରେ ବୀରମହାରାଜପୁର ବକ୍ସିଂ ଖେଳାଳିମାନେ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାଇଛନ୍ତି।

# ଆଚରଣ ବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ବରଗଡ଼ ଅଫିସ୍,୧୦।୩

ପୌର ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଆଚରଣ ବିଧି ସମ୍ପର୍କିତ ଏହି ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଦେବେନ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ରହିଥିବା ବିଭିନ୍ନ ଆଚରଣ ବିଧି ଉପରେ ସାଧାରଣ ପର୍ଯ୍ୟବେକ୍ଷକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ଆଚରଣ ବିଧି ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସମସ୍ତ ଜନସାଧାରଣ ଯେଭଳି ନିରପେକ୍ଷ, ନିର୍ଭିକ ମତ ସାବ୍ୟସ୍ତ କରିପାରିବେ ଏବଂ ନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ରାହୁଲ ଜୈନ ସୂଚନା ପ୍ରଦାନ କରିଥିଲେ। ସ୍ୱଚ୍ଛ, ଶୃଙ୍ଖଳିତ ନିର୍ବାଚନ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ମୋନିଷା ବାନାର୍ଜୀ କହିଥିଲେ। କୌଣସି ସ୍ଥାନରେ ଅସୁବିଧା ହେଲେ ଏବଂ ପ୍ରଶାସନ ଦୃଷ୍ଟିକୁ ତାହା ଅଣାଗଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ବାନାର୍ଜୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ବରଗଡ଼ ଓ ପଦ୍ମପୁର ଉପଜିଲାପାଳ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସରୁ ପାଣ୍ଡବ କର୍ଣ୍ଣ, ତୃଣମୂଳ କଂଗ୍ରେସରୁ ଅଶୋକ କୁମାର ମିଉଲ, ବହୁଜନ ସମାଜ ପାର୍ଟିରୁ ଆଦର୍ଶୀ ସର, ଭାଜପାରୁ ରବି ନାରାୟଣ ଦାଶ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଜେଲରେ ଥାଇ ନିର୍ବାଚନ ଜିତିଲେ ୱାର୍ଡ ସଭ୍ୟ ସୁଶାନ୍ତ

ବାଉଁଶୁଣୀ,୧୦।୩(ଡି.ଏନ.ଏ.)

ନିର୍ବାଚନ ସମୟରେ ପ୍ରତିପକ୍ଷ ପ୍ରାର୍ଥୀମାନଙ୍କ ରଣନୀତିକୁ ମାତ ଦେଇ ଭୋଟରମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀମାନେ ଦିନରାତି କଠିନ ପରିଶ୍ରମ କରି ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥାନ୍ତି। ଏପରି କି ନିର୍ବାଚନ ବୈତରଣୀ ପାର ପାଇଁ ପ୍ରାର୍ଥୀଙ୍କ ନିଦ ହଜି ଯାଉଥିବା ବେଳେ ଜେଲ ଭିତରେ ଥାଇ ମଧ୍ୟ ଜଣେ ପ୍ରାର୍ଥୀ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ଦେଖିବାକୁ ମିଳିଛି। କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲି ଗ୍ରାମର ୧୨ ନମ୍ବର ୱାର୍ଡରେ ଏପରି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ସଦ୍ୟ ସମାପ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ ବନ୍ଧପାଲି ଗ୍ରାମର ୧୨ନମ୍ବର ୱାର୍ଡରୁ ୱାର୍ଡ ସଭ୍ୟ ପାଇଁ ସୁଶାନ୍ତ ସାହୁ, ସୁରୁ ପୁଟେଲ ଓ ଝସାରି ବାଘ ନାମାଙ୍କନ ଦାଖଲ କରି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ଠିକ ପ୍ରଚାର ସମୟରେ କୌଣସି କାରଣରୁ ଗତ ଫେବୃୟାରୀ ମାସ ୪ ତାରିଖ ଦିନ ପୋଲିସ ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଜେଲ ଭିତରେ ଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଯୋଗୁ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁରୁଙ୍କ ଠାରୁ ୩୫ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇ ଉଦାହରଣ ସୃଷ୍ଟି କରିଛନ୍ତ। ଏହି ୱାର୍ଡରେ ମୋଟ ୪୪୬ ଜଣ ଭୋଟର ଭୋଟ ଦେଇଥିଲେ। ସୁଶାନ୍ତ କଲମ ଚିହ୍ନରେ ୧୭୦ଖଣ୍ଡ ଭୋଟ, ସୁରୁ ନିକିତି ଚିହ୍ନରେ ୧୪୦ଖଣ୍ଡ ଓ ଝସାରି ଶଗଡ଼ ଗାଡ଼ି ଚିହ୍ନରେ ୧୦୧ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନ ସମୟରେ ଫେବୃୟାରୀ ୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଜେଲ ଭିତରେ ଥିଲେ ମଧ୍ୟ ସମର୍ଥକ ପ୍ରଶାନ୍ତ, ମହେନ୍ଦ୍ର, ପ୍ରକାଶ, ଗୋବିନ୍ଦଙ୍କ ସମେତ ଗ୍ରାମବାସୀଙ୍କ ଉଦ୍ୟମ ଯୋଗୁ ଏହି ବିଜୟ ସମ୍ଭବ ହୋଇଥିବା କହିଛନ୍ତି ନବ ନିର୍ବାଚିତ ୱାର୍ଡ ସଭ୍ୟ ସୁଶାନ୍ତ।

# ଆପ୍‌ର ବିଜୟ ଉତ୍ସବ

ବରଗଡ଼ ଅଫିସ୍,୧୦।୩

ପଞ୍ଜାବରେ ଆମ ଆଦ୍‌ମୀ ପାର୍ଟି (ଆପ୍)ର ବିପୁଳ ବିଜୟ ହାସଲ ପରେ ବରଗଡ଼ରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି କ୍ରମରେ ଗୁରୁବାର ସନ୍ଧ୍ୟାରେ ବରଗଡ଼ ଗାନ୍ଧୀ ଛକରେ ବରଗଡ଼ ଜିଲା ଆପ୍ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଦଳର ଜିଲା ଆବାହକ ଭବାନୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅମିତାଭ ପାତ୍ର, ପବିତ୍ର ଦେହେରୀ, ରମେଶ ପତି, ଅସିତ ସାହୁ, ମେରିୟମ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକଙ୍କ ସେବା, ଅଞ୍ଚଳର ବିକାଶ ମୁଖ୍ୟ ଲକ୍ଷ୍ୟ



ଝିଲିମିଣ୍ଡାର ନବନିର୍ବାଚିତ ସରପଞ୍ଚ ଦାୟିତ୍ୱ ଗ୍ରହଣ କରୁଛନ୍ତି।

ସରଣ୍ଡା,୧୦।୩(ଡି.ଏନ.ଏ)

ଲୋକଙ୍କ ସେବା ଓ ଅଞ୍ଚଳର ବିକାଶ ହିଁ ଆମର ମୁଖ୍ୟ ଲକ୍ଷ୍ୟ। ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ବରଗଡ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ପୂଜା କୁମ୍ଭାର ଏହା ପ୍ରକାଶ କହିଛନ୍ତି। ସରକାରଙ୍କ ବିଧିବ୍ୟବସ୍ଥା ଅନୁଯାୟୀ ପୂଜା ଗୁରୁବାର ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ସୁଧୀର ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ଦେବତାଙ୍କ ସମେତ ସାଧାରଣ ଜନତା ଉପସ୍ଥିତ ଥିଲେ। ଲୋକଙ୍କ ସେବା କରିବା ପାଇଁ ସେ ସବୁବେଳେ ଉପସ୍ଥିତ ଅଛନ୍ତି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅଞ୍ଚଳର ବିକାଶ ଦିଗରେ ନବନିର୍ବାଚିତ ସରପଞ୍ଚଙ୍କୁ ସବୁପ୍ରକାର ସହଯୋଗ କରିବେ ବୋଲି ପୂର୍ବତନ ସରପଞ୍ଚ ପ୍ରଧାନ କହିଥିଲେ।

# ସେବା, ତ୍ୟାଗ ପାଇଁ ଆହ୍ୱାନ

ବରଗଡ଼ ଅଫିସ୍,୧୦।୩

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ନର୍ସିଂ କଲେଜରେ ଗତ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଉତ୍ସବରେ ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରସନ୍ନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ସମ୍ପାଦକ ଡଃ ତରୁଣ କୁମାର ଷଡ଼ଙ୍ଗୀ, ନର୍ସିଂ କଲେଜର କୋଷାଧ୍ୟକ୍ଷା ଲୋପାମୁଦ୍ରା ଆଚାର୍ଯ୍ୟ, ଅଧ୍ୟକ୍ଷା ନିରୂପମା ସେନାପତି, ଡିଗ୍ରୀ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡଃ ଭାରତ ଭୂଷଣ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ସମାଜ ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କଲେଜର କୋଷାଧ୍ୟକ୍ଷା ବ୍ୟସ୍ତ ବହୁଳ ଜୀବନରୁ ଊର୍ଦ୍ଧ୍ୱରେ ରହି ସେବା, ତ୍ୟାଗକୁ ପ୍ରାଧାନ୍ୟ ଦେବାକୁ ନାରୀ ସମାଜକୁ ଆହ୍ୱାନ ଦେଇଥିଲେ। ନର୍ସିଂ କଲେଜର ଆଡ଼ମିନିଷ୍ଟ୍ରେଟିଭ ଅଫିସର ଜିତେନ୍ଦ୍ର କୁମାର ଗର୍ଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିଦ୍ୟୁତ୍ ବିଲ୍ ଆଦାୟକୁ ନେଇ ତାତିଲେ ଉପଭୋକ୍ତା

■ଟାଟା ପାୱାର ବିରୋଧରେ ଥାନାରେ ଏତଲା

■ଚିନ୍ତାରେ ରବି ଫସଲ ଚାଷୀ

ଅମରପାଲି, ୧୦।୩ (ଡି.ଏନ.ଏ)



ଟାଟା ପାୱାର ବିରୋଧରେ ପେରାଦ ହେବାକୁ ଆସିଥିବା ଅଭିଯୋଗକାରୀ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ଉପଭୋକ୍ତାଙ୍କଠାରୁ ଯୋର ଜବରଦସ୍ତ ବିଦ୍ୟୁତ ବିଲ୍ ଆଦାୟ କରାଯାଉଛି। ବିଲ୍ ଆଦାୟ ସମୟରେ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର କରାଯାଉଛି। ଏହିଭଳି ଅଭିଯୋଗ କରି ଟାଟା ପାୱାର ଲିମିଟେଡ ବିରୋଧରେ ଗୁରୁବାର ଆଇନଜୀବୀ ବଳଦେବ ପ୍ରସାଦ ବେଦବାକଙ୍କ ନେତୃତ୍ୱରେ ପୂର୍ବତନ ସମିତି ସଭ୍ୟ ଦିଲ୍ଲିପ ଜଗଦଲା, ରାଧା ଚରଣ ମେହେର, ବିଦ୍ୟାଧର ଜଗଦଲା, ବିଦ୍ୟୁତ୍ ଉପଭୋକ୍ତା ଏବଂ କେତେକ ଚାଷୀ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଟାଟା ପାୱାର ଅଧୀନରେ କାର୍ଯ୍ୟରତ କର୍ମଚାରୀ, ସୁବଳୟା, ବୀରମହାରାଜପୁର କନିଷ୍ଠ ଯନ୍ତ୍ରୀ ଏବଂ ବିଦ୍ୟୁତ୍ ବିଭାଗର ଉପଖଣ୍ଡ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଯଦି ଟାଟା ପାୱାର ବକେୟା ବିଲ୍ ଆଦାୟରେ ନିଜର ଆଭିମୁଖ୍ୟ ପରିବର୍ତ୍ତନ ନ କରେ ତେବେ ଜିଲା ସାରା ଆନ୍ଦୋଳନକୁ ଯୋରଦାର କରିବା ସହିତ ବିଭାଗୀୟ ଅଫିସ ଆଗରେ ଧାରଣା ଦିଆଯିବ। ଏପରିକି ବିଭାଗର ଅଧିକାରୀଙ୍କୁ ଅଞ୍ଚଳରେ ପୁରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ସୂଚନା ଥାଉକି ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଲ ଆଦାୟ ଚାଲିଥିବା ବେଳେ ପୂର୍ବରୁ ବକେୟା ରହିଥିବା ବିଲ୍ ଦେବାକୁ ଟାଟା ପାୱାର କର୍ମଚାରୀ କହୁଛନ୍ତି। ଏପରିକି ସରବରାହ ବିଚ୍ଛିନ୍ନ କରିଦେଉଛନ୍ତି। ବିଦ୍ୟୁତ୍ କାଟ୍ ଯୋଗୁ ଚାଷୀଙ୍କ ରବିଧାନରେ ପାଣି ମଡା କାର୍ଯ୍ୟ ଗୁରୁତର ବ୍ୟାଘାତ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି।

